# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୯/୨୦୧୮ (୨୦ ପୃଷ୍ଠା) Bhubaneswar, Sunday, August 19 / 2018 (ଛୁଟିଦିନ ସହ) ★★★★★★

୪୪ଶ ଭାଗ ୨୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ସୁନୀତାଙ୍କ ଗୋଲରେ ଭାରତ ଚାମ୍ପିୟନ

ସୁନୀତା ମୁଣ୍ଡାଙ୍କ ଏକମାତ୍ର ଗୋଲ ବଳରେ ଭାରତ ୧୫ ବର୍ଷରୁ କମ୍ ବାଳିକା ସାଫ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଛି।

୧୯

୦୭

## ନିକ୍‌ଙ୍କ ସହ ନିର୍ବନ୍ଧ ହୋଇଛି: ପ୍ରିୟଙ୍କା

ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ସହିତ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ହୋଇଥିବା ବିଷୟ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ପ୍ରକାଶ କରିଛନ୍ତି।



## ଏସିଆନ୍ ଗେମ୍ସ ଆରମ୍ଭ



ଜାକର୍ତ୍ତା: ଏସିଆନ ଗେମ୍ସର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ମାର୍ଚ୍ଚପାଷ୍ଟ।

(ଅଧିକ ଫଟୋ ଓ ରିପୋର୍ଟ ଖେଳ ପୃଷ୍ଠାରେ)

■ ଖାଦ୍ୟ ସୁରକ୍ଷା ଯୋଜନା: କେନ୍ଦ୍ର-ରାଜ୍ୟ ଟଣାଓଟରା

# ଫସିଲେ ହିତାଧିକାରୀ

ଅନିଲ ଦାସ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ମଝିରେ ଫସିଯାଇଛନ୍ତି ଗରିବ ହିତାଧିକାରୀ। ଆସନ୍ତା ଅକ୍ଟୋବର ୨ ଯାଏ କେନ୍ଦ୍ରୀୟ ଯୋଜନା ଏନ୍‌ଏଫ୍‌ଏସ୍‌ଏରେ ଆଉ କୌଣସି ହିତାଧିକାରୀ ନୂତନ କାର୍ଡ ପାଇବେ ନାହିଁ। ରାଜ୍ୟ ସରକାର ରାଜ୍ୟରେ ଥିବା ସମସ୍ତ ରାଶନ କାର୍ଡ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ସେଣ୍ଟର(ଆର୍‌ସିଏମ୍‌ଏସ୍‌ସି)ରେ ନୂତନ ଆବେଦନ ଗ୍ରହଣକୁ ବନ୍ଦ କରିଦେଇଛନ୍ତି। ଏ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଦେଇଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ହିତାଧିକାରୀ ଚୟନ କରାଯିବ ବୋଲି ଜଣାପଡ଼ିଛି।

ଦେଶରେ କୌଣସି ଲୋକ ଭୋକରେ ରହିବେ ନାହିଁ। ଏଭଳି ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ଏନ୍‌ଏଫ୍‌ଏସ୍‌ଏ କାର୍ଯ୍ୟକାରୀ କରୁଛନ୍ତି। କେଉଁ ପରିବାର ଏହା ଭିତରେ ଆସିବେ ସେନେଇ କେନ୍ଦ୍ର ସରକାର ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି। ସେହି ଆଧାରରେ ହିତାଧିକାରୀ ଚୟନ କରି ରାଜ୍ୟ ସରକାର ରାଶନ କାର୍ଡ ବାଣ୍ଟୁଛନ୍ତି। ୨୦୧୧ ଜନଗଣନାକୁ ଦେଖି କେନ୍ଦ୍ର ସରକାର ରାଜ୍ୟରେ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ସେହି ଟାର୍ଗେଟକୁ ଛୁଇଁପାରୁ ନାହାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଏ ପର୍ଯ୍ୟନ୍ତ ୩ କୋଟି ୨୨ ଲକ୍ଷ ୮୧ ହଜାର ୨୫୪ ଜଣଙ୍କୁ ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ୨, ୧୪,୮୬୩ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା(ଏଏୱାଇ) ହିତାଧିକାରୀ ଥିବା ବେଳେ ୨,୮୦,୬୬,୩୯୧ ହେଉଛନ୍ତି ପ୍ରାୟରିଟି ହାଉସ୍‌ହୋଲ୍ଡସ୍ (ପିଏଚ୍‌ଏସ୍)। କେନ୍ଦ୍ର ସରକାରଙ୍କ ଟାର୍ଗେଟ ପୂରଣ କରିବାକୁ ହେଲେ ଆହୁରି ପ୍ରାୟ ୪ ଲକ୍ଷ ଲୋକଙ୍କୁ ଏଥିରେ ସାମିଲ କରାଯିବା କଥା। କୋଟା ପୂରଣ କରିବାକୁ ହିତାଧିକାରୀ ମିଳୁନାହାନ୍ତି କିମ୍ବା ହିତାଧିକାରୀ ଚୟନରେ ପାତର ଅନ୍ତର ଯୋଗୁ ଏଭଳି ପରିସ୍ଥିତି ହୋଇଛି, ତାହା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଉନାହିଁ।

ଅନ୍ୟପକ୍ଷରେ ୨୦୧୧ ପରେ ରାଜ୍ୟରେ ଜନସଂଖ୍ୟା ବଢ଼ିଛି। ଏବେ ବି ୨୫ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଜ୍ୟ ସରକାର ହିସାବ ଦେଉଛନ୍ତି। ଏଠି ପ୍ରଶ୍ନ ଉଠୁଛି, ଏତେ ସଂଖ୍ୟାରେ ଯଦି ଗରିବ ଅଛନ୍ତି ତେବେ ରାଜ୍ୟ ସରକାର କୋଟା ପୂରଣ କରି ପାରୁନାହାନ୍ତି କାହିଁକି। ଏଭଳି କେନ୍ଦ୍ର ଓ ରାଜ୍ୟ ଟଣାଓଟରାରେ ଫସିଯାଇଛନ୍ତି ଗରିବ ହିତାଧିକାରୀ। କାର୍ଡ ଖଣ୍ଡେ ପାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଆର୍‌ସିଏମ୍‌ଏସ୍‌ସିକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ସାମିଲ କରାଯାଉନାହିଁ। କୁହାଯାଉଛି, କୋଟା ପୂରଣ ହୋଇଗଲାଣି ଆଉ ଏନ୍‌ଏଫ୍‌ଏସ୍‌ଏ କାର୍ଡ ଦିଆଯିବ ନାହିଁ। ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇବା ଆଶାରେ ଆର୍‌ସିଏମ୍‌ଏସ୍‌ସିକୁ ☞ପୃଷ୍ଠା–୪

### ■ ଏନ୍‌ଏଫ୍‌ଏସ୍‌ଏ କାର୍ଡରୁ ବଞ୍ଚିତ ହେବେ ହିତାଧିକାରୀ

### ■ ଅକ୍ଟୋବର ୨ ଯାଏ ଆବେଦନ ଗ୍ରହଣ ବନ୍ଦ




## ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଆଜିର ମନ୍ତବ୍ୟ

" ଭାଷାର ଶୁଦ୍ଧ ରୂପକୁ ସୁରକ୍ଷିତ ରଖାଯିବା ଉଚିତ।

–ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ

## କିଛି ତଥ୍ୟ

ଅଗଷ୍ଟ ୧୦ରେ ଶେଷ ହୋଇଥିବା ସପ୍ତାହରେ ଭାରତୀୟ ବୈଦେଶିକ ମୁଦ୍ରା ଭଣ୍ଡାରରେ ବିଦେଶୀ ବିନିମୟ ମୂଲ୍ୟ ୧.୮୨ ବିଲିୟନ ଡଲାର ହ୍ରାସ ପାଇଛି। ଫଳରେ ଏହା ୪୦୨.୭୦ ବିଲିୟନ ଡଲାରରୁ ୪୦୦.୮୮ ବିଲିୟନ ଡଲାରକୁ ଖସି ଆସିଛି।

–ଭାରତୀୟ ରିଜର୍ଭ ବ୍ୟାଙ୍କ

# କୋଫି ଆନାନ୍‌ଙ୍କ ପରଲୋକ



୧୯୩୮-୨୦୧୮

ଜେନେଭା, ୧୮।୮(ପି.ଟି.)

ଜାତିସଂଘର ପୂର୍ବତନ ମହାସଚିବ ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା କୋଫି ଆନାନ୍‌ଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। କିଛିଦିନର ଅସୁସ୍ଥତା ପରେ ସୁଇଜରଲାଣ୍ଡର ଜେନେଭାରେ ଆନାନ୍ ଶେଷନିଃଶ୍ୱାସ ତ୍ୟାଗ କରିଥିବା ପାରିବାରିକ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ତାଙ୍କ ଫାଉଣ୍ଡେଶନ୍ ପକ୍ଷରୁ ପ୍ରଥମେ ଟୁଇଟରରେ ଘୋଷଣା କରାଯାଇଥିଲା। ବିଶ୍ୱର ସର୍ବୋଚ୍ଚ କୂଟନୀତିଜ୍ଞଙ୍କ ବିୟୋଗକୁ ନେଇ ଚାରିଆଡ଼ୁ ଶୋକବାର୍ତ୍ତା ଆସିଛି। ଉତ୍ତମ କାର୍ଯ୍ୟ ପାଇଁ ସେ ମାର୍ଗଦର୍ଶକ ଥିଲେ ବୋଲି ବର୍ତ୍ତମାନର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି।

ପ୍ରଥମ କୃଷ୍ଣକାୟ ଆଫ୍ରିକୀୟ ଭାବେ ଜାତିସଂଘ ମୁଖ୍ୟ ପଦବୀ ଲାଭ କରିଥିଲେ ଆନାନ୍। ବିଭିନ୍ନ କ୍ଷେତ୍ରରେ ତାଙ୍କର ଥିଲା ଅତୁଳନୀୟ ଅବଦାନ। ଯେଉଁଠାରେ କିଛି ବିପତ୍ତି ଆସେ ସେଠାରେ ପହଞ୍ଚିଯାଆନ୍ତି ଆନାନ୍। ଦୟାଭାବ, ସହାନୁଭୂତି ଓ ନମ୍ର ସ୍ୱଭାବ ଯୋଗୁ ସେ କୋଟି ହୃଦୟରେ ସ୍ଥାନ ପାଇଥିଲେ। ତାଙ୍କ ପରଲୋକ ଗମନ ଏକ ଅପୂରଣୀୟ କ୍ଷତି ବୋଲି ଶନିବାର ଆନାନ୍‌ଙ୍କ ଫାଉଣ୍ଡେଶନ୍ ପକ୍ଷରୁ ବିବୃତି ଜାରି ☞ପୃଷ୍ଠା–୪

# ଶପଥ ନେଲେ ଇମ୍ରାନ



ଇସ୍‌ଲାମାବାଦ, ୧୮।୮(ପି.ଟି.)

ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଖାନ୍। ଏକ ନିରାଡ଼ମ୍ବର ସମାରୋହରେ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ସମୟରେ ଇମ୍ରାନ ଭାବବିହ୍ୱଳ ହୋଇପଡ଼ିଥିଲେ। ଶପଥଗ୍ରହଣ ପରେ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ଅତିଥିଙ୍କୁ ସମ୍ମାନ ଜଣାଇଥିଲେ। ଭାରତର ପୂର୍ବତନ କ୍ରିକେଟର ତଥା କଂଗ୍ରେସ ନେତା ନବ୍‌ଜୋତ ସିଂ ସିଦ୍ଧୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଶପଥ ନେବାପରେ ନୂଆ ପ୍ରଧାନମନ୍ତ୍ରୀ ନିଜ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଇମ୍ରାନ୍ ପାକିସ୍ତାନର ଶାସନ ଭାର ଗ୍ରହଣ କରିବା ପରେ କାମଚଳା ପ୍ରଧାନମନ୍ତ୍ରୀ ନାସିରୁଲ୍ ମୁଲ୍କଙ୍କୁ ଦାୟିତ୍ୱରୁ ମୁକ୍ତ କରାଯାଇଛି। ପିଏମ୍‌ଏଲ୍–ଏନ୍ ମୁଖ୍ୟ ଶାହବାଜ୍ ଶରିଫ୍ ନ୍ୟାଶନାଲ ଆସେମ୍ବ୍ଲିର ବିରୋଧୀ ଦଳ ନେତା ହେବେ।

(ସମ୍ପୂର୍ଣ୍ଣ ରିପୋର୍ଟ ପୃଷ୍ଠା–୧୦)

## ଆଜିର ସମ୍ପାଦକୀୟ

ଦୁଇ ଅମର ଆତ୍ମା


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver

| | | | |
|---|---|---|---|
| Gold 24 CT | - ₹ | 31,800/- | 10gm. |
| Gold 22 CT | - ₹ | 29,900/- | 10gm. |
| Silver Rate | - ₹ | 390/- | / 10gm. |
| Making Charge | - ₹ | 100/- onwards | / 1gm. |

Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
18.08.2018
Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers







"M.B"
Great Eastern™
The Trusted One
Great Eastern
Cost to Cost Offer
Now At Reduced GST
The Ultimate Price CHALLENGE
ଆମର କଷ୍ଟ୍ ଟୁ କଷ୍ଟ୍ ଅଫର୍ ହେଉଛି ଆମର କିଣାମୂଲ୍ୟ (ଅର୍ଥାତ୍ ପ୍ରତିଯୋଗୀଙ୍କ ପ୍ରଚଳିତ ମୂଲ୍ୟରୁ ବହୁତ କମ୍ ମୂଲ୍ୟ)ରେ କିଣିବାର ଏକ ନିଆରା ସୁଯୋଗ। ଆମଠାରୁ କମ୍ ମୂଲ୍ୟରେ ମିଳୁଥିବାର ଦେଖାନ୍ତୁ, ଆଉ ଆମେ ଆପଣଙ୍କୁ ପାର୍ଥକ୍ୟର ଦୁଇଗୁଣ ଫେରାଇବୁ।**
CELEBRATING WOMEN EMPOWERMENT
#IndependentYou
ଗ୍ରେଟ୍ ଇଷ୍ଟର୍ଣ୍ଣ ଆମ ସମାଜର ସଶକ୍ତ ନାରୀଙ୍କୁ ସ୍ୱୀକୃତି ଦେଇଥାଏ କିଣାକିଣି କରନ୍ତୁ ଓ ଆପଣଙ୍କ ''ସ୍ୱାଧୀନତା''ର ଉତ୍ସବ ଆମ ସହିତ ପାଳନ କରି ଏକ ଅତିରିକ୍ତ ଉପହାର ପାଆନ୍ତୁ।
CELEBRATING 21 COST TO COST OFFER YEARS
CASH BACK
ବଜାଜ ଫାଇନାନ୍ସରୁ 21%*
ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ (10+10)%*
ଏଚ୍‌ଡିବିରୁ 1 ଇଏମ୍‌ଆଇ ଛାଡ଼*
ଶୀଘ୍ର... ଅଫର୍ ସମୟ ଚୁକ୍ତି
ଶେଷ ଦିନ
ଶୀଘ୍ର... ଅଫର୍ ସମୟ ଚୁକ୍ତି
POWER of 21
₹21 ଡାଉନ୍‌ପେମେଣ୍ଟ
21 ମାସ ଇଏମ୍‌ଆଇ
2.1 ମିନିଟ୍‌ରେ ଫାଇନାନ୍ସ ମଞ୍ଜୁରୀ
କାଗଜପତ୍ର କାମ ନାହିଁ
100 କିମି ପର୍ଯ୍ୟନ୍ତ ମାଗଣା ହୋମ୍ ଡେଲିଭରୀ କେବଳ ଗ୍ରେଟ୍ ଇଷ୍ଟର୍ଣ୍ଣରେ
PHILIPS 32 HD READY TV Cost Price ₹13990 EMI ₹1166
32ES480DX PANASONIC 32 SMART TV Cost Price ₹20990 EMI ₹1749
43X7002F SONY 43 4K UHD SMART TV Cost Price ₹63000 +Exchange Benefit upto ₹5000 EMI ₹5250
43LJ617T LG 43 FULL HD SMART TV Cost Price ₹41450* U/E EMI ₹3454
49ES480DX PANASONIC 49 FULL HD SMART TV Cost Price ₹39990 EMI ₹3333
FREE BRACKET WHIRLPOOL 1.5 TON 3 STAR SPLIT AC Cost Price ₹28500* U/E EMI ₹2375
FREE BRACKET DAIKIN 1.5 TON 3 STAR SPLIT AC Cost Price ₹33950* U/E EMI ₹2829
FREE BRACKET VOLTAS 1.5 TON 3 STAR SPLIT AC Cost Price ₹34700* U/E EMI ₹2888
GODREJ 6.8 Kg SEMI AUTOMATIC Cost Price ₹10490 EMI ₹874
LG 6.2 Kg TOP LOAD Cost Price ₹15600 EMI ₹1300
BOSCH 6Kg FRONT LOAD Cost Price ₹23875* U/E EMI ₹1990
WHIRLPOOL 200L SINGLE DOOR Cost Price ₹13400 EMI ₹1117
HAIER 247L DOUBLE DOOR Cost Price ₹19725 EMI ₹1644
HAIER 320L BMR Cost Price ₹28990 EMI ₹2416
FREE MINI BAR LG 612L SIDE BY SIDE Cost Price ₹68840 EMI ₹5737
FREE 32 LED TV RS 62K60A7SL SAMSUNG 674L SIDE BY SIDE Cost Price ₹82500* U/E EMI ₹6875
BLUE STAR GENIA UV+RO Cost Price ₹9990 EMI ₹833
RACOLD 15L WATER HEATER Cost Price ₹6760
BAJAJ 20L GRILL MWO Cost Price ₹4490
3 JAR MIXER GRINDER + TOASTER + INDUCTION Cost Price ₹3650
SAMSUNG J-600 (32GB) Cost Price ₹12990 EMI ₹2165
SAMSUNG J-701 Cost Price ₹10990 EMI ₹1832
SAMSUNG J-810 Cost Price ₹18990 EMI ₹1899
FREE PHILIPS 2.1 SPEAKER WORTH ₹2990 i3 core / 1TB HDD / 2GB Graphic LENOVO Cost Price ₹51500 EMI ₹4292
D3400 NIKON Cost Price ₹36990 EMI ₹3183
SONY LG SAMSUNG Panasonic VIDEOCON Whirlpool Godrej Haier GENERAL BLUE STAR VOLTAS BOSCH BAJAJ DAIKIN HITACHI USHA PHILIPS
Free home delivery within 100 Kms*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
EASTERN INDIA'S LARGEST ELECTRONICS RETAIL CHAIN
55 STORES ACROSS INDIA
crm@geapl.in
www.greateastern.co.in
GreatEasternRetail 9438590298
For institutional purchase corporatesales@greateastern.co.in
HELPLINE 033 4037 2000
BHUBANESHWAR Bapuji Nagar Near Bazar Kolkata 799 253 2332 | Patia Near Big Bazar 986 159 8911
CUTTACK Badambadi In front of Palamandap 799 253 2334 CDA Sector VI 799 253 2335 BALASORE Bibekananda Marg Near Chidiapole 986 182 6678
BERHAMPUR Bada Bazar In front of Ganesh Market 986 159 8011 ROURKELA Bisra Road Opposite Hotel Brindaban 799 253 2330
WEST BENGAL | ODISHA | ANDHRA PRADESH | RAJASTHAN | UTTAR PRADESH
*Terms & conditions - Pictures are indicative. Offer applicable on selected brands and models. & U/E is for under exchange prices only. Free gift applicable only if invoice is under the name of a female customer. Valid only on EMI transactions.Offer not applicable on Samsung Mobiles.Terms & conditions apply.
virtual frame



ହିମାଚଳପ୍ରଦେଶରେ ଏକ ସେକ୍ସ୍ ର୍ୟାକେଟର ପର୍ଦ୍ଦାଫାଶ୍ ହୋଇଛି। ଚମ୍ବାର ସୁଲତାନପୁର ମହଲାସ୍ଥିତ ଏକ ଘରେ ସେକ୍ସ୍ ର୍ୟାକେଟ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏଠାରେ ଶାଶୁ-ବୋହୂ ମିଶି ଏଭଳି କରୁଥିବା ଅଭିଯୋଗ ହୋଇଥିଲା। ପଶ୍ଚିମବଙ୍ଗ, ନେପାଳ, ବାଂଲାଦେଶରୁ ଯୁବତୀମାନଙ୍କୁ ଅଣାଯାଇ ଦେହବେପାରରେ ଲଗାଯାଉଥିଲା ବୋଲି ପୋଲିସ କହିଛି। ଶାଶୁ ଚମ୍ପାଦେବୀ ଏବଂ ବୋହୂଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୩ ଯୁବତୀଙ୍କୁ ମଧ୍ୟ ଅଟକ ରଖାଯାଇଛି ବୋଲି ଏସ୍‌ପି ଡ. ମୋନିକା କହିଛନ୍ତି।




# ଆଜିଠୁ କଂଗ୍ରେସର ପ୍ରାର୍ଥୀ ଖୋଜା

ଭୁବନେଶ୍ୱର,୧୮।୮(ବ୍ୟୁରୋ)



ଜିତେନ୍ଦ୍ର ସିଂ

- ସମସ୍ତ ବିଧାୟକଙ୍କୁ ମିଳିପାରେ ଟିକେଟ
- ରାଫେଲ୍ ହେବ ନିର୍ବାଚନୀ ପ୍ରସଙ୍ଗ
- ସ୍ପଷ୍ଟ କଲେ ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର

୨୦୧୯ ସାଧାରଣ ନିର୍ବାଚନ ସହ ଓଡ଼ିଶା ବିଧାନସଭା ଭୋଟ୍ ହେବ। ଏଥିପାଇଁ ସବୁ ଦଳ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଦୌଡ଼ରେ କଂଗ୍ରେସ ଯେପରି ପଛରେ ନ ପଡିବ, ସେଥିପାଇଁ ଏଥର ଆପଣେଇଛି ଭିନ୍ନ ରଣନୀତି। ଏହି ପରିପ୍ରେକ୍ଷୀରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନକୁ ପ୍ରାୟ ୮ମାସ ବାକିଥିବା ବେଳେ ପ୍ରାର୍ଥୀ ଖୋଜା ଆରମ୍ଭ କରିବାକୁ ଯାଉଛି କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏହି ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହେବ। ନବଗଠିତ ନିର୍ବାଚନ କମିଟି ଏବଂ ସ୍କ୍ରିନିଂ କମିଟି ଦ୍ୱାରା ଏହାର ରୂପରେଖ ପ୍ରସ୍ତୁତ ହୋଇସାରିଛି। ନୂଆଦିଲ୍ଲୀରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବିରୋଧୀ ଦଳ ନେତା ଏବଂ ପିସିସି ସଭାପତିଙ୍କ ବୈଠକ ପରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏହି ସୂଚନା ଦେଇଛନ୍ତି।

ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ମାସ ଶେଷ ସୁଦ୍ଧା ୬୦ ବିଧାନସଭା ଏବଂ ଅଳ୍ପ କିଛି ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯିବ। ସେହିପରି ୨୦୧୪ ନିର୍ବାଚନରେ ଦଳୀୟ ଟିକେଟରେ ଲଢ଼ି ବିଜୟୀ ହୋଇଥିବା ସମସ୍ତ ବିଧାୟକଙ୍କୁ ପୁନର୍ବାର ସୁଯୋଗ ମିଳିବ। ନେତୃବୃନ୍ଦଙ୍କ ଏହି ଘୋଷଣା ପରେ ବିଭିନ୍ନ ଆସନ ପାଇଁ ଥିବା ଆଶାୟୀ କଂଗ୍ରେସ ପ୍ରାର୍ଥୀମାନେ ନିଜ ନିଜ ସ୍ତରରେ ଲବି ଆରମ୍ଭ କରିଛନ୍ତି। ସେମାନେ ନିଜ ରାଜନୈତିକ କାର୍ଯ୍ୟକଳାପ ଏବଂ ଅତୀତ କାର୍ଯ୍ୟକୁ ନେଇ ପ୍ରୋଫାଇଲ ପ୍ରସ୍ତୁତ କରୁଥିବା ଜଣାପଡିଛି। ବିଭିନ୍ନ ସ୍ତରରେ ପ୍ରାର୍ଥୀ ନେଇ ବିଚାରବିମର୍ଶ ହେବା ପରେ ସ୍କ୍ରିନିଂ କମିଟି ନିକଟକୁ ନାମ ପଠାଯିବ। ଏହି କମିଟି ପ୍ରାର୍ଥୀ ଚୟନ କରିବା ସହ ଅନୁମୋଦନ ପାଇଁ ଏଆଇସିସିକୁ ସୁପାରିସ କରିବ। କିଛି ମାସ ପୂର୍ବେ ସ୍କ୍ରିନିଂ କମିଟି ଚେୟାରମ୍ୟାନ ଭାବେ ଭି.ଡି. ସାଥେସାନ୍ ଏବଂ ସଦସ୍ୟ ଭାବେ ଜିତେନ୍ ପ୍ରସାଦ ଓ ନୌସଦ ସୋଲାଙ୍କିଙ୍କୁ ମନୋନୀତ କରାଯାଇସାରିଛି। ଅଗଷ୍ଟ ୧୫ରେ ଏଆଇସିସି ପକ୍ଷରୁ ପିସିସି ନିର୍ବାଚନ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କାହ୍ନୁ ଲେଙ୍କା ଏବଂ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ବାଦ୍ ଦେଲେ ପ୍ରାୟ ସମସ୍ତ ବରିଷ୍ଠ ନେତାଙ୍କୁ ନିରଞ୍ଜନ ପଟ୍ଟନାୟକଙ୍କ ସୁପାରିସକ୍ରମେ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ଦଳର ଛାମୁଆ ସଙ୍ଗଠନର ସଭାପତିମାନେ ସ୍ଥାୟୀ ଏବଂ ନିମନ୍ତ୍ରିତ ସଭ୍ୟ ଭାବେ ରହିଛନ୍ତି।

ନିର୍ବାଚନୀ ରଣନୀତି ସମ୍ପର୍କରେ ମତ ରଖିବାକୁ ଯାଇ ପ୍ରଭାରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ, ରାଫେଲ ଦୁର୍ନୀତି ଏକ ଜାତୀୟ ପ୍ରସଙ୍ଗ। ହେଲେ ଦଳ ଏହାକୁ ଓଡ଼ିଶାକୈନ୍ଦ୍ରିକ କରିବାକୁ ଚାହୁଁଛି। ଏହି ଦୁର୍ନୀତି ଦ୍ୱାରା କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ଏବଂ ଓଡ଼ିଆ ଯୁବକ କ୍ଷତିଗ୍ରସ୍ତ ହୋଇଥିବା ଜିତେନ୍ଦ୍ର କହିଛନ୍ତି। ପିସିସି ସଭାପତି ନିରଞ୍ଜନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ନୂଆଦିଲ୍ଲୀରେ ବୈଠକ ଶେଷ ହେବା ପରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଜିତେନ୍ଦ୍ର ସିଂ ଶନିବାର ଭୁବନେଶ୍ୱର ଫେରିଥିବା ଜଣାପଡିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁକ୍ତିକାନ୍ତ

ଭୁବନେଶ୍ୱର,୧୮।୮(ବ୍ୟୁରୋ)



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ମୁକ୍ତିକାନ୍ତ।

ରାଉରକେଲା ଯୁବକ ମୁକ୍ତିକାନ୍ତ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ନବୀନ ନିବାସରେ ଭେଟିଛନ୍ତି। ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍‌କୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ନେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି। ମୁକ୍ତିକାନ୍ତଙ୍କ ସହ ସୁନ୍ଦରଗଡ଼ ଜିଲା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡିଛି। ସାକ୍ଷାତ ପରେ ମୁକ୍ତିକାନ୍ତ ଗଣମାଧ୍ୟମକୁ କହିଛନ୍ତି ଯେ, ବ୍ରାହ୍ମଣୀ ସେତୁ ଏବଂ ହସ୍ପିଟାଲ ସମ୍ପର୍କିତ ଦାବି ସେ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ମିଳିଛି। ସେ ଜଣାଇଥିବା ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମୁକ୍ତିକାନ୍ତ କହିଛନ୍ତି।

ପ୍ରକାଶ ଯେ, ମୁକ୍ତିକାନ୍ତ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରସଙ୍ଗରେ ନୂଆଦିଲ୍ଲୀକୁ ପଦଯାତ୍ରା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ତାଙ୍କର ସେ ଇଚ୍ଛା ପୂରଣ ହୋଇପାରି ନ ଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଭେଟିବା ପାଇଁ ଅନୁମତି ମିଳି ନ ଥିଲା। ପରେ ସେ ଦିଲ୍ଲୀରୁ ଫେରି ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଭେଟିବା ପାଇଁ ପଦଯାତ୍ରା ଆରମ୍ଭ କରିଥିଲେ। ନୂଆଦିଲ୍ଲୀ ଗସ୍ତ ସମୟରେ ଆଗ୍ରାଠାରେ ଅସୁସ୍ଥ ହେବା ପରେ ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଥିଲେ ମୁକ୍ତିକାନ୍ତ।

# ୩ ପ୍ରସ୍ତାବକୁ ନେଇ ଛିଣ୍ଡୁନି ଅଡୁଆ

## ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗ

- ଗଜପତିଙ୍କ ଅଧ୍ୟକ୍ଷତାରେ ତର୍ଜମା କରିବ ସବ୍ କମିଟି
- ସୁପ୍ରିମ୍‌କୋର୍ଟଙ୍କୁ ସମୟ ମାଗିବ ଶ୍ରୀମନ୍ଦିର ପ୍ରଶାସନ
- ରୋଷଘର, ଗାଇଡ୍ ପଞ୍ଜୀକୃତ ପାଇଁ ସବ୍ କମିଟି

ପୁରୀ ଅଫିସ, ୧୮।୮



ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗଜପତି ଦିବ୍ୟସିଂହ ଦେବ ଓ ଅନ୍ୟମାନେ।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଦେଇଥିବା ୧୨ଟି ପ୍ରସ୍ତାବ ମଧ୍ୟରୁ ୩ଟିକୁ ନେଇ ଅଡୁଆ ଛିଣ୍ଡୁନି। ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ, ଅନ୍ନଦାନ ଆଟିକା ଓ ଥାଳି ଦାନ ବ୍ୟବସ୍ଥାକୁ ନିଷିଦ୍ଧ ଏବଂ ଶ୍ରୀମନ୍ଦିର ଆଇନରେ ସଂଶୋଧନକୁ ନେଇ କୌଣସି ସହମତି ମିଳିପାରୁ ନାହିଁ। ଏହା ଉପରେ ଅଧିକ ତର୍ଜମା ଆବଶ୍ୟକ ବୋଲି ଅନୁଭବ କରିଛି ଶ୍ରୀମନ୍ଦିର ପ୍ରଶାସନ। ତେଣୁ ଏହି ୩ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଲାଗି ଏକ ସବ୍ କମିଟି ଗଠନ କରାଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ କମିଟି ଅଧ୍ୟକ୍ଷ ରହିଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ପରିଚାଳନା କମିଟିର ୨ ଜଣ ସଦସ୍ୟ ରହିଛନ୍ତି। ଶନିବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ସାଢେ ୧୧ଟାରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଯେଉଁ ୧୨ଟି ପ୍ରସ୍ତାବ ରଖିଛନ୍ତି ତାହା ଉପରେ ସବିଶେଷ ତର୍ଜମା କରାଯାଇଛି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ରାୟକୁ ନେଇ ବିଗତ ଦିନରେ ବିଭିନ୍ନ ସେବାୟତ ନିଯୋଗ ଏବଂ ଛତିଶା ନିଯୋଗ ସହ ଆଲୋଚନା କରାଯାଇଥିଲା। ସେହି ଆଲୋଚନାର ନିର୍ଯାସ ସମ୍ପର୍କରେ ପରିଚାଳନା କମିଟିକୁ ଅବଗତ କରାଯାଇଛି। ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ, ଅନ୍ନଦାନ ଆଟିକା ଓ ଥାଳି ଦାନ ବ୍ୟବସ୍ଥା ନିଷିଦ୍ଧ ଏବଂ ଶ୍ରୀମନ୍ଦିର ଆଇନରେ ସଂଶୋଧନ ପ୍ରସ୍ତାବ ଉପରେ ସେବକମାନଙ୍କ ସହ ଆହୁରି ଅଧିକ ଆଲୋଚନା କରାଯିବ। ଏହି ୩ଟିକୁ ଛାଡି ବାକି ୯ଟି ପ୍ରସ୍ତାବ ମଧ୍ୟରେ ରୋଷଶାଳା ଏବଂ ଆନନ୍ଦ ବଜାରର ସୁପରିଚାଳନା ରହିଛି। ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ସବ୍‌କମିଟି ଗଠନ କରାଯାଇଛି। ମୁଖ୍ୟ ପ୍ରଶାସକ ଏହାର ଅଧ୍ୟକ୍ଷ ରହିଥିବା ବେଳେ ସୁଆର ମହାସୁଆର ନିଯୋଗ ସଭାପତି, ସମ୍ପାଦକ ଏବଂ ସମ୍ପୃକ୍ତ ନିଯୋଗରୁ ପରିଚାଳନା କମିଟିକୁ ଯାଇଥିବା ସେବାୟତ ସଦସ୍ୟ ରହିଛନ୍ତି। ଏହାବାଦ୍ ଗାଇଡ୍ ପଞ୍ଜୀକୃତ ଏବଂ ସେବକମାନଙ୍କ ନିମନ୍ତେ ପରିଚୟପତ୍ର ବ୍ୟବସ୍ଥା ଲାଗି ମଧ୍ୟ ଏକ ସବ୍‌କମିଟି ଗଠନ କରାଯାଇଛି। ଏହି ସବ୍ କମିଟିରେ ସେବକମାନଙ୍କୁ ରଖାଯାଇଛି। ସେମାନଙ୍କଠାରୁ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମତାମତ ନିଆଯିବ। ଏହାବାଦ୍ ଅନ୍ୟ ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ସେମିତି କୌଣସି ବାଧବାଧକତା ନାହିଁ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

୩ଟି ପ୍ରସ୍ତାବ ଉପରେ ତର୍ଜମା ଲାଗି ଗଠିତ ସବ୍ କମିଟି ଆସନ୍ତା ୫ ତାରିଖରେ ସୁପ୍ରିମ୍‌କୋର୍ଟଙ୍କଠାରୁ ସମୟ ନେବ। ଏଥିରେ ବଂଶାନୁକ୍ରମିକ ସେବକ ନିଯୁକ୍ତି ଉଚ୍ଛେଦ ଭଳି ସମ୍ବେଦନଶୀଳ ପ୍ରସ୍ତାବ ରହିଛି। ଅନ୍ୟପକ୍ଷରେ ୮୦୦ ବର୍ଷର ପରମ୍ପରା ପରିବର୍ତ୍ତନ ପାଇଁ ନିଶ୍ଚିତ ସମୟ ଲାଗିବ। ଏହାକୁ ଭଲ ଭାବେ ତର୍ଜମା କରାଯିବା ପରେ ସୁପ୍ରିମ୍‌କୋର୍ଟଙ୍କୁ ସତ୍ୟପାଠ ଦିଆଯିବ ବୋଲି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକ ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ପରିଚାଳନା କମିଟି ସଦସ୍ୟ ତଥା ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଓ ନୂତନ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## କୂଅରେ ବୁଡ଼ି ୨ ନାବାଳିକା ମୃତ

ବାରିପଦା ଅଫିସ,୧୮।୮

ମୟୂରଭଞ୍ଜ ତିରିଂ ଥାନା ଅଧୀନ ଭାଲୁଗଡା ଗ୍ରାମର ୨ ନାବାଳିକା ଶନିବାର ସ୍କୁଲରୁ ଫେରିବା ବାଟରେ ଏକ କୂଅକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡି ଯାଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି ପରେ ସେମାନଙ୍କ ମୃତଦେହ କୂଅରୁ ଉଦ୍ଧାର କରିଛନ୍ତି। ମୃତା ନାବାଳିକାଦ୍ୱୟ ହେଲେ ମୁକ୍ତା ନାୟକ(୧୧) ଏବଂ ସଲମା ନାୟକ(୪)। ଶନିବାର ସକାଳୁଆ ସ୍କୁଲରୁ ଘରକୁ ଫେରିବା ବାଟରେ ମୁକ୍ତା ଓ ସଲମା ଗାଁ ମୁଣ୍ଡରେ ଥିବା ଏକ କୂଅକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଦୁହେଁ କୂଅରେ ଖସି ପଡିଥିଲେ। ଅପରାହ୍ନରେ କୂଅରୁ ଦୁହିଁଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।









ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୯ ଅଗଷ୍ଟ, ୨୦୧୮



ମେକ୍ସିକୋର ଓିଆପାସ୍ ପ୍ରଦେଶ ଉପକୂଳରେ ଶନିବାର ୧୨୨ଟି ମୃତ କଇଁଛ ଉଦ୍ଧାର କରାଯାଇଛି। ଅଧିକାଂଶ କଇଁଛ ବିରଳ ପ୍ରଜାତିର ଥିବା ଜଣାପଡ଼ିଛି। କଇଁଛଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। କିନ୍ତୁ ୧୦% କଇଁଛ ଶରୀରରେ କ୍ଷତଚିହ୍ନ ରହିଛି। ଏହା ବନିସ୍ କଣ୍ଟାର ଚିହ୍ନ ବୋଲି ଅନୁମାନ କରାଯାଉଛି। ପଚି ଯାଇଥିବା ଯୋଗୁ ସେଗୁଡ଼ିକର ବ୍ୟବଚ୍ଛେଦ ମଧ୍ୟ ସମ୍ଭବ ହୋଇପାରିବ ନାହିଁ।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରୁଦ୍ର
ପରିବାରବର୍ଗ



ଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାର୍ବଜନୀନ ହେବ ବ୍ରହ୍ମ ବିଭ୍ରାଟ ଗୁମର

## ସେପ୍ଟେମ୍ବର ଶେଷ ସୁଦ୍ଧା ରିପୋର୍ଟ ଦେବ ସବ୍ କମିଟି

**ପୁରୀ ଅଫିସ,୧୮।୮**

୩ ବର୍ଷ ପରେ ଖୋଲିବ ବହୁଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟ ଗୁମର। ଏଥିପାଇଁ ଗଠିତ ସବ୍ କମିଟି ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରିପୋର୍ଟ ଦେବ। ଉକ୍ତ ରିପୋର୍ଟକୁ ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯିବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ନେଇ ପୂର୍ବ ପରିଚାଳନା କମିଟି ବୈଠକରେ ଏକ ସବ୍‌କମିଟି ଗଠନ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସବ୍ କମିଟି ରିପୋର୍ଟ ଦେଇନାହିଁ। ସବକମିଟି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସେମାନଙ୍କୁ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ତାଙ୍କ ରିପୋର୍ଟ ଦେବ। ପରିଚାଳନା କମିଟିର ଆସନ୍ତା ବୈଠକରେ ସମ୍ପୃକ୍ତ ରିପୋର୍ଟ ଉପରେ ଆଲୋଚନା ହୋଇ ଏହାକୁ ସାର୍ବଜନୀନ କରାଯିବ। ଫଳରେ କ'ଣ ଅବ୍ୟବସ୍ଥା ହୋଇଥିଲା ତାହା ଲୋକମାନେ ଜାଣିପାରିବେ।

ସୂଚନାଯୋଗ୍ୟ, ୨୦୧୫ ଜୁନ୍ ୧୫ରେ ଥିଲା ମହାପ୍ରଭୁଙ୍କ ବ୍ରହ୍ମ ସଂସ୍ଥାପନ। ନିଶାର୍ଦ୍ଧରେ ଏହି କାର୍ଯ୍ୟ ସମ୍ପନ୍ନ ହେବାର ଥିଲା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ଘଟିଥିଲା। ଜୁନ୍ ୧୬ ତାରିଖ ସ୍ପଷ୍ଟ ଦିବାଲୋକରେ ହୋଇଥିଲା ବ୍ରହ୍ମ ସଂସ୍ଥାପନ। କୋଟି କୋଟି ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦିଆଯାଇଥିବା ନେଇ ଅଭିଯୋଗ ଆସିଲା। ଏହି ବ୍ରହ୍ମ ବିଭ୍ରାଟକୁ ନେଇ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହେବାରୁ ସରକାର ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ବି ସେ ରିପୋର୍ଟ ଦେଇ ନ ଥିଲେ। ଏହାପରେ ତାଙ୍କର ବଦଳି ହୋଇଯାଇଥିଲା। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ସମୟରେ ବ୍ରହ୍ମ ବିଭ୍ରାଟ



ତଦନ୍ତ ରିପୋର୍ଟ ଆସିଥିଲା। ଗତ ମାର୍ଚ୍ଚ ୨୦ରେ ନବଗଠିତ ପରିଚାଳନା କମିଟିର ପ୍ରଥମ ବୈଠକରେ ଏହି ରିପୋର୍ଟ ଉପରେ ଆଲୋଚନା ହୋଇଥିଲା। ହେଲେ ପରିଚାଳନା କମିଟି ୩ ଜଣିଆ ସବ୍ କମିଟି ଗଠନ କରି ବ୍ରହ୍ମ ବିଭ୍ରାଟ ରିପୋର୍ଟ ଭାଗ୍ୟ ସେମାନଙ୍କ ହାତରେ ଛାଡିଦେଇଥିଲେ। ପରିଚାଳନା କମିଟି ସଦସ୍ୟ ମହିମୋହନ ତ୍ରିପାଠୀ, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଓ ସିଦ୍ଧେଶ୍ୱର ମହାପାତ୍ର ଏହି ସବ୍ କମିଟିରେ ରହିଛନ୍ତି। ଇତିମଧ୍ୟରେ ସାଢେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି, ହେଲେ କମିଟି ରିପୋର୍ଟ ଦେଇ ନ ଥିବାରୁ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ଚିତ୍ର ପଦାକୁ ଆସିପାରି ନାହିଁ। ଏହି ବିଳମ୍ବକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ବଦନାମ ହେଉଥିବା ବେଳେ ଶନିବାର ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# ସୌଦି ଆରବରେ ଫସିଛନ୍ତି ୧୪ ଓଡ଼ିଆ

**ଛତ୍ରପୁର,୧୮।୮(ଡି.ଏନ.ଏ.)**

- ଜିଲାପାଳଙ୍କୁ ଭେଟିଲେ ପରିବାରବର୍ଗ
- ଫେରାଇ ଆଣିବାକୁ ଅନୁରୋଧ
- ଦିଆଯାଉଛି ନିର୍ଯାତନା



ଜିଲାପାଳଙ୍କୁ ଭେଟି ଶ୍ରମିକଙ୍କ ପରିବାର ସଦସ୍ୟ ଫେରୁଛନ୍ତି।

ଗଞ୍ଜାମ ଜିଲାର ୧୪ ଜଣ ଶ୍ରମିକ ସୌଦି ଆରବରେ ଫସି ରହିଛନ୍ତି। ସେମାନଙ୍କୁ ସେଠାରେ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଏମାନଙ୍କ ପରିବାରବର୍ଗ କହିଛନ୍ତି। ଶନିବାର ନିର୍ଯାତିତ ଶ୍ରମିକମାନଙ୍କ ପରିବାରବର୍ଗ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଘଟଣା ବିଷୟରେ ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରଛନ୍ତି। ଏଥିସହ ଜିଲାପାଳଙ୍କୁ ସୌଦି ଆରବରେ ଦିଆଯାଉଥିବା ନିର୍ଯାତନାର ମୋବାଇଲ ଭିଡିଓକୁ ମଧ୍ୟ ଶ୍ରମିକଙ୍କ ପରିବାର ସଦସ୍ୟ ଦେଖାଇଥିଲେ। ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିବା ଜଣାପଡିଛି। ସୌଦି ଆରବରେ ଫସି ରହିଥିବା ଗଞ୍ଜାମ ଜିଲା ଖଲ୍ଲିକୋଟ ଓ ବେଗୁନିଆପଡା ବ୍ଲକ ଏବଂ ଅନ୍ୟ ଅଞ୍ଚଳର ଶ୍ରମିକମାନେ ହେଲେ ବାନାକଲିଡି ଗାଁର ସୁନୀଲ ପ୍ରଧାନ, କୈରାସିର ସତ୍ୟ ନାରାୟଣ ବରଡ, ନୂତନ ଗୁରୁଣ୍ଡିର ପ୍ରଭାତ କୁମାର ବାରିକ, ବିକ୍ରମପୁରର ଟୁଙ୍ଗୁରୁ ପାହାନ, ତୋଟାଗାଁର ଜିତେନ୍ଦ୍ର ପରିଡା, ନୂଆଫାସୁଲାର ସନ୍ତୋଷ ମଲିକ, ନୂତନ ବ୍ରହ୍ମପୁରର ସୁଶାନ୍ତ କୁମାର ପାଣ୍ଡି, ବିରିଗୁଡାର ଭିକାରି ପ୍ରଧାନ, ସୋନାପଲ୍ଲୀର ବସନ୍ତ କୁମାର ପୃଷ୍ଟି, ଗୁଣସାଗରର ବନମାଳୀ ଜେନା, ବିକ୍ରମପୁରର ସୁଶାନ୍ତ କୁମାର ପାହାନ, ସାନ ଉସ୍ତାପଡାର ପ୍ରଶାନ୍ତ କୁମାର ନାହାକ, ଅରଖପୁରର ଅରୁଣ ଗୌଡ ଓ କନ୍ଦିଗାଁର ପ୍ରକାଶ ପ୍ରଧାନ। ଉକ୍ତ ଶ୍ରମିକମାନେ ରୋଜଗାର ଆଶାରେ ଭିକାପଡା ଗାଁର ବେଣୁ ପ୍ରଧାନ ଓ ଭାଗୀରଥି ଜେନାଙ୍କ ଜରିଆରେ ଭିଜା ଓ ଅନ୍ୟାନ୍ୟ କାଗଜପତ୍ର ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ଦେଇ ସୌଦି ଆରବ ଯାଇଥିଲେ। ଯିବା ପୂର୍ବରୁ ଯାହା ସବୁ କୁହାଯାଇଥିଲା ସେଠାରେ ସେ ସୁବିଧା ନ ଥିଲା। ମିଥ୍ୟା ପ୍ରତିଶ୍ରୁତି ଦେଇ ଏମାନଙ୍କୁ ସେଠାକୁ ନିଆଯାଇଥିଲା ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି।

## ବିଶ୍ୱାସକୁ ନେଲେନି ଡାକ୍ତରଙ୍କ କଥା

# ମୃତ ମହିଳାଙ୍କୁ ବଞ୍ଚାଇବାକୁ ଝଡାଫୁଙ୍କା

**ଛେଣ୍ଡିପଦା, ୧୮।୮(ସ୍ୱ.ପ୍ର.)**

ସାପକାମୁଡ଼ାରେ ଗୁରୁତର ମହିଳାଙ୍କୁ ମୃତ ଘୋଷଣା କଲେ ଡାକ୍ତର। ହେଲେ ଅନ୍ଧବିଶ୍ୱାସ କବଳରେ ଛନ୍ଦି ହୋଇଥିବା ମୃତା ମହିଳାଙ୍କ ପରିବାର ବିଶ୍ୱାସକୁ ନେଇ ନ ଥିଲେ ଡାକ୍ତରଙ୍କ କଥା। ସାପକାମୁଡ଼ା ପରେ ଡାକ୍ତରଖାନା ଆଣିବା ପରିବର୍ତ୍ତେ ପ୍ରଥମେ ଝଡାଫୁଙ୍କାର ଆଶ୍ରୟ ନେଇଥିବା ପରିବାର ରୋଗୀଙ୍କ ମୃତ୍ୟୁ ପରେ ମଧ୍ୟ ପୁଣି ନେଇଥିଲେ ଗୁଣିଆଙ୍କ ସାହାରା। ଏପରିକି ମୃତକଙ୍କ କାନରେ ଫୋନ ରଖାଯାଇ ଗୁଣିଆଙ୍କ ମନ୍ତ୍ରପାଠ ଶୁଣାଯିବା ଦୃଶ୍ୟ ଶନିବାର ଅନୁଗୋଳ ଜିଲା ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଲୋକଙ୍କୁ ଚକିତ କରିଥିଲା।

ଛେଣ୍ଡିପଦା ଥାନା ବାଗଡିଆ ମାଉସୀସାହିର ଟୁକୁନା ବାରିକଙ୍କ ସ୍ତ୍ରୀ ରିଙ୍କି ବାରିକ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶୌଚ ହେବାକୁ ଯାଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ହେଲେ ରିଙ୍କିଙ୍କ ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗ୍ରାମର ଜଣେ ଗୁଣିଆଙ୍କ ନିକଟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ରିଙ୍କିଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ମଧ୍ୟ ମୃତାଙ୍କ ପରିବାର ଡାକ୍ତରଖାନାକୁ ଜଣେ ଗୁଣିଆଙ୍କୁ ଡକାଇ ଝଡାଫୁଙ୍କା କରିଥିଲେ। କିଛି ସୁଫଳ ନ ମିଳିବାରୁ ଆଉ ଜଣେ ଗୁଣିଆ ଫୋନ ଯୋଗେ ମୃତାଙ୍କ କାନରେ ମନ୍ତ୍ର ପଢିଥିବା ଦେଖିବାକୁ ମିଳିଥିଲା। କିଛି ସପ୍ତାହ ପୂର୍ବରୁ ଜଣେ ମହିଳା କନଷ୍ଟେବଲଙ୍କୁ ଡାକ୍ତରଖାନା ପରିସରରେ ଝଡାଫୁଙ୍କା କରାଯାଉଥିବା ଘଟଣା ଦେଖିବାକୁ ମିଳିଥିବାବେଳେ ଶନିବାରର ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରେ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଦୀପ କୁମାର ଧରଙ୍କୁ ପଚାରିବାରେ କହିଛନ୍ତି, ଆମେ ମୃତକଙ୍କ ପରିବାରରକୁ ଝଡାଫୁଙ୍କା କରିବାକୁ ବାରଣ କରିଥିଲୁ। ହେଲେ ସେମାନେ ଆମ କଥା ଶୁଣି ନ ଥିଲେ। ସଚେତନତା ଅଭାବରୁ ସେମାନେ ଏପରି କରୁଥିବା ଡାକ୍ତର ଧର କହିଛନ୍ତି।



ମୃତ ମହିଳାଙ୍କ କାନରେ ମୋବାଇଲ ଲଗାଯାଇ ଗୁଣିଆଙ୍କ ମନ୍ତ୍ର ଶୁଣାଯାଉଛି।

## ଟିଟୋ ଗିରଫ ମାମଲା

# ଜବତ ବନ୍ଧୁକ, ଗୁଳିର ହେବ ଫୋରେନସିକ ଯାଞ୍ଚ

**କେନ୍ଦ୍ରାପଡା ଅଫିସ, ୧୮।୮**

ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋଙ୍କ ଘରୁ ଜବତ୍ ହୋଇଥିବା ବନ୍ଧୁକ ଓ ଗୁଳିର ଫୋରେନସିକ ଯାଞ୍ଚ କରାଯିବ। ଗତ ଜୁନ ୩୦ରେ କ୍ରାଇମ ବ୍ରାଞ୍ଚର ଏସଟିଏଫ୍ ଟିଟୋଙ୍କୁ ଗିରଫ କରିଥିଲା। ଏହି ସମୟରେ କେନ୍ଦ୍ରାପଡା ସହର ଦିଲାରପୁରସ୍ଥିତ ଟିଟୋଙ୍କ ବାସଭବନରୁ ୨ଟି ବନ୍ଧୁକ ଓ ୫ଟି ଗୁଳି ଜବତ କରାଯାଇଥିଲା। ଏନେଇ ଏସଟିଏଫ୍‌ର ମାମଲା ନଂ-୬/୧୮ରେ ଦର୍ଶାଯାଇଥିଲା। ଜବତ ମାରଣାସ୍ତ୍ରଗୁଡ଼ିକର ଫୋରେନସିକ ଯାଞ୍ଚ ପାଇଁ ତଦନ୍ତ ଅଧିକାରୀ ରାମଚନ୍ଦ୍ର ଥମ୍ଭ କେନ୍ଦ୍ରାପଡା ଏସଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ। ଏନେଇ କେନ୍ଦ୍ରାପଡା ଏସଡିଜେଏମ୍ ନିହାରରଞ୍ଜନ ସାହୁ ଶନିବାର ଅନୁମତି ପ୍ରଦାନ କରିଛନ୍ତି। ଏବେ ଏସବୁ ମାରଣାସ୍ତ୍ରକୁ ଭୁବନେଶ୍ୱରସ୍ଥିତ ଫୋରେନସିକ ଲାବୋରେଟୋରୀକୁ ଯାଞ୍ଚ ନିମନ୍ତେ ପଠାଯିବ ବୋଲି ତଦନ୍ତ ଅଧିକାରୀ ଥମ୍ଭ ସୂଚନା ଦେଇଛନ୍ତି।

## ଦାଭୋଲ୍‌କରଙ୍କ ହତ୍ୟା ମାମଲା

# ମୁଖ୍ୟ ଶୁଟର ଗିରଫ

**ନୂଆଦିଲ୍ଲୀ/ମୁମ୍ବାଇ, ୧୮।୮**

ଅନ୍ଧବିଶ୍ୱାସ ଓ ସାମାଜିକ କୁସଂସ୍କାର ବିରୋଧରେ ଲଢ଼େଇ କରି ହତ୍ୟାର ଶିକାର ହୋଇଥିଲେ ନରେନ୍ଦ୍ର ଦାଭୋଲ୍‌କର। ବିଳମ୍ବରେ ହେଉ ପଛେ ତାଙ୍କୁ ଗୁଳି କରିଥିବା ମୁଖ୍ୟ ଶୁଟରଙ୍କୁ ଶନିବାର ମହାରାଷ୍ଟ୍ରରୁ ଗିରଫ କରିଛି ସିବିଆଇ। ଔରଙ୍ଗାବାଦ ନିବାସୀ ସଚିନ ପ୍ରକାଶରାଓ ଆଣ୍ଡୁର୍ ସନ୍ଧ୍ୟାରେ ପୁଣେରୁ ଧରାପଡ଼ିଛନ୍ତି। ରବିବାର ପୁଣେ କୋର୍ଟରେ ତାଙ୍କୁ ହାଜର କରାଯିବ। ପ୍ରକାଶ ଯେ, ୨୦୧୩ ଅଗଷ୍ଟ ୨୦ରେ ଦାଭୋଲକର ପ୍ରାତଃଭ୍ରମଣ ପାଇଁ ଯାଇଥିବାବେଳେ ପୁଣେରେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।

# ଡେଙ୍ଗୁ ନେଲା ଆଉ ଏକ ଜୀବନ

**ବ୍ରହ୍ମପୁର ଅଫିସ/ କାଶୀନଗର/ପାରଳାଖେମୁଣ୍ଡି, ୧୮।୮(ଡି.ଏନ.ଏ./ସ୍ୱ.ପ୍ର.)**

ଗଜପତି ଜିଲା କାଶୀନଗର ବ୍ଲକରେ ପ୍ରଶାସନ ପକ୍ଷରୁ ନିରାକରଣ ବ୍ୟବସ୍ଥା ଏବଂ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଡେଙ୍ଗୁ ଓ ମ୍ୟାଲେରିଆ ଆତଙ୍କ ଥମିବାର ନାଁ ଧରୁନାହିଁ। ଶୁକ୍ରବାର ରାତିରେ ଡେଙ୍ଗୁରେ ସିଙ୍ଗିପୁର ଗ୍ରାମର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷ୍ମୀନାରାୟଣ ଚିନ୍ତାଡ଼ା(୪୦)। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ୧୩ ତାରିଖରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। କିଛିଦିନ ତଳେ ଡେଙ୍ଗୁ ଓ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ସିଙ୍ଗିପୁର ଏବଂ ସିଧାମଡଙ୍ଗ ଗ୍ରାମର ଚିରଞ୍ଜିବୀ ଚିନ୍ତାଡା, ମାଣିକ୍ୟ ଚିନ୍ତାଡା, ହରିଶ୍ଚନ୍ଦ୍ର ଚିନ୍ତାଡା ଓ ପ୍ରଦୀପ କୁମାର ବୀରଙ୍କ ଜୀବନ ଯାଇଥିଲା। ଏବେ ପୁଣି ଆଉ ଜଣଙ୍କ ଜୀବନ ଯିବାରୁ ମୋଟ ମୃତ୍ୟୁ ସଂଖ୍ୟା ୫ ଛୁଇଁଛି। ସିଙ୍ଗିପୁର ଏବଂ ସିଧାମଡଙ୍ଗରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଟିମ୍ ଦ୍ୱାରା ଚିକିତ୍ସା ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏ ନେଇ ଜିଲା ମ୍ୟାଲେରିଆ ନିରାକରଣ ଅଧିକାରୀ ଡାକ୍ତର ଛନ୍ଦା କାନୁନଗୋ କହିଛନ୍ତି ଯେ, ଲକ୍ଷ୍ମୀନାରାୟଣଙ୍କର ଅତ୍ୟଧିକ ମାତ୍ରାରେ ଡାଇବେଟିସ ସହ ରକ୍ତହୀନତା ଓ କିଡନି ସମସ୍ୟା ରହିଥିଲା।

## ବ୍ୟବସ୍ଥାବଳୀ ଉଲ୍ଲଂଘନ

# ୨୪ ବିଶୃଙ୍ଖଳାକାରୀଙ୍କୁ ହେବ ନୋଟିସ

**ପୁରୀ ଅଫିସ, ୧୮।୮**

- ସିସିଟିଭି ଫୁଟେଜ ଯାଞ୍ଚ ପରେ ପରିଚାଳନା କମିଟି ନେଲା ନିଷ୍ପତ୍ତି

ରଥଯାତ୍ରାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ବ୍ୟବସ୍ଥାବଳୀକୁ ସମସ୍ତେ ମାନିବେ। ଯଦି କେହି ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥଯାତ୍ରା ପୂର୍ବରୁ ଏକାଧିକ ବୈଠକରେ ଶ୍ରୀମନ୍ଦିର ସେବକ ଏବଂ କର୍ମଚାରୀଙ୍କୁ ଏମିତି ସଚେତନ କରାଯାଇଥିଲା। ବ୍ୟବସ୍ଥାବଳୀରେ ମଧ୍ୟ ବିଭିନ୍ନ ପ୍ରକାର କଟକଣା ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଏହାସତ୍ତ୍ୱେ ବ୍ୟବସ୍ଥାବଳୀର ଉଲ୍ଲଂଘନ କରାଯାଇଛି।

ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ହୋଇଥିବା ସିସିଟିଭି ଫୁଟେଜ ଯାଞ୍ଚରୁ ଏହା ଜଣାପଡିଛି। ୨୪ ସେବକ ଓ କର୍ମଚାରୀ ବ୍ୟବସ୍ଥାବଳୀକୁ ମାନି ନ ଥିବା ଫୁଟେଜରୁ ସ୍ପଷ୍ଟ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଏହି ବିଶୃଙ୍ଖଳାକାରୀଙ୍କୁ କାରଣ ଦର୍ଶାଅ ନୋଟିସ ହେବ। ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବ ବୋଲି ଏହି ନୋଟିସ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ରଥଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦେଇଥିଲା ପ୍ରଶାସନ। ଏଥିପାଇଁ ଶ୍ରୀମନ୍ଦିର, ସ୍ନାନମଣ୍ଡପ, ଲଙ୍ଗୁଳି ମଠ, ଗୁଣ୍ଡିଚା ମନ୍ଦିର ପ୍ରଭୃତି ସ୍ଥାନରେ ସିସିଟିଭି ଲଗାଯାଇଥିଲା। ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିଲା ସିସିଟିଭି। ମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ କେତେକ ଜାଗାରେ ଭିଡିଓ ରେକର୍ଡିଂ କରାଯାଇଥିଲା। ଶନିବାର ପରିଚାଳନା କମିଟି ବୈଠକରେ ସମସ୍ତ ସିସିଟିଭି ଫୁଟେଜର ପୁଙ୍ଖାନୁପୁଙ୍ଖ ଯାଞ୍ଚ ହୋଇଥିଲା। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଦେବସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଯେତେସବୁ ସିସିଟିଭି ଫୁଟେଜ ନିଆଯାଇଥିଲା ତାହାର ଯାଞ୍ଚ କରାଯାଇଛି। ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରିଥିବା ୨୪ ସେବକ ଓ କର୍ମଚାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ତାଲିକା ହୋଇଛି। ଏନେଇ ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏଥିସହ ଏହି ଫୁଟେଜ ଆଉଥରେ ଭଲ ଭାବେ ଯାଞ୍ଚ ହେବ। ଯେଉଁମାନେ ଉଲ୍ଲଂଘନ କରିଥିବେ, ସେମାନଙ୍କୁ ମଧ୍ୟ ନୋଟିସ କରାଯିବ। ଶୃଙ୍ଖଳା ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କୋଫି ଆନାନ୍‌ଙ୍କ...

କରାଯାଇଛି। ପୂରା କ୍ୟାରିୟରରେ ଆନନ୍ ଜାତିସଂଘର ଜଣେ ପ୍ରଶାସକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ସମ୍ଭ୍ରାନ୍ତ ଠାଣି, ଶାନ୍ତ ଓ ଲାଳିତ୍ୟ ଏବଂ ରାଜନୈତିକ ବିଚକ୍ଷଣତା ଯୋଗୁ ସେ ଜାତିସଂଘର ମହାସଚିବ ପଦରେ ଅଧିଷ୍ଠିତ ହୋଇଥିଲେ। ଜାତିସଂଘର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟକରି ଏହି ପଦ ଲାଭ କରିବାରେ ସେ ହେଉଛନ୍ତି ପ୍ରଥମ। ୧୯୯୭ ଜାନୁୟାରୀ ୧ରୁ ୨୦୦୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ଦୁଇ ମିଆଦ ସେ ଜାତିସଂଘ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୦୧ରେ ଆନାନ୍ ଏବଂ ଜାତିସଂଘକୁ ମିଳିତ ଭାବେ ନୋବେଲ୍ ଶାନ୍ତି ପୁରସ୍କାର ମିଳିଥିଲା। କାର୍ଯ୍ୟରୁ ଅବସର ନେବା ପରେ ସୁଦ୍ଧା ଆନାନ୍ ଜାତିସଂଘ ସହ ଜଡ଼ିତ ଥିଲେ। ୨୦୧୨ରେ ଯୁଦ୍ଧଗ୍ରସ୍ତ ସିରିଆରେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଜାତିସଂଘ-ଆରବ ଲିଗ୍ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଦୂତ ଭାବେ ପଠାଯାଇଥିଲା।

୧୯୩୮ ଏପ୍ରିଲ ୮ରେ ଜନ୍ମିତ ଆନାନ୍ ସ୍ତ୍ରୀ ଓ ତିନିପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରିଛନ୍ତି। ଜୀବନବ୍ୟାପୀ ଶାନ୍ତି ପ୍ରତିଷ୍ଠା ଲାଗି କାର୍ଯ୍ୟ କରିଥିବାରୁ ପରିବାର ଲୋକେ ତାଙ୍କୁ 'ବିଶ୍ୱ ଜନନାୟକ'ଓ 'ଘାନାର ପୁତ୍ର'ବୋଲି କହିଛନ୍ତି। ଆଫ୍ରିକା ପାଇଁ ସେ ସଦା ସ୍ୱତନ୍ତ୍ର ଦାୟିତ୍ୱ ତୁଲାଇଥିଲେ। ବାସ୍ତବରେ କର୍ମମୟ ଜୀବନ ଭିତରେ ଆନାନ୍‌ଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଛି। ଜାତିସଂଘର ଭାବମୂର୍ତ୍ତିକୁ ସଜାଡ଼ିବାରେ ସେ ଅନେକ ସଂଘର୍ଷ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ଭିତରେ ଇରାକ୍ ଯୁଦ୍ଧ ଥିଲା ସବୁଠାରୁ ବଡ଼ ସମସ୍ୟା। ଏହାକୁ ରୋକିପାରି ନ ଥିବାରୁ ତାଙ୍କ ମନରେ ଅବସୋସ ରହିଯାଇଥିବା ୨୦୧୩ରେ ଏକ ସାକ୍ଷାତ୍‌କାରବେଳେ କହିଥିଲେ ଆନାନ୍। ତାଙ୍କ ମୃତ୍ୟୁ ଖବର ପାଇ ଘାନାର ରାଷ୍ଟ୍ରପତି ନାନା ଆକୁଫୋ-ଆଡ୍ଡୋ ଶୋକବ୍ୟକ୍ତ କରିବା ସହ ୭ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ହେବ ବୋଲି ଘୋଷଣା କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରମୁଖ ଆନାନ୍‌ଙ୍କ ସ୍ମୃତିଚାରଣ କରିଛନ୍ତି।

### ଫସିଲେ...

ଦୌଡୁଥିବା ଲୋକଙ୍କୁ ଅକ୍ଟୋବର ୨ ଯାଏ ନିରାଶ ହେବାକୁ ପଡିବ। ରାଜ୍ୟ ସରକାର ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡିଶା ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ନୂଆ ଯୋଜନା ରାଜ୍ୟ କ୍ୟାବିନେଟରେ ମଧ୍ୟ ଅନୁମୋଦନ ପାଇସାରିଛି। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ସେଥିପାଇଁ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀ ସାଉଁଟିବା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନୂତନ କାର୍ଡରେ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯିବ। ଏଥିରେ କେବଳ ଚାଉଳ ମିଳିବ। ସମସ୍ତ ହିତାଧିକାରୀ ଚାଉଳ ନେବାକୁ ବାଧ। ଯେଉଁମାନେ ଏନଏଫଏସଏ କାର୍ଡ ନେବେ, ସେମାନଙ୍କୁ ଆଉ ପାଖାପାଖି ୪୫ ଦିନ ଅପେକ୍ଷା କରିବାକୁ ପଡିବ। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କୁହନ୍ତି, ରାଜ୍ୟ ସରକାରଙ୍କ ନୂଆ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ କରିବାରେ ସମସ୍ୟା ହେବାରୁ ଅକ୍ଟୋବର ୨ ଯାଏ ଏନ୍‌ଏଫ୍‌ଏସ୍‌ଏ ପାଇଁ ନୂତନ କାର୍ଡ ସକାଶେ ଆବେଦନ ଗ୍ରହଣ କରାଯିବ ନାହିଁ। ଏ ନେଇ ସମସ୍ତ ଆର୍‌ସିଏମ୍‌ଏସ୍‌ସିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ ହିତାଧିକାରୀ ଚାଉଳ ନେବେ। ଗ୍ରାମାଞ୍ଚଳରେ ଗହମର ଆବଶ୍ୟକତା ନାହିଁ। ଯେଉଁମାନେ ଖାଇବାକୁ ପାଉନାହାନ୍ତି ସେମାନଙ୍କର ଚାଉଳ ଦରକାର ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଅଷ୍ଟମସ୍ଥ ଚନ୍ଦ୍ରଙ୍କ ଦୁର୍ବଳତା ଅର୍ଥହାନି ସାଙ୍ଗକୁ ପାରିବାରିକ ଦ୍ୱନ୍ଦ୍ୱର କାରଣ ହେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ନିଜ ଲୋକଙ୍କୁ ବୃଥା ସନ୍ଦେହକରି ନିଜେହିଁ କ୍ଷତିରେ ପଡ଼ିବେ। କ୍ରୀଡ଼ା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**ବୃଷ**
ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରସ୍ପରିକ ବୁଝାମଣା ହେତୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ପରିବାରର ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ**
ବାରମ୍ବାର ଅସଫଳତାର କାରଣ ଖୋଜିବାକୁ ଯାଇ ମାନସିକ ଦ୍ୱନ୍ଦ୍ୱରେ ପଡ଼ିବେ। ବନ୍ଧୁଙ୍କ ପରାମର୍ଶ ଗ୍ରହଣ କଲେ କେତେକାଂଶରେ ଉପକୃତ ମଧ୍ୟ ହେବେ। ପୁନର୍ବସୁ ନକ୍ଷତ୍ର ପ୍ରିୟଜନଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟପୂରଣ ହେବ।

**କର୍କଟ**
ଆଲୋଚନା ପରିସରରେ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣ ବଶତଃ ଓଲଟା କଥା କହି ପରିବାରରେ ସମାଲୋଚିତ ହୋଇପାରନ୍ତି। ସଂସାର ଯାତ୍ରା କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ବନ୍ଧୁତାସୂତ୍ରରେ ଆବଦ୍ଧ ହୋଇପାରନ୍ତି।

**ସିଂହ**
ଆଶା ପୂରଣ ଦିଗରେ ବନ୍ଧୁମାନଙ୍କ ସହ ପରାମର୍ଶକଲେ ଅବଶ୍ୟ ଭଲ ହେବ। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ସାମୟିକ ଦୁଃଖ ପ୍ରକାଶ କରିପାରନ୍ତି। ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ମଧ୍ୟ ଉତ୍ସାହପ୍ରଦ ହେବ ନାହିଁ। ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ।

**କନ୍ୟା**
ଗତକାଲିଠାରୁ ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା,ଏଜେନ୍ସିପରୁ ଖୁସି ରହିବେ। ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭଖବର ଶୁଣି ଖୁସି ହେବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ସୂଚନା ରହିଛି।

**ତୁଳା**
କର୍ମକ୍ଷେତ୍ର ଓ ପରିବାରର ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବାରେ ବିଶ୍ୱସ୍ତବନ୍ଧୁ ମାର୍ଗଦର୍ଶନ କରାଇବେ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ ଆଦର ଅଭ୍ୟର୍ଥନା ସହ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି।

**ବିଛା**
ରବିଙ୍କ ସୁଦୃଷ୍ଟି ପରିବାର ସ୍ଥାନ ପ୍ରତି ରହିଥିବାରୁ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ। ପରିସ୍ଥିତିବଶତଃ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ସାମୟିକ ମାନସିକ ଗ୍ଳାନି ଅନୁଭବ କରିପାରନ୍ତି। ଦୂରଯାତ୍ରାରେ ଲକ୍ଷ୍ୟପୂରଣ ହେବ ଓ ଅଭିଳଷିତ ଜିନିଷ ପାଇବେ। ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ।

**ଧନୁ**
ଆଜି ଆପଣଙ୍କୁ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସରକାରୀ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପାରିବାରିକ କ୍ଷେତ୍ରରେ ଠିକ୍ ଭୁଲ୍ ବିଚାର ନ କରି କାମକଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଫଳରେ କାମ କରିବାର ସ୍ପୃହା ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଯାହା ଦ୍ୱାରା ମନ ଖୁସିହୋଇଯିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଦ୍ରବ୍ୟନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ**
ଆଜିର ପୂର୍ବାହ୍ନରେ ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି କେବଳ ମନକୁ ଭାରାକ୍ରାନ୍ତ କରିବା ବ୍ୟତୀତ କିଛି ଲାଭ ହେବନି। ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଶିଳ୍ପ,ବାଣିଜ୍ୟରେ କ୍ଷତି ଆଶଙ୍କା ରହିଛି। ସଭାସମିତିରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ।

**ମୀନ**
ଯେତେ ଭଲ କାମ କରନ୍ତୁନା କାହିଁକି ପରିବାର ମଧ୍ୟରେ ସମାଲୋଚିତ ହେବେ। ବାହାର ସ୍ଥାନରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ ଓ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ଋଣ ପରିଶୋଧ ପାଇଁ ବ୍ୟାକୁଳତା ପ୍ରକାଶ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ନବମୀ ରବିବାର, ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ, ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୩୪ମି. ଗତେ ଘ୬।୦୯ମି. ମଧ୍ୟେ ରାହୁକାଳ।



ପୂର୍ବତନ ସେନାମୁଖ୍ୟ ଜେନେରାଲ ଦଲ୍‌ବୀର ସିଂ ସୁହାଗ ୟୁଏସ୍ 'ଲିଜିଅନ୍ ଅଫ୍ ମେରିଟ୍' ପୁରସ୍କାର ଲାଭ କରିଛନ୍ତି। ୨୦୧୪ ଅଗଷ୍ଟରୁ ୨୦୧୬ ଡିସେମ୍ବର ପର୍ଯ୍ୟନ୍ତ ସ୍ଥଳସେନା ମୁଖ୍ୟ ଭାବେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି।



## ସଂକ୍ଷେପରେ

### କେରଳରେ ଫସିଛନ୍ତି ସାତଭାୟା ଅଞ୍ଚଳର ଶତାଧିକ ଶ୍ରମିକ

**ରାଜନଗର,୧୮।୮(ଡି.ଏନ.ଏ.):** କେରଳ ବନ୍ୟା ପାଣି ଘେରରେ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ସାତଭାୟା ଅଞ୍ଚଳର ଶତାଧିକ ଶ୍ରମିକ ଫସିରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଅନେକେ ଭୋକ ଓପାସରେ ପଡି ରହିଛନ୍ତି । ସେଠାରେ ସାତଭାୟା ଅଞ୍ଚଳର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଲୋକ କାମ କରୁଛନ୍ତି । ଅଧିକାଂଶ ଯୁବକ ସେଠାକାର ପ୍ଲାଏଉଡ୍ କମ୍ପାନୀରେ ନିୟୋଜିତ। ସାତଭାୟାର ରାଜେନ୍ଦ୍ର ପଣ୍ଡା, ସତ୍ୟ ରଞ୍ଜନ ପଣ୍ଡା, ଅକ୍ଷୟ କୁମାର ସ୍ୱାଇଁ, ବିବେକାନନ୍ଦ ବେହେରା, ରୋହିତ ବେହେରା, ଅମିତ୍ କୁମାର ପରିଡା, ହେମନ୍ତ କୁମାର ମଲ୍ଲ, ଅମୂଲ୍ୟ ସାହାଣୀ, ବିଶ୍ୱ ରଞ୍ଜନ ପାତ୍ର, କୌଶିକ ବେହେରା, ଅମର ପ୍ରସାଦ ବିଶ୍ୱାଳ, ଅଙ୍ଗଦ ବିଶ୍ୱାଳ, ଅନନ୍ତ ସାହାଣୀ, ଜିତେନ୍ଦ୍ର ସାହାଣୀ ପ୍ରମୁଖ ରହୁଥିବା ଘରେ ଗତ ୮ ଦିନ ତଳେ ବନ୍ୟାଜଳ ମାଡି ଯାଇଥିଲା। ୩ ଦିନ ଧରି ବନ୍ୟାପାଣି ଘେରରେ ରହିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ଦିଆଯାଇଥିବା ବିସ୍କୁଟ ଓ ଚୁଡ଼ା ଦୁଇଦିନ ଖାଇବା ପରେ ତାହା ସରିଯାଇଛି। ଏବେ ଖାଇବାକୁ କିଛିନାହିଁ ବୋଲି ସେଠାରେ ଦୁର୍ଦ୍ଦଶାରେ ଦିନ କାଟୁଥିବା ଯୁବକମାନେ ତାଙ୍କ ପରିବାରବର୍ଗଙ୍କୁ ଫୋନ୍ କରି ଜଣାଇଛନ୍ତି। ରାଜ୍ୟ ସରକାର କେରଳ ସରକାରଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ବିପନ୍ନ ଶ୍ରମିକଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

### ଆଜିଠୁ ପ୍ରବଳ ବର୍ଷା
#### ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୧୮।୮(ବ୍ୟୁରୋ):** ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡା, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୦ ତାରିଖରେ ୧୨ଟି ଜିଲାରେ ଏବଂ ୨୧ରେ ୮ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ବାଲେଶ୍ୱରରେ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ କଟକ ୩, ପାରାଦୀପ ୨୩.୬, ସମ୍ବଲପୁର ୯, ହୀରାକୁଦ ୧୭, ଫୁଲବାଣୀ ୧୮, ମାଲକାନଗିରି ୧୭ ଏବଂ ଢେଙ୍କାନାଳରେ ୧୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ରାଜ୍ୟରେ ଏବେ ସୁଦ୍ଧା ୮ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁନ୍ ପହିଲାରୁ ଅଗଷ୍ଟ ୧୮ ତାରିଖ ମଧ୍ୟରେ ରାଜ୍ୟରେ ୮ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ୭୭୩.୯ ମିଲିମିଟର ବର୍ଷା ହେବା ଜାଗାରେ ହୋଇଛି ୮୩୬.୯ ମିଲିମିଟର।

### ପାରିବାରିକ କଳହ କାଳ ହେଲା
#### ବିଷ ପିଇଲେ ବାପପୁଅ

**ବରଗଡ଼ ଅଫିସ,୧୮।୮:** ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆଁଗଡ଼ ଗ୍ରାମରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବାପପୁଅ କୀଟନାଶକ ପିଇ ଗୁରୁତର ହୋଇ ପଡ଼ିଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ପରମା ସୁନା(୬୦) ଓ ତାଙ୍କ ସାନପୁଅ ବୁଧ ସୁନା(୩୨)। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୁଧଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାବେଳେ ତାଙ୍କୁ ଆଇସିୟୁରେ ରଖାଯାଇଥିବା ସୂଚନା ମିଳିଛି। ପାରିବାରିକ କଳହ ଯୋଗୁ ଉଭୟେ ଘରେ ଥିବା କୀଟନାଶକ ପିଇଥିବା ପରମାଙ୍କ ବଡ଼ପୁଅ ହାଡୁ କହିଛନ୍ତି। ତେବେ କୀଟନାଶକ ପିଇ ଉଭୟେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ସଦର ଥାନା ଆଇଆଇସି ମମତା ନାୟକଙ୍କୁ ପଚାରିବାରୁ ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ସେ କହିଛନ୍ତି।

## କେରଳ ବନ୍ୟା ସ୍ଥିତି ସଙ୍ଗିନ୍
# ଓଡ଼ିଶାରୁ ଗଲେ ୨୭୫ ଜଣିଆ ଉଦ୍ଧାରକାରୀ ଦଳ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

କେରଳରେ ଲଗାତର ବର୍ଷା ଓ ଭୟାବହ ବନ୍ୟା ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ଏ ପର୍ଯ୍ୟନ୍ତ ପ୍ରାୟ ୩୫୦ ଜଣଙ୍କ ପ୍ରାଣହାନି ଘଟିଲାଣି। ବିଭିନ୍ନ ସ୍ଥାନରେ ଲୋକମାନେ ବନ୍ୟାପାଣିରେ ଫସି ରହିଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ ଶନିବାର ଦୁଇଟି ସ୍ୱତନ୍ତ୍ର ବିମାନ ଯୋଗେ କେରଳକୁ ପଠାଯାଇଛି। ଏଥିସହିତ ୭୬ଟି ପାୱାରବୋଟ୍, ୪୫ଟି ଟାୱାର ଲାଇଟ, ୧୪ଟି ଟର୍ଚ୍ଚ ଲାଇଟ, ୨୩୪ଟି ଲାଇଫ ଜ୍ୟାକେଟ, ୧୩୭ ଲାଇଫ୍ ବୋଟ୍, ୩୧ ଲାଇଫ ଲାଇନ, ୩୦ ସ୍ଲିପିଙ୍ଗ ମ୍ୟାଟ୍, ୨ଟି ଏଗ୍ରିନେଟ, ୬ଟି ଟେଣ୍ଟ କଭର ଏବଂ ୨ଟି କମ୍ପ୍ରେସର ପଠାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ୟା ପୀଡିତଙ୍କ ନିମନ୍ତେ ୫ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିସାରିଛନ୍ତି। କେରଳରେ ରହୁଥିବା ବନ୍ୟା ପ୍ରଭାବିତ ଓଡ଼ିଆ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଦେବା ପାଇଁ ସେଠାକାର ସରକାରଙ୍କୁ ଅନୁରୋଧ କରାଯାଇଛି। କେରଳ ବନ୍ୟା ଯୋଗୁ ଅଟକି ରହିଥିବା ଓଡିଆ ଲୋକଙ୍କ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ହେଲପ୍ ଲାଇନ ନଂ. ୧୦୭୦ ଓ ୦୬୭୪-୨୫୩୪୧୭୭ ଜାରି କରାଯାଇଛି। କେରଳ ବନ୍ୟା ପରିସ୍ଥିତି ଉପରେ ନଜର ରଖାଯାଇଛି। ସେଠାରେ ଫସି ରହିଥିବା ଓଡିଆ ଲୋକଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଉଦ୍ଧାର ପାଇଁ ଯାଇଥିବା ଦଳ ମଧ୍ୟରେ ୨୬୫ ଜଣ ଅଗ୍ନିଶମ କର୍ମଚାରୀ ଥିବା ବେଳେ ୧୫ଜଣ ସୁପରଭାଇଜିଂ ଅଫିସର ଯାଇଛନ୍ତି। ଏହି ଟିମ୍ ସେଠାରେ ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିବା ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ବରମୁଣ୍ଡା ପଡିଆରେ ଅଗ୍ନିଶମ କର୍ମଚାରୀଙ୍କୁ ଅଗ୍ନିଶମ ଡିଜି ବି.କେ. ଶର୍ମା ସମ୍ବର୍ଦ୍ଧିତ କରିଥିଲେ। ଶର୍ମା କହିଛନ୍ତି, ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଅଗ୍ନିଶମ କର୍ମଚାରୀଙ୍କୁ କେରଳ ପଠାଇଛନ୍ତି। ଓଡ଼ିଶା ପାଇଁ ଏହା ଗର୍ବ ଓ ଗୌରବର ବିଷୟ। ଅତୀତରେ ହୁଦ୍‌ହୁଦ୍ ବେଳେ ଓଡ଼ିଶାର ଅଗ୍ନିଶମ କର୍ମଚାରୀ ଆନ୍ଧ୍ରପ୍ରଦେଶ ଯାଇ ଉଚ୍ଚପ୍ରଶଂସିତ ହୋଇଥିଲେ। ଆମ ପାଖରେ ଆଧୁନିକ ଉପକରଣ ଅଛି, ଯଦ୍ୱାରା ଲୋକଙ୍କ ଧନଜୀବନ ସୁରକ୍ଷିତ ହୋଇପାରିବ ବୋଲି ଶର୍ମା କହିଛନ୍ତି। ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ଅତିରିକ୍ତ ଶ୍ରମ କମିଶନରଙ୍କ ନେତୃତ୍ୱରେ ୪ ଜଣିଆ ପ୍ରତିନିଧି ଦଳ କେରଳ ଗସ୍ତ କରିଛି। ଶ୍ରମ ଓ ନିୟୋଜନ ମନ୍ତ୍ରୀ ସୁଶାନ୍ତ ସିଂ ଶନିବାର ଏହି ସୂଚନା ଦେଇଛନ୍ତି।



ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୨୭୫ ଜଣିଆ ଅଗ୍ନିଶମ ସେବାଦଳକୁ ଶନିବାର ସ୍ୱତନ୍ତ୍ର ବିମାନ ଯୋଗେ କେରଳ ପଠାଯାଉଛି।




## ଖଟିଆରେ ବୁହାହେଲେ ରୋଗୀ



**ଖଇରପୁଟ,(ଡି.ଏନ.ଏ.)/ ଗୋବିନ୍ଦପାଲି, ୧୮।୮**

ମାଲକାନଗିରି ଜିଲାରେ ପୁଣି ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟସେବାର କରୁଣ ଚିତ୍ର। ରାସ୍ତା ଖରାପ ଯୋଗୁ ଗ୍ରାମକୁ ଯାଇପାରିନି ୧୦୮ ଆମ୍ବୁଲାନ୍ସ। ଫଳରେ ନଦୀ ପାର ହୋଇ ୪ କିମି ଖଟିଆରେ ବୁହାହୋଇ ଗଲେ ରୋଗୀ। ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତ ଅନ୍ତର୍ଗତ ଗଜିଆଗୁଡା ଗ୍ରାମରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ଏହି ଗ୍ରାମର ଲକ୍ଷଣ ପାଙ୍ଗୀ ଗତ ୫ଦିନ ଧରି ଝାଡାବାନ୍ତି ସହ ଜ୍ୱରରେ ପୀଡିତ ହୋଇଥିଲେ। ଶୁକ୍ରବାର ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ରାସ୍ତା ଖରାପ ସାଙ୍ଗକୁ ସପ୍ତଧାରା ନଦୀ ଯୋଗୁ ୧୦୮ ଆମ୍ବୁଲାନ୍ସ ଗଜିଆଗୁଡା ଗ୍ରାମକୁ ଯାଇପାରିବ ନାହିଁ ବୋଲି ଆମ୍ବୁଲାନ୍ସ ପକ୍ଷରୁ କୁହାଯାଇଥିଲା। ପରେ ଗ୍ରାମବାସୀ ଲକ୍ଷଣଙ୍କୁ ନଦୀ ପାର ହୋଇ ଖଟିଆରେ ୪ କିମି ବୋହି ଗୋବିନ୍ଦପାଲି ଗ୍ରାମ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଏକ ଅଟୋ ଯୋଗେ ତାଙ୍କୁ ମାଥିଲି ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ଉକ୍ତ ଗ୍ରାମରେ ସାପ କାମୁଡାରେ ଗୁରୁତର ଜଣେ ବ୍ୟକ୍ତିଙ୍କୁ ଖଟିଆରେ ବୋହି ଆଣୁଥିବାବେଳେ ରୋଗୀଙ୍କ ବାଟରେ ମୃତ୍ୟୁ ହୋଇଥିଲା।









### ପୂର୍ବ ତଟ ରେଳପଥ
#### 'ଇ' କ୍ରୟ ପ୍ରଣାଳୀ

**ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2018-19/11, ତା : 16.08.2018**

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-321/J/18-19 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

### ପୂର୍ବ ତଟ ରେଳପଥ
#### ପେନ୍‌ସନ୍ ଅଦାଲତ-2018

ପୂର୍ବ ତଟ ରେଳପଥ ଏକକାଳୀନ ଭାବେ ଖୋର୍ଦ୍ଧା ରୋଡ୍, ୱାଲ୍ଟିୟର, ସମ୍ବଲପୁର, ମଞ୍ଚେଶ୍ୱର କାରଖାନା, ନିର୍ମାଣ ସଂଗଠନ ଏବଂ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥ ଜୋନାଲ ମୁଖ୍ୟାଳୟଠାରେ ଏକ ପେନ୍‌ସନ୍ ଅଦାଲତ-2018 ପରିଚାଳନା କରିବ।

ଅବସରପ୍ରାପ୍ତ ରେଳ କର୍ମଚାରୀ/ପ୍ରତିପାଳ୍ୟ, ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିବିଶେଷ ଯେଉଁମାନଙ୍କର ପେନ୍‌ସନ୍/ସେଟଲମେଣ୍ଟ ପାଉଣା (**Settlement dues**)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ ଅଭିଯୋଗମାନ ରହିଛି, ସେମାନେ ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରୋଫର୍ମା ଅନୁଯାୟୀ ବିସ୍ତୃତ ବିବରଣୀ ସହିତ ସଂପୃକ୍ତ ରେଳ ପ୍ରାଧିକାରୀମାନଙ୍କୁ ସମ୍ବୋଧନ କରି ଅଭିଯୋଗ ସମ୍ବଳିତ ଲଫାପାର ଶୀର୍ଷରେ ବିଧିବଦ୍ଧ ରୂପେ "ପେନ୍‌ସନ୍ ଅଦାଲତ-2018" ଉଲ୍ଲେଖ କରି **30 ଅଗଷ୍ଟ 2018** ସୁଦ୍ଧା କିମ୍ବା ତା' ପୂର୍ବରୁ ଆବେଦନ କରିବା ଉଚିତ୍।

| କ୍ରମ ସଂ. | ମଣ୍ଡଳ/କାର୍ଯ୍ୟାଳୟ | କାହା ନିକଟରେ ଆବେଦନ କରାଯିବ |
|---|---|---|
| 1. | ଖୋର୍ଦ୍ଧା ରୋଡ୍ | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସା/ପୋଷ୍ଟ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-752050 ଇମେଲ୍ ଠିକଣା- srdpo@kur.railnet.gov.in, dpoofficekur@gmail.com, ଫ୍ୟାକ୍ସ ନଂ.: 0674-2491198 |
| 2. | ୱାଲ୍ଟିୟର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦୋଣ୍ଡାପାରଥୀ, ବିଶାଖାପାଟଣା, ଅନ୍ଧ୍ରପ୍ରଦେଶ-530016 ଇମେଲ୍ ଠିକଣା- srdpowat@rediffmail.com, ଫ୍ୟାକ୍ସ ନଂ.: 0891-2549992 |
| 3. | ସମ୍ବଲପୁର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ପୋଷ୍ଟ: ମୋଦିପଡ଼ା, ସମ୍ବଲପୁର, ଓଡ଼ିଶା-768002 ଇମେଲ୍ ଠିକଣା- dpo_sbp@sbp.railnet.gov.in, dposbp06@gmail.com, ଫ୍ୟାକ୍ସ ନଂ.: 0663-2402501 |
| 4. | ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର | କାରଖାନା କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବେନଶ୍ୱର-751017 ଇମେଲ୍ ଠିକଣା- cwmmcsw@gmail.com, wpomcs@gmail.com, ଫ୍ୟାକ୍ସ ନଂ.: 0674-2748702 |
| 5. | ନିର୍ମାଣ ସଂଗଠନ | ଉପ ମୁଖ୍ୟ କାର୍ମିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭବନେଶ୍ୱର-751023 ଇମେଲ୍ ଠିକଣା- spoconbbs.ecor@gmail.com, ଫ୍ୟାକ୍ସ ନଂ.: 0674-2300437 |
| 6. | ମୁଖ୍ୟାଳୟ/ ଭୁବନେଶ୍ୱର | ଉପ ମୁଖ୍ୟ କାର୍ମିକ ଅଧିକାରୀ (IR&W), ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହାଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା- dycpoirecor@gmail.com, ଫ୍ୟାକ୍ସ ନଂ.: 0674-2300031 |

ସେହିମାନଙ୍କୁ ଅନୁରୋଧ କରାଯାଉଅଛି, ଯେଉଁମାନଙ୍କର ବହୁ ଦିନ ଧରି କୌଣସି ପଡ଼ି ରହିଥିବା ପେନ୍‌ସନ୍/ସେଟଲମେଣ୍ଟ ପାଉଣା (**Settlement dues**)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ କୌଣସି ଦେୟ କ୍ଷେତ୍ରରେ ସେମାନେ ସେହି ସଂପୃକ୍ତ କାର୍ମିକ ଅଧିକାରୀମାନଙ୍କ ନିକଟକୁ ସେମାନଙ୍କ ଅଭିଯୋଗଗୁଡ଼ିକୁ ପଠାନ୍ତୁ, ଯାହାଙ୍କ ଅଧିନରେ ସେମାନେ ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିଥିଲେ।

**ପେନ୍‌ସନ୍ ଅଦାଲତ - 2018 ନିମନ୍ତେ ଅବେଦନ ପ୍ରୋଫର୍ମା**

1. ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ନାମ:
2. ପିତା/ସ୍ୱାମୀଙ୍କ ନାମ:
3. ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଷ୍ଟେସନ ଏବଂ କାର୍ଯ୍ୟାଳୟ:
4. ଅନ୍ତିମ ପର୍ଯ୍ୟାୟରେ ଅବସ୍ଥାପିତ ପଦବୀର ନାମ ଏବଂ ଗ୍ରେଡ୍ ପେ:
5. ଅବସର/ମୃତ୍ୟୁ/ସ୍ୱେଚ୍ଛାକୃତ ଅବସର/ଟେକ୍‌ନିକାଲ୍ ତ୍ୟାଗପତ୍ର ତାରିଖ:
6. ପି.ପି.ଓ (P.P.O.) ସଂଖ୍ୟା କିମ୍ବା ପେନ୍‌ସନ୍ ମଞ୍ଜୁରୀ ନ ହେବା ସ୍ଥଳେ ପି.ଏଫ୍. (P.F) ଆକାଉଣ୍ଟ ନମ୍ବର, ଷ୍ଟାଫ/ଟିକେଟ ନମ୍ବର:
7. ଅଭିଯୋଗ (ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା ଆବଶ୍ୟକ)। ଯଦି ଏ ସମ୍ବନ୍ଧରେ ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ ଥାଏ, ତେବେ ତାହା ଉଲ୍ଲେଖ କରନ୍ତୁ:
8. ଆବେଦନକାରୀଙ୍କ ନାମ, ଠିକଣା ଏବଂ ଟେଲିଫୋନ୍ ନମ୍ବର:
9. ଆବେଦନକାରୀଙ୍କ ସ୍ୱାକ୍ଷର:

ଦ୍ରଷ୍ଟବ୍ୟ: ଅନୁକମ୍ପାମୂଳକ ନିଯୁକ୍ତି, ରେଳୱେ କ୍ୱାର୍ଟର ଧାରଣ, ଦଣ୍ଡନୀୟ/କ୍ଷତିପୂର୍ତ୍ତି ଭଡ଼ା ଆଦାୟ, ଓଟି (OT), ଟିଏ (TA) ଇତ୍ୟାଦି ଭଳି ମାମଲାଗୁଡ଼ିକ ପେନ୍‌ସନ୍ ଅଦାଲତ ପରିସରଭୁକ୍ତ ହେବ ନାହିଁ।

PR-322/J/18-19 — ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

See Career Appointment on every Wednesday & Saturday

### INSTITUTE OF RAIL TRANSPORT

Room No.104, North Central Railway Project Unit, Shivaji Bridge, Behind Shankar Market, Near I.R.W.O. Office, New Delhi - 110001.
Ph. Nos.: 01123416832/23416833
E-mail: irtindia3@gmail.com,
Website: www.irt-india.com, www.irt.indianrailways.gov.in

Apply Online Also

The Institute of Rail Transport (IRT) invites fresh application for the following one year diploma courses by correspondence.

**1. MULTI-MODAL TRANSPORT (CONTAINERISATION) & LOGISTICS MANAGEMENT**

**2. RAIL TRANSPORT AND MANAGEMENT**

**Course Fee: ₹ 7,000/- for each course (Including Study Material & Contact Classes).**

**ELIGIBILITY :** Graduate or Three Years Diploma in any Discipline from any recognized University/Institute/State Govt. with relaxation to Central/State Govt. employees/Armed Service Personnel (Serving & Retired), these candidates should have completed Sr. Sec. School with three year working experience.

**EXAMINATION CENTRES:** Delhi, Mumbai, Kolkata, Chennai, Secunderabad, Lucknow, Guwahati and Bhubaneswar. (Subject to sufficient number of students appearing in any centre).

Refer prospectus for details, on **payment of ₹ 200/-** including postal charges by Demand Draft in favour of **Institute of Rail Transport,** payable at **New Delhi**. Write full name and address in capital on the reverse of the draft and the name of the course.

Prospectus also available by cash payment of ₹150/- at the following counters & apart from above counter also:

1. **IRT Library and Study Centre, Dy. C. Engg./Bridge Line Office, Near Tilak Bridge Railway Station and Railway Police Post, Mahawat Khan Road, New Delhi-110002, Ph. : 011-23214362**
2. **IRT office C/o General Manager Office, Rail Sadan, South Block, Chandrashekharpur, Bhubaneswar, Odisha-17**

Prospectus and admission is also available on online at **www.irt.indianrailways.gov.in**. The course fee for online Admission is **₹ 6500/-.**

The last date for receipt of Application is **28th September, 2018**

**The Institute will remain closed on Saturdays, Sundays & Gazetted Holidays.**

**The Institute has applied for Affiliation with National Rail & Transportation Institute (NRTI), Deemed to be University.**


## ମୌସୁମୀର ବୃଷ୍ଟିପାତ
### ନିଜ ସାଙ୍ଗରେ ଆଣିଥାଏ, ରୋଗ ସହସ୍ରାଧିକ...

ବର୍ଷାଋତୁରେ କୀଟାଣୁ, ବ୍ୟାକ୍ଟେରିଆ, ଭାଇରସ୍ ବଢ଼ିଯାଇଥାନ୍ତି। ଦୁର୍ବଳ ଇମ୍ୟୁନ୍ ସିଷ୍ଟମ୍ ସେଗୁଡ଼ିକୁ ପ୍ରତିରୋଧ କରିପାରେ ନାହିଁ, ତେଣୁ ବର୍ଷାଋତୁରେ ଅନେକ ରୋଗ ହୋଇଥାଏ । ନିଜର ରୋଗ ପ୍ରତିରୋଧକ ଶକ୍ତି (Immunity) ସୁଦୃଢ଼ ରଖନ୍ତୁ ଓ ସହସ୍ରାଧିକ ରୋଗରୁ ସୁରକ୍ଷିତ ରୁହନ୍ତୁ।




ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ

JOLLY
**ତୁଳସୀ 51 ଡ୍ରପ୍‌ସ**
ଏକ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
 କେବଳ 5 ବୁନ୍ଦା ଦୈନିକ ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...



ବାସ୍ତବିକ ଅନୁଭବ: ମୁଁ ରାଜ ଗୋସ୍ୱାମୀ, 30 ବର୍ଷ, ଯୋଧପୁର (ରାଜସ୍ଥାନ)ର ବାସିନ୍ଦା। ମୋ ଦୋକାନ ମେନ୍ ରୋଡ୍ ଉପରେ ଅଛି। ପ୍ରଦୂଷଣ ଓ ଧୂଳି ମାଟି କାରଣରୁ ଆଲର୍ଜିରୁ କାଶ, ଥଣ୍ଡା ରହିବାକୁ ଲାଗିଲା, ଅନେକ ଔଷଧ ଖାଇଲି କିନ୍ତୁ କିଛି ପ୍ରଭାବ ପଡ଼ିଲା ନାହିଁ। ବିଗତ ଏକମାସ ଧରି ଜୋଲି ତୁଳସୀ 51 ଡ୍ରପ୍‌ସ ପ୍ରୟୋଗ କରୁଛି ଏବଂ ମୋତେ ପ୍ରଥମ ଦିନରୁ ହିଁ ସକାରାତ୍ମକ ପରିଣାମ ମିଳିଲା । ଏବେ କାଶ, ଥଣ୍ଡା, ଆଲର୍ଜି ଉପରେ ପୂରାପୂରି କଣ୍ଟ୍ରୋଲ ରହିପାରୁଛି ।

"ଜୋଲି ତୁଳସୀ 51 ଡ୍ରପ୍‌ସ"ର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକା ସଦୃଶ ନାମରେ ଅନେକ କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ଉପଲବ୍ଧ ହେଉଛି, କିଣିବା ସମୟରେ 'ତୁଳସୀ' ନୁହେଁ ଅସଲି "ଜୋଲି ତୁଳସୀ 51 ଡ୍ରପ୍‌ସ" ହିଁ ମାଗନ୍ତୁ। **Helpline» 0161-520-1588**

ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ | **Buy Online @ www.jollytulsi51.com**

ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ।
-ଶ୍ରୀମା

# ଦୁଇ ଅମର ଆତ୍ମା

ଆକାର ପଟେଲ

ନିକଟରେ ଦୁଇ ପ୍ରସିଦ୍ଧ ବ୍ୟକ୍ତିଙ୍କର ପରଲୋକ ଘଟିଛି ଏବଂ ସେମାନଙ୍କ ବିଷୟରେ ଅନେକ କଥା ଲେଖାଗଲାଣି। କେହି ବ୍ୟକ୍ତି ସ୍ୱର୍ଗାରୋହଣ କଲେ ତାଙ୍କର କେବଳ ଭଲ ଗୁଣଗୁଡ଼ିକ ହିଁ ଆଲୋଚନା କରିବା ଆମ ଦେଶର ପରମ୍ପରା। କିନ୍ତୁ ବାସ୍ତବରେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ନୁହନ୍ତି। ଏ ଦିଗରେ ଆମେ ସଙ୍ଗୋଟତା ଅବଲମ୍ବନ କରିବା ଆବଶ୍ୟକ। ସେହି ଦୃଷ୍ଟିରୁ ପ୍ରୟାତ ଦୁଇ ବ୍ୟକ୍ତିତ୍ୱଙ୍କ କେତେକ ଦିଗ ଉପରେ କିଞ୍ଚିତ୍ ଆଲୋଚନା କରିବା ସମୀଚୀନ ମନେକରେ। ପ୍ରଥମେ ଭି.ଏସ୍. ନୈପଲଙ୍କ ବିଷୟରେ ଆଲୋଚନା କରିବା। ଗତ ୧୧ ତାରଖରେ ୮୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ତାଙ୍କର ପ୍ରଥମ ନାମ ହେଉଛି ବିଦ୍ୟାଧର ଏବଂ ସେ ତ୍ରିନିଦାଦରୁ ଆସିଥିଲେ। ଉକ୍ତ ସ୍ଥାନ ସହ ଭାରତୀୟମାନେ ପରିଚିତ କାରଣ ଏହା ସୁନୀଲ ନାରିଏନ ଓ ଦିନେଶ ରାମଦିନଙ୍କ ପରି ଭାରତୀୟ ବଂଶୋଦ୍ଭବ କ୍ରିକେଟରଙ୍କ ଜନ୍ମସ୍ଥାନ। ଏମାନଙ୍କ ପୂର୍ବପୁରୁଷ ବିହାରର ବାସିନ୍ଦା ଥିଲେ। ପ୍ରାୟ ଦେଢ଼ ଶହ ବର୍ଷ ତଳେ ସେମାନେ ଦାଦନ ଶ୍ରମିକ ଭାବେ ଆଖୁକ୍ଷେତରେ କାମ କରିବା ପାଇଁ ୱେଷ୍ଟଇଣ୍ଡିଜ୍ ଚାଲିଯାଇଥିଲେ। ଚୁକ୍ତି ଅବଧି ସରିଯିବା ପରେ ଘରକୁ ଫେରିବା ପାଇଁ ଆବଶ୍ୟକ ଟଙ୍କା ଅଭାବରୁ ସେମାନେ ଆଉ ଫେରିପାରି ନ ଥିଲେ। ସେଠାରେ ରହି ସେମାନେ ନିଜସ୍ୱ ଇଣ୍ଡୋ-କାରିବିୟାନ୍ ସଂସ୍କୃତିର ବିକାଶ ଘଟାଇଥିଲେ। ନୈପଲ ସ୍ପାନିଶ୍ ଓ ଇଂଲିଶ୍ ଜାଣିଥିଲେ କିନ୍ତୁ କୌଣସି ଭାରତୀୟ ଭାଷା ଜାଣି ନ ଥିଲେ।

ସେ ମେଧାବୃତ୍ତି ପାଇ ଅକ୍ସଫୋର୍ଡରେ ପଢ଼ିବା ପରେ ବିବିସିରେ ଲଣ୍ଡନରେ କାମ କରୁଥିଲେ। ୨୦ରୁ ୩୦ ବର୍ଷ ବୟସ ଭିତରେ ସେ ଉପନ୍ୟାସ ଓ ଭ୍ରମଣ ପୁସ୍ତକ ଲେଖିବାକୁ ଆରମ୍ଭ କରିଥିଲେ। ଏଗୁଡ଼ିକରେ ସେ ବିଭିନ୍ନ ସଂସ୍କୃତି, ସେଥିରେ ଥିବା ପାର୍ଥକ୍ୟ ଓ ଦୋଷତ୍ରୁଟି ବିଷୟରେ ଲେଖିଛନ୍ତି। ତାଙ୍କର ପର୍ଯ୍ୟବେକ୍ଷଣର ଅସମ୍ଭବ କ୍ଷମତା ଥିଲା। ଏହିପରି ପର୍ଯ୍ୟବେକ୍ଷଣ କ୍ଷମତା ଭାରତୀୟଙ୍କର ନାହିଁ ବୋଲି ସେ ମତ ଦେଇଥିଲେ। ଯେଉଁ ଭାରତୀୟମାନେ ବିଦେଶ ଯାଉଛନ୍ତି, ସେମାନେ ସେଠାକାର ସଂସ୍କୃତି ଓ ନିଜ ସଂସ୍କୃତି ମଧ୍ୟରେ ଥିବା ପ୍ରଭେଦ ବାରିପାରୁ ନାହାନ୍ତି। ଅନେକ ଦୃଷ୍ଟିରୁ ସେମାନେ ବିଶ୍ୱ ବିଷୟରେ ଅଜ୍ଞ। ୧୯୬୦ରେ ସେ ଯେତେବେଳେ ଭାରତ ଆସିଲେ, ବୁଝିପାରିଲେ ନାହିଁ ଏହା ଏତେ ଅପରିଚ୍ଛନ୍ନ କାହିଁକି। ଭାରତ ସମ୍ବନ୍ଧରେ ତାଙ୍କର ପ୍ରଥମ ପୁସ୍ତକ 'An Area of Darkness' (ଅନ୍ଧାରି ମୁଲକ)ରେ ସେ ଭାରତରେ ଅଧିକାଂଶ ଜିନିଷ କେମିତି ଖରାପ ସେ ବିଷୟରେ ସେ ଲେଖିଛନ୍ତି। ଭାରତରେ ସେ ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, କାରଣ ତାଙ୍କର ମାଆବାପା ଓ ସମ୍ପର୍କୀୟମାନେ ତାଙ୍କ ମନରେ ଏମିତି ଧାରଣା ଦେଇଥିଲେ, ଯେମିତି କି ଭାରତ ଏକ ସ୍ୱପ୍ନପୁରୀ।

ନୈପଲଙ୍କ ବହି ପଢ଼ିଥିବା କୌଣସି ଭାରତୀୟଙ୍କ ନଜରରେ ସେ ମହାନ୍ ହୋଇ ରହିଲେ ନାହିଁ। ଅବଶ୍ୟ ବେଶି ଲୋକ ତାଙ୍କ ବହି ପଢ଼ି ନ ଥିଲେ। ସେମାନେ ଗଣମାଧ୍ୟମରୁ ତାଙ୍କ ବିଷୟରେ ଓ ତାଙ୍କ ବହି ସମ୍ବନ୍ଧରେ ଯାହା ଜାଣିଥିଲେ। ଭାରତୀୟଙ୍କ ବିରୋଧରେ ନୈପଲଙ୍କ ଆଉ ଏକ ଅଭିଯୋଗ ଯେ ସେମାନେ କିଛି ପଢ଼ନ୍ତି ନାହିଁ। ଗାନ୍ଧୀ ଓ ନେହେରୁଙ୍କ ଆତ୍ମଜୀବନୀ ବି ଅଧିକାଂଶ ଭାରତୀୟ ପଢ଼ିନାହାନ୍ତି ବୋଲି ସେ ଦାବି କରନ୍ତି। ବମ୍ବେର କବି ନସ୍ସିମ ଏଜ୍‌କିଏଲ ନୈପଲଙ୍କ ଭାରତବିରୋଧୀ ବହି ପଢ଼ିବା ପରେ ତା'ର ପ୍ରତିକ୍ରିୟାରେ ଲେଖିଲେ 'Naipaul's India And Mine' (ନୈପଲଙ୍କ ଭାରତ ଓ ମୋ ଭାରତ)। ତଥାପି ନୈପଲ ତାଙ୍କର ଭାରତବିରୋଧୀ ଚିନ୍ତାଧାରା ଛାଡ଼ିଲେ ନାହିଁ। ସେ ଏହି ଉପସଂହାରରେ ପହଞ୍ଚିଲେ ଯେ ଶହ ଶହ ବର୍ଷ ଧରି ମୁସଲମାନ ଶାସନାଧୀନ ହୋଇ ହିନ୍ଦୁମାନେ ଦୁର୍ବଳ, ମୂର୍ଖ ଓ ପର୍ଯ୍ୟବେକ୍ଷଣକ୍ଷମତାହୀନ ହୋଇଯାଇଛନ୍ତି। ବାବ୍ରି ମସ୍‌ଜିଦ ବିରୋଧୀ ଆନ୍ଦୋଳନକୁ ସେ ହିନ୍ଦୁମାନଙ୍କ ଉତ୍ଥାନର ସଙ୍କେତ ବୋଲି କହିଥିଲେ। ଏହା କହିବା ସତ୍ତ୍ୱେ ଭାରତରେ ତାଙ୍କୁ ବହୁଲୋକ ଘୃଣା କରନ୍ତି। ଅବଶ୍ୟ ଭାରତ ସମ୍ବନ୍ଧରେ ନୈପଲ ଯାହାସବୁ କହିଛନ୍ତି, ତାହା ସପକ୍ଷରେ ତାଙ୍କ ପାଖରେ କୌଣସି ପ୍ରମାଣ ନାହିଁ, ସେ କେବଳ ଯାହା ଅନୁଭବ କରିଛନ୍ତି ତାହା ଲେଖିଛନ୍ତି।

ଏବେ ଆମେ ଆସିବା ଅନ୍ୟତମ ବିଖ୍ୟାତ ବ୍ୟକ୍ତି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପାଖକୁ, ଯିଏ ନିକଟରେ ଆମକୁ ଛାଡ଼ି ଚାଲିଯାଇଛନ୍ତି। ସମସ୍ତେ ଜାଣନ୍ତି ସେ ଜଣେ ଭଦ୍ରଲୋକ, ତାଙ୍କ ଦଳର ଅନ୍ୟ ସମସ୍ତଙ୍କଠାରୁ ଅଲଗା। ସବୁ ଦଳର ଲୋକ ବାଜପେୟୀଙ୍କ ପ୍ରଶଂସା କରନ୍ତି। ସଂଖ୍ୟାଲଘୁଙ୍କୁ ଟାର୍ଗେଟ୍ କରୁଥିବା ସଂସ୍କାର ଓ ରାଜନୀତିକ ପୃଷ୍ଠଭୂମିରୁ ଆସିଥିଲେ ବି ତାଙ୍କୁ ଜଣେ ଉଦାରବାଦୀ ବୋଲି ବିଶ୍ୱାସ କରାଯାଏ। ତାଙ୍କ ସମୟରେ ଜମ୍ମୁ-କଶ୍ମୀରରୁ ସ୍ୱୟଂଶାସନ ବ୍ୟବସ୍ଥା ଉଠାଇଦେବା ପ୍ରଭୃତି ତିନୋଟି ମୁଖ୍ୟ ରାଜନୈତିକ ପ୍ରସଙ୍ଗ ଉଠିଥିଲା। ସେ ଏସବୁ ପ୍ରସଙ୍ଗ ଆଗକୁ ଆଣିବା ସହ ଏଲ୍.କେ. ଆଡ୍‌ଭାନୀଙ୍କ ସହଯୋଗରେ ଭାରତୀୟ ରାଜନୀତିରେ ଏକ ଶକ୍ତିଶାଳୀ ଧର୍ମଭିତ୍ତିକ ମନୋଭାବ ଭର୍ତ୍ତି କରିପାରିଥିଲେ। ବାଜପେୟୀ ଓ ଆଡ୍‌ଭାନୀଙ୍କ ଏଭଳି କାର୍ଯ୍ୟ ଦ୍ୱାରା ଭାଜପା ଅନ୍ୟତମ ମୁଖ୍ୟ ରାଜନୈତିକ ଦଳର ମାନ୍ୟତା ପାଇପାରିଥିଲା।

ବାଜପେୟୀ ହିନ୍ଦୁତ୍ୱରେ ଗଭୀରଭାବେ ବିଶ୍ୱାସ କରୁଥିଲେ କିନ୍ତୁ ସେ ହିଂସାକୁ ପସନ୍ଦ କରୁ ନ ଥିଲେ। ସେଥିପାଇଁ ଏନ୍‌ଡିଏର ପ୍ରଥମ ପାଳି ସରକାରରେ ଗୋରକ୍ଷକ ହିଂସା ଦେଖାଯାଇ ନ ଥିଲା। ବାଜପେୟୀଙ୍କ ଏହି ଉଦାରବାଦୀ ଚିନ୍ତାଧାରା ଯୋଗୁ ଜର୍ଜ ଫର୍ଣ୍ଣାଣ୍ଡିଜ୍ ଓ ମମତା ବାନାର୍ଜୀଙ୍କ ପରି ନେତା ତାଙ୍କ ସରକାରରେ ଯୋଗ ଦେଇଥିଲେ। ଗୋଧ୍ରା ହିଂସାକାଣ୍ଡ ପରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କୁ ବିତାଡ଼ିତ କରିବାକୁ ଚାହିଁଥିଲେ, ଯାହା ଆର୍‌ଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତାମାନେ କରାଇଦେଇ ନ ଥିଲେ।

Email: aakar.patel@gmail.com

# ପ୍ରଚାର ବିମୁଖ ସେବା

ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

ନିଜକୁ ଜଣାଇବା ପାଇଁ ଏଠାରେ ଅସମ୍ଭବ ଭିଡ଼। ଜଣେ ଅନ୍ୟ ଜଣଙ୍କୁ ପଛରେ ପକାଇ ଆଗକୁ ମାଡ଼ିଯିବା ପାଇଁ ଯେଉଁ ପାଗଳ ପ୍ରତିଯୋଗିତା ଚାଲିଛି, ତାହା ଦେଖିଲେ ମନେହେବ ଯେ ଏହା ବାହାରେ ନିଜକୁ ଅଜଣା ରଖୁଥିବା କେହି ଲୋକ ନ ଥିବେ। ଶଠତା, ପ୍ରବଞ୍ଚନା ଆଦି ଯାବତୀୟ ଅନାଚାରରେ ନିରନ୍ତର ଘାଣ୍ଟି ହେଉଥିବା ଆମ ସାଂସ୍କୃତିକ ସମାଜ ଅଧୁନା ଯେଉଁ ନୂଆ ବ୍ୟାଧିରେ ସଂକ୍ରମିତ ହୋଇଛି, ତାହା ହେଲା ଆତ୍ମପ୍ରଚାର। ନେତାଙ୍କଠୁ ପ୍ରଶାସକଙ୍କ ଯାଏ କଳାକାରଙ୍କଠୁ ସାହିତ୍ୟିକଙ୍କ ପର୍ଯ୍ୟନ୍ତ ସଭିଏଁ ନିଜ ନିଜକୁ ବିଦିତ କରିବାକୁ ତତ୍ପର। ନିଜ ଆଦର୍ଶ ଓ ଆଚରଣ ମଧ୍ୟରେ ଯେତେ ପ୍ରଭେଦ ଥାଉ ପଛେ ନିଜ ଦର୍ପଣରେ ନିଜ ମୁହଁଟି ଯେତେ ଅସୁନ୍ଦର ଦିଶୁଥାଉ ପଛେ, ଗଣଦର୍ପଣରେ ନିଜର ଏକ ସୁନ୍ଦର ପ୍ରତିଫଳନ ପାଇଁ ସମସ୍ତେ ବ୍ୟଗ୍ର। ତଥାପି ଏହି ପ୍ରଚାର ସର୍ବସ୍ୱ ସଂସାରରେ କାଁ ଭାଁ କେଇଜଣ ଆତଯାତ ହୁଅନ୍ତି, ଯେଉଁମାନେ ଅତ୍ୟନ୍ତ ଅପ୍ରଚାରିତ ଓ ଅପ୍ରକଟିତ ଭାବେ ଏମିତି କିଛି କରନ୍ତି, ଯାହାର ପଟାନ୍ତର ନ ଥାଏ।

ବୟସ ତାଙ୍କର ସତୁରିରୁ ଅଧିକ ହେଲାଣି। ନିପଟ ମଫସଲର ବାସିନ୍ଦା। ଶିକ୍ଷା ବୋଇଲେ ଶ୍ରୀଅକ୍ଷର ବିବର୍ଜିତ। ମଧୁ ଅଜା ନାମରେ ବିଦିତ ଏହି ବୃଦ୍ଧଙ୍କ ପାଇଁ ବୃକ୍ଷରୋପଣ ଏକ ଜୀବନକାଳର ସାଧନା। ସକାଳୁ ଉଠି ହାତରେ କୋଦାଳଟିଏ ଧରି ୟା ବାଡି ତା' ବଗିଚାରେ ପଶି ବିଭିନ୍ନ କିସମର ଚାରାଗଛ ସଂଗ୍ରହ କରି ନିଜ ଗାଁକୁ ସଂଯୋଗ କରୁଥିବା ସଡକ ଧାରରେ ରୋପଣ କରନ୍ତି। କେବଳ ଗଛ ଲଗାଇବାରେ ତାଙ୍କ କାର୍ଯ୍ୟ ସରିଯାଏନାହିଁ। ଗାଈଗୋରୁଙ୍କ ମୁହଁରୁ ତାକୁ ରକ୍ଷା କରିବା ପାଇଁ ସେ ତା' ଚାରିପଟେ ବାଡ ଦିଅନ୍ତି ଓ ଗଛଟି ଚେର ଭିଡିବା ଯାଏ ତା' ମୂଳରେ ପାଣି ଦେଇଚାଲନ୍ତି। ସାମାଜିକ ବନୀକରଣ ସଂସ୍ଥା ଦ୍ୱାରା ପରିଚାଳିତ ନର୍ସରୀରୁ ଚାରା ସଂଗ୍ରହ କରି ମଧୁ ଅଜା କେବଳ ନିଜ ଗାଁ ସଡକ ନୁହେଁ ଆଖପାଖ କେଇଖଣ୍ଡ ଗାଁର ସଡକ ଧାରରେ ଏମିତି କେତେ ଗଛ ଠିଆ କରାଇ ସାରିଲେଣି। ତାହାର ହିସାବ ସେ ନିଜେ ମଧ୍ୟ ରଖିନାହାନ୍ତି।

ବଡ ବିଚିତ୍ର ଏହି ମହାନ୍ ବୃଦ୍ଧଙ୍କର ଜୀବନ ତପସ୍ୟା। ଏକ ବୃକ୍ଷବିହୀନ ପୃଥିବୀର ସମ୍ଭାବ୍ୟ ବିଭୀଷିକା ସମ୍ପର୍କରେ ସେ ଜାଣିଥିବେ ବୋଲି ବିଶ୍ୱାସ ହୁଏନା। ଏ ସମ୍ପର୍କରେ ପ୍ରଚୁର ବିଜ୍ଞତା ହାସଲ କରିଥିବା ଆମ ଭଳି ସଭ୍ୟ, ଶିକ୍ଷିତ, ଆଧୁନିକ ଲୋକମାନେ ସହରର ଡ୍ରଇଂରୁମ୍‌ରେ ବସି ଖବରକାଗଜ ପଢୁଥିଲା ବେଳେ ଏକ ଭୟଙ୍କର ଭବିଷ୍ୟତକୁ ଆଖି ଆଗରେ ଦେଖି ଭୟରେ ଶିହରି ଉଠୁ। ସ୍କୁଲ କଲେଜମାନଙ୍କରେ ବୃକ୍ଷରୋପଣର ବର୍ଣ୍ଣାଢ୍ୟ ସମାରୋହରେ ବକ୍ତୃତା ଦେଇ ଶ୍ରୋତୃମଣ୍ଡଳୀକୁ ଚମକାଇ ଦେଉ। ଭାଷଣପର୍ବ ପରେ ନିଜ ଶ୍ରୀହସ୍ତରେ ଚାରାଟିଏ ରୋପଣ କଲାବେଳେ କ୍ୟାମେରା ଆଡକୁ ଚାହିଁ ମୁହଁରେ ମୃଦୁ ହସ ଖେଳାଉ ଓ ପରେ ପରେ ଫେରିଆସୁ ନିଜ ଗାଡିର କଳାଧୂଆଁ ଛାଡି। ପୂର୍ବରୁ ଛିଡା ହୋଇଥିବା ଆଉ କେତୋଟି ବୃକ୍ଷର ବିନାଶ ନିଶ୍ଚିତ କରି। ପ୍ରତିବର୍ଷ ଏହି ବୃକ୍ଷରୋପଣ ଋତୁରେ ରୋପିତ ହେଉଥିବା ହଜାର ହଜାର ଚାରା ମଧ୍ୟରୁ ସପ୍ତାହେ ବା ଦୁଇ ସପ୍ତାହ ପରେ କେତୋଟି ବଞ୍ଚିଥାଏ, ତାହାର ହିସାବ ରଖିବାକୁ ଆମର ସମୟ କି ସ୍ପୃହା ନ ଥାଏ। ଅଥଚ ଶିକ୍ଷା, ସଭ୍ୟତା ଓ ଆଧୁନିକତାର ମୁକୁଟ ପିନ୍ଧି ବଡ ବୋଲାଉଥିବା ଆମ ଭଳି ସମ୍ଭ୍ରାନ୍ତମାନଙ୍କ ପ୍ରଚାର ସର୍ବସ୍ୱ ପରିଚୟ ଫିକା ପଡିଯାଏ ଏହି ଅସଭ୍ୟ, ଅଶିକ୍ଷିତ ଓ ପ୍ରଚାରବିମୁଖ ଗାଉଁଲି ବୃଦ୍ଧଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଆଗରେ।

ପ୍ରାୟ ଦଶମାସ ତଳୁ ବନ୍ଦ ହୋଇଯାଇଥିବା ଅମିତାଭ ବଚ୍ଚନଙ୍କ କୌନ ବନେଗା କରୋଡପତିର ଶେଷ ପର୍ଯ୍ୟାୟରେ ଗାୟତ୍ରୀ ନାମକ ଜଣେ ତରୁଣୀ ବଚ୍ଚନଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପ୍ରାୟ ପାଞ୍ଚଲକ୍ଷ ଟଙ୍କା ଜିତି ସାରିଲା ପରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା, 'ଏତେ ବିପୁଳ ପରିମାଣର ଅର୍ଥ ନେଇ ତୁମେ କ'ଣ କରିବ'? ଉତ୍ତରରେ ସେ ଯାହା କହିଥିଲେ, ତାହା ଭିତରେ ଲୁଚି ରହିଥିଲା ଉଜ୍ଜୟନୀ ନିକଟସ୍ଥ ଏକ ଛୋଟ ଗାଁରୁ ଆସିଥିବା ଗାୟତ୍ରୀଙ୍କ ବଡ କାମର ବିଶାଳ ଏକ ପରିଚୟ। ଝିଅମାନଙ୍କ ପାଠପଢାକୁ ବରଦାସ୍ତ କରାଯାଉ ନ ଥିବା ଗାଁରେ ଜନ୍ମ ହୋଇଥିଲେ ଗାୟତ୍ରୀ। ବଡ କଷ୍ଟରେ ମାଟ୍ରିକ ପାସ୍ କରିଥିଲେ। ତାଙ୍କ ଯୋଗ୍ୟତା ପାଇଁ ଯେତେବେଳେ ତାଙ୍କୁ ଶିକ୍ଷକତା କରିବାକୁ ସରକାରୀ ନିଯୁକ୍ତି ମିଳିଲା, ପରିବାର ସହିତ ଅନ୍ୟ ସଭିଙ୍କୁ ଚମକାଇ ଦେଇ ସେ ଚାକିରି କରିବାକୁ ନିଜ ଗାଁ ବାହାରକୁ ଯିବେ ନାହିଁ ବୋଲି ନିଷ୍ପତ୍ତି ନେଲେ। ତାଙ୍କ ଆଖି ପଡିଲା ନିଜ ଗାଁର ଝିଅପିଲାଙ୍କ ଉପରେ, ଯେଉଁମାନଙ୍କ ପାଇଁ ବିଦ୍ୟାଳୟ ଥିଲା ଅଲିଖିତ ବାରଣ। ସେମାନଙ୍କୁ ନିଜ ଉଦ୍ୟମରେ ସାକ୍ଷର କରିବାକୁ ସେ ଶପଥ ନେଲେ। ଗାଁର ରୁଢ଼ିବାଦୀ ମୁରବିମାନଙ୍କ ନିର୍ଦ୍ଦେଶ ବିରୋଧରେ ଯାଇ ସେ ସେମାନଙ୍କୁ ପାଠ ପଢାଇଲେ। ନିନ୍ଦା ଅପମାନର ସବୁଯାକ ବିଷ ପିଇ ନୀଳକଣ୍ଠ ସାଜିଲେ।

ଗତ ଛଅବର୍ଷ ହେଲା ଗାୟତ୍ରୀଙ୍କ ଘରଟି ଏକ ବିଦ୍ୟାଳୟରେ ପରିଣତ ହୋଇଛି। ବିଦ୍ୟାଳୟରେ ପାଦ ରଖିବାକୁ ସ୍ୱପ୍ନ ମଣୁଥିବା ଗାଁର ଝିଅମାନଙ୍କୁ ସେ ଅକ୍ଷର ଚିହ୍ନାନ୍ତି, ବହି ପଢି କାହାଣୀ ଶୁଣାନ୍ତି ଓ ସଂଖ୍ୟା ସହ ପରିଚିତ କରାନ୍ତି। ଅକ୍ଷର ଓ ସଂଖ୍ୟା ଘୋଷିବା ବେଳେ ଗାଁର ଶିଶୁକନ୍ୟାମାନଙ୍କ କୋଳାହଳରେ ତାଙ୍କ ଘରଟି ପ୍ରକମ୍ପିତ ହେଉଥାଏ।

ନିଜକୁ ଅଜଣା ରଖି ଅନ୍ୟମାନଙ୍କ ସେବାରେ ସମର୍ପିତ ରହୁଥିବା ଲୋକଙ୍କ ସଂଖ୍ୟା ପ୍ରାୟତଃ ବିରଳ। ଏମାନଙ୍କ ସାଧନା ଭିତରେ ଥାଏ କେବଳ ଅନ୍ୟମାନଙ୍କ ପାଇଁ ସୁଖ ସାଉଁଟିବାର ମୁଗ୍ଧ ଅନୁଭବ। ନିଜର ଏହି ସାଧନା ମଧ୍ୟରେ ଅନ୍ୟ ସମଭାବାପନ୍ନମାନଙ୍କୁ ସାମିଲ କରିବାର ଲକ୍ଷ୍ୟ ନେଇ ଆଜିକାଲି ବହୁ ସ୍ୱେଚ୍ଛାସେବୀ ସଂସ୍ଥା ଗଢି ଉଠିଥିଲେ ସୁଦ୍ଧା ପ୍ରଚାର ଓ ପ୍ରତିଷ୍ଠାର ପ୍ରଲୋଭନରୁ ଏମାନେ କେହି ମୁକ୍ତ ନୁହନ୍ତି। ମାତ୍ର ଏମିତି କେହି କେହି ଅଛନ୍ତି ଯେଉଁମାନଙ୍କ ବାମ ହାତର କାମ ଡାହାଣ ହାତ ଜାଣିପାରେନା। ଏ ସମ୍ପର୍କରେ ଏକ ମାର୍ମିକ କାହାଣୀ।

ରାସ୍ତାକଡର ବିଜୁଳିଖୁଣ୍ଟରେ ଲାଖିଥିବା ଖଣ୍ଡେ କାଗଜରେ ଲେଖାଥିଲା- ''ରାସ୍ତାରେ ଯାଉ ଯାଉ ଏଇଠି କେଉଁଠି ଶହେ ଟଙ୍କାର ନୋଟଟିଏ ହଜାଇ ଦେଇଛି। ମୁଁ ଜଣେ ଅଭାବୀ ଲୋକ। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି କୃପାକରି ଏ ଗଳିର ଶେଷ ମୁଣ୍ଡରେ ଥିବା ମୋ ଘରେ ଦେଇଦେଲେ ମୁଁ ଋଣୀ ରହିବି।'' ରାସ୍ତାରେ ଯାଉଥିବା ଜଣେ ଲୋକଙ୍କ ଦୃଷ୍ଟିରେ ନିବେଦନ ପତ୍ରଟି ପଡିଲା। ଏକ ବ୍ୟସ୍ତ ଚଲାପଥରେ ନୋଟଟି ତାଙ୍କୁ କାହୁଁ ବା ମିଳନ୍ତା। କ'ଣ ଭାବିଲେ କେଜାଣି ଉଲ୍ଲିଖିତ ସେଇ ଘରଟି ନିକଟରେ ପହଞ୍ଚି ଦୁଆର ଖଟ୍ ଖଟ୍ କଲେ। କବାଟ ଖୋଲିଲେ ଜଣେ ଅଶୀତିପର ବୃଦ୍ଧା, ଯାହାଙ୍କ ଚେହେରାରେ ବାର୍ଦ୍ଧକ୍ୟ ସହିତ ଦାରିଦ୍ର୍ୟର ଛାପ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଆଗନ୍ତୁକଙ୍କ ହାତରେ ଶହେ ଟଙ୍କାର ନୋଟଟିଏ ଦେଖି ସେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ। କହିଲେ ମୋର କିଛି ବି ଟଙ୍କା ହଜିନାହିଁ ପୁଅ। କେହି ଜଣେ ସେଇ ବିଜୁଳି ଖୁଣ୍ଟରେ କ'ଣ ଲେଖି କାଗଜଟିଏ ଲଟକାଇ ଦେଇଛି ଯେ ଆଜି ସକାଳୁ ଏ ଯାଏ ବାରଜଣ ଲୋକ ଆସି ମୋ ହଜି ନ ଥିବା ଟଙ୍କା ଫେରାଇ ଚାଲିଛନ୍ତି। ମୁଁ ଯେତେ ମନା କଲେ ବି ସେମାନେ ମାନୁନାହାନ୍ତି। ଆଉ ନୁହେଁ ବାବୁ। ଏତେ ଲୋକଙ୍କ କୃପାର ବୋଝ ମୁଁ ଆଉ ସମ୍ଭାଳି ପାରୁନାହିଁ। ଦୟାକରି ସେହି କାଗଜଟିକୁ ଖୁଣ୍ଟରୁ ହଟାଇ ଦିଅନ୍ତୁ।

ଭଦ୍ରବ୍ୟକ୍ତି ଫେରିଆସିଲେ। ଖୁଣ୍ଟରେ ଲଟକା ହୋଇଥିବା ସେଇ କାଗଜ ଖଣ୍ଡକର କର୍ତ୍ତାଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ମୁଣ୍ଡ ନଇଁ ଆସିଲା। ଅସହାୟା ବୃଦ୍ଧାଙ୍କୁ ସହାୟତା ଦେବା ପାଇଁ ଏପରି ଅଭିନବ ପ୍ରଚେଷ୍ଟା କରିଥିବା ବ୍ୟକ୍ତି ଜଣକ ହୁଅନ୍ତୁ ବା ଫଳ ଖାଇବାର ଆଶା ନ ରଖି ଗଛ ଲଗାଇ ଚାଲିଥିବା ମଧୁଅଜା ହୁଅନ୍ତୁ ଅବା ହୁଅନ୍ତୁ ନିଜ ଗାଁର ଝିଅଙ୍କୁ ସାକ୍ଷର କରିବାକୁ ଶିକ୍ଷୟିତ୍ରୀ ଚାକିରି ଛାଡିଥିବା ମଧ୍ୟପ୍ରଦେଶର ଗାୟତ୍ରୀ, ସବୁରି ଅଲକ୍ଷ୍ୟରେ ଏଇଭଳି କେଇଜଣ ଏ ସଂସାରରେ ଆତଯାତ ହେଉଛନ୍ତି ବୋଲି ତ ଏ ସଂସାର ଏତେ ସୁନ୍ଦର ଲାଗୁଛି।

ମୋ-୮୮୯୫୬୨୪୧୦୫

# ଅଧିନାୟକରୁ ଶାସନକର୍ତ୍ତା

ବ୍ୟକ୍ତିତ୍ୱ


ଇମ୍ରାନ୍ ଖାନ୍

ପାକିସ୍ତାନ କ୍ରିକେଟର ଏକଦା କ୍ୟାପ୍‌ଟେନ ରହି ବିଶ୍ୱରେ ଚହଳ ପକାଇଥିବା ଇମ୍ରାନ୍ ଖାନ୍ ୨୦୧୮ ଅଗଷ୍ଟ ୧୮ରେ ସେହି ଦେଶର ଶାସନ ଭାର ଗ୍ରହଣ କରିଛନ୍ତି। ଆତଙ୍କବାଦ, ଦୁର୍ନୀତି, ଦାରିଦ୍ର୍ୟ ଭଳି ନକାରାତ୍ମକ ଶବ୍ଦକୁ ହଟାଇବା ପାଇଁ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଏହି ନେତା ପାକିସ୍ତାନ ରାଜନୀତିରେ ଦ୍ୱିତୀୟ ଇନିଂସ୍ ଖେଳିବା ଆରମ୍ଭ କରିଛନ୍ତି। କ୍ରିକେଟରେ ସର୍ବାଧିକ ସଫଳତା ପାଇଥିବା ଏହି ରାଜନେତା ବାସ୍ତବ କ୍ଷମତା ରାଜନୀତିରେ ପ୍ରବେଶ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ଆସିଛି।

ଇମ୍ରାନ୍ ପାକିସ୍ତାନର ଲାହୋରଠାରେ ୧୯୫୨ ଅକ୍ଟୋବର ୫ରେ ଇକ୍ରାମୁଲ୍ଲା ଖାନ୍ ନିଆଜି ଓ ସୌକତ୍ ଖାନୁମ୍‌ଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ପିତା ପସ୍ତୁନ୍ (ପଠାନ୍)ର ନିଆଜି ସମ୍ପ୍ରଦାୟର ଜଣେ ମୁଖିଆ ଥିଲେ। ତାଙ୍କୁ ପଦଚ୍ୟୁତ କରାଯିବା ପରେ ପରିବାର ସହ ଇକ୍ରାମୁଲ୍ଲା ଲାହୋର ପଳାଇ ଆସିଥିଲେ। ଏହା ସତ୍ତ୍ୱେ ଇମ୍ରାନ୍ ନିଜକୁ ଆତ୍ମଜୀବନୀରେ ପଠାନ୍ ଭାବେ ଚିତ୍ରିତ କରିଛନ୍ତି। ଲାହୋରସ୍ଥିତ ଏଚିସନ୍ କଲେଜରୁ ପାଠ ପଢ଼ିବା ପରେ ଇଂଲଣ୍ଡର ରୟାଲ ଗ୍ରାମାର ସ୍କୁଲ ୱର୍ସେଷ୍ଟରରେ ନାମ ଲେଖାଇଥିଲେ। ଅକ୍ସଫୋର୍ଡର କେବ୍‌ଲେ କଲେଜରୁ ୧୯୭୫ରେ ଦର୍ଶନଶାସ୍ତ୍ର, ରାଜନୀତି ଏବଂ ଅର୍ଥନୀତିରେ ଡିଗ୍ରୀ ଅର୍ଜନ କରିଥିଲେ। ତେବେ ଇମ୍ରାନ୍‌ଙ୍କ ଯୁବାବସ୍ଥା ଅତି ରଙ୍ଗିନ୍ ଥିବା ନେଇ ସର୍ବଦା ଚର୍ଚ୍ଚା ହୋଇଥାଏ। ବହୁ ଯୁବତୀଙ୍କ ସହ ସମ୍ପର୍କ ତାଙ୍କୁ 'ପ୍ଲେବୟ'ର ଆଖ୍ୟା ଦେଇଥିଲା। ଭାରତର ଜିନତ୍ ଅମନ୍, ଇମ୍ମା ସର୍ଜେଣ୍ଟ, ସୀତା ହ୍ୱାଇଟ, ଗୋଲ୍‌ଡି ହନ୍, ମେରି ହେଲ୍‌ଭିନ୍‌ଙ୍କ ଭଳି ପ୍ରେମିକାଙ୍କ ନାମ ଗଣିଲେ ତାଲିକା ଲମ୍ବି ଚାଲିବ। କିନ୍ତୁ ୧୯୯୫ରେ ଜେମିମା ଗୋଲ୍‌ଡସ୍ମିଥ୍‌ଙ୍କ ସହ ତାଙ୍କର ପ୍ରଥମ ବିବାହ ହୋଇଥିଲା। ୯ ବର୍ଷ ପରେ ଏହି ସମ୍ପର୍କ ତୁଟି ଯାଇଥିଲା। ଜେମିମାଙ୍କଠାରୁ ତାଙ୍କର ଦୁଇ ପୁଅ ଅଛନ୍ତି। ୨୦୧୫ରେ ସେ ଟିଭି ଆଙ୍କର ରେହାମ୍ ଖାନ୍‌ଙ୍କୁ ବିବାହ କରିଥିଲେ, ଯାହା ମାତ୍ର ୧୦ ମାସ ଯାଏ ରହିଥିଲା। ଚଳିତବର୍ଷ ପ୍ରାରମ୍ଭରେ ତାଙ୍କ ଆଧ୍ୟାତ୍ମିକ ଦିଗ୍‌ଦର୍ଶକ ବୁସ୍‌ରା ମାନେକାଙ୍କୁ ସେ ବିବାହ କରିଥିଲେ।

ବ୍ୟକ୍ତିଗତ ଜୀବନରେ ବିବାଦୀୟ ଥିବା ଇମ୍ରାନ୍ କିନ୍ତୁ କ୍ରିକେଟ ଦୁନିଆରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ୧୯୭୧ରେ ପାକିସ୍ତାନ ପାଇଁ ଟେଷ୍ଟ କ୍ରିକେଟ ଖେଳିବା ସକାଶେ ସୁଯୋଗ ପାଇଥିଲେ। କ୍ରିକେଟରେ ତାଙ୍କ ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଥିଲା, ଯେତେବେଳେ ପାକିସ୍ତାନ ୧୯୯୨ରେ ବିଶ୍ୱକପ୍ ଜିତିଥିଲା। ଜଣେ ପେସାଦାର ଖେଳାଳି ଭାବେ ଇମ୍ରାନ୍ କ୍ରିକେଟରେ ସଫଳତା ପାଇବା ପରେ ରାଜନୀତିରେ ପାଦ ଥାପିଥିଲେ। ୧୯୯୬ରେ 'ତେହେରିକ୍-ଇ-ଇନ୍‌ସାଫ୍' (ଯାହାର ଅର୍ଥ ନ୍ୟାୟ ପାଇଁ ଆନ୍ଦୋଳନ) ଦଳ ଗଢ଼ିଥିଲେ। ସାମରିକ ଶାସନ ଭିନ୍ନ ପାକିସ୍ତାନ ରାଜନୀତିରେ ଆଧିପତ୍ୟ ବିସ୍ତାର କରିଥିବା ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଓ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)କୁ କଡ଼ା ଜବାବ ଦେବା ଲାଗି ଇମ୍ରାନ୍‌ଙ୍କ ଅଭିଯାନ ଜୋରଦାର ହୋଇଥିଲା। ୨୦୦୨ ନିର୍ବାଚନରେ ସେ ଜିତି ପାକିସ୍ତାନ ପାର୍ଲାମେଣ୍ଟର ସଦସ୍ୟ ହୋଇଥିଲେ। ୨୦୧୩ରେ ପୁଣି ସେ ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। ସେତେବେଳେ ତାଙ୍କ ଦଳ ଦ୍ୱିତୀୟ ସର୍ବାଧିକ ଲୋକପ୍ରିୟ ଭୋଟ ପାଇ ପାକିସ୍ତାନ ରାଜନୀତିରେ ଚହଳ ପକାଇଥିଲା। ଏହାର ଗୋଟିଏ ବର୍ଷ ପରେ ଇମ୍ରାନ୍ ଅଭିଯୋଗ ଆଣିଥିଲେ ଯେ, ନୱାଜ ଶରିଫ୍‌ଙ୍କ ଦଳ କ୍ଷମତାର ଅପବ୍ୟବହାର କରି ନିର୍ବାଚନ ଜିତିଛି। ସେଥିପାଇଁ ଶରିଫ୍‌ଙ୍କ ଇସ୍ତଫା ଦାବି କରି ଇମ୍ରାନ୍ ତାଙ୍କ ସମର୍ଥକଙ୍କ ସହ ୨୦୧୪ ଅଗଷ୍ଟରେ ଲାହୋରଠାରୁ ଇସ୍‌ଲାମାବାଦ ଯାତ୍ରା କରିଥିଲେ। ସେତେବେଳେ ତାଙ୍କୁ ବିପୁଳ ସମର୍ଥନ ମିଳିଥିଲା। ଏହାର ସୁଯୋଗ ନେଇ ସେ କାନାଡାରେ ବାସ କରୁଥିବା ପାକିସ୍ତାନ ବଂଶୋଦ୍ଭବ ଧର୍ମଗୁରୁ ତାହିର୍-ଉଲ୍-କାଦିରଙ୍କ ସହ ମିଶି ଶରିଫ୍ ସରକାରଙ୍କୁ ବରଖାସ୍ତ କରିବା ଲାଗି ଚାପ ପକାଇଥିଲେ। ଫଳରେ ନିର୍ବାଚନ ରିଗିଂର ତଦନ୍ତ ସକାଶେ ନ୍ୟାୟିକ କମିଶନ ଗଠନ ହୋଇଥିଲା। ତେବେ ପାନାମା ପେପର୍ସରେ ଶରିଫ୍‌ଙ୍କ ନାମ ଆସିବା ଓ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଇମ୍ରାନ୍‌ଙ୍କ ବିଜୟ ରାସ୍ତା ପ୍ରଶସ୍ତ ହୋଇଯାଇଥିଲା। ୨୦୧୮ ନିର୍ବାଚନରେ ସେ ଦୁର୍ନୀତି ହଟାଇବା, ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଏବଂ ସର୍ବୋପରି ପାକିସ୍ତାନକୁ ଏକ ଇସ୍‌ଲାମିକ୍ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ। ଭାରତ ସହ ବାରମ୍ବାର ସମ୍ପର୍କ ତିକ୍ତତା ରହି ଆସୁଥିବାରୁ ପାକିସ୍ତାନ ଜନସାଧାରଣ ସମ୍ଭବତଃ ଇମ୍ରାନ୍‌ଙ୍କ ନେତୃତ୍ୱକୁ ସମ୍ମାନ ଦେଇ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ଆସୀନ କରିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ମାତ୍ର ସମାଲୋଚନା ହେଉଛି ଯେ, ଇମ୍ରାନ୍ ଯେଉଁ ନୂଆ ପାକିସ୍ତାନର ଚିନ୍ତା କରିଛନ୍ତି ତା' ପଛରେ ଶକ୍ତିଶାଳୀ ସାମରିକ ବଳ ରହିଛି। ହେଲେ ନିର୍ବାଚନରେ ବିଜୟ ହାସଲ କରିବା ପରେ ଇମ୍ରାନ୍ କହିଛନ୍ତି ଯେ ଭାରତ ସହ ତାଙ୍କ ସରକାର କଶ୍ମୀର ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରସ୍ତୁତ ଅଛି। ଏପରିକି ପାକିସ୍ତାନ ଓ ଆମେରିକା ମଧ୍ୟରେ ଏକ ସନ୍ତୁଳିତ ସମ୍ବନ୍ଧ ଏବଂ ମଧ୍ୟପ୍ରାଚ୍ୟରେ ଦୁଇ ଶତ୍ରୁ ଭାବେ ଜଣାଶୁଣା ଇରାନ୍ ଓ ସୌଦି ଆରବ ସହ ଉତ୍ତମ ସମ୍ପର୍କ ରଖିବାରେ ତାଙ୍କ ସରକାର କାର୍ଯ୍ୟ କରିବ। ଅବଶ୍ୟ ପୂର୍ବତନ ସାମରିକ ଶାସକ ପରଭେଜ୍ ମୁଶରଫ୍ ପାକିସ୍ତାନରେ ନିର୍ବାଚନ ଘୋଷଣା କରିବା ପରେ ଇମ୍ରାନ୍‌ଙ୍କ ଶାସନ କ୍ରମାଗତ ତୃତୀୟ ସରକାର ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଆସୀନ ହୋଇଛି। ୧୯୪୭ରେ ଦେଶ ସ୍ୱାଧୀନ ପରେ ଦୀର୍ଘ ୫୦ ବର୍ଷ ସାମରିକ ବିଦ୍ରୋହ ଯୋଗୁ ଶାସିତ ହୋଇଥିବା ପାକିସ୍ତାନକୁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ନୂଆ ଦିଗ୍‌ଦର୍ଶନ ଦେଇ ପରିବର୍ତ୍ତନକାରୀ ହେବେ ବୋଲି ଆଶା ରହିବା ସ୍ୱାଭାବିକ।

-ଜିତେନ୍ଦ୍ର

## ଏଇ ଭାରତରେ

ପୁଣେ ଅଞ୍ଚଳରେ ଜଣେ ବ୍ୟକ୍ତି ଏବଂ ତାଙ୍କ ବାନ୍ଧବୀଙ୍କ ମଧ୍ୟରେ ଛୋଟ ଧରଣର କଳି ଲାଗିବା ପରେ ପ୍ରେମିକାକୁ ବୁଝାଇବାକୁ ଯାଇ ବ୍ୟକ୍ତିଜଣକ ଏକ ଅଭିନବ କାର୍ଯ୍ୟକ୍ରମ କରିଛନ୍ତି। ସେ ମହାରାଷ୍ଟ୍ରର ପିମ୍ପ୍ରି ଚିଞ୍ଚ୍‌ୱାଡ୍ ଅଞ୍ଚଳରେ ଅନେକ ପୋଷ୍ଟର ଲଗାଇଛନ୍ତି, ଯେଉଁଥିରେ ତାଙ୍କ ପ୍ରେମିକାଙ୍କ ନାମ ଲେଖି 'ମୁଁ ଦୁଃଖିତ' ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ତାଙ୍କର ଏହି ନିର୍ବୋଧ କାର୍ଯ୍ୟ ପାଇଁ ସ୍ଥାନୀୟ ପୋଲିସ କ୍ଷୁବ୍ଧ ହୋଇଛି। ପୁଣେ ନିକଟବର୍ତ୍ତୀ ପିମ୍ପ୍ରି ଚିଞ୍ଚ୍‌ୱାଡ୍‌ର ପିମ୍ପଲ୍ ସୌଦାଗର ଅଞ୍ଚଳର ଲୋକମାନେ ଶୁକ୍ରବାର ସକାଳୁ ଉଠିବା କ୍ଷଣି ଅନେକ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ପାଇଥିଲେ। ଏଥିରେ ବ୍ୟକ୍ତି ଜଣକ ବଡ ବଡ ଅକ୍ଷରରେ ତାଙ୍କ ପ୍ରେମିକାଙ୍କ ନାମ ଲେଖି ନିଜେ ଦୁଃଖିତ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହିତ ଲେଖା ପାର୍ଶ୍ୱରେ ଲାଲ୍ ରଙ୍ଗରେ ହୃଦୟର ସଙ୍କେତ ରହିଛି। ବିଶେଷକରି ପ୍ରମୁଖ ଟ୍ରାଫିକ୍ ଛକମାନଙ୍କରେ ଏଭଳି ପୋଷ୍ଟର ଲଗାଯାଇଥିଲା। ଏହି ବ୍ୟକ୍ତି ଜଣକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ନୀଲେଶ ଖେଡେକର (୨୫)। ତାଙ୍କର ଏଭଳି କାର୍ଯ୍ୟ ପାଇଁ ସେ ସମସ୍ୟାରେ ପଡ଼ିଯାଇଛନ୍ତି। କାରଣ ୱାକାଡ ପୋଲିସ ଏଥିପାଇଁ ପିମ୍ପ୍ରି ଚିଞ୍ଚ୍‌ୱାଡ୍ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବେଆଇନ ପୋଷ୍ଟର ଲଗାଇବା ଏବଂ ଜନସାଧାରଣଙ୍କ ସମ୍ପତ୍ତି ବିକୃତ କରିବା ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ପୌର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

## ଚିରନ୍ତନୀ

ତାହାରି ସୀମନ୍ତ ଗାର    ଦିଶେ ଚକ୍ରବାଳେ
ଚିତା ସମ ଉଁଏ ତାର    ରବିଶଶି ଭାଲେ
ତାହାରି କୁନ୍ତଳ ଧୋଇ    ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି    ଲହରୀରେ ଢାଳେ
କେଉଁ ଦୂର ମାୟା-ଚକ୍ରବାଳେ !

(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୩

- ସୁଦାନକୁ ଏକ ସନ୍ତ୍ରାସବାଦୀ ରାଷ୍ଟ୍ରଭାବେ ଘୋଷଣା ପାଇଁ ଆମେରିକାର ନିଷ୍ପତ୍ତି।
- ସଂସଦ ସଦସ୍ୟମାନଙ୍କ ଅଯୋଗ୍ୟକରଣ ନିଷେଧ ସଂଶୋଧନୀ ବିଲ୍ (୧୯୯୩) ରାଜ୍ୟ ସଭାରେ ବାଚନିକ ଭୋଟରେ ଗୃହୀତ।

## ପାଠକ ଶ୍ରେଷ୍ଠ ବିଚାରକ

### ଅତିଥି ଦେବୋ ଭବ

ମହାଶୟ,

ଆକାର ପଟେଲ ଜଣେ ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର। କିନ୍ତୁ ଧରିତ୍ରୀ (୫।୮)ରେ ତାଙ୍କର 'ଅତିଥିଦେବୋ ଭବ' ଲେଖାଟି ଯୁକ୍ତିଯୁକ୍ତ ମନେ ହେଉନାହିଁ। ଅନୁପ୍ରବେଶକାରୀ ସମସ୍ୟାରେ ଜନସଂଖ୍ୟାବହୁଳ ଭାରତବର୍ଷ ଜର୍ଜରିତ। ଯେଉଁ ଦେଶରୁ ଲୋକମାନେ ବଳପୂର୍ବକ ଭାରତକୁ ପଶିଆସୁଛନ୍ତି ସେ ଦେଶର ସରକାର ଧୃଷ୍ଟତା ପ୍ରକାଶ କରି କହୁଛି ଯେ ଭାରତ ମାଟିରେ ଆମର ଜଣେ ହେଲେ ନାଗରିକ ନାହିଁ। ଏହା ଭାରତର ନିଜସ୍ୱ ସମସ୍ୟା। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ 'ଅତିଥି ଦେବୋ ଭବ'/'ବସୁଧୈବ କୁଟୁମ୍ବକମ୍'ର ନୀତିବାଣୀ ଶୁଣାଇବା ଦେଶ ପାଇଁ କେବେ ହିତକର ନୁହେଁ।

ବିପିନ ବିହାରୀ ରାଉତ, ସେକ୍ଟର-୯, ସିଡିଏ, କଟକ

### କଲେଜ ନିର୍ବାଚନ

ରାଜ୍ୟର ପ୍ରତି କଲେଜରେ ଏବେ ନିର୍ବାଚନୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। କଲେଜ ନିର୍ବାଚନ ପରିପ୍ରେକ୍ଷୀରେ ଛାତ୍ରସମାଜ ଅଧ୍ୟୟନ ପ୍ରତି ବିମୁଖ ହୋଇ ହିଂସା, ଆକ୍ରମଣ, ବୋମାମାଡ଼ ଆଦି ବିଭିନ୍ନ ଅନୈତିକ ତଥା ଅଗଣତାନ୍ତ୍ରିକ କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି। ଫଳରେ କଲେଜ ପରିସରରେ ଅଶାନ୍ତ ବାତାବରଣ ସୃଷ୍ଟି ହେବା ସହ ଅଧ୍ୟୟନ ପ୍ରତି ଛାତ୍ରମାନଙ୍କର ଆଗ୍ରହ କମିବାରେ ଲାଗିଛି ଏବଂ ଶତ୍ରୁତା, ସଂଘର୍ଷ ଓ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସରକାର ଏବଂ କଲେଜ କର୍ତ୍ତୃପକ୍ଷ କଲେଜ ପରି ଏକ ଉଚ୍ଚଶିକ୍ଷା ଅନୁଷ୍ଠାନରେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରି ଉଚ୍ଚଶିକ୍ଷାର ପ୍ରସାର ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 0 | | | | 1 | A | | | 8 |
| | | 8 | E | D | A | | | | | C | B | | | |
| | | | | | | | | | 3 | 5 | | D | | |
| | | | | | 5 | | 7 | 3 | 9 | | | E | 2 | 0 |
| | B | 0 | | | | A | | C | | E | 6 | | | |
| | 2 | | | | 0 | 6 | 8 | | | | | | B | |
| | | | 9 | | E | B | | | | D | | | | 4 |
| | | 1 | 4 | | | 3 | | 2 | | | E | | | |
| | | | 3 | | | | D | E | | | 8 | | | 7 |
| C | 9 | | 8 | | | | 1 | | B | | 3 | | | |
| 9 | 3 | | | A | 4 | | 5 | | 8 | 7 | C | | | |
| | 0 | | | | 8 | | C | 6 | D | | | 3 | | E |
| | | D | | 6 | 9 | | | | | | 5 | | | |
| | 7 | | | | | | 0 | | | | | B | | |
| | | | | | 3 | D | | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | 2 | 6 | 8 | E | C | 0 | 5 | B | 4 | D | 3 | 9 | A |
| 9 | 3 | E | 0 | 5 | D | 4 | 7 | B | A | 6 | 8 | 2 | 1 | C |
| 6 | 8 | 5 | 7 | A | B | 3 | 2 | 1 | 0 | 9 | C | E | D | 4 |
| A | 4 | C | 1 | 9 | 3 | 6 | E | D | 7 | 5 | 2 | 0 | B | 8 |
| 0 | B | D | 4 | C | 2 | A | 9 | 8 | 3 | 1 | E | 5 | 7 | 6 |
| 2 | 6 | 9 | C | 3 | 8 | 7 | 1 | E | D | B | 4 | A | 0 | 5 |
| E | 0 | B | 5 | 1 | 7 | 8 | 4 | 2 | 9 | 3 | A | 6 | C | D |
| 4 | 5 | 1 | D | 6 | 0 | B | A | 3 | E | C | 7 | 8 | 2 | 9 |
| 3 | D | 7 | A | E | 9 | 0 | 6 | C | 2 | 8 | 5 | 1 | 4 | B |
| 8 | C | A | B | 2 | 4 | D | 5 | 9 | 1 | 0 | 6 | 7 | E | 3 |
| B | 9 | 8 | 3 | 4 | 6 | 2 | C | 7 | 5 | E | 1 | D | A | 0 |
| D | E | 4 | 9 | B | 5 | 1 | 3 | A | 8 | 2 | 0 | C | 6 | 7 |
| C | 7 | 3 | 8 | 0 | 1 | E | D | 4 | 6 | A | 9 | B | 5 | 2 |
| 5 | 2 | 0 | E | 7 | A | 9 | B | 6 | C | D | 3 | 4 | 8 | 1 |
| 1 | A | 6 | 2 | D | C | 5 | 8 | 0 | 4 | 7 | B | 9 | 3 | E |

ଗତକାଲିର ଉତ୍ତର

ବିହାରର ଭୋଜପୁର ଜିଲାର ଦୁଇଟି ସ୍ଥାନରେ ପୋଲିସ ଓ ଉତ୍ତ୍ୟକ୍ତ ଜନତା ମୁହାମୁହିଁ ହୋଇଛନ୍ତି । ଗୁଳି ଓ ଇଟା ମାଡ଼ରେ ୮ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ଏ ସମ୍ପର୍କରେ ପୋଲିସ ଶନିବାର ସୂଚନା ଦେଇଛି । ଆହତଙ୍କ ମଧ୍ୟରେ ଜଣେ ଭାରପ୍ରାପ୍ତ ଅଧିକାରୀ ଅଛନ୍ତି ।

# ଜଙ୍ଗଲରେ ସୁନ୍ଦରୀର ପ୍ରଥମ ଶିକାର



**ଓଜନ ବଢ଼ିଛି ୧୦ କେଜି**

ବନ୍ତଲା, ୧୮।୮ (ଡି.ଏନ.ଏ.)

ସାତକୋଶିଆ ପରିବେଶ ସହ ଖାପ ଖୁଆଇବା ପରେ ମଧ୍ୟପ୍ରଦେଶର ବାନ୍ଧବଗଡରୁ ଆସିଥିବା ବାଘୁଣୀ 'ସୁନ୍ଦରୀ'କୁ ଶୁକ୍ରବାର ୩ଟା ୧୫ରେ ଅଭୟାରଣ୍ୟ ମଧ୍ୟକୁ ଛଡାଯାଇଛି। ଶନିବାର ବାଘୁଣୀ ଏକ ଜନ୍ତୁ ଶିକାର କରିଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାତକୋଶିଆକୁ ଆସିବା ପରେ ସୁନ୍ଦରୀର ଓଜନ ୧୦ କେଜି ବଢ଼ିଛି।

ପ୍ରଧାନମୁଖ୍ୟ ବନ ସଂରକ୍ଷକ ବନ୍ୟପ୍ରାଣୀ ସନ୍ଦୀପ ତ୍ରିପାଠୀ, ସାତକୋଶିଆ ଡିଏଫ୍ଓ ଏସ୍‌ଏମ୍‌ଡ଼ିଟି ରହମାନ, ଅନୁଗୋଳ ଡିଏଫ୍ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର.କେ. ସ୍ୱାଇଁ, ରେଞ୍ଜ ଅଧିକାରୀ ଘନଶ୍ୟାମ ମହାନ୍ତି, ଭାରତ ସରକାରଙ୍କ ବନ୍ୟପ୍ରାଣୀ ଇନ୍‌ଷ୍ଟିଚ୍ୟୁଟର ବୈଜ୍ଞାନିକ ଡ. କେ. ରମେଶ, ପ୍ରାଣୀ ଚିକିତ୍ସକ ଓ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବରେ ସୁନ୍ଦରୀକୁ ଏନ୍‌କ୍ଲୋଜରରୁ ଛଡ଼ା ଯାଇଥିଲା । ବାଘୁଣୀ ପ୍ରଥମେ ଏନ୍‌କ୍ଲୋଜର ଚତୁଃପାର୍ଶ୍ୱରେ ବୁଲିବା ସହିତ ପୁନର୍ବାର ଗେଟ ଭିତରକୁ ପଶିବାକୁ ଚେଷ୍ଟା କରିଥିଲା। ଏନ୍‌କ୍ଲୋଜର ଗେଟ୍‌କୁ ବନ୍ଦ କରିଦିଆଯିବାରୁ ସୁନ୍ଦରୀ ଧୀରେ ଧୀରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲା। ବାଘୁଣୀଟି ରେଞ୍ଜ କାର୍ଯ୍ୟାଳୟଠାରୁ ୪/୫ କିଲୋମିଟର ଦୂରରେ ଥିବା ରସଣ୍ଡା ଓ ଲବଙ୍ଗୀ ଜଙ୍ଗଲ ମଧ୍ୟରେ ଏକ ଜନ୍ତୁ ଶିକାର କରିଥିବା ରେଡିଓକୋଲାର ସାଟେଲାଇଟ୍‌ରୁ ଜଣାପଡ଼ିଛି। ପୂର୍ବରୁ ଛଡାଯାଇଥିବା ମହାବଳ ବାଘ ଶନିବାର ଅପରାହ୍ଣ ସୁଦ୍ଧା ସୁନ୍ଦରୀଠାରୁ ୪ କିଲୋମିଟର ଦୂରରେ ରହିଥିବା ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି, ଜୁନ ୨୧ରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଯୁବ ମହାବଳ ଓ ଜୁନ ୨୮ରେ ମଧ୍ୟପ୍ରଦେଶ ବାନ୍ଧବଗଡ଼ ପ୍ରକଳ୍ପରୁ ସୁନ୍ଦରୀକୁ ସାତକୋଶିଆ ଅଣାଯାଇଥିଲା। ଜୁଲାଇ ୬ ତାରିଖରେ ଯୁବରାଜ ବାଘକୁ ଏନ୍‌କ୍ଲୋଜରକରୁ ଛଡ଼ାଯାଇଥିଲା। ଏ ବିଷୟରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ପଣ୍ଡା କୁହନ୍ତି, ବାଘୁଣୀକୁ ସୁରକ୍ଷିତ ଭାବରେ ଛଡ଼ାଯାଇଥିଲା। ବାଘୁଣୀ ସୁସ୍ଥ ସବଳ ହୋଇଥିବା ବେଳେ ଏହାର ଓଜନ ୧୦ କେଜି ବୃଦ୍ଧି ହୋଇଛି। ଆଗାମୀ ଦିନରେ ଆଉ ୪ଟି ବାଘୁଣୀ ଓ ବାଘ ଅଣାଯିବାର ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### ମଣିଶଙ୍କର ଆୟାରଙ୍କ ଉପରୁ ନିଲମ୍ବନ ହଟିଲା



ନୂଆଦିଲ୍ଲୀ, ୧୮।୮(ପି.ଟି.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ନୀଚ୍ ଆଦ୍‌ମୀ' (ନୀଚ ସ୍ତରର ବ୍ୟକ୍ତି) କହି ନିଲମ୍ବିତ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ମଣିଶଙ୍କର ଆୟାରଙ୍କୁ ଶନିବାର ମିଳିଛି ଆଶ୍ୱସ୍ତି। ତାଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ହଟାଇଦେଇଛନ୍ତି। ଆୟାରଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟ ଭାବେ ପୁଣି ସାମିଲ କରିବାକୁ ଏଆଇସିସି କେନ୍ଦ୍ରୀୟ ଶୃଙ୍ଖଳା କମିଟି ସୁପାରିସ କରିଥିଲା। ଏହାକୁ ରାହୁଲ ଅନୁମୋଦନ କରିଛନ୍ତି ବୋଲି ଏଆଇସିସି ସାଧାରଣ ସମ୍ପାଦକ ଅଶୋକ ଗେହଲଟ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ଡିସେମ୍ବର ୭ରେ ଗୁଜରାଟ ବିଧାନସଭା ନିର୍ବାଚନର କିଛିଦିନ ପୂର୍ବରୁ ଆୟାର ପ୍ରଧାନମନ୍ତ୍ରୀଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏଥିଲାଗି ତାଙ୍କୁ ଭାଜପା ସମେତ ଚାରିଆଡୁ ସମାଲୋଚନା କରାଯାଇଥିଲା। ଦଳର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ରାହୁଲ ତାଙ୍କୁ କ୍ଷମା ମାଗିବାକୁ କହିଥିଲେ। କିନ୍ତୁ ନିଜ ଜିଦ୍‌ରେ ଅଟଳ ରହିଲେ ଆୟାର। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା।

### କଏଦୀଙ୍କୁ ଦିଆଯାଉଛି କବିତା ଲେଖିବା ଶିକ୍ଷା

ୱାଶିଂଟନ,୧୮।୮: ଆମେରିକାରେ ମହିଳା କଏଦୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ଇଂଲିଶ୍ କବିତା ଲେଖିବା ଶିକ୍ଷା ଦିଆଯାଉଛି। ଇତିମଧ୍ୟରେ ସ୍ଥାନୀୟ ଓକଲାହେମ୍ ଜେଲ୍‌ରେ ଥିବା ୨୫ ଶହ ଅନ୍ତେବାସୀଙ୍କୁ ଏଭଳି ଶିକ୍ଷା ପ୍ରଦାନ କରାଯାଇଛି। ଟ୍ରେନର୍ ଏଲନ୍ ଷ୍ଟାକେୱେଲ କଲଦୀଙ୍କୁ ଆଠ ସପ୍ତାହର ଏହି ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି। ପ୍ରତି ସପ୍ତାହରେ ଗୋଟିଏ ଦିନ ସେମାନଙ୍କର ସୃଜନଶୀଳତା ବିକାଶ ପାଇଁ କ୍ଲାସ୍ କରାଯାଇଥାଏ। ଅନ୍ତେବାସୀମାନେ ଏହାଦ୍ୱାରା ନିଜର ଭାବନାର ପରିପ୍ରକାଶ କରିପାରୁଛନ୍ତି ବୋଲି ଏଲନ୍ ସୂଚନା ଦେଇଛନ୍ତି।

## ■ ଏସ୍‌ପିଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ

# ଅର୍ଡର୍ଲିଙ୍କୁ ୫୦ ଥର ଉଠବସ କରାଇଲେ

ନବରଙ୍ଗପୁର, ୧୮।୮(ବି.ପ୍ର.)



ଗୁରୁତର ରବିନ ଚନ୍ଦ୍ର ଲିମା

■ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ

■ ଅଭିଯୋଗକୁ ଖଣ୍ଡନ କଲେ ଏସ୍‌ପି

ନବରଙ୍ଗପୁର ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟରେ ନିୟୋଜିତ ଫଲୋଏର ଅର୍ଡର୍ଲି (ଏଫଓ) ରବିନ ଚନ୍ଦ୍ର ଲିମା (୪୮)ଙ୍କୁ ଶନିବାର ଏସପି ବିବେକାନନ୍ଦ ଶର୍ମା ୫୦ ଥର ଉଠବସ କରାଇଥିବା ଅଭିଯୋଗ ହୋଇଛି। ଏଥିରେ ରବିନ ଗୁରୁତର ହୋଇଥିଲେ। ପ୍ରଥମେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ତାଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ କୋରାପୁଟ ମେଡିକାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସେ ଚିକିତ୍ସିତ ହୋଇ ରାତିରେ ଘରକୁ ଫେରିବା ପରେ ଏସପିଙ୍କ ବିରୋଧରେ ଗଣମାଧ୍ୟମ ଆଗରେ ଏପରି ଅଭିଯୋଗ କରିଛନ୍ତି। ରବିନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଏସପି ନିର୍ଯାତନା ଦେଇଥିବା ତାଙ୍କ ସ୍ତ୍ରୀ ବିଜୟ ଲକ୍ଷ୍ମୀ ଲିମା ମଧ୍ୟ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ।

ବିଜୟ ଲକ୍ଷ୍ମୀଙ୍କ କହିବା ଅନୁଯାୟୀ ରବିନଙ୍କୁ ଏସପି ଶୁକ୍ରବାର ଅପରାହ୍ଣ ୫ଟାରେ ତୁରନ୍ତ ଆସିବାକୁ ଫୋନ କରି କହିଥିଲେ । ସେ ଏସପିଙ୍କ ଘରକୁ ଯାଇଥିଲେ । ଉକ୍ତ ରାତିରେ ଫେରି ନ ଥିଲେ । ଶନିବାର ପୂର୍ବାହ୍ଣ ୧୧ଟାରେ ଜାଣିବାକୁ ପାଇଥିଲେ ଯେ ରବିନଙ୍କ ଦେହ ଖରାପ ହେବାରୁ ନବରଙ୍ଗପୁର ଆଇସିୟୁରେ ଭର୍ତ୍ତି କରାଯାଇଛି । ଏବେ କୋରାପୁଟ ସ୍ଥାନାନ୍ତର କରାଯାଇଛି । ତେବେ ଚିକିତ୍ସିତ ହୋଇ ରବିନ ଘରକୁ ଆସିବା ପରେ ଏସପିଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ସକାଳ ୯ଟାରେ ଉଠାଇବା ପାଇଁ ଏସପି ତାଙ୍କୁ କହିଥିଲେ। ସେ ଏସପିଙ୍କୁ ଡାକିଥିଲେ ମଧ୍ୟ ସେ ଉଠି ନ ଥିଲେ। ପରେ ପୂର୍ବାହ୍ଣ ୯ଟା ୪୫ରେ ଡାକିବାରୁ ଏସପି ଉଠିଥିଲେ। କାହିଁକି ସକାଳୁ ଉଠାଇଲୁ ନାହିଁ ବୋଲି ରାଗିକି ପଚାରିଥିଲେ। ୫୦ ଥର ଉଠବସ କରାଇଥିଲେ। ଏହା ପରେ ୧୦ ରାଉଣ୍ଡ ଦୌଡିବା ପାଇଁ କହିଥିଲେ। ୧୦ ରାଉଣ୍ଡ ଦୌଡିକି ଆସିବା ପରେ ଆଉ ୧୦ ରାଉଣ୍ଡ ଦୌଡିବାକୁ କହିଥିଲେ। ୨୦ ରାଉଣ୍ଡ ଦୌଡିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରି ଗୁରୁତର ହୋଇପଡିଥିଲି। ଏ ସମ୍ପର୍କରେ ଏସପିଙ୍କୁ କହିବାରୁ ସେ ଡାକ୍ତରଖାନା ପଠାଇଥିଲେ। ଏସପି ଅଫିସର ଅନ୍ୟ ଜଣେ କର୍ମଚାରୀ ଦେବରାଜ ଚଣ୍ଡ ଅଭିଯୋଗ କରିଛନ୍ତି ଯେ, ଗୁରୁବାର ତାଙ୍କୁ ଏସପି ଦୁର୍ବ୍ୟବହାର କରିବା ସହ ପେଟକୁ ୨ ମୁଥା ମାରିଥିଲେ। ଏ ସମ୍ପର୍କରେ ଏସପି ବିବେକାନନ୍ଦ ଶର୍ମାଙ୍କୁ ପଚାରିବାରୁ ଅଭିଯୋଗ ଗୁଡିକ ମିଥ୍ୟା । ହଠାତ ରବିନଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସିଡିଏମଓଙ୍କ ସହ ଯୋଗାଯୋଗ କରି ଚିକିତ୍ସା ବ୍ୟବସ୍ଥା କରାଯାଇ ନବରଙ୍ଗପୁର ଡାକ୍ତରଖାନାକୁ ପଠାଯାଇଥିଲା । ସେ ଚିକିତ୍ସାଧୀନ ରହିଛନ୍ତି ବୋଲି କହିଛନ୍ତି।

## ■ ଲୋୟର ପିଏମ୍‌ଜିରେ ଶିକ୍ଷକ, ଅଧ୍ୟାପକ

# ୩ ଦିନ ହେଲା ପିଲାଙ୍କ ପଢ଼ାରେ ଡୋରି

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

■ ମିଳିତ ମଞ୍ଚର ଚେତାବନୀ

■ ୨୫ରୁ ଆନ୍ଦୋଳନକୁ ବ୍ୟାପକ କରାଯିବ

ଛାତ୍ରୀଛାତ୍ରଙ୍କ ପାଠପଢା ଛାଡି ପୁଣି ରାଜରାସ୍ତାରେ ବସିଛନ୍ତି ଶିକ୍ଷକ ଏବଂ ଅଧ୍ୟାପକ। ଗତ ୧୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଧାରଣା ଦେଉଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ହଜାର ହଜାର ଶିକ୍ଷକ ଏବଂ ଅଧ୍ୟାପକ। ଫଳରେ ସେମାନେ ଶିକ୍ଷାଦାନ କରୁଥିବା ଅନୁଦାନପ୍ରାପ୍ତ ସ୍କୁଲ ଏବଂ କଲେଜରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଶିକ୍ଷକ ନ ଥିବା ଯୋଗୁ ବିଭିନ୍ନ ହାଇସ୍କୁଲ ଏବଂ କଲେଜର ହଜାର ହଜାର ଛାତ୍ରୀଛାତ୍ରଙ୍କ ପଢ଼ାରେ ଡୋରି ବନ୍ଧା ହେଲାଣି। ପିଲାମାନେ ସ୍କୁଲ, କଲେଜ ଆସୁଛନ୍ତି, କିନ୍ତୁ ପଢ଼ା ହେଉ ନ ଥିବାରୁ ୪ଟା ବାଜିଲେ ଘରକୁ ଫେରୁଛନ୍ତି। ଗତ ୩ ଦିନ ହେବ ରାଜ୍ୟର ବିଭିନ୍ନ ସ୍କୁଲ ଏବଂ କଲେଜରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି।

ଅନ୍ୟପଟେ ଶିକ୍ଷକମାନେ ସରକାରଙ୍କୁ ଯେଉଁଭଳି ଚେତାବନୀ ଦେଇଛନ୍ତି, ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ସେମାନେ ହଟିବେ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଶନିବାର ମିଳିତ ମଞ୍ଚ ସରକାରଙ୍କୁ ପୁଣି ଚେତାବନୀ ଦେଇଛି। ଆଗକୁ ଆଉ ୫ଦିନ ମିଳିତ ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ। ଏହା ଭିତରେ ସରକାର ସେମାନଙ୍କୁ ଡାକି ଆଲୋଚନା ନ କଲେ ଆସନ୍ତା ୨୫ ତାରିଖରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ପବିତ୍ର ମହାଲା, ଗୋଲକ ନାୟକ ଏବଂ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଶିକ୍ଷକଙ୍କ ଦାବି ପୂରଣ କରିବା ପାଇଁ ସରକାର ମିଳିତ ମଞ୍ଚକୁ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଦାବି ପୂରଣ କରୁନାହାନ୍ତି। ସେଥିପାଇଁ ଶିକ୍ଷକ ଆଜି ରାଜରାସ୍ତାରେ ବୋଲି ୬୬୨ ବର୍ଗ କଲେଜ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ରଞ୍ଜନ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ସରକାର ଚାକିରି ସର୍ତ୍ତାବଳୀ ଏବଂ ପୂର୍ଣ୍ଣଅନୁଦାନ ଦାବି ପୂରଣ କରିବା ପାଇଁ ୨ ମାସ ସମୟ ନେଇଥିଲେ। ହେଲେ ପୂରଣ କଲେ ନାହିଁ। ମିଳିତ ମଞ୍ଚ ୨ମାସ ପରିବର୍ତ୍ତେ ୪ ମାସ ସମୟ ଦେଲା। ଏହା ଭିତରେ ସରକାର ଦାବି ପୂରଣ ସମ୍ପର୍କରେ କିଛି ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ଶିକ୍ଷକମାନେ ବାଧ ହୋଇ ପୁଣି ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଶିକ୍ଷକମାନେ ଧାରଣାରେ ବସିବେ। ସରକାର ମିଳିତ ମଞ୍ଚର ପ୍ରତିନିଧିଙ୍କୁ ଡାକି ଆଲୋଚନା ନ କଲେ ଶିକ୍ଷକମାନେ ୨୫ରୁ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ପ୍ରଧାନ କହିଛନ୍ତି। ଧାରଣାରେ ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅଟଳ ବିହାରୀ ବଳ, କୋଷାଧ୍ୟକ୍ଷ ସୁକାନ୍ତ ଦାଶ, ୬୬୨ ବର୍ଗ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଗଗନ ବେଉରା, ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ସାମିଲ ହୋଇଛନ୍ତି।

## ଫୁର୍‌ସତ

### ଇତିହାସର ଆଇନାରେ

**ଅଗଷ୍ଟ ୧୯ର ପ୍ରମୁଖ ଘଟଣା**

### ପିସ୍ ମିଶନ୍ ୨୦୦୫

୨୦୦୫ ଅଗଷ୍ଟ ୧୯ରେ ଚାଇନା ଓ ରୁଷିଆ ମିଳିତ ସମରାଭ୍ୟାସ ଆରମ୍ଭ କରିଥିଲେ। ଦୁଇଦେଶ ମଧ୍ୟରେ ଏହା ଥିଲା ପ୍ରଥମ ସମରାଭ୍ୟାସ। ଏହାକୁ ପିସ୍ ମିଶନ-୨୦୦୫ କୁହାଯାଏ। ଦୁଇଦେଶର ସ୍ଥଳସେନା, ବାୟୁସେନା ଏବଂ ନୌସେନା ଏଥିରେ ଭାଗ ନେଇଥିଲେ। ଦେଶରେ ଆତଙ୍କବାଦୀ ଆକ୍ରମଣ ଏବଂ ଅରାଜକତା ଦେଖାଦେଲେ ତାକୁ କିଭଳି ମୁକାବିଲା କରାଯାଇପାରିବ ସେ ନେଇ ଦୁଇଦେଶ ସେମାନଙ୍କର ରଣକୌଶଳ ପ୍ରଦର୍ଶନ କରିଥିଲେ। ଏହାସହିତ କିଭଳି ଭାବେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଦଖଲ କରାଯାଇପାରିବ ସେ ନେଇ ମଧ୍ୟ ଉଭୟେ ରଣକୌଶଳ ଦେଖାଇଥିଲେ। ଏଥିରେ ଚାଇନାର ୮ ହଜାର ଓ ରୁଷିଆର ୨ ହଜାର ସୈନ୍ୟ ଭାଗ ନେଇଥିଲେ।

### ଧାମରାଘାଟ ଟ୍ରେନ୍ ଦୁର୍ଘଟଣା

୨୦୧୩ ଅଗଷ୍ଟ ୧୯ରେ ବିହାରର ଧାମରାଘାଟ ରେଳ ଷ୍ଟେଶନ୍‌ରେ ଘଟିଥିଲା ଏକ ବଡ଼ ଧରଣର ଦୁର୍ଘଟଣା। ରେଳ ଧାରଣା ଦେଇ ଅତିକ୍ରମ କରୁଥିବା ହିନ୍ଦୁ ଶ୍ରଦ୍ଧାଳୁଙ୍କ ଉପରେ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍ ମାଡ଼ି ଯାଇଥିଲା। ଏଥିରେ ୩୭ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୧୩ ମହିଳା ଏବଂ ୪ ଶିଶୁ ଥିଲେ। ନିକଟସ୍ଥ କାତ୍ୟାୟନୀ ମନ୍ଦିରରୁ ଦର୍ଶନ ଶେଷକରି ଫେରୁଥିବାବେଳେ ଏହି ଶ୍ରଦ୍ଧାଳୁମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଘଟଣାକୁ ତୀବ୍ର ବିରୋଧ କରାଯାଇଥିଲା। ଉତ୍ତ୍ୟକ୍ତ ଲୋକେ ମାରପିଟ୍ କରିବା ସହ ଟ୍ରେନ୍‌ର ଏକାଧିକ ବଗି ପୋଡ଼ି ଦେଇଥିଲେ।

# ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣରେ ବିଶ୍ୱ ରେକର୍ଡ



**ଦୁବାଇ/ନୂଆଦିଲ୍ଲୀ:** ଆବୁଧାବିର ଜଣେ ବ୍ୟକ୍ତି ଏବଂ ତାଙ୍କ ୫ବର୍ଷର ପୁତ୍ର ଖୁବ୍ କମ୍ ସମୟ ମଧ୍ୟରେ ଭାରତର ସର୍ବାଧିକ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିବାରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସେମାନେ ୧୨ଘଣ୍ଟାରୁ କମ୍ ସମୟ ମଧ୍ୟରେ ବିଶ୍ୱ ଐତିହ୍ୟସ୍ଥଳ ମାନ୍ୟତା ପାଇଥିବା ଅନେକ ପର୍ଯ୍ୟଟନସ୍ଥଳ ବୁଲି ପାରିଥିଲେ। ଭାରତରେ ଜନ୍ମିତ ମହମ୍ମଦ୍ ତାହିର (୩୬) ଆବୁଧାବିରେ ଜଣେ ଆଇଟି ପ୍ରଫେଶନାଲ୍। ସେ ତାଙ୍କ ପୁତ୍ରକୁ ନିଜ ଦେଶର କେତେକ ପର୍ଯ୍ୟଟନସ୍ଥଳ ଭ୍ରମଣ କରାଇ ଭାରତୀୟ ସଂସ୍କୃତି ବିଷୟରେ ବୁଝାଇଥିଲେ।

ସେମାନେ ୧୧ ଘଣ୍ଟା ୩୩ ମିନିଟ୍ ୧୮ ସେକେଣ୍ଡ ମଧ୍ୟରେ ପାଖାପାଖି ୩୦୦କିଲୋମିଟର ଯାତ୍ରା କରି ୭ଟି ଐତିହାସିକ ସ୍ଥଳ ପରିଦର୍ଶନ କରିଥିଲେ। ପୂର୍ବରୁ ନେଦରଲାଣ୍ଡରେ ଦୁଇଜଣ ୨୪ଘଣ୍ଟା ମଧ୍ୟରେ କେତେକ ପର୍ଯ୍ୟଟନସ୍ଥଳ ବୁଲି ରେକର୍ଡ ସୃଷ୍ଟି କରିଥିଲେ। ପିତା-ପୁତ୍ର ଏହି ସମୟ ମଧ୍ୟରେ ଉତ୍ତରପ୍ରଦେଶର ତାଜମହଲ, ଆଗ୍ରା ଦୁର୍ଗ ଓ ଫତେପୁର ସିକ୍ରି, ରାଜସ୍ଥାନର କେଓଲାଡୋ ନ୍ୟାଶନାଲ ପାର୍କ ଏବଂ ରାଜଧାନୀ ଦିଲ୍ଲୀରେ ହୁମାୟୁନ ଟମ୍ବ, ରେଡ ଫୋର୍ଟ ଓ କୁତବ ମିନାର ପରିଦର୍ଶନ କରିଥିଲେ। ସେମାନେ ଯାତ୍ରା କରିବା ପାଇଁ ଇଲେକ୍ଟ୍ରିକ୍ ରିକ୍ସା, ଅଟୋ, କାବ୍, ଯାତ୍ରୀବାହୀ ବସ୍, ଟ୍ରେନ୍ ଏବଂ ମେଟ୍ରୋ ବ୍ୟବହାର କରିଥିଲେ। କିଛି ବାଟ ଚାଲିଚାଲି ମଧ୍ୟ ଯାତ୍ରା କରିଥିଲେ। ସେମାନଙ୍କ ଯାତ୍ରା ଓ ପରିଦର୍ଶନ ଉପରେ ନଜର ରଖିବା ପାଇଁ ୨୨ଜଣଙ୍କୁ ନିୟୋଜିତ କରାଯାଇଥିଲା। ଭାରତସ୍ଥିତ 'ଏକ୍ସପେଡିଶନ୍ସ ଆଣ୍ଡ ଟ୍ରାନ୍‌ସେଣ୍ଡ ଆଡ୍‌ଭେଞ୍ଚର ଫାର୍ମ' ଦ୍ୱାରା ଏହା ପରିଚାଳନା କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଭାରତୀୟ ଥିଲେ।

# ବିଲୁପ୍ତ ହେବାକୁ ବସିଛି ବିରଳ ଅଷ୍ଟ୍ରେଲୀୟ ପକ୍ଷୀ

**କାନବେରା:** ବର୍ତ୍ତମାନ ଅଷ୍ଟ୍ରେଲିଆରେ ବିରଳ ପ୍ରଜାତିର ୧୨ଯୋଡ଼ା ପ୍ରଜନନକାରୀ ପକ୍ଷୀ ବଞ୍ଚି ରହିଛନ୍ତି। ନ୍ୟୁ ସାଉଥ୍ ୱେଲ୍‌ସରେ ଆକ୍ରମଣକାରୀ ଫେରାଲ୍ ଫକ୍ସଙ୍କ ଯୋଗୁ ଏମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏଗୁଡ଼ିକ ସାଧାରଣତଃ ଉପକୂଳ ଅଞ୍ଚଳରେ ଦେଖାଯାଆନ୍ତି। ଷ୍ଟୋନ୍-କର୍ଲ୍ୟୁ ନାମରେ ପରିଚିତ ଏହି ପକ୍ଷୀ ଅଷ୍ଟ୍ରେଲିଆର ସ୍ୱଦେଶୀ ପକ୍ଷୀ। ଉପକୂଳ ବୁଶ୍‌ଲ୍ୟାଣ୍ଡର ଆଦିମ ଅଧିବାସୀ ଏହି ବିରଳ ପକ୍ଷୀଙ୍କ ସୁରକ୍ଷା ଲାଗି କିଛି ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନେ ଫେରାଲ୍ ଫକ୍ସ ଧରିବା ଲାଗି ଯନ୍ତା ବ୍ୟବହାର କରୁଛନ୍ତି। ଭୂମିରେ ବସାବାନ୍ଧି ରହୁଥିବା ଏହି ପକ୍ଷୀଙ୍କ ସଂରକ୍ଷଣ ଓ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କାରଣ ଏମାନଙ୍କ ସଂଖ୍ୟା ହାତଗଣତି ବୋଲି ଟୁଇଡ୍ ବାଇରନ୍ ଆବୋରିଜିନାଲ୍ ଲ୍ୟାଣ୍ଡ କାଉନସିଲ୍ ମୁଖ୍ୟ ବାନାହମ୍ ସ୍ଲାବ୍ ପ୍ରକାଶ କରିଛନ୍ତି।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୬.୦ |
| ଚାନ୍ଦବାଲି | ୩୩.୫ | ୨୬.୯ |
| କଟକ | ୩୧.୬ | ୨୫.୦ |
| ପାରାଦ୍ୱୀପ | ୩୨.୮ | ୨୬.୨ |
| ଭୁବନେଶ୍ୱର | ୩୪.୨ | ୨୬.୯ |
| ଗୋପାଳପୁର | ୩୪.୨ | ୨୬.୯ |
| ପୁରୀ | ୩୨.୪ | ୨୬.୦ |
| ଅନୁଗୋଳ | ୩୧.୧ | ୨୪.୦ |
| ବାରିପଦା | ୩୩.୬ | ୨୬.୪ |
| ଝାରସୁଗୁଡ଼ା | ୩୪.୫ | ୨୬.୪ |
| କେନ୍ଦୁଝର | ୩୧.୮ | ୨୪.୦ |
| ସମ୍ବଲପୁର | ୩୪.୪ | ୨୪.୩ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୩.୨ | ୨୦.୯ |
| ତାଳଚେର | ୩୩.୬ | ୨୫.୯ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | ୩୩.୦ | ୨୫.୮ |
| କୋରାପୁଟ | ୨୩.୦ | ୧୯.୬ |
| ଫୁଲବାଣୀ | ୩୨.୨ | ୨୨.୪ |
| ଟିଟିଲାଗଡ଼ | ୩୩.୫ | ୨୨.୦ |
| ମାଲକାନଗିରି | ୨୫.୦ | ୨୪.୮ |
| ସୋନପୁର | ୩୩.୮ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୨୦.୦ |
| ଢେଙ୍କାନାଳ | ୩୩.୪ | ୨୬.୨ |

ଡିଗ୍ରୀ ସେଲ୍‌ସିୟସ୍

# ମୁମ୍ବାଇରେ ପ୍ରିୟଙ୍କା-ନିକ୍ ନିର୍ବନ୍ଧ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କ ମଧ୍ୟରେ ଶନିବାର ନିର୍ବନ୍ଧ ହୋଇଥିବା ଔପଚାରିକ ଭାବରେ ଘୋଷଣା କରାଯାଇଛି। ଏଥିପାଇଁ ପ୍ରିୟଙ୍କାଙ୍କ ବାସଭବନରେ ଆବଶ୍ୟକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଭୟେ ଗଣମାଧ୍ୟମରେ ଏହି ବିଷୟ ପ୍ରକାଶ କରିବା ପରେ ସେମାନଙ୍କ ସମ୍ପର୍କକୁ ନେଇ ମାସ ମାସ ଧରି ଚାଲିଥିବା କଳ୍ପନା ଜଳ୍ପନାର ପରିସମାପ୍ତି ଘଟିଛି। ପ୍ରିୟଙ୍କା ଉତ୍ସବ ସ୍ଥଳରୁ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ନିକ୍‌ଙ୍କୁ ଆଲିଙ୍ଗନ କରିଥିବା ଦେଖାଯାଉଛି। ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିବା ଫଟୋ ତଳେ 'ପ୍ରାଣ ଓ ହୃଦୟଭରି ଭଲ ପାଉଛି' ବୋଲି ଉଲ୍ଲେଖ କରିଛନ୍ତି। ୨୫ବର୍ଷ ବୟସ୍କ ନିକ୍ ମଧ୍ୟ ଏକାଭଳି ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଲେଖିଛନ୍ତି-'ଆଗାମୀ କାଲିର ଶ୍ରୀମତୀ ଜୋନ୍‌ସ, ମୋ ହୃଦୟ, ମୋ ପ୍ରେମ।' ନିର୍ବନ୍ଧ ସରିଯାଇଥିଲେ ହେଁ ସେମାନଙ୍କର ବିବାହ କେବେ ତାହା ଘୋଷଣା କରିନାହାନ୍ତି। ଗ୍ରହ ଶାନ୍ତି, ଗଣେଶ ପୂଜା, ଆରତି ଆଦି କରାଯାଇଥିଲା। ସେମାନଙ୍କ ସୁଖଶାନ୍ତି ଓ ସମୃଦ୍ଧି ପାଇଁ ଏ ସବୁ କରାଯାଇଥିବା ତାଙ୍କ ପୁରୋହିତ କହିଛନ୍ତି।



ଦକ୍ଷିଣ କୋଷ୍ଟାରିକାରେ ଭୂକମ୍ପ ଅନୁଭୁତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୧ ଥିଲା ବୋଲି ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି । ଭୂକମ୍ପ ଅନୁଭୁତ ହେବାରୁ ଲୋକମାନେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ପୁଣି ଭୂକମ୍ପ ହେବାର ଆଶଙ୍କା କରି ଅନେକ ଘର ଭିତରକୁ ଯିବାକୁ ଭୟ କରିଥିଲେ। ଭୂକମ୍ପ ଯୋଗୁ ଧନଜୀବନ ହାନୀ ହେବାର କୌଣସି ଖବର ମିଳିନାହିଁ ।



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୮।୮(ବ୍ୟୁରୋ)- ଜାତିସଂଘର ପୂର୍ବତନ ମହାସଚିବ ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା କୋଫି ଆନ୍ନାନ୍‌ଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶନିବାର ଏନେଇ ଟୁଇଟ୍ କରି କହିଛନ୍ତି ଯେ, ଏଡ୍‌ସ ପରି ଭୟାନକ ବ୍ୟାଧି ସମ୍ପର୍କରେ ଜନସଚେତନତା ପାଇଁ ଆନ୍ନାନ୍ ମନେ ରହିବେ। ସେହିପରି ସାରା ବିଶ୍ୱରେ ବୈଷମ୍ୟ ଦୂର କରିବା ସହ ମାନବାଧିକାର ସୁରକ୍ଷା ନେଇ କାର୍ଯ୍ୟ ପାଇଁ ତାଙ୍କୁ ବିଶ୍ୱ ମନେରଖିବ।

### ଖାଲି ପଡିଲା ୨୩୨ ଏମ୍‌ବିବିଏସ୍, ବିଡିଏସ୍ ସିଟ୍

#### ୨୦ରୁ ସ୍ପଟ୍ ଆଡମିଶନ

ଭୁବନେଶ୍ୱର, ୧୮।୮(ବ୍ୟୁରୋ) ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମର ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ମୋଟ ୨୩୨ ସିଟ୍ ଖାଲି ପଡିଛି । ଏହି ସିଟ୍‌ରେ ନାମଲେଖାଇବା ପାଇଁ ଆସନ୍ତା ୨୦ ତାରିଖରୁ ଓଜେଇଇ ପକ୍ଷରୁ ସ୍ପଟ୍ ଆଡମିଶନ ହେବ । ଏହି ଆଡମିଶନ ପ୍ରକ୍ରିୟା ୩ଦିନ ଧରି ଚାଲିବ ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି । କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍‌ରେ ୫ ସିଟ୍ ଖାଲି ପଡିଥିବାବେଳେ ଏସ୍‌ସିବି ଡେଣ୍ଟାଲ କଲେଜରେ ବିଡିଏସରେ ୧୨ ସିଟ୍ ଖାଲି ପଡିଛି । ସେହିପରି ଭିମ୍‌ସାର ବୁର୍ଲାରେ ଏମ୍‌ବିବିଏସ୍‌ରେ ୨୬ ସିଟ୍, ବ୍ରହ୍ମପୁର ଏମ୍‌କେସିଜିରେ ୨୭, ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୧, ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୬, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୪, ଭୁବନେଶ୍ୱରସ୍ଥିତ ହାଇଟେକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୫ ଏମ୍‌ବିବିଏସ୍ ଏବଂ ହାଇଟେକ୍ ଡେଣ୍ଟାଲ କଲେଜରେ ୯୦ ବିଡିଏସ୍ ସିଟ୍ ଖାଲି ପଡିଛି ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି ।

# ପାଞ୍ଚଜଣଙ୍କୁ ନୂଆ ଜୀବନ ଦେଲେ ବ୍ରେନ୍‌ଡେଡ୍ ବାଳିକା

କୋଲକାତା:

ମସ୍ତିଷ୍କ ମୃତ୍ୟୁ ବା ବ୍ରେନ୍‌ଡେଡ୍ ହୋଇଥିବା ଜଣେ ୧୫ବର୍ଷର ବାଳିକାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ ୫ଜଣ ରୋଗୀଙ୍କୁ ନୂଆ ଜୀବନ ପ୍ରଦାନ କରିଛି। ଏହି ବାଳିକାଙ୍କ ଦୁଇଟି କିଡ୍‌ନୀ, ଲିଭର, କର୍ନିଆ ଏବଂ ଚମଡ଼ା ଅନ୍ୟ ରୋଗୀଙ୍କଠାରେ ସଫଳ ଭାବେ ପ୍ରତିରୋପଣ କରାଯାଇ ପାରିଛି। ସ୍ଥାନୀୟ ଏସ୍‌ଏସ୍‌କେଏମ୍ ହସ୍ପିଟାଲ୍‌ର ଜଣେ ମୁଖପାତ୍ରଙ୍କ କହିବାନୁଯାୟୀ, ଶୁକ୍ରବାର ମଲ୍ଲିକା ମଜୁମ୍‌ଦାର ନାମ୍ନୀ ବାଳିକାଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଯାଇଥିଲା। ସିଲିଗୁଡ଼ି ବାସିନ୍ଦା ଏହି ବାଳିକା ବ୍ରେନ୍ ଲେସିଅନ୍ ରୋଗରେ ପୀଡିତ ଥିବାରୁ ତାଙ୍କୁ ଜୁଲାଇ ୨୩ରେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଗଷ୍ଟ ୧୪ରେ ସେ କୋମା ଅବସ୍ଥାକୁ ଚାଲି ଆସିଥିଲେ। ବାଳିକାଙ୍କ ମସ୍ତିଷ୍କମୃତ୍ୟୁ ଘଟିଥିବାରୁ ସେ ଆଉ ଜୀବନ ଫେରିପାଇବା ସମ୍ଭବ ନୁହେଁ



ବୋଲି ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ପିତା ମାନିକ୍ ମଜୁମ୍‌ଦାରଙ୍କୁ କହିଥିଲେ। ତେଣୁ ଝିଅର କେତେକ ଅଙ୍ଗକୁ କାଢ଼ି ନିଆଯାଇ ଆବଶ୍ୟକ କରୁଥିବା ରୋଗୀଠାରେ ପ୍ରତିରୋପଣ କରାଗଲେ ସେ ଅନ୍ୟମାନଙ୍କ ଭିତରେ ବଞ୍ଚିରହିବେ ବୋଲି ତାଙ୍କ ବାପାଙ୍କୁ ସାନ୍ତ୍ୱନା ଦିଆଯାଇଥିଲା। ମାନିକ୍ ଏଥିରେ ସମ୍ମତି ପ୍ରକାଶ କରିବା ପରେ ଶୁକ୍ରବାର ମଧ୍ୟରାତ୍ରରେ ମଲ୍ଲିକାଙ୍କ କିଡ୍‌ନୀ କଢ଼ାଯାଇ ଉକ୍ତ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଦୁଇ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ସେହିପରି ବାଳିକାଙ୍କ କର୍ନିଆ ଏସ୍‌ଏସ୍‌କେଏମ୍‌ର ଜଣେ ରୋଗୀଙ୍କୁ ଦାନ କରାଯିବା ସହିତ ତାଙ୍କର ଚମଡ଼ାକୁ ପୋଡିଯାଇଥିବା ଜଣେ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଛି। ଲିଭରକୁ ଶନିବାର ଭୋର ସମୟରେ ସକାଳେ କୋଲକାତାର ଏକ ଘରୋଇ ହସ୍ପିଟାଲ୍‌କୁ ନିଆଯାଇଥିଲା। ଏଥିପାଇଁ କୋଲକାତା ପୋଲିସ ଗ୍ରୀନ୍ ଚ୍ୟାନେଲ୍ କରିଡର ସୁବିଧା ଯୋଗାଇ ଦେଇଥିଲା। ଲିଭର ରୋଗରେ ପୀଡ଼ିତ ୪୪ବର୍ଷ ବୟସର ଜଣେ ବ୍ୟକ୍ତି ହାଇଦ୍ରାବାଦ୍‌ରୁ ଶୁକ୍ରବାର ମଧ୍ୟରାତ୍ରିରେ ବିମାନଯୋଗେ ଆସି ଏଠାରେ ଚିକିତ୍ସାଧୀନ ଥିଲେ। ଦୀର୍ଘ ୫ଘଣ୍ଟା ଅସ୍ତ୍ରୋପଚାର ପରେ ତାଙ୍କଠାରେ ସଫଳତାର ସହିତ ଲିଭର ପ୍ରତିରୋପଣ କରାଯାଇପାରିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କର୍ମ ବଳେ ରାମଚନ୍ଦ୍ର ଗଲେ ବନବାସ,**
**କର୍ମ ବଳେ ନଳରାଜା କାଟେ ଘୋଡ଼ା ଘାସ ।**

ଭାଗ୍ୟ ହାତରେ ସମସ୍ତେ କ୍ରୀଡ଼ନକ। ଭାଗ୍ୟ କେତେବେଳେ କାହାକୁ ନେଇ କେଉଁ ସୋପାନରେ ପହଞ୍ଚାଇଦେବ ତାହା ଭବିଷ୍ୟବାଣୀ କରିବା ଅସମ୍ଭବ। ରାତି ପାହିଲେ ପ୍ରଭୁ ଶ୍ରୀରାମଚନ୍ଦ୍ର ଅଯୋଧ୍ୟାର ରାଜା ହୋଇଥାନ୍ତେ ପରନ୍ତୁ ତାଙ୍କୁ ଚଉଦ ବର୍ଷ ବନବାସ ଯିବାକୁ ପଡ଼ିଥିବା ଭଳି ନଳ ଦେଶର ରାଜାଙ୍କୁ ମଧ୍ୟ ଘୋଡ଼ାର ଖାଦ୍ୟ ପାଇଁ ଘାସ କାଟିବାକୁ ପଡ଼ିଥିଲା। ଭାଗ୍ୟ ଉପରେ କାହାର ଜୋର ନ ଥାଏ। ଭାଗ୍ୟର ପରିବର୍ତ୍ତନଶୀଳତା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ ଥିଲେ ନୋଲି ନାହିଁ,**
**ନୋଲି ଥିଲେ କାନ ନାହିଁ ।**

ଈଶ୍ୱର ସମସ୍ତଙ୍କୁ ସବୁଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବୀ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ସେହିପରି କାହାର ରାଜପ୍ରାସାଦ ପରି ବିରାଟ ଘର କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକ ଥିଲେ ବି ରହିବାକୁ ଘରଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏକାଧିକ ଅଫିସରଙ୍କ ପୂର୍ବ ବଦଳି ରଦ୍ଦ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

**ଡି.ଭି. ସ୍ୱାମୀ ଉତ୍ତରାଞ୍ଚଳ ଆରଡିସି**

ଡି.ଭି. ସ୍ୱାମୀ ପୂର୍ବଭଳି ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଭାବେ କାର୍ଯ୍ୟ କରିବେ। ଚଳିତ ମାସ ପ୍ରଥମ ସପ୍ତାହରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିସି) କମିଶନର ତଥା ନିଯୁକ୍ତି ନିର୍ଦ୍ଦେଶକ ଭାବେ ତାଙ୍କର ବଦଳି କରାଯାଇଥିଲା। ଆରଡିସି ଭାବେ କାର୍ଯ୍ୟ ଜାରି ରଖିବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ରହିଥିବାରୁ ତାଙ୍କର ପୂର୍ବ ବଦଳି ବାତିଲ କରାଯାଇଛି। ସେହିପରି ଉତ୍ତରାଞ୍ଚଳ ଆରଡିସି ଭାବେ ମହେନ୍ଦ୍ର କୁମାର ମଲ୍ଲିକଙ୍କ ପୂର୍ବ ବଦଳିକୁ ରଦ୍ଦ କରାଯାଇଛି। ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ପୂର୍ବ ବିଜ୍ଞପ୍ତିକୁ ମଧ୍ୟ ରଦ୍ଦ କରାଯାଇଛି। ସେ ପୂର୍ବଭଳି ନିଯୁକ୍ତି ନିର୍ଦ୍ଦେଶକ ତଥା ସିଇଓ, ଓଏସ୍‌ଡିସି ଭାବେ କାର୍ଯ୍ୟ କରିବେ। କିଛିଦିନ ତଳେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗରେ ଯୁଗ୍ମ ସଚିବ ଭାବେ ଯୋଗଦେଇଥିବା ଡକ୍ଟର ବିଜୟ କେତନ ଉପାଧ୍ୟାୟଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ଇପିକଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ୍. ବି. ଜୱାଲେଙ୍କୁ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଶନିବାର ଏନେଇ ସୂଚନା ମିଳିଛି।

ପ୍ରକାଶ ଯେ, ରାଜସ୍ୱ କମିଶନର ରାଜ୍ୟ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ପଦବୀ । ରାଜ୍ୟରେ ଥିବା ୩ଟି ରାଜସ୍ୱ କମିଶନର ପଦବୀ ଅଧୀନରେ ୧୦ଟି ଲେଖାଏ ଜିଲା ରହିଛି। ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ର କମିଶନର ପାହ୍ୟାର ଅଫିସର ରାଜସ୍ୱ କମିଶନର ଭାବେ ନିଯୁକ୍ତି ହୋଇଥାନ୍ତି। ହେଲେ ଉକ୍ତ ପଦବୀରେ ଅଫିସରଙ୍କ ନିଯୁକ୍ତି ନେଇ ଅସୁବିଧା ଦେଖାଦେଇଛି। ଚଳିତ ମାସ ପ୍ରଥମ ସପ୍ତାହରେ ହୋଇଥିବା ଅଦଳବଦଳରେ ମହେନ୍ଦ୍ର ମଲ୍ଲିକଙ୍କୁ ଉତ୍ତରାଞ୍ଚଳ ଆରଡିସି ଭାବେ ଦାୟିତ୍ୱ ଦିଆଯାଇଥିଲା। ଏଥିସହ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ହେଲେ ପରେ ମହେନ୍ଦ୍ର କେବଳ କେନ୍ଦ୍ରାଞ୍ଚଳ ଆରଡିସି ଭାବେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଉତ୍ତରାଞ୍ଚଳ ଆରଡିସି ଭାବେ ଅନ୍ୟ କାହାକୁ ନିଯୁକ୍ତ ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ସେହିପରି ଦକ୍ଷିଣାଞ୍ଚଳ ଆରଡିସି ଭାବେ ଦାୟିତ୍ୱ ତୁଲାଉଥିବା ଟି. ଆଓଙ୍କର ମଧ୍ୟ ପୂର୍ଣ୍ଣକାଳୀନ ନିଯୁକ୍ତି ହୋଇନାହିଁ। ଟି. ଆଓ କମିଶନର ପାହ୍ୟାକୁ ଯାଇ ନ ଥିବାରୁ ସେ ଆରଡିସି ଭାବେ ନିଯୁକ୍ତ ହୋଇପାରିବେ ନାହିଁ ବୋଲି ଜଣାପଡିଛି।

## ଚିଟ୍‌ଫଣ୍ଡ କମିଶନ
## ଷଷ୍ଠ ପର୍ଯ୍ୟାୟ ଯାଞ୍ଚ କାର୍ଯ୍ୟ ଜୋରଦାର

କଟକ ଅଫିସ, ୧୮।୮:

ଚିଟ୍‌ଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ଏମ୍.ଏମ୍. ଦାସ କମିଶନ ଷଷ୍ଠ ପର୍ଯ୍ୟାୟ ଅନ୍ତରୀଣ ରିପୋର୍ଟ ନିମନ୍ତେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଷଷ୍ଠ ପର୍ଯ୍ୟାୟରେ ମୋଟ ୨ଲକ୍ଷ ୨୪ହଜାର ୨୫୨ ସତ୍ୟାପାଠ ଯାଞ୍ଚ କରାଯିବ ଏବଂ ୫୬୨ ଚିଟ୍‌ଫଣ୍ଡ ସଂସ୍ଥାକୁ ନୋଟିସ କରାଯିବାକୁ ସ୍ଥିର ହୋଇଛି। ଏହି ସଂସ୍ଥାଗୁଡିକ ମଧ୍ୟରେ ପ୍ରମୁଖ ଭାବେ ବେସିଲ ଇଣ୍ଟରନ୍ୟାଶନାଲ ଲିମିଟେଡରେ ୧୩୦୦୦ ଜମାକାରୀ ଅର୍ଥ ଜମା କରିଥିବାବେଳେ ଫ୍ଲୋରିସେ ଡେଭଲପ୍‌ମେଣ୍ଟ ଇଣ୍ଡିଆରେ ୮୦୦୦, ଗ୍ରୀନ ରେ ସଂସ୍ଥାରେ ୫୦୦୦ରୁ ଅଧିକ, କୋଲକତା ଓ୍ୟାର ଇଣ୍ଡଷ୍ଟ୍ରି ଲିମିଟେଡରେ ୨୪୦୦୦ ଓ ଓ୍ୟାରର୍ଡ ଇଣ୍ଟରନ୍ୟାଶନାଲ ଲିମିଟେଡରେ ୯୦୦୦ ଜମାକାରୀ ରହିଛନ୍ତି। ସେହିପରି ସି-ଶୋର ସଂସ୍ଥାରେ ୪ହଜାର ୨୨୯ ଓ ଅର୍ଥତତ୍ତ୍ୱରେ ୧୬୦୭ ଜମାକାରୀ ରହିଛନ୍ତି। ସୂଚନାଥାଉକି, ଗତ ଜୁଲାଇ ୧୩ରେ କମିଶନଙ୍କ ପକ୍ଷରୁ ପଞ୍ଚମ ଅନ୍ତରୀଣ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା। ୧୨୫୩୦ ପୃଷ୍ଠା ସମ୍ବଳିତ ଏହି ଅନ୍ତରୀଣ ରିପୋର୍ଟକୁ ଗୃହ ବିଭାଗରେ ଦାଖଲ କରାଯାଇଥିଲା। ୧ଲକ୍ଷ ୮ହଜାର ୧୫୦ କ୍ଷୁଦ୍ର ଜମାକାରୀଙ୍କୁ ଏହି ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିଲା।

■ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣା

# ମାନସିକ ଚାପରେ ଥିଲେ ଅର୍ଚ୍ଚନା

ଛତ୍ରପୁର,୧୮।୮(ଡି.ଏନ.ଏ.)

■ ବାପା ଆଣିଲେ ନିର୍ଯାତନା ଅଭିଯୋଗ
■ ସ୍ୱାମୀ ସମେତ ୮ ଜଣଙ୍କ ନାଁରେ ମାମଲା



ଛତ୍ରପୁର ରେଲୱେ ଫାଟକ ନିକଟ ଧାରଣାରୁ ଶୁକ୍ରବାର ସକାଳୁ ଛତ୍ରପୁର ବ୍ଲକ ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ର ଡା. ଅର୍ଚ୍ଚନା ଦାଶଙ୍କ ମୃତଦେହ ଉଦ୍ଧାର ଘଟଣା ଭିନ୍ନ ମୋଡ ନେଇଛି । ତାଙ୍କ ମା' କୁସୁମପ୍ରଭା ମିଶ୍ରଙ୍କ ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ପକ୍ଷରୁ ଖୋଳତାଡ ଆରମ୍ଭ କରିଛି । ମୃତା ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ସମେତ ୮ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏମାନଙ୍କ ବିରୋଧରେ ଛତ୍ରପୁର ପୋଲିସ ପକ୍ଷରୁ ଆଇପିସି ଦଫା ୪୯୮-ଏ, ୩୦୬, ୨୯୪, ୩୪୧ ଏବଂ ଯୌତୁକ ନିରୋଧୀ ଆଇନ୍ ଦଫା ୪ ଲଗାଯାଇଛି। ମାନସିକ ଚାପରେ ଥିବାରୁ ଅର୍ଚ୍ଚନା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡିଛି । ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସ୍ୱାମୀ କିମ୍ବା ଶାଶୁଘର ଲୋକ କେହି ସାମିଲ ହୋଇ ନ ଥିଲେ। ଏହାକୁ ନେଇ ଆହୁରି ସନ୍ଦେହ ସୃଷ୍ଟି ହୋଇଛି। ମୃତ୍ୟୁ ସମ୍ପର୍କରେ ବାପ ଘର ଲୋକଙ୍କ ପକ୍ଷରୁ ଶାଶୁଘର ଲୋକଙ୍କୁ ଖବର ଦିଆଯାଇଥିଲା। ଅର୍ଚ୍ଚନାଙ୍କୁ ତାଙ୍କ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିଲା ବୋଲି ବାପା ରଘୁନାଥ ଦାଶ ଅଭିଯୋଗ କରିଛନ୍ତି । ବ୍ରହ୍ମପୁରସ୍ଥିତ ଜିଆରପି ପକ୍ଷରୁ ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ବଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ମିଳିଥିବା ସୂଚନା ଅନୁସାରେ, ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ପକ୍ଷରୁ ଏକ ଛାଡପତ୍ର ପିଟିଶନ ଭୁବନେଶ୍ୱର ପରିବାର ଜଜ୍ କୋର୍ଟରେ ଦାଖଲ କରାଯାଇଥିଲା । ଏହାପରେ କୋର୍ଟଙ୍କ ପକ୍ଷରୁ ଅର୍ଚ୍ଚନାଙ୍କୁ ସେପ୍ଟେମ୍ବର ୧୦ ତାରିଖରେ ହାଜର ହୋଇ ନିଜର ପକ୍ଷ ରଖିବାକୁ ନୋଟିସ୍ ହୋଇଥିଲା। ଏହା ଜାଣିବା ପରେ ଅର୍ଚ୍ଚନା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡିଥିଲେ। ଶୁକ୍ରବାର ଭୋର ସମୟରେ କାହାକୁ କିଛି ନ କହି ଚାଲି ଚାଲି ଛତ୍ରପୁର ମୁଖ୍ୟ ରେଳଷ୍ଟେଶନର ଦକ୍ଷୀଣ କ୍ୟାବିନ୍ ସମ୍ମୁଖ ରେଳ ଧାରଣାରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ । ୨୦୧୩ ଡିସେମ୍ବର ୪ରେ ଭୁବନେଶ୍ୱର ଗାଡକଣର ଡା. ଅଞ୍ଜନ କୁମାର ଦାଶଙ୍କ ସହ ଅର୍ଚ୍ଚନାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା ।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧ ଦମ୍ପତିଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

ବ୍ରହ୍ମପୁର ଅଫିସ,୧୮।୮

ସ୍ଥାନୀୟ ଆଙ୍କୁଲି ଶିଳ୍ପାଞ୍ଚଳସ୍ଥିତ କୁମ୍ଭାରପଲ୍ଲୀ ଗ୍ରାମରେ ବୃଦ୍ଧ ଦମ୍ପତିଙ୍କୁ ଗ୍ରାମବାସୀ ଗୁଣିଗାରେଡ଼ି ସନ୍ଦେହରେ ଆକଟ କରିବା ସହ ସ୍ଥାନୀୟ ବୈଦ୍ୟନାଥପୁର ପୋଲିସ ଜିମା ଦେଇଥିବା ଜଣାପଡିଛି। ପ୍ରକାଶ ଯେ, କୁମ୍ଭାରପଲ୍ଲୀ ଗ୍ରାମରେ ପ୍ରାୟ ୬ମାସ ହେଲା ବୃଦ୍ଧ ଦମ୍ପତି ଘର ଭଡା ନେଇ ରହୁଥିଲେ। ତେବେ କିଛିଦିନ ହେବ ସେମାନେ ଘର ମଧ୍ୟରେ ବିଳମ୍ବିତ ରାତି ଯାଏ ପୂଜାପାଠ କରିବା, ରାତିରେ ପୋଖରୀରୁ ପାଣି ଆଣିବାକୁ ଯିବା, ସ୍ଥାନୀୟ ଶ୍ମଶାନରେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀ ଭୟଭୀତ ହୋଇ ବୃଦ୍ଧ ଦମ୍ପତିଙ୍କୁ ଶନିବାର ରାତି ପ୍ରାୟ ୧୦ଟାରେ ଏସବୁ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଆକଟ କରିବା ସହ ସ୍ଥାନୀୟ ବୈଦ୍ୟନାଥପୁର ଥାନାକୁ ନେଇ ପୋଲିସ ଜିମା ଦେଇଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**SHRIRAM FINANCE L.T.D**
Kharbel Nagar Branch Office building, opposite Shriya Cinema Hall, Kharbel Nagar, Bhubaneswar (Odisha), Unit-3, Pin Code: 751001
CONTACT:
7328873676
8658687929
Gmail: finance0102018@gmail.com

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା ୨୦,୦୦୦/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ**
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**BUSINESS**
ସରକାରୀ ଅନୁମୋଦିତ ନଂ.1 କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଘର ଛାତ, ପ୍ଲଟ୍‌ରେ ସମଗ୍ର ଭାରତର ଯେକୌଣସି ସ୍ଥାନରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ଅଗ୍ରିମ ଆକାରରେ 60 ଲକ୍ଷ, 50,000 ଭଡ଼ା + ମାସିକ 35,000ର ଅନ୍ୟାନ୍ୟ ସୁବିଧାସୁଯୋଗ ପାଆନ୍ତୁ।
Helpline Numbers
7497033685
7497800247

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**Get Instant Cash Against Gold**
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
8114353091

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**ADMISSION OPEN**
**DEGREE/DIPLOMA**
**TRYTOON ACADEMY**
Affiliated Utkal University of Culture,Odisha
FASHION DESIGN
INTERIOR DESIGN
ANIMATION VFX
HOTEL MANAGEMENT
Palasuni Hat,Rasulgarh,BBSR
9437000960,8908942638
9437799550,06742370713
Last Seats Admission
Get Huge Discount

**ADMISSION OPEN 2018-20**
**B.Ed.**
Acharya Nagarjuna University
ANUSKA B.Ed ACADEMY
ODISHA'S NO-1 B.Ed. ACADEMY
97% 1ST DIVISION
Rasulgarh, Bhubaneswar
8260277745 / 8260277746
Cuttack: 6370442804
Bhawanipatna: 7982328673
Jajpur/Kendrapara: 9692222120
www.anuskagroup.com

**ADMISSION OPEN FOR 2018-20**
**B.Ed CT(D.EL.Ed) & M.Ed**
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 **NIDT**
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**GET INSTANT CASH AGAINST GOLD**
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ ! ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928

**ଫାଇନାନ୍ସ**
ଧନଜନ ଯୋଜନା
**ଶ୍ରୀ ହରି ଫାଇନାନ୍ସ LTD**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1940ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 - 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍



## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

**ନିମାପଡ଼ା,୧୮।୮(ଡି.ଏନ୍.ଏ.):** ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଅର୍ଜୁନପୁର ଗ୍ରାମରେ ଶନିବାର ବଜ୍ରପାତ ଘଟି ସିଦ୍ଧେଶ୍ୱର ଭୋଇ(୫୨)ଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ଣରେ ସିଦ୍ଧେଶ୍ୱର ବିଲରେ ଧାନ ତଳି ରୋଉଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ପାଖରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନିମାପଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୧୮)ରୁଜୁ ହୋଇଛି। ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।

### ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ ଜବତ

**ନିମାପଡ଼ା,୧୮।୮(ଡି.ଏନ୍.ଏ.):** ନିମାପଡ଼ା ମହିଳା କଲେଜ ନିକଟରୁ ଶନିବାର ସ୍ଥାନୀୟ ଗୋ ସୁରକ୍ଷା ବାହିନୀର କର୍ମକର୍ତ୍ତା ଏକ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନକୁ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ୬ଟି ଗୋରୁଥିବା ପିକ୍ଅପ୍ ଭ୍ୟାନ(ଓଡି ୦୨ ଏପି ୩୪୧୧)କୁ ଜବତ କରିବା ସହ ଉକ୍ତ ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଏହି ଗୋରୁଗୁଡିକୁ ସାକ୍ଷୀଗୋପାଳସ୍ଥିତ ଗୋ' ଶାଳାକୁ ପଠାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଚାରିଛକ ନିକଟସ୍ଥ ରତନପୁର ଅଞ୍ଚଳରୁ ଏହି ଗୋରୁ ଗାଡି ପିପିଲି ଅଞ୍ଚଳକୁ ଚାଲାଣ କରାଯାଉଥିଲା ବୋଲି ଗୋ ସୁରକ୍ଷା ବାହିନୀର କର୍ମକର୍ତ୍ତା ରଞ୍ଜନ ପ୍ରଧାନ, ରାକେଶ ସେନାପତି, ବାପୁନି ପାତ୍ର, ହାପି ଖୁଣ୍ଟିଆ ପ୍ରମୁଖ କହିଛନ୍ତି। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା।

# ଚିଲିକା ଉପରେ ପ୍ଲାଷ୍ଟିକ୍ ବୋଝ

**ପ୍ରଦୀପ କିଶୋର ସାହୁ**
**ପୁରୀ ଅଫିସ, ୧୮।୮**



ସମ୍ପ୍ରତି ବିଶ୍ୱରେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ଚିନ୍ତାର ବିଷୟ ହୋଇଛି। ମଣିଷର ମାତ୍ରାଧିକ ପ୍ଲାଷ୍ଟିକ ମୋହ ଜୈବ ବିବିଧତାକୁ ଧ୍ୱଂସ କରୁଛି। ଏହାର ଏକ ଉଦାହରଣ ହେଉଛି ଚିଲିକା, ଯାହା ଉପରେ ଏବେ ରହିଛି ପ୍ଲାଷ୍ଟିକ ଓ ପଲିଥିନ୍ର ବୋଝ। ଚିଲିକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସିଥିବା ପର୍ଯ୍ୟଟକ, ବ୍ୟବସାୟୀ, ଆଖପାଖରେ ରହୁଥିବା ଜନସାଧାରଣ ଲଦିଛନ୍ତି ଏହି ବୋଝ। ଫଳରେ ଚିଲିକାର ଜଳଜୀବ ପ୍ରଭାବିତ ହେଉଥିବାବେଳେ ଏହାର ପରିବେଶ ଓ ଜୈବ ବିବିଧତା ଉଜୁଡ଼ିଯିବ ବୋଲି ପରିବେଶପ୍ରେମୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କଠୋର ଆଭିମୁଖ୍ୟ ଗ୍ରହଣ କରିବା ଜରୁରୀ ହୋଇପଡିଛି।

ଚିଲିକାରେ ଛୋଟବଡ ୫୨ଟି ନଦୀ ମିଶିଛି। ଦୈନନ୍ଦିନ ମଣିଷ ବ୍ୟବହାର କରୁଥିବା ପଲିଥିନ, ପ୍ଲାଷ୍ଟିକ ଏଣେତେଣେ ପଡିବା ଫଳରେ ସେଗୁଡିକ ନଦୀ ମାଧ୍ୟମରେ ଚିଲିକା ଏବଂ ସମୁଦ୍ରକୁ ଭାସି ଆସୁଛି। ସେହିପରି ଚିଲିକା ଉପକୂଳରେ ପ୍ରାୟ ୧୪୭ ଗ୍ରାମ ରହିଛି। ସେଥିରେ ୨ଲକ୍ଷ ପରିବାର ବସବାସ କରୁଛନ୍ତି। ଏହାଛଡ଼ା ଚିଲିକା କୂଳରେ ରହିଥିବା ପର୍ଯ୍ୟଟନ ସ୍ଥଳ ଏବଂ ଜେଟିଗୁଡିକରେ ଛୋଟ ବଡ ଦୋକାନ ରହିଛି। ଚିଲିକା ଉପକୂଳବାସୀ, ପର୍ଯ୍ୟଟକ ଓ ବ୍ୟବସାୟୀ ସଚେତନ ନ ଥିବାରୁ ପଲିଥିନ ଏଣେତେଣେ ପକାଉଛନ୍ତି। ସେଗୁଡିକ ଚିଲିକାରେ ମିଶୁଛି। ନୂଆମୁହାଣ, ରାଜହଂସ, କାଳିଜାଇ, ବରକୁଳ, ବାଲୁଗାଁ, ରମ୍ଭା ଆଦି ସ୍ଥାନରେ ପର୍ଯ୍ୟଟକମାନେ ପିକ୍ନିକ କରୁଛନ୍ତି। ସେଠାରେ ପଲିଥିନ ଓ ପ୍ଲାଷ୍ଟିକ ଗ୍ଲାସ ଆଦିକୁ ପକାଇବା ଯୋଗୁ ସେଗୁଡିକ ଚିଲିକା ପାଇଁ ବିପଦ ସାଜୁଛି।

ଅନ୍ୟପକ୍ଷରେ ଚିଲିକା ମଧ୍ୟରେ ଡଙ୍ଗାରେ ପର୍ଯ୍ୟଟକମାନେ ପିକ୍ନିକ କରୁଛନ୍ତି। ସେହିପରି ମଙ୍ଗଳାଯୋଡି, ସୁନ୍ଦରପୁର ଆଦି ସ୍ଥାନରୁ ପର୍ଯ୍ୟଟକମାନେ ଡଙ୍ଗାରେ ବସି ପକ୍ଷୀ ଦେଖିବାକୁ ଯାଉଛନ୍ତି। ପର୍ଯ୍ୟଟକମାନେ ସାଥିରେ ପଲିଥିନରେ ବିଭିନ୍ନ ସ୍ନାକ୍ସ, ପାଣି ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ କୋଲ୍ଡ ଡ୍ରିଙ୍କସ୍ ଆଦି ନେଉଛନ୍ତି। ଖାଇବା ପରେ ତାହାକୁ ଚିଲିକାରେ ପକାଉଛନ୍ତି। ମତ୍ସ୍ୟଜୀବୀମାନେ ଜାଲରେ ପ୍ଲାଷ୍ଟିକ ବୋତଲ ବାନ୍ଧୁଛନ୍ତି। ସେଗୁଡ଼ିକ ମଧ୍ୟ ଜଳରାଶିରେ ହଜାର ହଜାର ସଂଖ୍ୟାରେ ଭାସୁଥିବା ଦେଖିବାକୁ ମିଳୁଛି।

### ■ ବୃଦ୍ଧି ପାଉଛି ପ୍ରଦୂଷଣ, ସଙ୍କଟରେ ଜଳଜୀବ

ଏସିଆ ମହାଦେଶର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା। ୧୧୬୫ବର୍ଗ କିମି ବିଶିଷ୍ଟ ଏହି ହ୍ରଦ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାର ବ୍ୟାପକ ଅଞ୍ଚଳକୁ ଛୁଇଁଛି। ଏହାର ଅନ୍ୟତମ ଆକର୍ଷଣ ହେଉଛି ଇରାୱାଡି ଡଲଫିନ। ଭାରତର ପ୍ରଥମ ଆର୍ଦ୍ରଭୂମି ଓ ସନ୍ତସନ୍ତିଆ ଅଞ୍ଚଳ ଭାବେ ଏହା ରାମସାର କନ୍ଭେନଶନରେ ମାନ୍ୟତା ପାଇଥିଲା। ୨୦୦୨ରେ ରାମସାର ସଂରକ୍ଷଣ ପୁରସ୍କାର ପାଇ ବିଶ୍ୱରେ ପ୍ରକୃତିପ୍ରେମୀଙ୍କ ଦୃଷ୍ଟିକୁ ଆସିଥିଲା। ଆନ୍ତର୍ଜାତିକ ଗୁରୁତ୍ୱ ବହନ କରୁଥିବା ଚିଲିକାର ୧୬ ବର୍ଗ କିମି ବ୍ୟାପ୍ତ ନଳବଣ ଦ୍ୱୀପକୁ ୧୯୮୭ରେ ପକ୍ଷୀ ଅଭୟାରଣ୍ୟର ମାନ୍ୟତା ମଧ୍ୟ ମିଳିଛି। ଏହାର ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ପ୍ରତିବର୍ଷ ଶୀତଋତୁରେ ଦେଶ ବିଦେଶରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଛୁଟି ଆସିଥାନ୍ତି।

### ୨୦୦୨ରୁ ନିଷିଦ୍ଧ ହୋଇଛି ପଲିଥିନ ବ୍ୟବହାର

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨୦୦୨ରୁ ଚିଲିକାରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ତାହାକୁ ରୋକାଯାଇପାରିନାହିଁ। ଲୋକମାନଙ୍କୁ ସଚେତନ କରିବା ଲାଗି ମଧ୍ୟ ପର୍ଯ୍ୟାପ୍ତ ପଦକ୍ଷେପ ହାତକୁ ନିଆଯାଉନାହିଁ। ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘର ସଭାପତି ସଦାଶିବ ଜେନା କୁହନ୍ତି, ଚିଲିକାରେ ଚଳାଚଳ କରୁଥିବା ୮୦ପ୍ରତିଶତ ବୋଟ୍ରେ ଡଷ୍ଟବିନ ରଖାଯାଇଛି। ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କୁ ଡଙ୍ଗାରେ ବସିବା ବଳେ ସଚେତନ କରାଯାଉଛି। ସେମାନେ ବ୍ୟବହାର କରୁଥିବା ପଲିଥିନ ବୋଟ ଡ୍ରାଇଭରଙ୍କୁ ଦେବାକୁ କୁହାଯାଉଛି। ବୋଟ ଡ୍ରାଇଭର ପଲିଥିନକୁ ଡଷ୍ଟବିନରେ ରଖୁଛନ୍ତି। ଡଙ୍ଗାକୂଳରେ ଲାଗିବା ପରେ ବାହାରେ ପକାଉଛନ୍ତି। କିନ୍ତୁ ଚିଲିକା କୂଳରେ ଡଷ୍ଟବିନ ନ ଥିବାରୁ ସମସ୍ୟା ଉପୁଜିଛି। ଚିଲିକାରେ ଥିବା ପ୍ରତି ମୋଟର ବୋଟ ଆସୋସିଏଶନକୁ ସିଡିଏ ୨୦ହଜାର ଟଙ୍କା ଲେଖାଏ ଯୋଗାଇ ଦେଇଥିଲା। ସେଥିରେ ଡଷ୍ଟବିନ କିଣିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୨ରୁ ଏହାକୁ କଡାକଡି କରାଯିବ। ଚିଲିକା ମଧ୍ୟକୁ ପଲିଥିନ ନେବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି, ସିଡିଏ ପକ୍ଷରୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି। କାଳିଜାଇ ସହିତ ଚିଲିକାର ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି। କିନ୍ତୁ ଲୋକମାନେ ସଚେତନ ହେବା ଆବଶ୍ୟକ। ଚିଲିକା କିଭଳି ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ହୋଇପାରିବ ସେଥିପାଇଁ ସିଡିଏ ପକ୍ଷରୁ ପଦକ୍ଷେପ ନିଆଯାଉଛି।

■ ଏସ୍ସିବି ଆଉଟ୍ଡୋରରେ ଦଲାଲି ବଢୁଛି

# ପୋଲିସକୁ ଚିଠି ଲେଖିଲେ ପ୍ରଶାସନିକ ଅଧିକାରୀ

**କଟକ ଅଫିସ, ୧୮।୮**



ସରକାର ରୋଗୀମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି। ଔଷଧଠାରୁ ଆରମ୍ଭ କରି ଉପକରଣ ଓ ବିଭିନ୍ନ ପରୀକ୍ଷା ନିରୀକ୍ଷାକୁ ସମ୍ପୂର୍ଣ୍ଣ ମାଗଣା କରିଛନ୍ତି। ହେଲେ ଏସ୍ସିବି ମେଡିକାଲ ଆଉଟଡୋର ଆଗରେ ଦଲାଲମାନେ ସମସ୍ତ ସରକାରୀ ଯୋଜନାକୁ ପଣ୍ଡ କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଏହି ଦଲାଲମାନଙ୍କର ଜାଲରେ ପଡି ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଦଲାଲମାନଙ୍କ କବଳରୁ ରୋଗୀମାନଙ୍କୁ ରକ୍ଷା କରିବାକୁ ଏସ୍ସିବି ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ମଙ୍ଗଳାବାଗ ଥାନା ଆଇଆଇସିଙ୍କୁ ଗତ ଗୁରୁବାର ଚିଠି ଲେଖିଛନ୍ତି।

ସୂଚନାଥାଉକି, ମେଡିକାଲର ଜେନେରାଲ ଆଉଟଡୋର ଆଗରେ ସର୍ବଦା ଦଲାଲମାନଙ୍କ ଭିଡ ଜମୁଛି। ଏପରିକି ମେଡିକାଲରେ କାର୍ଯ୍ୟରତ ଅଧିକାଂଶ ଡାକ୍ତରଙ୍କ ସିଧା ଲିଙ୍କ୍ ଘରୋଇ ହସ୍ପିଟାଲ ଓ କ୍ଲିନିକଗୁଡିକ ସହିତ ରହିଛି। ଏହି ଡାକ୍ତରମାନଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଦଲାଲମାନେ ଆଉଟଡୋର ଆଗରେ ନିଜର ବ୍ୟବସାୟ ଚଳାଉଛନ୍ତି। ବିଭିନ୍ନ ପ୍ରଲୋଭନ ଓ ଭଲ ଚିକିତ୍ସା ମିଳିବାର ଆଶା ଦେଖାଇ ଏମାନେ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲ, କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ନେବାରେ ସଫଳ ହୋଇଥାନ୍ତି। ରୋଗୀ ଜଣକ ସେଠାରେ ପହଞ୍ଚିବା ପରେ ଏମାନଙ୍କ ଅସଲ ଚେହେରା ଜାଣି ପାରିଥାନ୍ତି। ହେଲେ ସେତେବେଳକୁ ରୋଗୀଙ୍କ ଚିକିତ୍ସା ସମ୍ବନ୍ଧୀୟ ବିଲ୍ ବେଶ୍ ଲମ୍ବା ହୋଇଥାଏ। ଆବଶ୍ୟକ ସ୍ଥଳେ ଏମାନେ ମୃତଦେହକୁ ବନ୍ଧକ ରଖି ଅର୍ଥ ଜୁଲମ କରିଥାନ୍ତି। ଏବେ ଏହି ଦଲାଲମାନଙ୍କ ଉତ୍ପାତ ଅଧିକ ବଢି ଯାଇଥିବାରୁ ମେଡିକାଲ ପ୍ରଶାସନ ଏକପ୍ରକାର ଅସହାୟ ହୋଇପଡିଛି।

ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କ କହିବାନୁଯାୟୀ, ବିଭିନ୍ନ ସମୟରେ ରୋଗୀ ଓ ସମ୍ପର୍କୀୟମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ଆସିବା ପରେ ପୋଲିସକୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି ଲେଖାଯାଇଛି। ମଙ୍ଗଳାବାଗ ଥାନା ଆଇଆଇସି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଆମେ ଗତ କିଛିଦିନ ହେବ ମେଡିକାଲରେ ବ୍ରୋକରମାନଙ୍କୁ ଧରିବା ପାଇଁ ଏକ ସ୍ପେଶାଲ ଅପରେଶନ ଚଳାଇଛୁ। ଅନେକ ବ୍ରୋକର ପୋଲିସ ହାତରେ ଧରାପଡିଛନ୍ତି। ସାମାଜିକ କର୍ମୀ ଦୀପକ ଆଚାର୍ଯ୍ୟ କୁହନ୍ତି କେବଳ ବ୍ରୋକରମାନଙ୍କୁ ଧରିଲେ ସମସ୍ୟାର ସମାଧାନ ହେବନି। କାରଣ ଏହି ବ୍ରୋକରମାନଙ୍କ ପଛରେ ଡାକ୍ତରମାନେ ରହିଛନ୍ତି। ତେଣୁ ଜଣେ ଦୁଇଜଣ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ପରିସ୍ଥିତିରେ ଅନେକ ସୁଧାର ଆସିବ। ଉଦାହରଣ ଦେଇ ଆଚାର୍ଯ୍ୟ କୁହନ୍ତି, ନିକଟରେ ପୋଲିସ କାଜୁଆଲ୍ଟି ଭିତରୁ ଏକ ଇସିଜି ମେଶିନ ଜବତ କରିଥିଲା। ଉକ୍ତ ମେଶିନକୁ କାଜୁଆଲ୍ଟି ଭିତରେ ପକାଇ ଏକ ଘରୋଇ ପାଥୋଲ୍ୟାବ ମାଲିକ ବ୍ୟବସାୟ କରୁଥିଲେ। ସାମାଜିକ କର୍ମୀ ଅଭିମନ୍ୟୁ ଦାସ କୁହନ୍ତି ବେଡ୍ ସାଇଡ ଏକ୍ସ-ରେ ମେଶିନଠାରୁ ଆରମ୍ଭ କରି ନେବୁଲାଇଜେଶନ ମେଶିନ ପର୍ଯ୍ୟନ୍ତ ଏସସିବିରେ ଭର୍ତ୍ତି ହୋଇଥିବା ରୋଗୀଙ୍କ କ୍ଷେତ୍ରରେ ଭଡାରେ ଲାଗୁଛି। ତେଣୁ ଏ ସମସ୍ତ କାର୍ଯ୍ୟକୁ ବନ୍ଦ କରାଯିବା ଆବଶ୍ୟକ।

# ଓଡ୍ରାଫ୍‌ରେ ସାମିଲ ହେବ ନୂଆ ୧୦ ୟୁନିଟ୍

**କଟକ ଅଫିସ, ୧୮।୮**

ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ପାଇଁ ୧୯୯୯ରେ ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ(ଓଡ୍ରାଫ୍) ଗଠନ ହୋଇଥିଲା। ଏଥିରେ ପ୍ରାଥମିକ ପର୍ଯ୍ୟାୟରେ ୫ ୟୁନିଟ୍ କାର୍ଯ୍ୟ କରୁଥିଲା। ୨୦୦୯ରେ ଏଥିରେ ଆଉ ୫ଟି ୟୁନିଟ୍ ଟିମ୍ ସାମିଲ ହୋଇଥିଲା। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଏହି ଓଡ୍ରାଫ୍ ୟୁନିଟ୍‌ଗୁଡ଼ିକ ଉଦ୍ଧାର କାର୍ଯ୍ୟ କରିଆସୁଛି। ଏବେ କଟକ, କୋରାପୁଟ, ଝାରସୁଗୁଡା, ବାଲେଶ୍ୱର, ଛତ୍ରପୁର, ଭୁବନେଶ୍ୱର, ରାଉରକେଲା, ବାରିପଦା, ବଲାଙ୍ଗୀର, ପାରାଦୀପରେ ୧୦ ଓଡ୍ରାଫ୍ ୟୁନିଟ୍ କାର୍ଯ୍ୟ କରୁଛି। ଓଡ଼ିଶା ଷ୍ଟେଟ୍ ଆର୍ମଡ୍ ପୋଲିସ (ଓଏସ୍ଏପି) ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ଓଡ୍ରାଫ୍‌ରେ ଆଉ ୧୦ଟି ନୂଆ ୟୁନିଟ୍ ସାମିଲ ହେବେ ବୋଲି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କଠାରୁ ଜଣାପଡ଼ିଛି। ଗୋଟିଏ ୟୁନିଟ୍‌ରେ ୫୦ ଜଣ ହିସାବରେ ୧୦ ୟୁନିଟ୍‌ରେ ୫୦୦ ଜଣ ଯୋଗଦେବେ। ଫାଇଲନ୍, ହୁଡ୍‌ହୁଡ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଓଡ୍ରାଫ୍ ୟୁନିଟ୍‌ଗୁଡ଼ିକର ସଫଳତା ପରେ ୨୦୧୬ରେ ଏହି ୫୦୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଲୋକମାନଙ୍କୁ ଉଦ୍ଧାର କରିବେ ସେନେଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏମାନେ ପୁରୁଣା ୟୁନିଟ୍ ସହ ଜଡିତ ହୋଇ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ପୋଷାକପତ୍ର ସହିତ ଉଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ନୂତନ ଉପକରଣ ଯୋଗାଇ ଦିଆଯାଇ ନୂତନ ସ୍ଥାନରେ ନିୟୋଜିତ କରାଯିବ।

# ଲାଞ୍ଚ ମାମଲା: ପୂର୍ବତନ କିରାଣି ଦଣ୍ଡିତ

**କଟକ ଅଫିସ, ୧୮।୮**

ଏକ ଲାଞ୍ଚ ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ଅଭିଯୁକ୍ତ ପୂର୍ବତନ କିରାଣିଙ୍କୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ନାମ ହରମୋହନ ପଟ୍ଟନାୟକ। ସେ ବୁଗୁଡା ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କିରାଣି। ଉକ୍ତ ତହସିଲ ଅଧୀନ ଜିକ୍ ଗ୍ରାମର ଧୋବା ପ୍ରଧାନଙ୍କ ଠାରୁ ଏକ ପଟ୍ଟା ଦେବା ପାଇଁ ପଟ୍ଟନାୟକ ୧୬୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ପଟ୍ଟନାୟକଙ୍କ ବିରୋଧରେ ଏକ ମାମଲା(ନଂ. ୩୪/୨୦୦୯) ରୁଜୁ ହୋଇଥିଲା। ଶନିବାର ଉକ୍ତ ମାମଲାର ଚୂଡାନ୍ତ ଶୁଣାଣି କରି ସ୍ୱତନ୍ତ୍ର ଅଦାଲତର ବିଚାରପତି ଅଭିଯୁକ୍ତ ପଟ୍ଟନାୟକଙ୍କୁ ପୃଥକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରଥମ ଦଫାରେ ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ୍ ଓ ୧ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଆହୁରି ଏକ ମାସ ଜେଲ୍ ଭୋଗିବାକୁ ପଡିବ। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ଦୁଇବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୨ମାସ ଜେଲ୍ ଭୋଗିବାକୁ ପଡିବ ବୋଲି ବିଚାରପତି ନିଜ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ରାୟରେ ଉଲ୍ଲେଖ ରହିଛି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ପି.କେ. ଦୋରା ମାମଲା ପରିଚାଳନା କରୁଥିଲେ।

# କୃଷ୍ଣସାର ମୃଗ ଶାବକ ଜନ୍ମ

**ବାରଙ୍ଗ,୧୮।୮(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୭ନଂ. କ ଏନକ୍ଲୋଜରରେ ରହୁଥିବା ମାଇ କୃଷ୍ଣସାର ମୃଗ ଶନିବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଶାବକ ଜନ୍ମ ହେବା ପରେ ଏମାନଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି। ଏଥି ମଧ୍ୟରୁ ୧୨ଟି ଅଣ୍ଡିରା, ୧୪ଟି ମାଇ ଥିବା ବେଳେ ୬ଟି ଶାବକଙ୍କ ଲିଙ୍ଗ ଚିହ୍ନଟ ହୋଇପାରି ନାହିଁ। ତେବେ ମା' ଓ ଛୁଆ ସୁସ୍ଥ ଥିବା ଜଣାପଡିଛି।





ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥ ସମାରୋହରେ ଯୋଗଦେଇ ନବ୍‌ଜୋତ ସିଂ ସିଦ୍ଧୁ ଦେଶ ପ୍ରତି ବିଶ୍ୱାସଘାତକତା କରିଛନ୍ତି। କୌଣସି ଦେଶଭକ୍ତ ତାଙ୍କୁ ଏଥିପାଇଁ କ୍ଷମା ଦେବେ ନାହିଁ।

- ଅନିଲ ଭିଜ୍, ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ



## ସଂକ୍ଷେପରେ

### ଜୟଲଲିଥାଙ୍କ ମୃତ୍ୟୁ ଘଟଣା ଏମ୍ସ ଡାକ୍ତରଙ୍କୁ ସମନ

**ଚେନ୍ନାଇ,୧୮।୮(ପି.ଟି.):** ଏଆଇଏଡିଏମ୍‌କେ ନେତ୍ରୀ ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କ ମୃତ୍ୟୁ ମାମଲାର ତଦନ୍ତ କରୁଥିବା ଜଷ୍ଟିସ ଏ. ଅରୁମୁଘସ୍ୱାମୀ କମିଶନ ଶନିବାର ତିନି ଏମ୍ସ ଡାକ୍ତରଙ୍କୁ ସମନ୍ କରିଛନ୍ତି। ଅଗଷ୍ଟ ୨୩ ଏବଂ ୨୪ରେ ହାଜର ହେବା ଲାଗି କମିଶନ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚେନ୍ନାଇର ଆପୋଲୋ ହସ୍ପିଟାଲ୍‌ରେ ଜୟଲଲିଥାଙ୍କ ଚିକିତ୍ସା ଚାଲିଥିବାବେଳେ ଏହି ତିନି ଡାକ୍ତର ତାଙ୍କ ସ୍ୱାସ୍ଥ୍ୟର ଯାଞ୍ଚ କରିଥିଲେ। ତେବେ ଡାକ୍ତରମାନେ ତଦନ୍ତ ପ୍ରକ୍ରିୟାରେ କମିଶନଙ୍କ ଆଗରେ ସାକ୍ଷୀ ଭାବେ ହାଜର ହେବେ ବୋଲି ଜଣାପଡ଼ିଛି। ଜୟାଙ୍କ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା କମିଶନ ଏପର୍ଯ୍ୟନ୍ତ ୭୫ ଜଣ ସାକ୍ଷୀଙ୍କୁ ଜେରା କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଜଣ ସାକ୍ଷୀଙ୍କୁ ଜେଲ୍‌ରେ ଥିବା ଜୟାଙ୍କ ବାନ୍ଧବୀ ଭି.କେ. ଶଶୀକଳାଙ୍କ ଓକିଲ ମଧ ଜେରା କରିଥିଲେ।

### ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

**ଡେରାଡୁନ୍, ୧୮।୮(ପି.ଟି.):** ଉତ୍ତରାଖଣ୍ଡର ଉତ୍ତରକାଶୀରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର ଓ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଜଘନ୍ୟ ଘଟଣା ସମ୍ପର୍କରେ ଶନିବାର ପୋଲିସ ସୂଚନା ଦେଇଛି।
ଜିଲାର ଭାକ୍‌ଡା ଗ୍ରାମରେ ଶୁକ୍ରବାର ଏହି ଘଟଣା ଘଟିଛି। ଅଭିଯୁକ୍ତମାନେ ବିଦ୍ୟୁତ୍ କାଟ କରି ୧୧ ବର୍ଷୀୟା ନାବାଳିକାଙ୍କ ଘରେ ପ୍ରବେଶ କରିଥିଲେ। ମା'ବାପାଙ୍କ ପାଖରେ ଶୋଇଥିବା ବେଳେ ତାଙ୍କୁ ସେଠାରୁ ସେମାନେ ଅପହରଣ କରିନେଲେ। କିଛି ଦୂରକୁ ନେଇ ସେମାନେ ଗଣବଳାତ୍କାର କରିଥିଲେ। ଯୌନ ଶୋଷଣ ପରେ ସେମାନେ ତାଙ୍କୁ ହତ୍ୟାକରି ମୃତଦେହକୁ ଭାକ୍‌ଡା ଗ୍ରାମ ନିକଟସ୍ଥ ଏକ ବ୍ରିଜ୍ ପାଖରେ ଫିଙ୍ଗିଯାଇଥିଲେ। ଏହି ଲୋମହର୍ଷଣକାରୀ କାଣ୍ଡ ଭିଆଇବା ସନ୍ଦେହରେ ଉକ୍ତ ଅଞ୍ଚଳର ୪ ଶ୍ରମିକଙ୍କୁ ଗିରଫ କରାଯାଇଛି। ନାବାଳିକା ଜଣକ ବର୍ବରତାର ଶିକାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସ୍ଥିତି ଲାଗିରହିଛି ବୋଲି ଉତ୍ତରକାଶୀ ଏସ୍‌ପି ଦାଦନ୍ ପାଲ୍ କହିଛନ୍ତି।

### ସ୍ୱାମୀଙ୍କୁ ତିନି ତଲାକ୍

**ଯମୁନାନଗର, ୧୮।୮(ପି.ଟି.):** ଟ୍ରିପଲ୍ ତଲାକ୍‌କୁ ନେଇ ବିବାଦ ଲାଗିରହିଥିବାବେଳେ ହରିୟାଣାରେ ଏକ ଚର୍ଚ୍ଚିତ ଘଟଣା ଘଟିଛି। ଏଠାରେ ଜଣେ ମହିଳା ତିନିତଲାକ୍ ଜରିଆରେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ତିନି ସନ୍ତାନଙ୍କ ମା' ଶାଜିଆ ଏଭଳି ବୈବାହିକ ସମ୍ପର୍କ ଛିନ୍ନ କରିବା ପରେ ଚର୍ଚ୍ଚା ପରିସରକୁ ଆସିଛନ୍ତି। ମିଳିଥିବା ସୂଚନା ମୁତାବକ ଯମୁନାନଗର ଅନ୍ତର୍ଗତ ଉନ୍ହେଦି ଗ୍ରାମ ନିବାସୀ ଶାଜିଆ ଏକ କାଗଜରେ 'ତଲାକ୍ ତଲାକ୍ ତଲାକ୍' ଲେଖି ସ୍ୱାମୀଙ୍କ ସହ ବନ୍ଧନ ତୁଟାଇଦେଲେ। ଏହାପରେ ସେ ପ୍ରେମିକ (ଜଣେ ପୁତୁରା)ଙ୍କ ସହ ଫେରାର ହୋଇଗଲେ। ସାଧାରଣତଃ ମୁସଲମାନ ପୁରୁଷମାନେ ତତ୍କ୍ଷଣାତ୍ ତିନିତଲାକ୍ କହି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦିଅନ୍ତି। ଟ୍ରିପଲ୍ ତଲାକ୍ ବେଆଇନ ଓ ଅସାମ୍ବିଧାନିକ କାର୍ଯ୍ୟ ବୋଲି ଗତବର୍ଷ ସୁପ୍ରିମକୋର୍ଟ ରାୟ ଦେଇଥିଲେ।

### ଅନୁପ୍ରବେଶ ବେଳେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୮।୮(ପି.ଟି.):** ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ କଲା ଭାରତୀୟ ସେନା। ସୀମାପାର କରୁଥିବା ୩ ଆତଙ୍କବାଦୀଙ୍କୁ ଶନିବାର ନିପାତ କରିଛନ୍ତି ଯବାନ। ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲା ଟଙ୍ଗଧର ସେକ୍ଟର ସଂଲଗ୍ନ ଏଲ୍‌ଓସିରେ ଶନିବାର ଆତଙ୍କବାଦୀଙ୍କ ଏକ ଗୋଷ୍ଠୀ ଭାରତକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସେନା ଯବାନଙ୍କ ହାବୁଡ଼ରେ ପଡ଼ିଥିଲେ ବୋଲି ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଏସ୍.ପି. ବୈଦ୍ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଉରି ସେକ୍ଟରରେ ପାକିସ୍ତାନ ସେନା ଭାରତୀୟ ଛାଉଣୀକୁ ଟାର୍ଗେଟ୍‌କରି ଘନଘନ ଗୁଳିମାଡ଼ କରିଥିଲା। ଥାଜଲ୍-ଚନ୍ଦ୍ରା ଅଞ୍ଚଳରେ ମୋର୍ଟାର୍ ମାଡ଼ କରିଥିଲେ। ଜନବସତି ଉପରକୁ ମଧ ସେମାନେ ମୋର୍ଟାର ମାଡ଼ କରିଥିଲେ।

# କେରଳରେ ଜଳପ୍ରଳୟ



କୋଚି ସହରରେ ଉଦ୍ଧାରକାରୀ ଦଳ ଲୋକଙ୍କୁ ଉଦ୍ଧାର କରି ନେଉଛନ୍ତି।



ତାମିଲନାଡୁର କୋଏମ୍ବାଟୁର୍‌ରେ ରିଲିଫ୍ ସାମଗ୍ରୀ ଭରା ଟ୍ରକ୍‌କୁ କେରଳକୁ ପଠାଯାଉଛି।

**ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ, ୧୮।୮(ପି.ଟି.)**

ଅସମ୍ଭାଳ ହୋଇପଡ଼ିଛି କେରଳ ବନ୍ୟା। ୧୦୦ ବର୍ଷର ରେକର୍ଡ ଭାଙ୍ଗି ପ୍ରଳୟ ସୃଷ୍ଟି କରିଛି ବନ୍ୟା। ବର୍ଷାଜନିତ ବିଭିନ୍ନ କାରଣରୁ ୧୯୪ ଜଣ ପ୍ରାଣ ହରାଇଥିବାବେଳେ ୩୬ ଜଣ ଆହତ ହୋଇଛନ୍ତି। ୩.୧୪ ଲକ୍ଷ ଲୋକ ବାସହରା ହୋଇ ସରକାରୀ ଆଶ୍ରୟସ୍ଥଳୀରେ ରହିଛନ୍ତି। ସ୍ଥଳସେନା, ନୌସେନା, ବାୟୁସେନା, ତଟରକ୍ଷୀ ବାହିନୀ ଏବଂ ଏନ୍‌ଡିଆର୍‌ଏଫ୍‌ର ଯବାନମାନେ ଉଦ୍ଧାରକାର୍ଯ୍ୟରେ ମୁତୟନ ରହିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆକାଶ ମାର୍ଗରୁ ରାଜ୍ୟର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଏହାପରେ କୋଚିଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟରେ ଘଟିଥିବା ବନ୍ୟାଜନିତ କ୍ଷୟକ୍ଷତିର ମଧ ଆକଳନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ୫୦୦ କୋଟି ଟଙ୍କାର ତ୍ୱରିତ ସହାୟତା ଘୋଷଣା କରିଛନ୍ତ। ମୌସୁମୀ ବର୍ଷାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୫୦,୦୦୦ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଗତ ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ବନ୍ୟାଞ୍ଚଳ ପରିଦର୍ଶନ କରି ୧୦୦ କୋଟି ଟଙ୍କା ସହାୟତା ଘୋଷଣା କରିଥିଲେ। ଶୁକ୍ରବାର ରାତିରେ ମୋଦି ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ପହଞ୍ଚିଥିଲେ। ସକାଳୁ କୋଚି ଯାତ୍ରାକରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୁଭା-ଥ୍ରିସୁର ଅଞ୍ଚଳରେ ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ

## ୫୦୦ କୋଟି ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

- ରାଜ୍ୟବାସୀଙ୍କ ମନୋବଳକୁ ମୋଦିଙ୍କ ପ୍ରଶଂସା
- ଜାତୀୟ ବିପର୍ଯ୍ୟୟ ଘୋଷଣା ହେଉ: ରାହୁଲ
- ଟଳିନାହିଁ ବିପଦ, ୧୪ ଜିଲା ପାଇଁ ଆଲର୍ଟ



ବେଳେ ପ୍ରଧାନମନ୍ତ୍ରୀଙ୍କ ସହ କେରଳ ରାଜ୍ୟପାଳ ପି. ସଥାଶିବମ୍, ମୁଖ୍ୟମନ୍ତ୍ରୀ ବିଜୟନ୍, କେନ୍ଦ୍ରମନ୍ତ୍ରୀ କେ.ଜେ. ଆଲ୍‌ଫୋନ୍ସ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ୟା ଯୋଗୁ ଧନଜୀବନ ହାନିକୁ ନେଇ ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଖାଦ୍ୟ ସାମଗ୍ରୀ, ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ତ୍ୱରିତ କ୍ଷୟକ୍ଷତି ଆକଳନ ଏବଂ କ୍ଷତିପୂରଣ ଯୋଗାଇବା ଲାଗି ବୀମା କମ୍ପାନୀଗୁଡ଼ିକୁ ମଧ କ୍ୟାମ୍ପ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାଘାଟ ମରାମତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ନଷ୍ଟ ହୋଇଥିବା ମାଟିଘର ପାଇଁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ପକ୍କାଘର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଜଟିଳ ବନ୍ୟା ସ୍ଥିତି ସହ ସଂଘର୍ଷ କରୁଥିବା କେରଳବାସୀଙ୍କ ମନୋବଳକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ବିପତ୍ତି ସମୟରେ ସମଗ୍ର ଦେଶ ରାଜ୍ୟବାସୀଙ୍କ ସହ ଛିଡ଼ା ହୋଇଥିବା ସେ କହିଛନ୍ତି। ଏଥିରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପାଇଁ ସମବେଦନା ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେପଟେ କେରଳ ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ଲାଗି ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। କେରଳ ବନ୍ୟାରେ ଲକ୍ଷାଧିକ ଜୀବନ, ଗୃହପାଳିତ ପ୍ରାଣୀ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଭବିଷ୍ୟତ ସଙ୍କଟରେ ରହିଛି। ଏଣୁ ଅବିଳମ୍ବେ ଏହାକୁ ରାଷ୍ଟ୍ରୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ରାହୁଲ ଦାବି କରିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ, ବନ୍ୟା ଯୋଗୁ ରାଜ୍ୟରେ ୧୯,୫୧୨ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବନ୍ୟା ସ୍ଥିତି ସୁଧୁରିବା ପରେ ପ୍ରକୃତ ଆକଳନ ସମ୍ଭବ ହେବ। କ୍ଷୟକ୍ଷତି ପାଇଁ ରାଜ୍ୟ ୨୦୦୦ କୋଟି ଟଙ୍କାର ସହାୟତା ମାଗିଛି।

ସରକାରୀ ସୂଚନା ଅନୁଯାୟୀ, ଏବେ ରାଜ୍ୟରୁ ଟଳିନାହିଁ ବନ୍ୟା ଭୟ। ୧୪ଟି ଜିଲାରେ ପ୍ରବଳ ବର୍ଷା ଏବଂ ବନ୍ୟା ନେଇ ଆଲର୍ଟ ଜାରି କରାଯାଇଛି। ଏଣୁ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ଜୋରସୋରରେ ଉଦ୍ୟମ ଜାରି ରହିଛି। ଏଥିଲାଗି ଏନ୍‌ଡିଆର୍‌ଏଫ୍ କେରଳରେ ସବୁଠାରୁ ବଡ଼ ଅପରେଶନ୍ ଆରମ୍ଭ କରିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଉଚ୍ଚସ୍ଥାନ ତଥା ଛାତ ଉପରେ ଫସି ରହିଥିବା ବିପନ୍ନଙ୍କୁ ଶନିବାର ଉଦ୍ଧାର କରାଯାଇଛି। ପଥାନମ୍‌ଥିଟ୍ଟା ଏବଂ ଚେଙ୍ଗାନୁର ଜିଲାରେ ଅଧିକାଂଶ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଏର୍ନାକୁଲମ୍ ଜିଲାରେ ଅଧିକ କ୍ଷୟକ୍ଷତି ଘଟିଛି। ଜିଲାରୁ ୫୪,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। କୋଚି ନିକଟବର୍ତ୍ତୀ କାଲାଡସ୍ଥିତ ଶ୍ରୀ ଶଙ୍କରାଚାର୍ଯ୍ୟ ବିଶ୍ୱବିଦ୍ୟାଳୟ ଛାତ ଉପରେ ଆଶ୍ରୟ ନେଇଥିବା ୬୦୦ ଛାତ୍ରୀଛାତ୍ରଙ୍କୁ ମଧ ଶନିବାର ଉଦ୍ଧାର କରାଯାଇଛି। ପାଲାକ୍କାଡ ଜିଲା ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଆଗାମୀ କିଛି ଦିନ ମଧରେ ସମଗ୍ର ଦକ୍ଷିଣ ଭାରତ ସମେତ ଦେଶର ଅଧିକାଂଶ ପ୍ରାନ୍ତରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରିକରିଛି।



ଜଳମଗ୍ନ କୋଚି ସହରର କିଛି ଅଞ୍ଚଳର ଦୃଶ୍ୟ।

## ଦେଶବ୍ୟାପୀ ସହାନୁଭୂତି

**ନୂଆଦିଲ୍ଲୀ,୧୮।୮(ପି.ଟି.)**

ବନ୍ୟା ସହ ସଂଘର୍ଷ କରୁଥିବା କେରଳକୁ ଛୁଟି ଆସିଛି ଚାରିଆଡୁ ସହଯୋଗର ହାତ। ଶନିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୧୦ କୋଟି ଟଙ୍କା କେରଳ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏଏପିର ସମସ୍ତ ଏମ୍‌ପି ଏବଂ ବିଧାୟକ ନିଜ ନିଜର ମାସକର ଦରମା ମଧ ଦାନ କରିଛନ୍ତି। ତାମିଲନାଡୁ ଆଉ ୫ କୋଟି ସହାୟତା ଘୋଷଣା କରିଛି। ଏହାସାଙ୍ଗକୁ ଖାଦ୍ୟଶସ୍ୟ, ଔଷଧ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମୀ ଘୋଷଣା କରିଛନ୍ତି। ପୂର୍ବରୁ ମଧ ରାଜ୍ୟ ୫ କୋଟି ଟଙ୍କାର ସହାୟତା ଘୋଷଣା କରିଥିଲା। ସେହିପରି ହରିୟାଣା ସରକାର ୧୦ କୋଟି, ମହାରାଷ୍ଟ୍ର ସରକାର ୨୦ କୋଟି, ବିହାର ୧୦ କୋଟି, ଝାଡ଼ଖଣ୍ଡ ୫ କୋଟି, ମଧ୍ୟପ୍ରଦେଶ ୧୦ କୋଟି, ଛତିଶଗଡ଼ ୧୦ କୋଟି, ହିମାଚଳପ୍ରଦେଶ ୧୦ କୋଟି, ରାଜସ୍ଥାନ ୧୦ କୋଟି, ଗୁଜରାଟ ସରକାର ୧୦ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶ ସରକାର ୧୫ କୋଟି ଟଙ୍କାର ରିଲିଫ୍ ସାମଗ୍ରୀ ପଠାଇଛି। ତେଲେଙ୍ଗାନା ସରକାର ମଧ ୧୦୦ ଟନ୍‌ର ଶିଶୁ ଖାଦ୍ୟ ପଠାଇଛନ୍ତି। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ୨ କୋଟି, ଭାଜପା ଏମ୍‌ପି ବରୁଣ ଗାନ୍ଧୀ ୨ ଲକ୍ଷ ଟଙ୍କା ଦାନ କରିଛନ୍ତି। ଜମ୍ମୁ-କଶ୍ମୀର ବିଧାୟକ ତଥା ନ୍ୟାଶନାଲ୍ କନ୍‌ଫରେନ୍ସର କାର୍ଯ୍ୟକାରୀ ସଭାପତି ଓମାର ଅବ୍‌ଦୁଲ୍ଲା, ପଞ୍ଜାବର ସମସ୍ତ କଂଗ୍ରେସ ଏମ୍‌ପି ଏବଂ ବିଧାୟକ, ମହାରାଷ୍ଟ୍ର ବିଧାୟକ ଏବଂ ବିଧାନ ପରିଷଦର ସମସ୍ତ ସଦସ୍ୟ, ଗୋଆ ମନ୍ତ୍ରୀମାନେ ନିଜ ନିଜର ଗୋଟିଏ ମାସର ଦରମା କେରଳ ବନ୍ୟାବିପନ୍ନଙ୍କୁ ଦାନ କରିବାକୁ ଘୋଷଣା କରିଛନ୍ତି। ମାଛ ବିକ୍ରି କରି ଟ୍ରୋଲ୍‌ର ଶିକାର ହୋଇଥିବା କୋଚିର ବିଏସ୍‌ସି ଛାତ୍ରୀ ହନାନ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦେଢ଼ଲକ୍ଷ ଟଙ୍କା ଦାନ କରିଛନ୍ତି। ଚଳଚ୍ଚିତ୍ର ଜଗତରୁ ମଧ ସହଯୋଗର ହାତ ବଢ଼ିଛି। ଟେଲିଭିଜନ୍ ଦୁନିଆ, ନ୍ୟୁଜ୍ ଚ୍ୟାନେଲ୍ ଏବଂ ସୋସିଆଲ୍ ମିଡିଆରେ ମଧ ସହଯୋଗ କରିବା ଲାଗି ଜନସାଧାରଣଙ୍କୁ ଅନବରତ ଆହ୍ୱାନ କରାଯାଉଛି। ୟୁଏଇ ପକ୍ଷରୁ ମଧ କେରଳବାସୀଙ୍କ ନିକଟକୁ ସହଯୋଗର ହାତ ବଢ଼ିଛି। କେନ୍ଦ୍ର ପକ୍ଷରୁ ଶନିବାର ୩ ଲକ୍ଷ ଖାଦ୍ୟ ପୁଡ଼ିଆ, ୬ ଲକ୍ଷ ଟନ୍ କ୍ଷୀର, ୧୪ ଲକ୍ଷ ଲିଟର ପାନୀୟ ଜଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ପଠାଯାଇଛି। ବିଭିନ୍ନ ରାଜ୍ୟର ପଠାଯାଇଥିବା ରିଲିଫ୍ ସାମଗ୍ରୀ ମାଗଣାରେ ପରିବହନ କରାଯିବ ବୋଲି ଶନିବାର ରେଳମନ୍ତ୍ରୀ ପୀୟୂଷ ଗୋଏଲ ସୂଚନା ଦେଇଛନ୍ତି।



ପାରାଭୁର ଅଞ୍ଚଳରୁ ଜଣେ ମହିଳାଙ୍କୁ ଉଦ୍ଧାର କରି ନିଆଯାଉଛି।

## ଜାତିସଂଘର ଚିନ୍ତା

**ମିଳିତ ଜାତିସଂଘ,୧୮।୮(ପି.ଟି.)**

କେରଳ ବନ୍ୟା ସ୍ଥିତିକୁ ନେଇ ଶନିବାର ଚିନ୍ତାବ୍ୟକ୍ତ କରିଛନ୍ତି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍। ବର୍ଷା ବିପ୍ୟାତରେ ଘଟିଥିବା ଧନଜୀବନ ହାନି ପାଇଁ ସେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ଥିତି ଉପରେ ଜାତିସଂଘର ବିଭିନ୍ନ ଶାଖା ନଜର ରଖିଥିବା ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁରାଜିକ୍ ସୂଚନା ଦେଇଛନ୍ତି। ତେବେ ବନ୍ୟାବିପନ୍ନଙ୍କୁ ଜାତିସଂଘ ପକ୍ଷରୁ କିଛି ସହଯୋଗ କରାଯିବ କି ବୋଲି ପ୍ରଶ୍ନ କରାଯିବା ପରେ ଭାରତ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ଆବେଦନ ହସ୍ତଗତ ହୋଇ ନ ଥିବା ଦୁରାଜିକ୍ ସୂଚନା ଦେଇଛନ୍ତି।

## ଉଦ୍ଧାର କାର୍ଯ୍ୟ ଜୋରଦାର

**କୋଚି,୧୮।୮(ପି.ଟି.):** ୧୯୨୪ ପରେ ଏତେ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଛି କେରଳ। ଚଳିତବର୍ଷ ମୌସୁମୀ ବର୍ଷାରେ ରାଜ୍ୟରେ ମୋଟ ୩୨୪ ଜଣ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟରେ ନୌସେନାର୪୨ ଟିମ୍, ବାୟୁସେନା ୧୬, ଏନ୍‌ଡିଆର୍‌ଏଫ୍‌ର ୩୯ ଏବଂ ତଟରକ୍ଷୀ ବାହିନୀର ୨୮ ଟିମ୍ ମୁତୟନ ରହିଛନ୍ତି। ଏହାସହ ୬୭ ହେଲିକପ୍ଟର, ୨୪ ବିମାନ ଏବଂ ୫୪୮ ମୋଟର ବୋଟ୍ ମଧ ବ୍ୟବହାର କରାଯାଉଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜଳାର୍ଣ୍ଣବ କୋଚି ବିମାନବନ୍ଦର ବନ୍ଦ ହୋଇ ଯାଇଥିବାବେଳେ ସହରରେ ଥିବା ନୌସେନା ଘାଟିରୁ ବେସାମରିକ ବିମାନ ଚଳାଚଳ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ଅଗଷ୍ଟ ୨୦ରେ ସେଠାରେ ବିମାନ ସେବା ଆରମ୍ଭ ହେବ। ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ଅଧ୍ୟକ୍ଷତା ବିଶିଷ୍ଟ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟି ଶନିବାର ତୃତୀୟ ଥର ବୈଠକ କରିଛି।

## ପାକିସ୍ତାନ ସେନା ମୁଖ୍ୟଙ୍କୁ ଆଲିଙ୍ଗନ କରି ଅଡୁଆରେ ସିଦ୍ଧୁ

**ଇସ୍‌ଲାମାବାଦ/ନୂଆଦିଲ୍ଲୀ, ୧୮।୮**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥ ସମାରୋହରେ କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁ ଯୋଗଦେବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗୁଡ୍‌ୱିଲ୍ ଆମ୍ବାସାଡର ଭାବେ ସେ ପାକିସ୍ତାନ ଯିବେ ବୋଲି ପୂର୍ବରୁ ସିଦ୍ଧୁ କହିଥିଲେ। ଶନିବାର ପାକିସ୍ତାନର ରାଷ୍ଟ୍ରପତି ଭବନରେ ଆୟୋଜିତ ଶପଥ ସମାରୋହରେ ସିଦ୍ଧୁ ପହଞ୍ଚିବା ମାତ୍ରେ ସେଠାକାର ସ୍ଥଳସେନା ମୁଖ୍ୟ ଜେନେରାଲ କମର ଜାଭେଦ ବାଜ୍‌ୱା ତାଙ୍କୁ ଆଲିଙ୍ଗନ କରି ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଉଭୟେ ଖୁବ୍ ଖୁସି ଆଳାପ କରିଥିଲେ। ଏହି ଫଟୋ ଗଣମାଧ୍ୟମରେ ପ୍ରସାର ହେବା ପରେ ସିଦ୍ଧୁଙ୍କୁ ଭାରତରେ ଅନେକେ ସମାଲୋଚନା କରିଛନ୍ତି। ଖାଲି ସେତିକି ନୁହେଁ, ଶପଥ ସମାରୋହ ବେଳେ ସିଦ୍ଧୁ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ରାଷ୍ଟ୍ରପତି ମାସୁଦ ଖାନ୍‌ଙ୍କ ନିକଟରେ ବସିଥିଲେ। ଏଥିପାଇଁ ସିଦ୍ଧୁଙ୍କୁ ତୀବ୍ର ସମାଲୋଚନା କରିଛି ଭାଜପା।



ବାଜ୍‌ୱାଙ୍କୁ ଆଲିଙ୍ଗନ କରିଥିବାରୁ ତାଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଲମ୍ବନ କରିବେ କି ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ପ୍ରଶ୍ନ କରିଛନ୍ତି। ଏତିକିବେଳେ ଜମ୍ମୁ-କଶ୍ମୀର କଂଗ୍ରେସ ମୁଖ୍ୟ ଗୁଲାମ୍ ଅହମ୍ମଦ ମିର ପରୋକ୍ଷରେ ବିରୋଧର ସ୍ୱର ଉଠାଇଛନ୍ତି। ସିଦ୍ଧୁ ଜଣେ ଦାୟିତ୍ୱବାନ ବ୍ୟକ୍ତି ଏବଂ ମନ୍ତ୍ରୀ। କାହିଁକି ଏଭଳି ନିଷ୍ପତ୍ତି ନେଲେ, ଏହାର ଉତ୍ତର କେବଳ ସେ ହିଁ ଦେଇପାରିବେ। କିନ୍ତୁ ଚାହିଁଥିଲେ ସେ ଇମ୍ରାନ୍‌ଙ୍କ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିପାରିଥାଆନ୍ତେ ବୋଲି ମିର୍ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ କଂଗ୍ରେସକୁ ଅଡୁଆରେ ପକାଇଛି।

## ■ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ଇମ୍ରାନ୍

# କ୍ୟାପ୍‌ଟେନ୍‌ଙ୍କ ହାତରେ ଶାସନ

**ଇସ୍‌ଲାମାବାଦ, ୧୮।୮(ପି.ଟି.)**

କ୍ରିକେଟରରୁ ରାଜନେତା ସାଜିଥିବା ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍‌ଙ୍କ ସ୍ୱପ୍ନ ସାକାର ହୋଇଛି। ପାକିସ୍ତାନର ୨୨ତମ ପ୍ରଧାନମନ୍ତ୍ରୀ ଭାବେ ଶନିବାର ସେ ଶପଥ ଗ୍ରହଣ କରିଛନ୍ତି। ଇସ୍‌ଲାମାବାଦର ଐୱାନ୍-ଇ-ସଦର (ରାଷ୍ଟ୍ରପତି ଭବନ)ଠାରେ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଆର୍ଥିକ ସଙ୍କଟ, ପଡ଼ୋଶୀଙ୍କ ସହ ତିକ୍ତତା ଏବଂ ଅନ୍ତର୍ଜାତୀୟ ସହାୟତାରୁ ଦେଶ ବଞ୍ଚିତ ହେବା ଭଳି ପରିସ୍ଥିତି ଉପୁଜିଥିବାବେଳେ ପାକିସ୍ତାନର ଶାସନଭାର ଗ୍ରହଣ କରିଛନ୍ତି ପୂର୍ବତନ କ୍ରିକେଟ କ୍ୟାପ୍‌ଟେନ୍ ଇମ୍ରାନ୍ (୬୫)। ଏବେ ତାଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିବ।

ଜୁଲାଇ ୨୫ ସାଧାରଣ ନିର୍ବାଚନରେ ପିଏମ୍‌ଏଲ-ଏନ୍‌କୁ ହରାଇ ଅଧିକ ଆସନ ଜିତିଥିଲେ ସୁଦ୍ଧା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା ଇମ୍ରାନ୍‌ଙ୍କ ଦଳ ପିଟିଆଇ। ଶୁକ୍ରବାର ନ୍ୟାଶନାଲ ଆସେମ୍ବ୍ଲିରେ ୧୭୬ ସଦସ୍ୟଙ୍କ ସମର୍ଥନ ଲାଭ କରି ଇମ୍ରାନ୍ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ଶନିବାର ପୂର୍ବାହ୍ନ ୯ଟା ୩୦ରେ ଶପଥ ସମାରୋହ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏଥିରେ ୪୦ ମିନିଟ୍ ବିଳମ୍ବ ହୋଇଗଲା। ପ୍ରଥମେ ପାକିସ୍ତାନର ଜାତୀୟ ସଙ୍ଗୀତ ଗାନ ହେବା ପରେ ଇମ୍ରାନ୍ ପବିତ୍ର କୋରାନ୍ ଆଧାରରେ ଶପଥପାଠ କରିଥିଲେ। ଏତିକିବେଳେ ତାଙ୍କ ଆଖି ଲୁହ ଛଳଛଳ ହୋଇଯାଇଥିଲା। ଉର୍ଦ୍ଦୁ ଭାଷାରେ ଶପଥ ପାଠ ସମୟରେ ସେ କେତେକ ଶବ୍ଦକୁ ଠିକ୍‌ଭାବେ ଉଚ୍ଚାରଣ କରିପାରୁ ନ ଥିଲେ। ଇମ୍ରାନ୍‌ଙ୍କ ଶପଥ ସମାରୋହରେ ଉପସ୍ଥିତ ହାଇପ୍ରୋଫାଇଲ ଅତିଥିଙ୍କ ଗହଣରେ ଥିଲେ ପାକିସ୍ତାନର ବିଦାୟୀ କାମଚଳା ପ୍ରଧାନମନ୍ତ୍ରୀ ନାସିରୁଲ୍ ମୁଲ୍କ, ନ୍ୟାଶନାଲ ଆସେମ୍ବ୍ଲି ସ୍ପିକର ଅସଦ କୈସର, ସେନା ମୁଖ୍ୟ ଜେନେରାଲ କମର୍ ଜାଭେଦ ବାଜ୍‌ୱା, ଏୟାର ଚିଫ୍ ମାର୍ଶାଲ୍ ମୁଜାହିଦ ଅନୱର ଖାନ, ନୌସେନା ମୁଖ୍ୟ ଆଡ୍‌ମିରାଲ ଜାଫର୍ ମହମ୍ମଦ ଅବ୍ବାସୀ। ସେହିପରି ବହୁ ବିଶିଷ୍ଟ ବ୍ୟକ୍ତି ମଧ ସେଠାରେ ଉପସ୍ଥିତ ଥିଲେ। ବିଦେଶୀ ଅତିଥି ଭାବେ ଯୋଗଦେଇଥିଲେ ଭାରତର ପୂର୍ବତନ କ୍ରିକେଟର ତଥା କଂଗ୍ରେସ ନେତା ନବ୍‌ଜୋତ ସିଂ ସିଦ୍ଧୁ। ପାକିସ୍ତାନରେ ଏକ ନୂଆ ସକାଳ ଆସିଛି। ନୂଆ ସରକାର ଦେଶର ଭବିଷ୍ୟତ ବଦଳାଇପାରିବ ବୋଲି ସିଦ୍ଧୁ କହିଛନ୍ତି। ଇମ୍ରାନ୍‌ଙ୍କ ବିଜୟ ଭାରତ-ପାକିସ୍ତାନ ଶାନ୍ତି ପ୍ରକ୍ରିୟା ଆଗେଇ ନେବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୨୦୧୬ରେ ପାକିସ୍ତାନୀ ଆତଙ୍କବାଦୀମାନେ ଏକାଧିକ ଆକ୍ରମଣ ଘଟାଇବା ପରେ ଭାରତ ସହ ଏହାର ତିକ୍ତତା ବଢ଼ିଯାଇଥିଲା। ଗତବର୍ଷ ଏପ୍ରିଲରେ ଭାରତର ପୂର୍ବତନ ନୌସେନା କର୍ମଚାରୀ କୁଲଭୂଷଣ ଯାଦବଙ୍କୁ ପାକ୍‌ର ସାମରିକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ପରେ ଫାଟ ଆହୁରି ବଢ଼ିଯାଇଛି। ସୀମାରେ ମଧ ଉତ୍ତେଜନା ଲାଗିରହୁଛି। ଏତିକିବେଳେ ଇମ୍ରାନ୍ ଶାସନ ମଙ୍ଗ ଧରିଥିବାରୁ ଆଗକୁ ଦ୍ୱିପାକ୍ଷିକ ସମ୍ପର୍କ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ଅପେକ୍ଷା।

- ଶପଥ ପାଠ କରାଇଲେ ରାଷ୍ଟ୍ରପତି
- ଠିକ୍‌ଭାବେ ଉର୍ଦ୍ଦୁ କହିପାରିଲେନି
- ଅତିଥିଙ୍କ ଗହଣରେ ସିଦ୍ଧୁ
- ଆଗକୁ ଅନେକ ଚ୍ୟାଲେଞ୍ଜ



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି, ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୧୯।୮।୨୦୧୮(ରବିବାର)

### ଭୁବନେଶ୍ୱର

- ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ସବୁ ବୟସର ବ୍ୟକ୍ତିଙ୍କ ପାଇଁ ଯୋଗ ଶିକ୍ଷା କାର୍ଯ୍ୟକ୍ରମ, ରୋଟାରୀ ଭବନ ପରିସର, ୟୁନିଟ୍-୯, ସକାଳ ୭ଟାରୁ ୯ଟା।
- ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା, ବନାରସୀ କଲ୍ୟାଣ ଆଶ୍ରମ, ପ୍ଲଟ୍ ନଂ.ଏ/୧୨୫, ମଞ୍ଚେଶ୍ୱର ଇଣ୍ଡ, ଏକାମ୍ର ବିହାର, ଏବରଙ୍ଗ, ସୁନ୍ଦରପଦା-ଜଟଣୀ ରାସ୍ତା, ସକାଳ ୭ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦।
- ଅଲ୍ ଇଣ୍ଡିଆ ମେଡିକାଲ ଷ୍ଟୁଡେଣ୍ଟସ୍ କନ୍‌ଫରେନ୍ସ 'ଓ୍ୱାଇଜେନ୍' ଉଦ୍‌ଘାଟନ, ଏମ୍‌ସ ମୁଖ୍ୟ ଅଡିଟୋରିୟମ ପରିସର, ସକାଳ ୮ଟା।
- ବିଜେବି କଲେଜ ଫିଲୋସଫି ବିଭାଗ ପକ୍ଷରୁ 'ଏଥିକ୍ସ : ଥିଓରି ଓ ପ୍ରାକ୍ଟିସ୍' ଉପରେ ଜାତୀୟ ସମ୍ମିଳନୀ, କଲେଜ ଆଡ୍‌ମିନିଷ୍ଟ୍ରେଟିଭ୍ ବ୍ଲକ୍‌ର ହଲ୍ ନଂ.୧୦୨, ସକାଳ ୯ଟା ୩୦।
- ଏକତା ପରିଷଦ ପକ୍ଷରୁ 'ଭୂମି ଅଧିକାର ଓ ଜନ ଆନ୍ଦୋଳନ-୨୦୧୮' ଉପରେ ରାଜ୍ୟସ୍ତରୀୟ କର୍ମଶାଳା, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ସାରସ୍ୱତ ସମାଜର ବାର୍ଷିକୋତ୍ସବ ଅବସରରେ ରାଜ୍ୟସ୍ତରୀୟ କବି-ଲେଖକ ସମାବେଶ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୪୦।
- ଓଡ଼ିଶା ପତ୍ରକାର ସଂଘର ୯ମ ପ୍ରତିଷ୍ଠା ଦିବସ ଓ 'ଖାଉଟି ସୁରକ୍ଷାରେ ସାମ୍ବାଦିକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର, ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ନାରାୟଣ ସେବା ଫାଉଣ୍ଡେଶନ ଓ ମୁଗୁପୁର ସମାଚାର ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିସଭା, ଫାଉଣ୍ଡେଶନ ଶାଖା କାର୍ଯ୍ୟାଳୟ, ପ୍ଲଟ୍ ନଂ.୨ ଆର୍‌ଏ ୮୩, ୟୁନିଟ୍-୯, ପୂର୍ବାହ୍ନ ୧୧ଟା।
- ଅଲ୍ ଉତ୍କଳ ପ୍ରାଇମେରୀ ଟିଚର୍ସ ଫେଡେରେଶନ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ, ପ୍ରାଥମିକ ଶିକ୍ଷକ ଭବନ, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ଜେନ୍ ଫାଉଣ୍ଡେଶନ ପକ୍ଷରୁ ନାଟକ 'ଟୁ ଆଡରେବଲ୍ ଲୁଜର', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭାଷା ସଂସ୍କୃତି ସମାଜ ପକ୍ଷରୁ ମାସିକ ଆଲୋଚନାଚକ୍ର ଓ କବିତା ପାଠ, ରାଜଧାନୀ କଳା ସଂସଦ (ଭାରତୀୟ ବିଦ୍ୟାଭବନ ନିକଟ), ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍' ଉଦ୍‌ଘାଟନ, ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ରାଜ୍ୟ ସମବାୟ ବ୍ୟାଙ୍କ୍‌ର ପୂର୍ବତନ ନିର୍ଦ୍ଦେଶିକା ନିର୍ମଳା ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସତ୍‌ସଙ୍ଗ, କସ୍ତୁରବା ନାରୀ ମହଲ, ରାତି ୭ଟା ୩୦।

### ପୁରୀ

- ପୁରୀ ବେଳାଭୂମି ଫଟୋଗ୍ରାଫର ମହାସଂଘ ପକ୍ଷରୁ ଫଟୋଗ୍ରାଫି ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ, ବେଳାଭୂମି, ସକାଳ ୯ଟା ୩୦।
- ଏସ୍‌ସିଏସ୍ କଲେଜ ଏମବିଏ ବିଭାଗର କର୍ମଶାଳା, କଲେଜ ପରିସର, ପୂର୍ବାହ୍ନ ୧୧ଟା ୩୦।
- ସମୁଦ୍ର ଆଳତି, ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି, ସନ୍ଧ୍ୟା ୬ଟା।

### କଟକ ସଦର

- ମୋତିଆ ବିନ୍ଦୁ ଚିହ୍ନଟ ଓ ଅସ୍ତ୍ରୋପଚାର ଶିବିର, ୪୨ ମୌଜା ସୁଦର୍ଶନ ମହାବିଦ୍ୟାଳୟ ପରିସର, ସକାଳ ୯ଟା।

### ବାରଙ୍ଗ

- ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଜାଭିୟର ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ୍ ନେଶନ-୨୦୧୮ ଉଦ୍‌ଯାପନ, ସ୍କୁଲ ପରିସର, ନନ୍ଦନକାନନ ସ୍କୁଲ୍ ପରିସର, ରଘୁନାଥପୁର, (ନନ୍ଦନକାନନ ମୁଖ୍ୟ ରାସ୍ତା ପାର୍ଶ୍ୱ), ଅପରାହ୍ନ ୩ଟା।

### ଖୋର୍ଦ୍ଧା

- ଆମରି ସତ୍ୟର ବାର୍ଷିକ ଉତ୍ସବ ଅବସରରେ କବିତା ପାଠୋତ୍ସବ, ପିଏନ୍ କଲେଜ ମୈତ୍ରୀ ଭବନ, ସକାଳ ୯ଟା। କ୍ଷୁଦ୍ର ନାଟିକା, ପୂର୍ବାହ୍ନ ୧୦ଟା ୩୦। ସାଧାରଣ ସଭା, ପୂର୍ବାହ୍ନ ୧୧ଟା। ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର, ଅପରାହ୍ନ ୩ଟା।

## ୨୦।୮।୨୦୧୮(ସୋମବାର)

### ଭୁବନେଶ୍ୱର

- ଜିଡିସ୍ ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ଅବଦାନ ଚଳଚ୍ଚିତ୍ର 'ତୁ ମୋ ଡ୍ରିମ୍‌ଗାର୍ଲ'ର ଗ୍ରାଣ୍ଡ୍ ମହୁରତ, ମା' ଦକ୍ଷିଣ କାଳୀମନ୍ଦିର, ପ୍ରେସ୍ ଛକ ନିକଟ, ଆଚାର୍ଯ୍ୟବିହାର-ନାଲ୍‌କୋ ଛକ ରାସ୍ତା, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଦି ଏବିଓ୍ୱାଇଏସ୍‌ଏସ୍ ସ୍କୁଲ୍ ଅଫ୍ ମ୍ୟୁଜିକ୍‌ର ଆନୁଆଲ କନ୍‌ସର୍ଟ-୨୦୧୮, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

## ୨୧।୮।୨୦୧୮(ମଙ୍ଗଳବାର)

### ଭୁବନେଶ୍ୱର

- ହମାରା ବଚ୍‌ପନ ପକ୍ଷରୁ ସ୍ମାର୍ଟ ସିଟି ଭୁବନେଶ୍ୱରରେ ବନ୍ୟା ପରିସ୍ଥିତି, ପରିଚାଳନା ଓ ଯୋଜନା ସଂକ୍ରାନ୍ତରେ ଗୋଷ୍ଠୀଗତ ମତାମତ ଭିତ୍ତିକ କାର୍ଯ୍ୟକ୍ରମ, ସୂଚନା ଭବନ, ସକାଳ ୯ଟା ୩୦।
- ଭିଜେନ୍ ଇଣ୍ଡିଆର ୧୦ମ ବାର୍ଷିକ ଉତ୍ସବ, ଗୋଲାପ ରିସର୍ଟ, ବେହେରା ସାହି ରାସ୍ତା, ନୟାପଲ୍ଲୀ, ସକାଳ ୯ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ବଂଶୀ ବାଦନ, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

## ୨୨।୮।୨୦୧୮(ବୁଧବାର)

### ଭୁବନେଶ୍ୱର

- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।

## ୨୩।୮।୨୦୧୮(ଗୁରୁବାର)

### ଭୁବନେଶ୍ୱର

- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।

## ୨୪।୮।୨୦୧୮(ଶୁକ୍ରବାର)

### ଭୁବନେଶ୍ୱର

- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।

## ୨୫।୮।୨୦୧୮(ଶନିବାର)

### ଭୁବନେଶ୍ୱର

- ଶରତ କୁମାର ଦାଶଙ୍କ 'ସୀମାହୀନ' କବିତା ପୁସ୍ତକ ଓ ସଙ୍ଗୀତ ଆଲ୍‌ବମ୍ ଉନ୍ମୋଚନ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରୀ ପରିସର, ପ୍ଲଟ୍ ନଂ.୧୩୨, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।

# ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



# ସେଲ୍‌ଫି କର୍ନର



@ ମନୀଷା



@ ଭେଙ୍କଟେସ



@ ସୌମ୍ୟ



@ ସୁନୀଲ



@ ମିନତି



@ ସ୍ୱପ୍ନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଓଡ଼ିଆ ସାହିତ୍ୟରେ କୃଷ୍ଣପ୍ରସାଦଙ୍କ ଯଥେଷ୍ଟ ଅବଦାନ ଥିଲା

**ଭୁବନେଶ୍ୱର, ୧୮।୮ (ବ୍ୟୁରୋ):** ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ଭୁବନେଶ୍ୱର ପକ୍ଷରୁ ଶନିବାର 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କବି କୃଷ୍ଣପ୍ରସାଦ ବସୁଙ୍କ ପୁଣ୍ୟତିଥି ଅବସରରେ ରାଜ୍ୟ ଅଭିଲେଖାଗାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ଯୋଗଦେଇ ଓଡ଼ିଆ ସାହିତ୍ୟରେ କବିମଞ୍ଜୁଳଙ୍କ ଅବଦାନ ଅତିବ ଉଚ୍ଚକୋଟୀର ଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଯୋଗଦେଇ କୃଷ୍ଣପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦ ସଭାପତି ନଟବର ମହାନ୍ତି, ଉପସଭାପତି ଆଶୁତୋଷ ମିଶ୍ର, ନୃସିଂହ ଚରଣ ମହାପାତ୍ର, ସାଧାରଣ ସମ୍ପାଦକ ନୀଳମଣି କର ପ୍ରମୁଖ ଉପସ୍ଥିତ ଥିଲେ।

# କେରଳରେ ଫସିଛନ୍ତି ପୁରୀ ଜିଲାର ୫୦ ଶ୍ରମିକ

**ପୁରୀ ଅଫିସ/ବ୍ରହ୍ମଗିରି, ୧୮।୮(ଡି.ଏନ୍.ଏ.):** କେରଳ ବନ୍ୟାରେ ଓଡ଼ିଶାର ୧୩୦ ଶ୍ରମିକ ଫସିଛନ୍ତି। ଏଥିରେ ପୁରୀ ଜିଲାରୁ ୫୦ରୁ ଅଧିକ ଶ୍ରମିକ ଫସିଥିବା ଜଣାପଡିଛି। ଏହାକୁ ନେଇ ଜିଲା ଶ୍ରମ ବିଭାଗ ଆରମ୍ଭ କରିଛି ତଦଘନା। ସହକାରୀ ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ କୁମାର ସାହୁ ଗୋପ ବ୍ଲକ ଖାଲକଟା ପାଟଣା ନିକଟସ୍ଥ ଟିକନ ଗ୍ରାମରେ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଟିକନ ଗ୍ରାମର ପବିତ୍ର ବେହେରାଙ୍କ ପୁଅ ନିଲୁ ବେହେରା କେରଳକୁ ଶ୍ରମିକ ଭାବେ କାମ କରିବାକୁ ଯାଇ ଫସିଛନ୍ତି। କିନ୍ତୁ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ନିଲୁଙ୍କ ପରିବାର ସଦସ୍ୟ ସହଯୋଗ କରି ନ ଥିଲେ। ସହକାରୀ ଶ୍ରମ ଅଧିକାରୀ ଏନେଇ ତଦନ୍ତ କରି ଶ୍ରମ ବିଭାଗକୁ ରିପୋର୍ଟ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଗ୍ରାମର କେତେଜଣ ଯୁବକ କେରଳରେ ଫସିଥିବା କୁହାଯାଉଛି। କିନ୍ତୁ ସ୍ଥାନୀୟ ଲୋକେ କୌଣସି ସୂଚନା ଦେଉ ନ ଥିବାରୁ ତଦନ୍ତରେ ବାଧା ଉପୁଜିଛି। କାକଟପୁର ନୂଆହାଟ, ଅସ୍ତରଙ୍ଗ ଅଞ୍ଚଳର କେତେଜଣ ଶ୍ରମିକ ଫସିଥିବା ଶ୍ରମ ବିଭାଗ ଜାଣିବାକୁ ପାଇଛି। ସେହିପରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ବିଜିପୁର ଓ କୋଠସାହି ଗ୍ରାମର ୬ ଶ୍ରମିକ କେରଳର ଏର୍ନାକୁଲମ ଜିଲାରେ କାମ କରୁଥିଲେ। ଏ ନେଇ ସେମାନଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି। ବର୍ତ୍ତମାନ ସେମାନଙ୍କ ପାଖରେ କୌଣସି ସାହାଯ୍ୟ ସହଯୋଗ ପହଞ୍ଚି ପାରିନି। ଏଭଳି କି ସେମାନଙ୍କ ସହିତ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇପଡ଼ିଥିବାରୁ ପରିବାର ଲୋକେ ଆଶଙ୍କାରେ ରହିଛନ୍ତି।

# ଦର୍ଶକଙ୍କ ତାଳିରୁ ଆତ୍ମତୃପ୍ତି ମିଳେ



ଦର୍ସିଲ ସଫାରି

## ଧରିତ୍ରୀ ଆଳାପ

*ଭୁବନେଶ୍ୱର, ୧୮।୮(ବ୍ୟୁରୋ): 'ତାରେ ଜମିନ ପର୍'। ଅମିର ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ସବୁ ବର୍ଗର ଦର୍ଶକଙ୍କ ପସନ୍ଦ ପାଲଟିଥିଲା। ଏଥିରେ 'ଈଶାନ' ଭୂମିକାରେ ଅଭିନୟ କରିଥିବା ଶିଶୁ କଳାକାରଙ୍କ ପାଇଁ ଫିଲ୍ମଟି ଉଚ୍ଚକୋଟୀର ହୋଇପାରିଥିଲା। ଚଳଚ୍ଚିତ୍ରରେ 'ଡିସ୍ଲେକ୍ସିଆ' ରୋଗରେ ପୀଡ଼ିତ ଥିବା 'ଈଶାନ'ଙ୍କ ପ୍ରକୃତ ନାମ ହେଉଛି ଦର୍ସିଲ ସଫାରି। ଦର୍ସିଲ ମାତ୍ର ୯ବର୍ଷ ବୟସରେ 'ତାରେ ଜମିନ ପର୍' ଫିଲ୍ମ ଜରିଆରେ ବଲିଉଡ୍‌ରେ ପାଦ ଥାପିଥିଲେ। ପ୍ରଥମ ଫିଲ୍ମରେ ହିଁ ସଫଳତା ପାଇଲେ। ଏହି ଫିଲ୍ମ ପାଇଁ ସେ ଅନେକ ପୁରସ୍କାର ହାତେଇଥିଲେ। ତା'ପରେ ସେ 'ବମ୍ ବମ୍ ବୋଲେ', 'ଜୋକୋମୋନ୍', 'ମିଡ୍‌ନାଇଟ୍‌ସ ଚିଲ୍‌ଡ୍ରେନ୍' ଭଳି ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି। ଶ୍ୟାମକ୍ ଦାବରଙ୍କ ପାଖରେ ଡ୍ୟାନ୍ସ ଶିଖିଥିବା ଦର୍ସିଲ ଏକ ଜାତୀୟ ଚ୍ୟାନେଲ୍‌ରେ ରିୟଲିଟି ଶୋ' 'ଝଲକ ଦିଖ୍‌ଲାଜା ୫'ରେ ଜଣେ ପ୍ରତିଯୋଗୀ ଭାବେ ମଧ ନଜରକୁ ଆସିଥିଲେ। ମାସ୍ ମିଡିଆରେ ସ୍ନାତକ ଶେଷ କରିଥିବା ଦର୍ସିଲ ବର୍ତ୍ତମାନ ଥିଏଟରରେ କାମ କରିବା ସହିତ ଭବିଷ୍ୟତରେ ଜଣେ ଭଲ ନିର୍ଦ୍ଦେଶକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏକ ଥିଏଟରରେ ଅଭିନୟ କରିବାକୁ ଭୁବନେଶ୍ୱର ଆସିଥିବା ବେଳେ ତାଙ୍କ ସହ ଧରିତ୍ରୀର ଆଳାପ।*

**ନିଜର କିମ୍ବା ଘର ଲୋକଙ୍କର କାହାର ବି ଅଭିନୟ କ୍ଷେତ୍ରରେ ସମ୍ପର୍କ ନ ଥିଲା। 'ତାରେ ଜମିନ ପର୍' ଫିଲ୍ମରେ କିପରି ସୁଯୋଗ ପାଇଥିଲେ?**

▶ ଶ୍ୟାମକ୍ ଦାଙ୍କ ଡ୍ୟାନ୍ସ ସ୍କୁଲକୁ ଅମିର ଅଙ୍କଲ(ଅମିର ଖାନ୍) ଆସିଥିଲେ। ମୋ ଡ୍ୟାନ୍ସ ଦେଖି ସେ ମୋତେ ଅଡିଶନ୍ ପାଇଁ ଡାକିଥିଲେ। ସିଲେକ୍ସନ ହେବି ବୋଲି କେବେ ଭାବି ନ ଥିଲି। ରିୟଲ ଲାଇଫ୍‌ରେ ମୁଁ ବହୁତ ଦୁଷ୍ଟ। ଘରେ ଥିଲାବେଳେ ବହୁତ ମସ୍ତି, ମଜାକ୍, ନଖରାମି କରେ। ମୋର ଗୁଣ ହିଁ ମୋତେ ସେହି ଫିଲ୍ମ ପାଇଁ ଅଧିକ ସହଯୋଗ କରିଥିଲା ବୋଲି ଭାବୁଛି।

**ଫିଲ୍ମ ରିଲିଜ୍ ହେବା ପରେ ସ୍କୁଲର ପ୍ରଥମ ଦିନ କିପରି ଥିଲା?**

▶ ସେଦିନକୁ କେବେ ଭୁଲିପାରିବିନି। ପ୍ରଥମ କ୍ଲାସ୍ ଶେଷ ହେବା ପରେ ଯେତେବେଳେ ବ୍ରେକ୍ ହେଇଥିଲା, ସେତେବେଳେ କ୍ୟାଣ୍ଟିନ୍‌କୁ ଖାଇବାକୁ ଯାଇଥିଲି। କିନ୍ତୁ ସେଠାରେ ଖାଇପାରିଲିନି। ଅଟୋଗ୍ରାଫ ପାଇଁ ମୋ ପଛରେ ବହୁତ ପିଲା ପଡ଼ିଯାଇଥିଲେ। କ୍ଲାସ୍‌କୁ ଯିବା ମୋ ପାଇଁ ସମ୍ଭବ ହୋଇପାରିଲାନି। ଏତେ ଗହଳି ହୋଇଯାଇଥିଲା ଯେ ପିଲାମାନେ ମୋ ଶାର୍ଟ ଏବଂ ଡାଏରୀ ଚିରି ଦେଇଥିଲେ। ମୋ ଅବସ୍ଥା ଦେଖି ପ୍ରିନ୍ସିପାଲ ମ୍ୟାଡାମ ମୋତେ ଘରକୁ ଯିବାକୁ କହିଥିଲେ।

**'ତାରେ ଜମିନ୍ ପର' ଫିଲ୍ମ ପରେ ଜୀବନରେ କ'ଣ ପରିବର୍ତ୍ତନ ହୋଇଥିଲା?**

▶ ଯେଉଁଠିକୁ ବି ଗଲେ ଫଟୋ ପାଇଁ ଲୋକଙ୍କ ଭିଡ଼ ଜମିଯାଏ। ତେଣୁ ଯେତେବେଳେ ବାହାରକୁ ଯାଏ ଟୋପି ପିନ୍ଧି ଯାଏ। ଯେଉଁ ସମ୍ପର୍କୀୟ ଓ ସାଙ୍ଗସାଥୀମାନେ ମିଶୁ ନ ଥିଲେ ସେମାନେ ମିଶିବାକୁ ଲାଗିଲେ। ତେବେ ସବୁଠାରୁ ବଡ଼ କଥା ହେଲା ମୁଁ ଜଣେ ଅବଜରଭାନ୍ସ ହୋଇଯାଇଥିଲି। ଏଇଟା ମୋ ଲାଇଫ୍‌ରେ ପରିବର୍ତ୍ତନ ହୋଇଥିଲା।

**ପ୍ରଥମ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ କଳାକାର ଭାବେ ମନୋନୀତ ହେବା ପରେ ଅନୁଭୂତି କ'ଣ ଥିଲା?**

▶ ସେତେବେଳେ ମୁଁ ବହୁତ ଛୋଟ ଥିଲି। ତେଣୁ ସେହି ପୁରସ୍କାରର ଗୁରୁତ୍ୱକୁ ହୃଦୟଙ୍ଗମ କରିପାରି ନ ଥିଲି। ଏବେ ବି ସେଦିନ ମନେପଡ଼େ। ସେଦିନ ମୁଁ ଖେଳିବାକୁ ଯାଇଥିଲି। ଘରକୁ ଫେରିବା ପରେ ମା' ମୋତେ ସେ ସମ୍ପର୍କରେ କହିଥିଲେ। ମୁଁ ଅତି ସାଧାରଣରେ ଉତ୍ତର ଦେଇଥିଲି, 'ହଁ ଠିକ୍ ଅଛି, ଭଲ କଥା'। କିନ୍ତୁ ତାହା ମୋର ବଡ଼ ସଫଳତା ବୋଲି ଆଜି ମୁଁ ଜାଣୁଛି। ସେହି ସଫଳତା ପାଇଁ ମୁଁ କେବଳ ଅମିର ଅଙ୍କଲଙ୍କୁ ଧନ୍ୟବାଦ ଦେବି।

**ଥିଏଟରକୁ କାହିଁକି ଆସିଲେ?**

▶ ପ୍ରଥମ ଫିଲ୍ମ ପରେ ଆକ୍ଟିଂ ପ୍ରତି ମୋର ଦୁର୍ବଳତା ରହିଲା। ଅଭିନେତା ହେବା ପାଇଁ ମୁଁ ନିଷ୍ପତ୍ତି ନେଇଥିଲି। ଭବିଷ୍ୟତରେ ଜଣେ ଭଲ କଳାକାର ହେବା ପାଇଁ ସ୍ଥିର କରିଦେଲି। ସେଥିପାଇଁ ସ୍କୁଲରେ ବହୁତ ଷ୍ଟ୍ରିଟ୍ ପ୍ଲେ କରିଛି। ଦୁଇବର୍ଷ ତଳେ ବମ୍ବେର ଥିଏଟର ଡାଇରେକ୍ଟର ଅଭିଷେକ ପଟ୍ଟନାୟକ ମୋତେ ଅଫର ଦେଇଥିଲେ। ଯେହେତୁ ମୋର ଆଗ୍ରହ ଥିଲା ତେଣୁ ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ଯାଇଥିଲି। ଷ୍ଟୋରି ପଢ଼ିବା ପରେ ମୁଁ ରାଜି ହୋଇଯାଇଥିଲି।

**ଫିଲ୍ମଠାରୁ ଥିଏଟରରେ କ'ଣ ଫରକ୍ ରହିଛି?**

▶ ଥିଏଟରରେ ଦର୍ଶକଙ୍କ ସାମ୍ନାରେ ଅଭିନୟ କରିବାର ମଜା ନିଆରା। ଲାଇଭ୍ ଅଡିଏନ୍ସରୁ ରିଆକ୍ସନ ଦେଖିବାର ସୁଯୋଗ ମିଳେ। ଦର୍ଶକଙ୍କ କରତାଳିରୁ ଆତ୍ମତୃପ୍ତି ମିଳିଥାଏ। ଏହା ହିଁ ମୋତେ ଥିଏଟର ପ୍ରତି ଅଧିକ ଆକର୍ଷିତ କରିଦେଲା। ସେଥିପାଇଁ ଭବିଷ୍ୟତରେ ଫିଲ୍ମ କଲେ ବି ଥିଏଟରକୁ କେବେ ଛାଡ଼ିବି ନାହିଁ।

**ଭବିଷ୍ୟତ ଯୋଜନା କ'ଣ ରହିଛି?**

▶ ବର୍ତ୍ତମାନ ମୁଁ କେବଳ ଥିଏଟର ଉପରେ ଫୋକସ୍ କରୁଛି। ବିଭିନ୍ନ ଜାଗାକୁ ଯାଇ ଶୋ' କରିବାକୁ ପସନ୍ଦ କରୁଛି। କାରଣ ସବୁ ମଞ୍ଚରୁ କିଛି ନା କିଛି ନୂଆ ଶିଖିବାକୁ ମିଳୁଛି।

**ଶର୍ଟ ଫିଲ୍ମରେ ନିର୍ଦ୍ଦେଶନା ଦେଉଛନ୍ତି, ଭବିଷ୍ୟତରେ ଏହା ଜାରି ରଖିବେ?**

▶ ନିଶ୍ଚିତ। ଗୋଟିଏ ଶର୍ଟ ମୁଭିରେ ନିର୍ଦ୍ଦେଶନା ଦେଇଛି। ସେଥିରେ ବହୁତ କିଛି ଶିଖିବାକୁ ପାଇଛି। ବର୍ତ୍ତମାନ ମଧ ମୁଁ ଏହି କ୍ଷେତ୍ରରେ କାମ କରୁଛି।

**କାହାକୁ ଗୁରୁ ବୋଲି ମାନିଛନ୍ତି?**

▶ ଅମିର ଅଙ୍କଲ। ପ୍ରଥମ ଫିଲ୍ମରେ ସେ ମୋତେ ସୁଯୋଗ ଦେଇଥିଲେ। ଅଭିନୟ କ'ଣ ସେ ଶିଖାଇଥିଲେ। ଯଦିଓ ମୁଁ ଏବେ ତାଙ୍କୁ ଦେଖା ହୋଇପାରୁ ନାହିଁ, ତଥାପି ଯେତେବେଳେ ତାଙ୍କର ଆବଶ୍ୟକତା ପଡ଼ିଛି ମୁଁ ତାଙ୍କ ସହିତ ଯୋଗାଯୋଗ କରିଛି। ସେ ମୋତେ ସହଯୋଗ କରିଛନ୍ତି।

**ଫିଲ୍ମକୁ ଆସିବା ପୂର୍ବରୁ ନୃତ୍ୟ ପ୍ରତି ଦୁର୍ବଳତା ଥିଲା। ଏବେ ନୃତ୍ୟ ପାଇଁ ସମୟ ଦେଉଛନ୍ତି କି?**

▶ ନା। ବର୍ତ୍ତମାନ ସମୟ ହେଉ ନାହିଁ। କିନ୍ତୁ ଡ୍ୟାନ୍ସ ମୋର ଫେଭରାଇଟ୍। ଭବିଷ୍ୟତରେ ସମୟ ମିଳିଲେ ନିଶ୍ଚିତ ଭାବେ କରିବି।

**ଗର୍ଲଫ୍ରେଣ୍ଡ ଅଛନ୍ତି?**

▶ (ହସି ହସି ଉତ୍ତର ଦେଇଥିଲେ) 'ନା'। ମୁଁ ବହୁତ ଭୋଳାଭାଳା ପିଲା। ଗର୍ଲଫ୍ରେଣ୍ଡ କରିବା ପାଇଁ ଚିନ୍ତା କରିନି। ଏବେ କେବଳ ମୋର କ୍ୟାରିୟର ଉପରେ ଫୋକସ୍ କରୁଛି।

**ସାକ୍ଷାତ୍‌କାର: ଅସମାପିକା ସାହୁ**
**ଫଟୋ: ବିକାଶ ନାୟକ**

# ନବୋଦୟ ବିଦ୍ୟାଳୟରେ ର୍ୟାଗିଂ: ଉପଜିଲାପାଳଙ୍କ ତଦନ୍ତ ଆରମ୍ଭ

**ପୁରୀ ଅଫିସ, ୧୮।୮**

କୋଣାର୍କ ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରଙ୍କୁ କେତେଜଣ ସିନିୟର ଛାତ୍ର ର୍ୟାଗିଂ କରିଥିବା ଅଭିଯୋଗ ଆସିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଭବତାରଣ ସାହୁ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୀଡିତ ଛାତ୍ର ଏବଂ ତାଙ୍କ ମା'ଙ୍କୁ ଡକାଇ ସେମାନଙ୍କ ବୟାନ ରେକର୍ଡ କରିଛନ୍ତି। ଉପଜିଲାପାଳ ତାଙ୍କ କାର୍ଯ୍ୟାଳୟରେ ପ୍ରାୟ ୧ଘଣ୍ଟା ଧରି ବୟାନ ରେକର୍ଡ କରିଥିଲେ।

ବିଦ୍ୟାଳୟ ହଷ୍ଟେଲର ଗୋଟିଏ କକ୍ଷରେ ୧୪ଜଣ ଛାତ୍ର ରହୁଛନ୍ତି। ସେମାନଙ୍କ ମଧ୍ୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୮ଜଣ ଛାତ୍ର ତାଙ୍କୁ ଚୋର ଆଖ୍ୟା ଦେଇ ମାଡ଼ ମାରିଥିବା ପୀଡ଼ିତ ଛାତ୍ର କହିଥିଲେ। ଏପରି କି ବିଦ୍ୟାଳୟର ହାଉସ ମାଷ୍ଟର ଏବଂ ପ୍ରିନ୍ସିପାଲ ତାଙ୍କୁ ଏକଥା କାହାକୁ ନ କହିବା ଲାଗି ଧମକ ଦେଇଥିବା ଛାତ୍ରଜଣକ ତାଙ୍କ ବୟାନରେ କହିଛନ୍ତି। ଛାତ୍ରଙ୍କ ମା' ମଧ ଉପଜିଲାପାଳଙ୍କୁ ଘଟଣା ସମ୍ପର୍କରେ କହିଛନ୍ତି।

ଏହି ଘଟଣା ପରେ ମାଡ଼ ମାରିଥିବା ସିନିୟର ଛାତ୍ରମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଘରକୁ ପଠାଇ ଦେଇଥିବା ପୀଡିତ ଛାତ୍ରଙ୍କ ବାପା ଉପଜିଲାପାଳଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉପଯୁକ୍ତ ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି। ଉକ୍ତ ସ୍କୁଲରେ ସିସିଟିଭି ବ୍ୟବସ୍ଥା କରିବାକୁ ମଧ ସେ ଦାବି କରିଛନ୍ତି। କୋଣାର୍କ ପୋଲିସ ମଧ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ବ୍ରହ୍ମଗିରି ବ୍ଲକ ଗଡ଼ରୋଡ଼ଙ୍ଗ ନିକଟସ୍ଥ ଦଦରାକୁଣ୍ଡ ଗ୍ରାମର ଜଣେ ଛାତ୍ର କୋଣାର୍କ ନବୋଦୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି। ଗତ ଜୁଲାଇ ୨୫ରେ ଏକଦାଶ ଓ ଦ୍ୱାଦଶ ଶ୍ରେଣୀର ୮ଜଣ ଛାତ୍ର ୬ଶହ ଟଙ୍କା ଚୋରି କରିଥିବା ଅଭିଯୋଗ ଆଣି ତାଙ୍କୁ ମାଡ଼ ମାରିଥିଲେ। ଏପରି କି ହଷ୍ଟେଲରେ ଆଣ୍ଠେଇ ଦେବା ସହ ବେକରେ ଛୁରି ଲଗାଇ ଧମକଚମକ ଦେଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଅଭିଭାବକଙ୍କୁ ଜଣାଇ ନ ଥିଲେ। ଛାତ୍ର ଜଣକ ଘରକୁ ଆସିବା ପରେ ଏହା ଜଣାପଡ଼ିଥିଲା। ଏହାପରେ ଛାତ୍ରଙ୍କ ମା' କୋଣାର୍କ ଥାନାରେ ଏତଲା ଦେବା ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

# ବିଏମ୍‌ସି କର୍ମଚାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ):** ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହାକୁ ଲକ୍ଷ୍ୟ କରି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ତା'ର କର୍ମଚାରୀଙ୍କ ଛୁଟିକୁ ବାତିଲ କରିଛି। ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କମିଶନରଙ୍କ ବିନା ଅନୁମତିରେ କୌଣସି କର୍ମଚାରୀ ଛୁଟି ନେଇପାରିବେ ନାହିଁ। ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ବିଏମ୍‌ସି ପକ୍ଷରୁ ଏକ ଆଦେଶନାମା ଜାରି କରାଯାଇଛି। ବର୍ଷା ହେଲେ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବ। ଏହାର ମୁକାବିଲା ନିମନ୍ତେ କର୍ମଚାରୀମାନେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଏମ୍‌ସିର ଅଧିକାରୀ, କର୍ମଚାରୀ, କ୍ଷେତ୍ର କର୍ମଚାରୀ, ନୋଡାଲ ଅଫିସରମାନେ ମୁଖ୍ୟ କାର୍ଯ୍ୟାଳୟ ଏବଂ ନିଜ ନିଜ କ୍ଷେତ୍ରରେ ଉପସ୍ଥିତ ରହିବେ ବୋଲି ବିଏମସିର ଡେପୁଟି କମିଶନର ଆଦେଶନାମାରେ ଦର୍ଶାଇଛନ୍ତି। ସେହିପରି ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ମଲ୍‌ଟି ଏଜେନ୍ସି କଣ୍ଟ୍ରୋଲ ରୁମ୍ ଖୋଲିବ।



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- ଚାଣକ୍ୟ



## ସଂକ୍ଷେପରେ



### ଉଦ୍ୟୋଗ ବିକାଶ ସଚେତନତା ଶିବିର

**ପୁରୁଣା ଭୁବନେଶ୍ୱର, ୧୮।୮ (ଡି.ଏନ.ଏ.):** ଜିଲା ଶିଳ୍ପ କେନ୍ଦ୍ର ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ପଞ୍ଚାୟତ ଅଫିସ୍, ଧଉଳିଠାରେ ଉଦ୍ୟୋଗ ବିକାଶ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ବିକାଶ ଅଧିକାରୀ ବନ୍ଦନା ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଧଉଳିର ସରପଞ୍ଚ ପୂର୍ଣ୍ଣିମା ସାହୁ , ପଦ୍ମଶ୍ରୀ ପ୍ରଭାକର ମହାରଣା ତଥା ଜିଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ କଞ୍ଜିଆ ବେହେରା, ଶିଳ୍ପ ବିକାଶ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହୋଇ ନିଜର ତଥା ସମାଜର ଆର୍ଥିକ ପ୍ରଗତି ଦିଗରେ ସହାୟକ ହେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଧଉଳି ପଞ୍ଚାୟତର ସାମାଜିକ କର୍ମୀ ହରେକୃଷ୍ଣ ସାହୁ, ସମିତିସଭ୍ୟ ଭଗବାନ ସାହୁ ଏବଂ ନାରାୟଣ ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଇତ୍ୟାଦି ଯୋଗଦେଇ ଉପସ୍ଥିତ ଉଦ୍ୟୋଗୀମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅଗ୍ରଗତି ଦ୍ୱାରା ଗ୍ରାମୀଣ ଲୋକଙ୍କ ଆର୍ଥିକ ଉନ୍ନତି ସମ୍ଭବ ହେବ ବୋଲି କହିଥିଲେ। ଏହି ଅବସରରେ ପଦ୍ମଶ୍ରୀ ପ୍ରଭାକରଙ୍କୁ ସଫଳ ଉଦ୍ୟୋଗୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ।

### ନନ୍ଦିସାହି ଲୁଟ୍ ଘଟଣାର ପର୍ଦ୍ଦାଫାଶ
## ୩ ନୁହେଁ, ୧୩ ସାମିଲ

**କଟକ ଅଫିସ,୧୮।୮:** କଟକ ନନ୍ଦିସାହିର ବ୍ୟବସାୟୀ ସୁମିତ କୁମାର ବଣିଆଙ୍କଠାରୁ ସାଢ଼େ ୭ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୩ ନୁହେଁ ୧୩ଜଣ ସାମିଲ ଥିଲେ। ପୋଲିସ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଅଭିଯୁକ୍ତ ଏବେ ମଧ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ବନ୍ଧୁକ, ୬ ମୋବାଇଲ ଫୋନ, ୧ଲକ୍ଷ ୩୦ ହଜାର ଟଙ୍କା ସହ ଲୁଟ୍‌ବେଳେ ବ୍ୟବହାର ହୋଇଥିବା ତିନି ବାଇକ ଏବଂ ଲୁଟ୍ ଟଙ୍କାରେ କିଣାଯାଇଥିବା ଗୋଟିଏ ବୁଲେଟକୁ ଜବତ କରିଛି ପୋଲିସ।

ସୁମିତ୍‌ଙ୍କର ପୀଠାପୁରରେ ପ୍ଲାଷ୍ଟିକ୍ ଆସବାବପତ୍ର ଦୋକାନ ରହିଛି। ସେ ଗତ ୨ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଦୋକାନ ବନ୍ଦ କରି ଆକ୍ଟିଭା ଯୋଗେ ଘରକୁ ଯାଉଥିଲେ। ତିନିଜଣ ଯୁବକ ପିଛା କରି ଆସି ତାଙ୍କ ଆଖିକୁ କିଛି କେମିକାଲ ସ୍ପ୍ରେ କରି ତାଙ୍କ ଗାଡ଼ିକୁ ନେଇ ପଳାଇଯାଇଥିଲେ। ଉକ୍ତ ଗାଡ଼ିରେ ଟଙ୍କା ଥିଲା। ସୁମିତ୍‌ଙ୍କ ଅଭିଯୋଗ କ୍ରମେ ପୁରୀଘାଟ ଥାନା ପୋଲିସ୍ ୩ ଅଭିଯୁକ୍ତଙ୍କୁ ନେଇ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଘଟଣାରେ ୧୩ଜଣଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଅଭିଯୁକ୍ତମାନେ ହେଲେ ଭରତ ଖୁଣ୍ଟିଆ ଓରଫ ବୁଲୁ, ସୌମ୍ୟରଞ୍ଜନ ସାହୁ, ସଞ୍ଜୟ ବେହେରା, ଚନ୍ଦନ ବେହେରା, ଅନିଲ ବେହେରା ଓରଫ ଚିକୁ, ବୀରେନ୍ଦ୍ର ନାୟକ ଓରଫ ଟୁଟୁଲି, ସିତୁନ କୁମାର ସାହୁ, ଅନନ୍ତ ପ୍ରସାଦ ମହାରଣା ଓରଫ ସିକନ, ଲୋକେନ୍ ଗୁରୁ, ବି. ଶ୍ୟାମ, ରୋହିତ ରଞ୍ଜନ ମହାପାତ୍ର ଓରଫ ବାବା, ଏସ୍.କେ. ରିଆଜ୍ ବକ୍ସ ଓ ସଞ୍ଜୟ ନାୟକ। ଏହି ଘଟଣାର ମାଷ୍ଟରମାଇଣ୍ଡ ହେଉଛନ୍ତି ସୁମିତ୍‌ଙ୍କ ପରିଚିତ ବୁଲୁ। ତେବେ ଚିକୁଙ୍କୁ ଶୁକ୍ରବାର ପୋଲିସ ଏନ୍‌କାଉଣ୍ଟର କରି କାବୁ କରିଥିଲା। ଲୁଟ୍ ଟଙ୍କା ମଧ୍ୟରୁ ଅଧିକ ଭାଗ ସିତୁନ ଓ ଚନ୍ଦନଙ୍କ ପାଖରେ ରହିଥିବାବେଳେ ସେମାନେ ଫେରାର ହୋଇଯାଇଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରୁ ସିକନ ଲୁଟ୍ ଟଙ୍କାରେ ଏକ ବୁଲେଟ କିଣିଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ ଶନିବାର ଆୟୋଜନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଚିକୁ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

# ଡ୍ୟାନ୍ସ ବାରରେ ଚାଲିଛି ଦେହ ବ୍ୟବସାୟ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ରାଜଧାନୀରେ ଥିବା ଏକାଧିକ ଡ୍ୟାନ୍ସ ବାରରେ ଅଶ୍ଳୀଳ ନୃତ୍ୟ ସାଙ୍ଗକୁ ଦେହ ବ୍ୟବସାୟ ଚାଲିଛି। କୌଣସି ବାରରେ ଡ୍ୟାନ୍ସ କରିବାକୁ ଅନୁମତି ନ ଥିବାବେଳେ ଏଭଳି ଅନୈତିକ କାର୍ଯ୍ୟକଳାପ କରାଯାଉଛି। ଏସବୁ ଖୁଲମଖୁଲା ଚାଲୁଛି। କିଛି ଇଭେଣ୍ଟ ମ୍ୟାନେଜର ଯୁବତୀଙ୍କୁ ଆଣି ବାରରେ ଡ୍ୟାନ୍ସ କରାଉଛନ୍ତି। ଏପରି କି ଯଦି କୌଣସି ଗ୍ରାହକ ଯୁବତୀଙ୍କ ପ୍ରତି ଆକର୍ଷିତ ହେଉଛନ୍ତି, ତେବେ ସେଠାରେ ଟଙ୍କା ମୂଲଚାଲ କରାଯାଇ ବାରରେ ଥିବା ସିକ୍ରେଟ ରୁମ୍‌ରେ ଏଭଳି କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ଶୁକ୍ରବାର ରାତିରେ ଖାରବେଳନଗର ପୋଲିସ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଚଢାଉ କରିଥିଲା। ଚଢାଉବେଳେ ପୋଲିସ ସେଠାରୁ ୧୦ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଉଦ୍ଧାର କରିବା ପରେ ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଥିଲା ଯେ, ସେଠାରେ ଡ୍ୟାନ୍ସ ନାଁରେ ଚାଲିଥିଲା ଦେହବ୍ୟବସାୟ। ତେଣୁ ପୋଲିସ ଉକ୍ତ ବାରକୁ ସିଲ୍ କରିବା ସହ ଏକ ନୋଟିସ ମଧ କରିଛି। ଏହି ଘଟଣାରୁ କେତେକ ବାର୍‌ରେ ଦେହ ବ୍ୟବସାୟ ଚାଲୁଥିବା ସ୍ପଷ୍ଟ ହେଉଛି। ଅନ୍ୟପଟେ ସ୍ଥାନୀୟ ଥାନା ପୋଲିସ ଏସବୁ ଜାଣିଥିଲେ ମଧ ଅର୍ଥ ପାଇ ଚୁପ ବସୁଛି। ଯଦି କୌଣସି ଥାନା ଅଫିସର ବାରମ୍ବାର କୌଣସି ବାର ଉପରେ ଚଢ଼ାଉ କରୁଛନ୍ତି, ତେବେ ରାଜଧାନୀରେ ଥିବା କେତେକ ବାର ମାଲିକ ଏକଜୁଟ ହୋଇ କୌଣସି ବଡ଼ ଅଫିସରଙ୍କୁ ହାତ କରି ପୋଲିସର ହାତ ବାନ୍ଧି ଦେଉଛନ୍ତି। ବିଶେଷକରି କଟକ ରୋଡ୍ ଓ ଅନ୍ୟ ଥାନା ଅଞ୍ଚଳରେ ଥିବା କେତେକ ବାରରେ ଅଶ୍ଳୀଳ ନୃତ୍ୟ ଚାଲୁଛି। ସବୁଠୁ ବଡ଼ କଥା ହେଲା କୁଖ୍ୟାତ ଅପରାଧୀମାନେ ଏହି ଡ୍ୟାନ୍ସ ବାରରେ ଲକ୍ଷ ଲକ୍ଷ ଟଙ୍କା ଉଡ଼ାଉଛନ୍ତି। ସେମାନେ ଯୁବତୀଙ୍କୁ ଆଣି ଡ୍ୟାନ୍ସ କରାଇବା ସହ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ହେଲେ ପୋଲିସ ଏହାର ଟେର ପାଉନି। ନିକଟରେ ଟିଟୋ ଏହି ଡ୍ୟାନ୍ସ ବାରରେ ବିପୁଳ ଟଙ୍କା ଲଗାଇଥିବା ଏସ୍‌ଟିଏଫ ତା'ର ତଦନ୍ତ ସମୟରେ ଜାଣିବାକୁ ପାଇଛି। କେବଳ ଟିଟୋ ନୁହନ୍ତି ରାଜଧାନୀ ଓ ବାହାର ଅଞ୍ଚଳର ଅପରାଧୀମାନେ ଏହି ଡ୍ୟାନ୍ସ ବାରରେ ଟଙ୍କା ଲଗାଉଛନ୍ତି।

ଶୁକ୍ରବାର ଘଟଣା ପରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେଉଁ ସ୍ଥାନରେ ବେଆଇନ ଭାବେ ଡ୍ୟାନ୍ସ ଚାଲିଛି ସେଠାରେ ଚଢାଉ କରାଯିବ। ଏହାସହ ବାର ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୫ ବାର୍‌ରେ ଚଢ଼ାଉ, ୭ ଯୁବତୀ ଉଦ୍ଧାର

**କଟକ ରୋଡ,୧୮।୮(ଡି.ଏନ୍.ଏ.):** କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଶନିବାର ରାତି ପ୍ରାୟ ୧୧ଟାରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବେଆଇନ୍ ଭାବେ ଚାଲିଥିବା ୫ ଡ୍ୟାନ୍ସବାରରେ ଚଢ଼ାଉ କରିଥିଲା। ୨ଟି ବାରରେ ନୃତ୍ୟ କରୁଥିବା ୭ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଏସିପି ସଞ୍ଜୀବ ଶତପଥି କହିଛନ୍ତି ଯେ, ସ୍ପେଶାଲ ସ୍କ୍ୱାଡ୍ କଳ୍ପନା ଛକ ନିକଟରେ ଥିବା ଏକ ଡ୍ୟାନ୍ସବାର୍‌ରୁ ୬ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟପକ୍ଷରେ ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି, ୫ ବାରରେ ଚଢ଼ାଉ କରାଯାଇଛି। ତେବେ ଯାତ୍ରୀନିବାସ ନିକଟରେ ଥିବା ଅନ୍ୟ ଏକ ଡ୍ୟାନ୍ସବାରରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ପ୍ରକାଶ ଥାଉକି, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବ୍ରାଉନ ସୁଗାର, ଚୋରା ମଦ ବ୍ୟବସାୟ ସାଙ୍ଗକୁ ବେଆଇନ୍ ଡ୍ୟାନ୍ସବାର ସଂଖ୍ୟା ବଢ଼ିଚାଲିଛି। ନୂଆ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ମାସିକ ଅପରାଧ ସମୀକ୍ଷା ବୈଠକରେ ଥାନା ବାବୁଙ୍କୁ ଏନେଇ ସଜାଗ କରିଛନ୍ତି। ହେଲେ ପୂର୍ବରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଚାଲିଥିବା ଏ ବେଆଇନ୍ କାରବାର ଏବେ ବନ୍ଦ ହେଉଛି ନା ନାହିଁ ତାହାକୁ ନେଇ ଚର୍ଚ୍ଚା ଚାଲିଛି।



ନୂପୁର ପକ୍ଷରୁ ସୂଚନାଭବନଠାରେ ଚାଲିଥିବା 'ମହ୍ଲାର'ର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ୮ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ,୧୮।୮**

ପୁରୀ ଅବକାରୀ ପୋଲିସ ଶନିବାର ଭୂଦାନ ନଗର ଅଞ୍ଚଳରୁ ୮ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ପେଣ୍ଠକଟା ଅଞ୍ଚଳର ରାମଚନ୍ଦ୍ର ନାୟକ। ତାଙ୍କ ଠାରୁ ୧୨ଶହ ଟଙ୍କା ମଧ ଜବତ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ରାମଚନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡିଛି। ସେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ବିକ୍ରି କରୁଥିବା ଜେରା ବେଳେ ସ୍ୱୀକାର କରିଥିବା ଅବକାରୀ ଏସ୍‌ଆଇ ରାଜଶେଖର ସ୍ୱାଇଁ କହିଛନ୍ତି। ଶନିବାର ରାମଚନ୍ଦ୍ର ୫୦ଟି ବ୍ରାଉନ ସୁଗାର ପ୍ୟାକେଟ ଧରି ଭୂଦାନ ନଗର ଛକରେ ବିକ୍ରି କରୁଥିବା ଖବରପାଇ ଅବକାରୀ ବିଭାଗ ପାଖରେ ଖବର ପହଞ୍ଚିଥିଲା। ଅବକାରୀ ଅଧୀକ୍ଷକ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ରାମଚନ୍ଦ୍ରଙ୍କ ଠାରୁ ବ୍ରାଉନସୁଗାର ଜବତ କରିବା ସହ ଗିରଫ କରିଥିଲା।



ଜୟଦେବ ବିହାରଠାରେ ବିନା ମାଷ୍ଟରପ୍ଲାନରେ ନିର୍ମିତ କୋଠାଘରକୁ ଭଙ୍ଗାଯାଉଛି।

### ବିନା ମାଷ୍ଟର ପ୍ଲାନରେ ଘର ତିଆରି
## ନୋଟିସ୍‌ର ୧୨ବର୍ଷ ପରେ ୨ ମହଲା କୋଠାକୁ ଭାଙ୍ଗିଲା ବିଡିଏ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ଜୟଦେବବିହାରରେ ବିନା ମାଷ୍ଟରପ୍ଲାନରେ ନିର୍ମିତ ଏକ ୨ ମହଲା କୋଠାଘର(ଫ୍ଲାଟ ନଂ. ୨୨୯୦)କୁ ବିଡିଏ ଶନିବାର ଭାଙ୍ଗିଦେଇଛି। ୧୨ ବର୍ଷ ତଳେ ଉକ୍ତ ଘର ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇ ବିଡିଏ ପକ୍ଷରୁ ଘର ମାଲିକଙ୍କୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ମାଲିକ ଘର ଭାଙ୍ଗି ନ ଥିଲାବେଳେ ବିଡିଏ ନୋଟିସ ଦେଇ ଚୁପ୍ ବସିପଡ଼ିଥିଲା। ଉକ୍ତ ଘରଟି ଜୟଦେବବିହାର ନିକଟ ଦେଇ ଯାଇଥିବା ୪ନମ୍ବର ଡ୍ରେନ ପାର୍ଶ୍ୱରେ ନିର୍ମାଣ ହୋଇଥିବାବେଳେ ଏହାଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିଲା। ଫଳରେ ବିନା ପ୍ଲାନରେ ତିଆରି ହୋଇଥିବା ଏହି ଘରଟିକୁ ବେଆଇନ ଦର୍ଶାଇ ବିଡିଏ ଏଭଳି ପଦକ୍ଷେପ ନେଇଛି। ବିଏମ୍‌ସି ଏବଂ ବିଡିଏର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଜେସିବି ସାହାଯ୍ୟରେ ଘରଟିକୁ ଭାଙ୍ଗିଦେଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ସଦସ୍ୟ ତଥା ଅତିରିକ୍ତ କମିଶନର ଭବାନୀ ଶଙ୍କର ଚଇନି କୁହନ୍ତି, ବର୍ଷାଜଳ ନିଷ୍କାସନକୁ ଲକ୍ଷ୍ୟ କରି ଏହି ଘରକୁ ଭଙ୍ଗାଯାଇଛି। ମାଷ୍ଟରପ୍ଲାନ ନ ଥାଇ ବେଆଇନ ଭାବେ ଘର ତିଆରି ହୋଇଥିବାରୁ ଏହାକୁ ଉଚ୍ଛେଦ କରାଯାଇଛି। ବର୍ତ୍ତମାନ ବର୍ଷାପାଣି ଠିକ୍ ଭାବେ ନିଷ୍କାସିତ ହୋଇପାରିବ। ଉଚ୍ଛେଦବେଳେ ବିଏମ୍‌ସି ଉତ୍ତରାଞ୍ଚଳ ଜୋନ ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର, ବିଡିଏର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ କୁମାର ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଶହୀଦନଗର ଥାନା ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ସହିତ ଗୋଟିଏ ପ୍ଲାଟୁନ୍ ପୁରୁଷ ଏପିଆର ଫୋର୍ସ ଏବଂ ଗୋଟିଏ ପ୍ଲାଟୁନ୍ ମହିଳା ଏପିଆର ଫୋର୍ସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କୋଠାଘର ବିନା ମାଷ୍ଟରପ୍ଲାନରେ ନିର୍ମାଣ ହୋଇଥିବା ଜାଣି ଏହାକୁ ଭାଙ୍ଗିବା ପାଇଁ ବିଡିଏ ୨୦୦୬ ନଭେମ୍ବର ୧୬ରେ ସମ୍ପୃକ୍ତ ଘର ମାଲିକଙ୍କୁ ନୋଟିସ କରିଥିଲା।

### ଟ୍ରେଲର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ଥାନା ଅଧୀନ ଖୁଣ୍ଟକଟା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟା୩୦ରେ ଏକ ଟ୍ରେଲର୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଅରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୁଣ୍ଟକଟା ଗ୍ରାମର ମାନସ ରାଉତଙ୍କ ପୁଅ ଅରୁଣଜିତ(୧୭) ଓ ଦେବରାଜ ସାହୁଙ୍କ ପୁଅ ନିରଞ୍ଜନ(୧୭)। ସେହିପରି ଉକ୍ତ ବାଟଦେଇ ସ୍କୁଟିରେ ଯାଉଥିବା ମା'ଝିଅ ଆହତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜାଳିଦେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି କରି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଆଠଗଡ଼ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକ ଫେରାର ହୋଇ ଯାଇଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

## ଦିଲ୍ଲୀରେ ଓଡ଼ିଆ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

**ନରସିଂହପୁର,୧୮।୮(ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ବାଲିଝରି ଗ୍ରାମର ଯବାନ ବିଜୟ କୁମାର କଟକିଆ(୩୫)ଙ୍କ ଦିଲ୍ଲୀର ମିରଟ ସହରରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ଆର୍ମି ବିଭାଗର ଏଏସ୍‌ସି ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ବିଭାଗ ପକ୍ଷରୁ ପରିବାରକୁ ମିଳିଥିବା ସୂଚନା ଅନୁସାରେ, ଏକ ସଡ଼କ ଦୁର୍ଘଟଣାରେ ବିଜୟଙ୍କ ସମେତ ଅନ୍ୟ ୩ ଯବାନଙ୍କ ମୃତ୍ୟୁ ଘଟିଛି। ବିଜୟଙ୍କ ମୃତଦେହକୁ ଶନିବାର ଭୁବନେଶ୍ୱର ପଠାଇ ଦିଆଯାଇଛି। ରବିବାର ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଆକ୍ରମଣରେ ବିଜୟଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ବିଭାଗୀୟ ଅଧିକାରୀ ଓ ମୃତଦେହ ଗାଁରେ ପହଞ୍ଚିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି।

## ଓଡ଼ିଶାରେ ଆଲର୍ଜି ପରୀକ୍ଷଣ କରୁଛି ଜେରଥ ପାଥ୍ ଲାବ୍

**ଭୁବନେଶ୍ୱର,୧୮।୮**

ସମସ୍ତଙ୍କ ଶରୀର ସବୁ ଜିନିଷକୁ ଗ୍ରହଣ କରିପାରି ନ ଥାଏ। କେହି କେହି ଫଳମୂଳର ବାସ୍ନା ସହ୍ୟ କରିପାରନ୍ତି ନାହିଁ ତ ଆଉ କେହି ଗାଡି ମୋଟରର ଧୂଆଁ। ଏହି ଗ୍ରହଣ କରି ନ ପାରିବାକୁ ହିଁ ଆଲର୍ଜି ବୋଲି କୁହାଯାଏ। ପୂର୍ବରୁ ଏହି ରୋଗକୁ ଚିହ୍ନଟ କରିବା ଏକ ଜଟିଳ ପ୍ରକ୍ରିୟା ଥିଲା। ଏବେ ଦେଶର ପ୍ରମୁଖ ଅଟୋମେଟେଡ୍ ଆଣ୍ଡ୍ କମ୍ପ୍ୟୁଟରାଇଜ୍‌ଡ ପାଥୋଲୋଜି ଲାବରେଟୋରି ଚେନ୍ ଜେରଥ ପାଥ ଲାବ୍ ଆଣ୍ଡ୍ ଆଲର୍ଜି ଟେଷ୍ଟିଂ ସେଣ୍ଟର ରକ୍ତ ପରୀକ୍ଷା ମାଧ୍ୟମରେ ଏହାର ସମାଧାନ ବାଟ ବାହାର କରିଛି। ନ୍ୟାଶନାଲ ଆକ୍ରିଡିଏଶନ ବୋର୍ଡ ଟେଷ୍ଟିଂ ଆଣ୍ଡ୍ କ୍ୟାଲିବରେଶନ ଲାବ୍ରୋଟରିଜ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ସଂସ୍ଥା ଓଡିଶାର କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ନବରଙ୍ଗପୁର, କୋରାପୁଟ, ରାୟଗଡା, ଭବାନୀପାଟଣା, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଆଦି ବିଭିନ୍ନ ସ୍ଥାନରେ ଏହାର କଲେକଶନ ସେଣ୍ଟରରେ ଆଲର୍ଜି ପରୀକ୍ଷଣ ସୁବିଧା ଆରମ୍ଭ କରିଛି। ଚଳିତ ମାସ ୧୮ ଓ ୧୯ ତାରିଖ ଏହି ଦୁଇ ଦିନ କାର୍ଯ୍ୟକ୍ରମ ଚାଲିବ ବୋଲି ଅନୁଷ୍ଠାନ ସୂଚନା ଦେଇଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହେଉଛି। ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମ୍‌ରେ ଏହି ସୁବିଧା ପ୍ରଦାନ କରାଯାଉଛି ବୋଲି ଜେରଥ ପାଥ୍ ଲାବ୍ ପକ୍ଷରୁ କୁହାଯାଇଛି।

### ରେଡ୍-ଇ-ପାଠଶାଳାର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ
## ସ୍ମାର୍ଟସିଟି ପାଇଁ ବସ୍ତିବାସିନ୍ଦାଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୮।୮(ବ୍ୟୁରୋ)**

ରାଜ୍ୟର ବିକାଶ ପାଇଁ କେବଳ ସରକାର ଉଦ୍ୟମ କଲେ ହେବ ନାହିଁ। ଉଭୟ ସରକାରୀ ଓ ବେସରକାରୀ ସଂଗଠନର ମିଳିତ ସହଯୋଗରେ ହିଁ ରାଜ୍ୟର ବିକାଶ ସମ୍ଭବପର ବୋଲି ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଛନ୍ତି। ଶନିବାର ସୂଚନା ଭବନଠାରେ ରେଡ୍-ଇ-ପାଠଶାଳାର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବରେ ପ୍ରିୟଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରକୁ ସ୍ମାର୍ଟସିଟି ରୂପେ ଗଢ଼ି ତୋଳିବାକୁ ହେଲେ ଏଥିରେ ବାସ କରୁଥିବା ଏକ ତୃତୀୟାଂଶ ବସ୍ତିବାସିନ୍ଦାଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଛନ୍ତି।

ସେ ଆହୁରି କହିଥିଲେ, ଘରୋଇ ସ୍କୁଲରେ ପିଲାମାନେ ସ୍ୱଚ୍ଛଳ ଅବସ୍ଥାରେ ପାଠ ପଢୁଛନ୍ତି। ମାତ୍ର ବସ୍ତି ଅଞ୍ଚଳର ପିଲାମାନଙ୍କ ପାଇଁ କାମ କରୁଥିବା ଏହି ସଂଗଠନ 'ରେଡ୍-ଇ-ପାଠଶାଳା' ଆର୍ଥିକ ଅନଗ୍ରସର ପରିବାରର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ନେଇଥିବା ପଦକ୍ଷେପ ପ୍ରଶଂସନୀୟ। 'ନିତିଦିନ'ର କାର୍ଯ୍ୟକାରୀ ସମ୍ପାଦକ ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ମୁହଁରେ ହସ ଫୁଟାଇ ପାରିଲେ ଆମେ ଆସନ୍ତା କାଲିର ନାଗରିକଙ୍କୁ ସୁଦୃଢ଼ କରିପାରିବା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଡି. ପ୍ରକାଶ ରାଓ ଯୋଗଦେଇ ଜଣେ ଶିଶୁର ଓଠରେ ହସ ଫୁଟାଇଲା ବେଳେ ପ୍ରକୃତ ଆତ୍ମସନ୍ତୋଷ ମିଳେ ବୋଲି କହିଥିଲେ। ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ଓଏଏସ୍ ଅଧିକାରୀ ସନ୍ନ୍ୟାସ ବେହେରା, ହ୍ୟୁମାନ୍ ଲାଇଫ୍ ସେଣ୍ଟର୍‌ର ନିର୍ଦ୍ଦେଶକ ଫାଦର ଟୋନି ଜନ୍ ଓ ସାମାଜିକ କର୍ମୀ ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଡି. ପ୍ରକାଶ ରାଓ ଓ ସନ୍ନ୍ୟାସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରକ୍ତଦାନ କ୍ଷେତ୍ରରେ ରେକର୍ଡ ଅର୍ଜନ କରିଥିବା ମହମ୍ମଦ ଜାହିର୍, ଯାଦବ ମହାସଭାର ବଳରାମ ବଗର୍ତ୍ତୀ ଓ ଆଲୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ରେଡ-ଇ-ପାଠଶାଳା'ର କର୍ମୀ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗଠନର ଟ୍ରଷ୍ଟି ରଜତ ରଶ୍ମି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ସୋନାଲି ଶୁଭଦର୍ଶିନୀ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟବ୍ରତ ତ୍ରିପାଠୀ, ଆଦିତ୍ୟ ପ୍ରସାଦ ବସ୍ତୁ, ଧରିତ୍ରୀ ସାହୁ, ପିଙ୍କି ସ୍ୱାଇଁ, ଅବିନାଶ ସ୍ୱାଇଁ, ସୁଦୀପ ପ୍ରଧାନ, ହିମାଦ୍ରୀ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଖରଚଣ୍ଡୀ ବସ୍ତି ଓ ଜଳିମୁଣ୍ଡା ବସ୍ତିର ପିଲାମାନେ ସାମିଲ ହୋଇଥିଲେ। ଶେଷରେ ବସ୍ତି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଅତିଥିମାନେ ଜଣେ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

## ଫଟୋରେ ଖବର



ନୂଆପଲ୍ଲୀସ୍ଥିତ ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିରରେ ଶନିବାର ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।



ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ମ୍ୟୁଜିକ ଭିଡ଼ିଓ 'ବାସ୍ ତୁ ହି ତୁ'ର ସିଡ଼ୀକୁ ଉନ୍ମୋଚନ କରାଯାଉଛି।



ଗ୍ରାମ୍ୟ ପାନୀୟ ଜଳ ଯୋଗାଣରେ କାର୍ଯ୍ୟରତ ଏସ୍‌ଇଏମ୍‌ଙ୍କୁ ଦୈନିକ ସର୍ବନିମ୍ନ ମଜୁରି ପ୍ରଦାନ ସହ ଅନ୍ୟାନ୍ୟ ଦାବିରେ ଶନିବାର ଓଡ଼ିଶା ପାଇପ ଜଳ ଯୋଗାଣ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ଝାଁଳା, ପିତାପଲ୍ଲୀରେ ଡେଙ୍ଗୁରେ ୨ ଆକ୍ରାନ୍ତ

ଝାଁଳା,୧୮।୮(ଡିଏନ.ଏ.)-ଝାଁଳା ଓ ପିତାପଲ୍ଲୀରେ ଡେଙ୍ଗୁର ଭୟ ଦେଖାଦେଇଛି। ଜଟଣୀ ବ୍ଲକ ଝାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଁଣ ରମେଶ ମହାପାତ୍ରଙ୍କର କିଛିଦିନ ତଳେ ଜ୍ୱର ହୋଇଥିଲା। ଜ୍ୱର ଭଲ ନ ହେବରୁ ରମେଶ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ସେଠାରେ ରକ୍ତ ପରୀକ୍ଷା କରିବାରେ ତାଙ୍କର ଡେଙ୍ଗୁ ପଜିଟିଭ ବାହାରିଥିଲା। ୨ ଦିନ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ସେ ଘରକୁ ଫେରି ଥିବା ଜଣାପଡିଛି। ସୂଚନାଯୋଗ୍ୟ ମହାପାତ୍ର ଜଣେ ସ୍ୱାସ୍ଥ୍ୟକର୍ମୀ ଅଟନ୍ତି। ସେହିପରି ଗଙ୍ଗପଡା ପଞ୍ଚାୟତର ପିତାପଲ୍ଲୀ ଗାଁରେ ଡେଙ୍ଗୁର ଭୟ ମଧ୍ୟ ଦେଖାଦେଇଛି। ଉକ୍ତ ଗାଁର ପ୍ରତାପସିନ୍ଧୁ ସ୍ୱାଇଁ(୩୮)ଙ୍କର ଜ୍ୱର ହୋଇଥିଲା। ସେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ରକ୍ତ ପରୀକ୍ଷା କରାଇବାରେ ତାଙ୍କର ଡେଙ୍ଗୁ ପଜିଟିଭ ବାହାରିଥିଲା। ସେ ବର୍ତ୍ତମାନ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏମାନଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### କଳାଦିବସ ପାଳିଲେ ଆଇନଜୀବୀ ମୁହଁରେ କଳା ପଟି ବାନ୍ଧି ପ୍ରତିବାଦ

ଖୋର୍ଦ୍ଧା ଅଫିସ,୧୮।୮:କୋର୍ଟ, ପୋଲିସ ଓ ଜିଲା ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରି ଖୋର୍ଦ୍ଧା ବାର ଆସୋସିଏଶନ ପକ୍ଷରୁ ଶନିବାର କଳାଦିବସ ପାଳନ କରାଯାଇଛି। ଆଇନଜୀବୀମାନେ ମୁହଁରେ କଳାକନା ଭିଡି ନୀରବ ପ୍ରତିବାଦ କରିଥିଲେ। ଆଇନର ରକ୍ଷକ ଭାବେ ଅଶୋଭନୀୟ ଓ ଅନାବଶ୍ୟକ ଭାବେ ଖୋର୍ଦ୍ଧାରେ ଅବସ୍ଥାପିତ ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଜଜ୍, ଖୋର୍ଦ୍ଧା ଏସ୍‌ପି, ଅତିରିକ୍ତ ଏସ୍‌ପି, ଟାଉନ ଥାନା ଆଇଆଇସିଙ୍କ ସମେତ ୩ ପ୍ଲାଟୁନ୍ ଫୋର୍ସ ଶୁକ୍ରବାର ଭୋର ୬ଟାରୁ କୋର୍ଟ ପରିସରରେ ପ୍ରବେଶ କରି କଳଙ୍କିତ ଅଧ୍ୟାୟ କରିଛନ୍ତି ବୋଲି ଆଇନଜୀବୀ କହିଛନ୍ତି। ଏପରି ଘଟଣାକୁ ନେଇ ଆଇନଜୀବୀଙ୍କ ପକ୍ଷରୁ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ତେବେ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆଇନଜୀବୀମାନେ ଷଷ୍ଠ ଦିବସରେ ଧାରଣା ଜାରି ରଖିଛନ୍ତି।

### ଗାଁକୁ ଯାଇ ଚାଷୀଙ୍କୁ ଭେଟିଲେ

ଖୋର୍ଦ୍ଧା ଅଫିସ,୧୮।୮:ଜଟଣୀ ବ୍ଲକ ତରାବୋଇର ଚାଷୀଙ୍କୁ ଆତ୍ମ ନିଭରଶୀଳ କରିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗାଁକୁ ଯିବା ଚାଷୀଙ୍କୁ ଭେଟିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪ର୍ଥ ବର୍ଷ ଛାତ୍ର ଅମ୍ଲାନ ରଥ ପଞ୍ଚାୟତ ସଭାକକ୍ଷରେ ଚାଷୀମାନଙ୍କୁ ଭେଟିଥିଲେ। ସେଠାରେ ବୈଜ୍ଞାନିକ ପଦ୍ଧତିରେ ଛତୁ ଓ ମହୁ ଚାଷର ପ୍ରଣାଳୀ ଉପରେ ଟିକିନିଖି ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତରାବୋଇ ସରପଞ୍ଚ ସାକିରା ଅବାରର, ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ସୁଧୁରୁନି ଲୋ ଭୋଲ୍‌ଟେଜ ସମସ୍ୟା

ବେଗୁନିଆ,୧୮।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ସବ-ଡିଭିଜନ ଅଧୀନ ବାଙ୍କୀ, ବୋଲଗଡ, ରଣପୁର ଓ ବେଗୁନିଆ ବ୍ଲକ ଅଞ୍ଚଳରେ ଲୋ ଭୋଲଟେଜ ସମସ୍ୟା ଲାଗି ରହିଥିଲେ ମଧ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇପାରିନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ୩୮ ହଜାର ଉପଭୋକ୍ତା ଲୋ ଭୋଲଟେଜ ସମସ୍ୟାରେ ଅତିଷ୍ଠ ହେଉଛନ୍ତି। ଏଥିରେ ପିଲାମାନଙ୍କ ପାଠପଢାରେ ଅସୁବିଧା ହେଉଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଏହି ବିଦ୍ୟୁତ୍ ସବଡିଭିଜନ ଅଧୀନରେ ପ୍ରାୟ ୧୯ଶହରୁ ଊର୍ଦ୍ଧ୍ୱ ନୂତନ ଗ୍ରାହକ ବୃଦ୍ଧି ପାଇଥିଲେ ମଧ ସେହି ପରିମାଣରେ ବିଦ୍ୟୁତ୍ ଯୋଗାଣ ବୃଦ୍ଧି କରାଯାଇ ନାହିଁ। ଏଥିଯୋଗୁ ଲୋ ଭୋଲଟେଜ ସମସ୍ୟା ହେଉଛି ବୋଲି କୁହାଯାଉଛି। ବିଶେଷ ସୂତ୍ରରୁ ଜଣାପଡିଛି ଯେ, ବେଗୁନିଆ ସବ-ଡିଭିଜନକୁ ୩୩କେଭି ବିଦ୍ୟୁତ୍ ଆବଶ୍ୟକ ପଡୁଥିବା ବେଳେ ଗ୍ରୀଡରୁ ମାତ୍ର ୨୪କିଲୋଭୋଲ୍ଟ ବିଦ୍ୟୁତ୍ ଆସୁଛି। ଫଳରେ ଲୋ ଭୋଲଟେଜ ସମସ୍ୟା ଉପୁଜିଥିବା ବିଦ୍ୟୁତ୍ ବିଭାଗର ଜନୈକ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଖୋର୍ଦ୍ଧା) ମନୋଜ କୁମାର ଦାସ କୁହନ୍ତି, ଲୋ ଭୋଲଟେଜ ସମସ୍ୟାର ଅଭିଯୋଗ ମିଳିଛି। ସୁଧାର ଆଣିବା ପାଇଁ ଚେଷ୍ଟା କରାଯାଉଛି।

■ ପୂର୍ତ୍ତି ଉତ୍ସବରେ ମସ୍‌ଗୁଲ୍

# ଜନ୍ମମାଟିରେ ଶହୀଦ ଅଲୋଡା

ଖୋର୍ଦ୍ଧା ଅଫିସ,୧୮।୮

ଖୋର୍ଦ୍ଧା ଜିଲା ସଦର ମହକୁମାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ଶେଷ ହୋଇଛି। ଏବେ ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ପ୍ରଥମ ପର୍ବ ଶେଷ ହେଲାଣି। ମୁଖ୍ୟ ଉତ୍ସବ ନିକଟରେ ପାଳିତ ହେବାକୁ ଯାଉଛି। ହେଲେ ପୂଜ୍ୟପୂଜାକୁ ମନେ କେହି ପକାଉନାହାନ୍ତି। ଦେଶ ପାଇଁ ବଳିଦାନ ଦେଇଥିବା ପୂଜ୍ୟ ପୂଜକ ତଥା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ଶହୀଦ ପୀଠକୁ ସମ୍ମାନ ଦେବାକୁ କାହାର ଆନ୍ତରିକତା ନାହିଁ। ଏଭଳିସ୍ଥଳେ ନିଜ ଜନ୍ମଭୂମିରେ ଶହୀଦ୍ କୃତ୍ତିବାସ ପାଟଶାଣୀ ଅଖୋଜା ହୋଇ ରହିଯାଇଛନ୍ତି। ଶିଳ୍ପୀଙ୍କ ଛାତରେ କୃତ୍ତିବାସଙ୍କ ପ୍ରତିକୃତି ପଡି ରହିଛି। ଫଳରେ ଶହୀଦ୍‌ଙ୍କ ସ୍ମୃତି ଜନମାନସରୁ ଲିଭିଯିବା ଉପରେ। ବାଣପୁର ଦେଓଗାଁରେ ଜନ୍ମିତ କୃତ୍ତିବାସ ଅରାଙ୍ଗ ଦଳବେହେରା ରୂପେ କାର୍ଯ୍ୟ କରୁଥିଲେ। ୧୮୫୭ ସିପାହୀ ବିଦ୍ରୋହର ବହୁ ପୂର୍ବରୁ ୧୮୩୬ ରେ ବାଣପୁରକୁ ଇଂରେଜଙ୍କ କବଳରୁ ୩ ଦିନ ପାଇଁ ମୁକ୍ତ କରି ଇତିହାସ ରଚିଥିଲେ। ଯାହାକି ସିପାହୀ ବିଦ୍ରୋହକୁ ଖୋରାକ ଯୋଗାଇ ଥିଲା। ଏକ ଦ୍ୱୀପ ଜେଲରେ କୃତ୍ତିବାସ ଶହୀଦ ହୋଇଥିଲେ। ଅନ୍ୟପକ୍ଷେ ଗଡଖୋର୍ଦ୍ଧାରେ ୧୬ ନଂ. ଜାତୀୟ ରାଜପଥ କଡରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇଛି। ହେଲେ କୃତ୍ତିବାସ ପାଟଶାଣୀଙ୍କ ପ୍ରତିମୂର୍ତ୍ତି ପରି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଖରା, କାକରରେ ଅନୁରୂପ ଭାବେ ପଡି ରହିଛନ୍ତି। ଏଭଳିସ୍ଥଳେ ବାଣପୁର ଓ ଚିଲିକା ବ୍ଲକ ଅଞ୍ଚଳରେ କୃତ୍ତିବାସଙ୍କ ପ୍ରତିମୂର୍ତ୍ତି ଟିଏ ନାହିଁ। ଅଶୀ ଦଶକରେ କିଛି ରାଜନେତା ଓ ଜନସେବକଙ୍କ ଚେଷ୍ଟାରେ ବାଣପୁର ପଲଟନ ପଡିଆ, ବାଣପୁର ସହର ମଧ୍ୟଭାଗରେ ବିପ୍ଳବୀ କୃତ୍ତିବାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାକୁ ପ୍ରସ୍ତାବ ରହିଥିଲା। ପରେ କୃତ୍ତିବାସଙ୍କ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତି ନିର୍ମାଣ ହୋଇଥିଲେ ହେଁ ସ୍ଥାପନ କରାଯାଇ ପାରି ନ ଥିଲା। କାରଣ ସ୍ଥାନ ନିରୂପଣ ହୋଇ ପାରି ନ ଥିଲା। ପ୍ରତିମୂର୍ତ୍ତି ଶିଳ୍ପୀଙ୍କ ଛାତରେ ପଡି ରହିଛି। ଜିଲା ଓ ବ୍ଲକ ପ୍ରଶାସନ, ସରକାରୀ ଦଳର ଲୋକ ପ୍ରତିନିଧିଙ୍କ ଉଦ୍ୟମ ହେଲେ ଏହାର ସମାଧାନ ସମ୍ଭବ।

## ଶିଳ୍ପୀଙ୍କ ଛାତରେ ପଡି ରହିଛି କୃତ୍ତିବାସଙ୍କ ପ୍ରତିମୂର୍ତ୍ତି



ଅଲୋଡା ହୋଇ ପଡି ରହିଥିବା କୃତ୍ତିବାସଙ୍କ ପ୍ରତିମୂର୍ତ୍ତି।

### ଖୋଲା ଆକାଶ ତଳେ ପୂଜ୍ୟପୂଜା

ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ଶହୀଦ ପୀଠ କେବଳ ସ୍ଥାପନ ଏବଂ ଉନ୍ମୋଚନ କରିଦେଲେ ହେବନାହିଁ। ରକ୍ଷଣାବେକ୍ଷଣ ଓ ପୂଜ୍ୟପୂଜାକୁ କିଭଳି ଗୁରୁତ୍ୱ ଦିଆଯିବ ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ଏହା କରାଯାଉ ନ ଥିବାରୁ ଲାଲ ମାଟି ଖୋର୍ଦ୍ଧାଗଡରେ ସମ୍ପୃକ୍ତ ପୀଠ ଅବହେଳିତ ଓ ଉପେକ୍ଷିତ ହୋଇରହିଛି। କେଉଁଠି ଗଛ ଉଠି ଗଲାଣି ତ ଆଉ କେଉଁଠି ପ୍ରତିମୂର୍ତ୍ତି ଭାଙ୍ଗିରୁଜି ଗଲାଣି। ଆଉ କେଉଁଠି ଶୀତ, କାକର, ଖରା ଓ ବର୍ଷାରେ ପଡି ରହିଛନ୍ତି। ଏମାନଙ୍କର ଅବଦାନ ଚିର ସ୍ମରଣୀୟ ହୋଇଥିବାବେଳେ ଶହୀଦ ପୀଠ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିର ସ୍ଥିତି ଦେଖିଲେ ବାହାର ଲୋକଙ୍କ ଖରାପ ଧାରଣା ସୃଷ୍ଟି ହେଉଛି। କାରଣ ଯେଉଁମାଟି ନିଜର ପୂର୍ବ ପୁରୁଷଙ୍କୁ ସମ୍ମାନ ଦେଇ ଜାଣିନି ସେମାନେ ବେଳ ଆସିବ ଉପଯୁକ୍ତ ସମ୍ମାନରୁ ବଞ୍ଚିତ ହେବେ। ୧୯୯୯ ଡିସେମ୍ବର ୨୦ରେ ତତ୍କାଳୀନ ଜିଲାପାଳ ଅପରାଜିତା ଷଡଙ୍ଗୀଙ୍କ ଦ୍ୱାରା ତାପଙ୍ଗଗଡରେ ଶହୀଦ୍ ସ୍ମୃତିସ୍ତମ୍ଭ ସ୍ଥାପନ ହୋଇଥିଲା। ୨୦୦୭ ଡିସେମ୍ବର ୨୨ରେ ଖୋର୍ଦ୍ଧା ସହର ମଧ୍ୟରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଏବଂ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଦ୍ୱାରା ଗଜପତି ରାମଚନ୍ଦ୍ର ଦେବ, ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରାଇଥିଲେ। ସେହିପରି ଖୋର୍ଦ୍ଧା ସହର ଓ ଆଖପାଖ ଅଞ୍ଚଳରେ ସ୍ମୃତିସ୍ତମ୍ଭ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ରହିଛି। ତେବେ ପୂଜ୍ୟପୂଜାଙ୍କୁ ଅଣଦେଖା କରାଯାଉଛି।

# ଚାକିରି ଜୀବନ, ଅବସର ପରେ ଲକ୍ଷ୍ୟ ଗୋଟିଏ



ଅବସରପ୍ରାପ୍ତ ଏସ୍‌ପି ଦେବ ପ୍ରସାଦ ମଜୁମଦାର

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Contact Person: Pabitra Ku. Behera, Mobile: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob: 8763174232

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob-9337180581, 9124380581

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR**

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob : 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କିଶୋର ଚନ୍ଦ୍ର ପ୍ରଧାନ**
ବାଘୁଆବୋଲ, ତାଳଚେର
ଆବିର୍ଭାବ: ୧୩।୦୨।୧୯୫୨
ତିରୋଧାନ: ୧୯।୦୮।୨୦୧୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି–ଟୁଟୁଲ,ନାତୁଣୀ–ଟ୍ୱିଙ୍କିଲ। ଧ–୭୯୨୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରହଲ୍ଲାଦ ଚନ୍ଦ୍ର ପରିଜା**
ବେତାରି, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୦୯।୦୮।୨୦୧୮
ଆପଣଙ୍କ ଅନାବିଳ ସ୍ନେହ, ମମତା, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ଆମମାନଙ୍କ ଚିରସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ବି ଥାଆନ୍ତୁ ଭଲରେ ଥାଆନ୍ତୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ– ପ୍ରତିଭା, ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ–୬୨୦୩୮

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଇଂ ପ୍ରଭାତ କୁମାର ପଣ୍ଡା**
ପଳାସପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୪।୧୯୬୦
ତିରୋଧାନ: ୩୦।୦୭।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଧର୍ମପତ୍ନୀ: ଟାଇନି, ପୁତ୍ର: ନିଷ୍ଟୁନ, କନ୍ୟା–ଜାମାତା: ତଲୀନା–ଆଶୀଷ୍ ଅନ୍ୟ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ–୬୩୩୫୫

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନିକୁଞ୍ଜ ବିହାରୀ ପାଇକରାୟ**
ଶିଶୁପାଳଗଡ଼, ଭୁବନେଶ୍ୱର–୨
ଆପଣଙ୍କ ସ୍ପଷ୍ଟବାଦିତା, ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ। ଧ–୬୩୦୭୧

| | |
|---|---|
| Dollar 26 | 70.16 |
| Sensex 284.32 | 37,947.00 |
| Nifty 85.70 | 11,470.00 |
| Gold ₹ 90 | 30,250.00 |
| Silver ₹ 0 | 38,000.00 |

ଡଲାର ତୁଳନାରେ ଭାରତୀୟ ମୁଦ୍ରା ଏବେ ବି ଠିକ୍ ସ୍ତରରେ ରହିଛି। ଏହା ୭୧ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଲେ ମଧ୍ୟ ଗ୍ରହଣଯୋଗ୍ୟ।
– କୌଶିକ୍ ବସୁ, ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ



ଉପା ସରକାରଙ୍କ ଶେଷ ୪ ବର୍ଷ ତୁଳନାରେ ମୋଦି ସରକାରଙ୍କ ୪ବର୍ଷର ଶାସନ କାଳରେ ଜିଡିପି ଅଭିବୃଦ୍ଧି ଅଧିକ ରହିଛି।
– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ



# ବ୍ୟାଙ୍କ ଋଣ ଅସୁଲରେ ସୁଧାର

ନୂଆଦିଲ୍ଲୀ, ୧୮–୮




- ପ୍ରଥମ ତ୍ରୈମାସରେ ୩୬,୫୦୦ କୋଟି
- ଗତ ବର୍ଷ ଆଦାୟ ହୋଇଥିଲା ୭୪,୫୬୨ କୋଟି
- ପିଏନ୍‌ବି, ଇଣ୍ଡିଆନ୍ ବ୍ୟାଙ୍କରେ ପରିବର୍ତ୍ତନ ଧାରା

"ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଉତ୍ଥାନ ହୋଇପାରିଲେ ଏହା ଦେଶ ଲାଗି ଇଞ୍ଜିନ ସଦୃଶ କାର୍ଯ୍ୟ କରିବ ବୋଲି ଅର୍ଥ ସେବା ସଚିବ ରାଜୀବ କୁମାର କହିଛନ୍ତି।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଅନାଦାୟ ଋଣ(ଏନ୍‌ପିଏ) ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହା ହ୍ରାସ ହେବାର ନାଁ ଧରୁ ନାହିଁ। ମାତ୍ର ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକର ଋଣ ଅସୁଲ ଧାରା ଉନ୍ନତ ରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ୭୪,୫୬୨ କୋଟି ଟଙ୍କାର ଋଣ ଅସୁଲ କରିଥିଲେ। ମାତ୍ର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଉକ୍ତ ଧାରା ଉନ୍ନତି ରହିଛି। ୨୦୧୮–୧୯ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କଗୁଡିକ ୩୬,୫୦୦ କୋଟି ଟଙ୍କାର ଋଣ ଅସୁଲ କରିଛନ୍ତି। ବ୍ୟାଙ୍କଗୁଡିକ ପକ୍ଷରୁ ଋଣ ଅସୁଲ ଲାଗି ଗ୍ରହଣ କରାଯାଉଥିବା କଡା କାର୍ଯ୍ୟାନୁଷ୍ଠାନ ଯୋଗୁ ସ୍ଥିତିରେ ଉନ୍ନତି ଆସିଥିବା ଜଣାଯାଇଛି।

ଏହି ସମୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଏବଂ ଇଣ୍ଡିଆନ୍ ବ୍ୟାଙ୍କର ଅସୁଲ ଧାରାରେ ବିଶେଷ ଭାବେ ପରିବର୍ତ୍ତନ ଆସିଛି। ସେହିଭଳି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରରେ ମଧ୍ୟ ଏହା ଉନ୍ନତ ରହିଛି। ଏସ୍‌ବିଆଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୨,୪୨୬ କୋଟି ଟଙ୍କା ଆଦାୟ କରିଛି। ଗତ ଆର୍ଥିକ ବର୍ଷ ସାରା ଏହା ୫,୩୩୩ କୋଟି ଟଙ୍କା ରହିଥିଲା। ସେହିଭଳି ଇଣ୍ଡିଆନ ବ୍ୟାଙ୍କ ଗତବର୍ଷ ୫୭୫ କୋଟି ଟଙ୍କା ଆଦାୟ କରିଥିବା ବେଳେ ଚଳିତ ବର୍ଷ ପ୍ରଥମ ତ୍ରୈମାସରେ ୬୯୮ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷରେ ପିଏନ୍‌ବି, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଯଥାକ୍ରମେ–୫୬୧୭କୋଟି,୪୦୩୯ କୋଟି, ୪,୪୧୭ କୋଟି ଏନ୍‌ପିଏ ସଂଗ୍ରହ କରିଥିଲେ। ଏହା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଯଥାକ୍ରମେ –୮୪୪୫ କୋଟି, ୨୬୯୯ କୋଟି, ୨୫୮୯ କୋଟି ଟଙ୍କା ରହିଥିବା ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି।

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଉତ୍ଥାନ ହୋଇପାରିଲେ ଏହା ଦେଶ ଲାଗି ଇଞ୍ଜିନ ସଦୃଶ କାର୍ଯ୍ୟ କରିବେ ବୋଲି ଅର୍ଥ ସେବା ସଚିବ ରାଜୀବ କୁମାର କହିଛନ୍ତି। ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ, ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ ଭଳି ବିଭିନ୍ନ ପଦକ୍ଷେପ ଯୋଗୁ ଋଣ ଅସୁଲରେ ଉନ୍ନତି ଆସୁଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଚଳିତ ଆର୍ଥିକ ବର୍ଷରେ ଏସ୍‌ବିଆଇ ୫୦,୦୦୦ କୋଟି ଋଣ ଅସୁଲ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୨୦,୦୦୦ କୋଟି ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିଛି।

## ସାପ୍ତାହିକ ସମୀକ୍ଷା

# ସେନ୍‌ସେକ୍ସରେ ୭୮ ପଏଣ୍ଟ ବୃଦ୍ଧି

ମୁମ୍ବାଇ, ୧୮–୮



ଲଗାତର ୪ ସପ୍ତାହ ପାଇଁ ସେନସେକ୍ସରେ କାରବାର ଉନ୍ନତ ରହିଛି। ଚଳିତ ସପ୍ତାହରେ ସେନସେକ୍ସରେ ୭୮.୬୫ ପଏଣ୍ଟ ବୃଦ୍ଧି ଘଟି କାରବାର ୩୭,୯୪୭.୮୮ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ରେକର୍ଡ ସ୍ତର ୧୧,୪୭୦.୭୫ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଛି। ଏଥିରେ ୪୧.୨୫ ପଏଣ୍ଟ ବୃଦ୍ଧି ଘଟିଛି। ବିଶ୍ୱ ବଜାର ପ୍ରଭାବ ଯୋଗୁ ଟଙ୍କାର ମୂଲ୍ୟ ବିଶେଷ ଭାବେ ଚଳିତ ସପ୍ତାହରେ ହ୍ରାସ ଘଟିଛି। ଏହାର ପ୍ରଭାବ ଶେୟାର ବଜାର ଉପରେ ମଧ୍ୟ ପରିଲକ୍ଷିତ ହୋଇଛି। ତୁର୍କୀର କରେନ୍ସି ଲିରା ପ୍ରଭାବିତ ହେବା ଯୋଗୁ ଭାରତୀୟ ଟଙ୍କା ୭୦.୪୦ ସ୍ତର ଛୁଇଁଥିଲା। ଅପରପକ୍ଷରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ହ୍ରାସ, ବାଣିଜ୍ୟ ନିୟନ୍ତ୍ରଣ, ଚାଇନାରେ ଅର୍ଥନୈତିକ ସ୍ଥିତି ଘରୋଇ ପୁଞ୍ଜି ବଜାର ଉପରେ ପଡିଥିଲା। ସେନସେକ୍ସ ୩୭,୬୯୩.୧୯ ପଏଣ୍ଟରୁ କାରବାର ଆରମ୍ଭ କରିଥିବା ବେଳେ ଏହା ସର୍ବୋଚ୍ଚ ସ୍ତର ୩୮,୦୨୨.୩୨ ସ୍ତର ଛୁଇଁଥିଲା। ସେନସେକ୍ସର ନ୍ୟୁନସ୍ତର ୩୭,୫୫୯.୨୬ ପଏଣ୍ଟ ରହିଥିବା ବେଳେ ଏହା ୩୭,୯୪୭.୮୮ ସ୍ତରରେ ବନ୍ଦ ହୋଇଛି। ଏଥିରେ ୭୮.୬୫ ପଏଣ୍ଟ(୦.୨୧%) ବୃଦ୍ଧି ଘଟିଛି। ସୂଚନା ଯୋଗ୍ୟ ଗତ ତିନି ସେସନରେ ୧,୩୭୨.୮୬ ପଏଣ୍ଟ (୩.୭%) ବୃଦ୍ଧି ଘଟିଛି। ସେହିଭଳି ନିଫ୍ଟିର କାରବାର ୧୧,୪୮୬.୪୫ ଏବଂ ୧୧,୩୪୦.୩୦ ମଧ୍ୟରେ ରହିଥିଲା। ଏଥିରେ ୪୧.୨୫(୦.୩୬%) ବୃଦ୍ଧି ଘଟି ୧୧,୪୭୦.୭୫ ସ୍ତରରେ କାରବାର ବନ୍ଦ ହୋଇଛି।

## ଖବର ଏଇ ସପ୍ତାହ

### ଲୋକଙ୍କୁ ସଚେତନ କରାଇବ ୟୁଆଇଡିଏଆଇ

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଅଧ୍ୟକ୍ଷ ରାମ ସେବକ ଶର୍ମା ଟୁଇଟରରେ ନିଜ ଆଧାର ନମ୍ବର ଶେୟାରିଂ ସହ ହ୍ୟାକରଙ୍କୁ ଚ୍ୟାଲେଞ୍ଜ କରିବା ପରେ ଉକ୍ତ ପ୍ରସଙ୍ଗ ବିବାଦୀୟ ହୋଇ ପଡିଥିଲା। ଏହା ପରେ ପରେ ଜଣେ ହ୍ୟାକର ତାଙ୍କର ବିଭିନ୍ନ ତଥ୍ୟ ପ୍ରଦାନ କରିବା ପରେ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏହାକୁ ନେଇ ବିବୃତି ରଖିଥିଲା। ଆଧାରକୁ ନେଇ କୌଣସି ବିପଦ ନ ଥିବା ଏହା ସଫେଇରେ କହିଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଧ୍ୟାନରେ ରଖି ଆଧାର ନମ୍ବର ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବାକୁ ୟୁଆଇଡିଏଆଇ ଯୋଜନା ରଖିଛି। ଆଧାର ବାୟୋମେଟ୍ରିକ ଶେୟାରିଂକୁ ନେଇ କଣ କରିବାକୁ ହେବ ଏବଂ କଣ ନାହିଁ ତାକୁ ନେଇ ଲୋକଙ୍କୁ ସଚେତନ କରାଯିବ।

### ବହିଷ୍କୃତ ହେଲେ ଉଷା

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରେ ୧୪,୦୦୦ କୋଟି ଟଙ୍କାର ମହାଘୋଟାଲା ମାମଲାରେ ବର୍ତ୍ତମାନ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡିକ ତନାଘନା ଜାରି ରଖିଛନ୍ତି। ଉକ୍ତ ମାମଲାରେ ଉଷା ଅନନ୍ତସୁବ୍ରମଣ୍ୟନ ଏବଂ ସଞ୍ଜୀବ ଶରଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି କେନ୍ଦ୍ର ସରକାର ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଅନୁମତି ଦେଇଛନ୍ତି। ଅପରପକ୍ଷରେ ଆଲ୍ଲାହାବାଦ ବ୍ୟାଙ୍କର ସିଇଓ ଥିବା ଉଷାଙ୍କୁ ସୋମବାର ଚାକିରିରୁ ବରଖାସ୍ତ କରାଯାଇଛି। ଏ ନେଇ ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

### ଖୁଚୁରା ମୁଦ୍ରାସ୍ଫୀତି ୪.୧୭%

ଜୁଲାଇ ମାସରେ ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୪.୧୭% ରହିଛି। ସୋମବାର ସରକାର ଏ ନେଇ ସୂଚନା ଦେଇଛନ୍ତି। ଜୁନ୍ ମାସରେ ୫ ମାସର ସର୍ବୋଚ୍ଚ ସ୍ତର ୫%ରେ ଖୁଚୁରା ମୁଦ୍ରାସ୍ଫୀତି ରହିଥିଲା। ମୁଦ୍ରାସ୍ଫୀତି ୪.୫୧% ରହିବ ବୋଲି ରଏଟର ଅର୍ଥନୀତିଜ୍ଞଙ୍କର ଏକ ଦଳ ପୂର୍ବାନୁମାନ କରିଥିଲେ। ଏହି ସମୟରେ ଖାଦ୍ୟ ମୁଦ୍ରାସ୍ଫୀତି ୧.୩୭% ରହିଛି। ଡାଲି, ପନିପରିବା, ଚିନି ଦର ନିମ୍ନରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଡାଲି ଉପରେ ମୁଦ୍ରାସ୍ଫୀତି ନିମ୍ନରେ ରହିବା ସହ ଗତ ବର୍ଷ ସମାନ ସମୟ ତୁଳନାରେ ଏହା -(୮.୯୧%) ରହିଛି।

### ଋଣ ଭାରରେ ୫୦%ରୁ ଊର୍ଦ୍ଧ୍ୱ ଚାଷୀ ପରିବାର

ଗ୍ରାମୀଣ ପରିବାରଗୁଡିକ ବ୍ୟାଙ୍କ ସେବା ଲାଭ କରୁଥିବା ବେଳେ ସଞ୍ଚୟ ମଧ୍ୟ କରୁଛନ୍ତି। ଅପରପକ୍ଷରେ ନିବେଶ ସ୍ତର, ପେନସନ ଏବଂ ବୀମା କ୍ଷେତ୍ରରେ ଗ୍ରାମୀଣ ପରିବାରଗୁଡିକ ଏବେ ମଧ୍ୟ ପଛରେ ରହିଛନ୍ତି। ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନତୀକରଣ ବ୍ୟାଙ୍କ(ନାବାର୍ଡ) ପକ୍ଷରୁ ହୋଇଥିବା ଆର୍ଥିକ ଅନ୍ତର୍ଭୁକ୍ତି ସର୍ଭେରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଗ୍ରାମାଞ୍ଚଳରେ ପରିବାରଗୁଡିକର ଋଣ ଭାର ଅତି ଉଚ୍ଚରେ ରହିଛି। ଏହି ପରିବାରଗୁଡିକର ବାର୍ଷିକ ଆୟ ସେମାନଙ୍କ ଉପରେ ରହିଥିବା ଋଣ ସହ ସମାନ ବୋଲି ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତି ସର୍ଭେରେ ଏହା ପ୍ରକାଶ ପାଇଛି। ଗ୍ରାମାଞ୍ଚଳରେ କୃଷି ସହ ଜଡିତ ପରିବାରଗୁଡିକ ଅଣ କୃଷି ପରିବାର ତୁଳନାରେ ଅଧିକ ଆୟ କରୁଛନ୍ତି। ଗ୍ରାମୀଣ ପରିବାରଗୁଡିକର ବାର୍ଷିକ ହାରାହାରି ଆୟ ୯୬,୭୦୮ ଟଙ୍କା ରହିଛି। ସେହିଭଳି କୃଷି ସହ ଜଡିତ ପରିବାରଗୁଡିକର ବାର୍ଷିକ ହାରାହାରି ଆୟ ୧.୦୭ ଲକ୍ଷ ଟଙ୍କା ରହିଛି। ଏହା ଅଣକୃଷି ପରିବାର କ୍ଷେତ୍ରରେ ୮୭,୨୨୮ ଟଙ୍କା ରହିଛି।

# ଆଧାର ଅପବ୍ୟବହାରରେ ଜରିମାନା ଲାଗୁ: ସ୍ନୋଡେନ

ନୂଆଦିଲ୍ଲୀ, ୧୮–୮

ସରକାରୀ ସେବା ବାଦ୍ ଆଧାର ତଥ୍ୟ ଅନ୍ୟ କ୍ଷେତ୍ରରେ ବ୍ୟବହାର ହେଉଥିବା ଦେଖା ଯାଉଛି। ଏପରିସ୍ଥିତିରେ ଆଧାର ଅପବ୍ୟବହାର ଉପରେ ସରକାର କାର୍ଯ୍ୟାନୁଷ୍ଠାନ ପୂର୍ବକ ଜରିମାନା ଲାଗୁ କରିବାକୁ ଦାବି ହୋଇଛି। ଯଦି କୌଣସି ବ୍ୟକ୍ତି ସେବା ବାଦ୍ ଅନ୍ୟତ୍ର ଆଧାରର ଅପବ୍ୟବହାର କରନ୍ତି ତେବେ ତାଙ୍କ ବିରୋଧରେ ସରକାର ଜରିମାନା ଲାଗୁ କରନ୍ତୁ ବୋଲି ହ୍ୱିସିଲ ବ୍ଲୋୟର ଏଡୱାର୍ଡ ସ୍ନୋଡେନ କହିଛନ୍ତି। ଭାରତ ସରକାର ଯଦି ଲୋକଙ୍କ ହିତ ଲାଗି ଆଧାରକୁ କାର୍ଯ୍ୟକାରୀ କରାଇବାକୁ ସତରେ ଯତ୍ନବାନ ତେବେ ଏହାର ଅପବ୍ୟବହାରକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଭିଡିଓକନଫରେନ୍ସି ଯୋଗେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସ୍ନୋଡେନ ଏହା କହିଛନ୍ତି।

## ନୂଆ ଉତ୍ପାଦ

### ଏମ୍‌ଆଇ ଏ୨



ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାଓମି ପକ୍ଷରୁ ବଜାରକୁ ଆସିଛି ନୂଆ ଏମ୍‌ଆଇ ଏ୨। ମଡେଲଟି ବଜାରରେ ୧୬,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଫୋନଟି ଏମ୍‌ଆଇ ଷ୍ଟୋର ସମେତ କମ୍ପାନୀର ୱେବସାଇଟ ତଥା ପ୍ରମୁଖ ଇ-କମର୍ସ ସାଇଟଗୁଡିକରେ ଉପଲବ୍ଧ ହେବ। ଏଥିରେ ୧୨ ଓ ୨୦ ମେଗା ପିକ୍ସେଲର ରିୟର ଏଏଲ୍ ଡୁଆଲ କ୍ୟାମେରା, ୨୦ ଏମ୍‌ପିର ସାମ୍ନା କ୍ୟାମେରା ରହିଛି। କ୍ୱାଲକମ୍ ସ୍ନାପଡ୍ରାଗନ ୬୬୦ ଏସ୍‌ଓସି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଫିଚର ଗ୍ରାହକମାନେ ଲାଭ କରିବାକୁ ସକ୍ଷମ ହେବେ। ୩୦୧୦ ଏମ୍‌ଏଏଚ୍ ବ୍ୟାଟେରୀକ୍ଷମତା, ୪ ଜିବି ଓ ୬ ଜିବି ଆଭ୍ୟନ୍ତରିଣ ଷ୍ଟୋରେଜ କ୍ଷମତା ଏଥିରେ ରହିଛି। ଏହା ୪ଟି ରଙ୍ଗରେ ଉପଲବ୍ଧ ହେଉଛି।

### ନୋକିଆ ଆଣିଲା ୩ ନୂଆ ମଡେଲ



ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ଏହାର ପ୍ରମୁଖ ମଡେଲ ନୋକିଆର ୩ ନୂଆ ଆଣ୍ଡ୍ରଏଡ ଫୋନ ବଜାରକୁ ଆସିଛି। ଉକ୍ତ ମଡେଲଗୁଡିକ ମଧ୍ୟରେ ନୋକିଆ ୫.୧, ନୋକିଆ ୩.୧, ନୋକିଆ ୨.୧ ରହିଛି। ଉକ୍ତ ମଡେଲଗୁଡିକ ଉଭୟ ଅନଲାଇନ ଏବଂ ଅଫଲାଇନରେ ଉପଲବ୍ଧ ହେବ। ମଡେଲଗୁଡିକ ୬ ହଜାରରୁ ୧୫ ହଜାର ମଧ୍ୟରେ ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଗୋଦରେଜର ପ୍ରୋଟେକ୍ଟ ମିଷ୍ଟର ମ୍ୟାଜିକ




ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ ପକ୍ଷରୁ ପ୍ରୋଟେକ୍ଟ ମିଷ୍ଟର ମ୍ୟାଜିକକୁ ଉନ୍ମୋଚନ କରାଯାଇଛି। ଏହାର ବଜାର ଦର ୧୫ ଟଙ୍କା ରହିଛି। ପାଉଡରରୁ ଲିକ୍ୟୁଡରେ ପରିଣତ ହେଉଥିବା ଏହା ଏକ ହ୍ୟାଣ୍ଡୱାସ। କମ୍ପାନୀର କମ୍ବି ପ୍ୟାକର ମୂଲ୍ୟ ୩୫ ଟଙ୍କା ରହିଛି। ଏହା ବୋତଲରେ ଉପଲବ୍ଧ ହେଉଥିବା ହ୍ୟାଣ୍ଡୱାଶ ତୁଳନାରେ ସୁଲଭ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ହିରୋ ଏକ୍ସଟ୍ରିମ ୨୦୦ ଆର୍



ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋ କର୍ପ ପକ୍ଷରୁ ବଜାରକୁ ଆସିଛି ନୂଆ ଏକ୍ସଟ୍ରିମ ୨୦୦ ଆର୍। ଏହା ଆସନ୍ତା ସପ୍ତାହଠାରୁ ବଜାରରେ ଉପଲବ୍ଧ ହେବ। ମଡେଲଟିର ଏକ୍ସଶୋରୁମ ମୂଲ୍ୟ ୮୯,୯୦୦ ଟଙ୍କା ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ମଡେଲରେ ଆଣ୍ଟି ଲକ୍ ବ୍ରେକ୍ ସିଷ୍ଟମ, ୨୦୦ ସିସି ଏୟାର କୁଲଡ ଇଞ୍ଜିନ, ବିଏସ୍ ମାନକ ଭଳି ବିଭିନ୍ନ ବୈଶିଷ୍ଟ୍ୟ ରହିଥିବା କମ୍ପାନୀ ସୂଚନା ଦେଇଛି।

### ମାଇକ୍ରୋସଫ୍ଟର ସରଫେସ ଲାପଟପ୍




ମାଇକ୍ରୋସଫ୍ଟ ପକ୍ଷରୁ ଏହାର ସରଫେସ ଫ୍ୟାମିଲରେ ନୂଆ ୱିଣ୍ଡୋଜ ଡିଭାଇସ ସରଫେସ ବୁକ୍ ୨ ତଥା ସରଫେସ୍ ଲାପଟପର ବଜାର ପ୍ରବେଶ ହୋଇଛି। ଏହା ପୂର୍ବରୁ କମ୍ପାନୀ ସରଫେସ ପ୍ରୋ ଲାପଟପ୍ ବଜାରକୁ ଛାଡିଥିଲା। ଏଥିରେ ୱିଣ୍ଡୋଜ ୧୦ ବୈଶିଷ୍ଟ୍ୟ ସହ ଅନ୍ୟାନ୍ୟ ଫିଚର ରହିଥିବା କମ୍ପାନୀ ପ୍ରକାଶ କରିଛି।

# ଇସ୍ତଫା ଦେଲେ ଇନ୍‌ଫୋସିସ୍ ସିଏଫ୍‌ଓ



ନୂଆଦିଲ୍ଲୀ, ୧୮–୮

ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସର ମୁଖ୍ୟ ବିତ୍ତ ଅଧିକାରୀ(ସିଏଫ୍‌ଓ) ଏମ୍.ଡି ରଙ୍ଗନାଥ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏ ନେଇ କମ୍ପାନୀ ପକ୍ଷରୁ ସୂଚନା ରହିଛି। ପୂର୍ବତନ ସିଏଫ୍‌ଓ ରାଜୀବ ବଂଶଲ ୨୦୧୫ରେ କମ୍ପାନୀ ଛାଡିବା ପରେ ରଙ୍ଗନାଥ ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥିଲେ। ସେ ଚଳିତ ବର୍ଷ ନଭେମ୍ବର ୧୬ ଯାଏ କମ୍ପାନୀ ସହ ଜଡିତ ରହିବେ ବୋଲି ଜଣାଯାଇଛି। ନୂତନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସେ କମ୍ପାନୀ ଛାଡୁଥିବା ସୂଚନା ରହିଛି। ତାଙ୍କ ପରେ କିଏ ସିଏଫ୍‌ଓ ପଦବୀରେ ଅବସ୍ଥାପିତ ହେବେ ସେ ନେଇ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କମ୍ପାନୀ କହିଛି। ସେ ୩ ବର୍ଷ ସିଏଫଓ ପଦବୀରେ ରହିଥିବା ବେଳେ ଇନଫୋସିସରେ ମୋଟ ୧୮ ବର୍ଷ କାର୍ଯ୍ୟ କରିଛନ୍ତି। ନୂଆ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଯୋଜନା ରହିଥିବା ରଙ୍ଗନାଥ ସୂଚନା ଦେଇଛନ୍ତି। ଇନଫୋସିସର ଅଭିବୃଦ୍ଧି କ୍ଷେତ୍ରରେ ରଙ୍ଗନାଥଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଇନଫୋସିସ ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନୀ କହିଛନ୍ତି। ରଙ୍ଗନାଥ ଇନଫୋସିସର ଲିଡରଶିପ ଟିମ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି।

## ସେପ୍ଟେମ୍ବର ୧୫ରୁ ୟୁଆଇଡିଏଆଇ ଆଣିବ ନୂଆ ବୈଶିଷ୍ଟ୍ୟ

# ଚେହେରାରୁ ଯାଞ୍ଚ ହେବ ପରିଚୟ

ନୂଆଦିଲ୍ଲୀ,୧୮–୮




ପରିଚୟ ଜାଣିବା ପାଇଁ ଆଧାରର ନିୟାମକ ସଂସ୍ଥା ଭାରତୀୟ ଏକକ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ଏକ ନୂତନ ଫିଚର ଆରମ୍ଭ କରିବ। ଆଙ୍ଗୁଠି ଛାପା ବା ଦୃଷ୍ଟି ପଟଳ ବଦଳରେ ମୁହଁକୁ ଚିହ୍ନି ପରିଚୟ ଜାଣି ହେବ। ଏହାକୁ ଫେସ୍ ରେକଗ୍‌ନାଇଜେଶନ ଫିଚର କୁହାଯିବ। ଏହି ବ୍ୟବସ୍ଥା ଚଳିତ ବର୍ଷ ଜୁଲାଇରୁ ଆରମ୍ଭ କରାଯିବ ବୋଲି ୟୁଆଇଡିଏଆଇ ପୂର୍ବରୁ ପ୍ରକାଶ କରିଥିବା ବେଳେ ଏଥିରେ ବିଳମ୍ବ ହୋଇଛି। କିନ୍ତୁ ଆଉ ଏଥିରେ ବିଳମ୍ବ ହେବ ନାହିଁ। ଅତି କମ୍‌ରେ ପର୍ଯ୍ୟାୟକ୍ରମେ ଆସନ୍ତା ସେପ୍ଟେମ୍ବର ୧୫ରୁ ଏହି ବ୍ୟବସ୍ଥାକୁ ଆରମ୍ଭ କରାଯିବା ନେଇ ୟୁଆଇଡିଏଆଇ ଶନିବାର ପ୍ରକାଶ କରିଛି। ପ୍ରଥମେ ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥା କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ। ଯେତେବେଳେ କୌଣସି ଗ୍ରାହକ ନୂଆ ମୋବାଇଲ୍ ସିମ୍ କ୍ରୟ କରିବେ ଉକ୍ତ ସମୟରେ ତାଙ୍କ ପରିଚୟ ଜାଣିବା ପାଇଁ ଏହି ଫେସିଆଲ୍ ରେକଗ୍‌ନାଇଜେଶନ ଫିଚର ବ୍ୟବହାର କରାଯିବ। ସିମ୍ କ୍ରୟ ବେଳେ ଗ୍ରାହକଙ୍କୁ ଆଧାର ପ୍ରଦର୍ଶନ କରିବାକୁ ପଡ଼ିବ। ଉକ୍ତ ସମୟରେ ଆଙ୍ଗୁଠିଛାପା ଓ ଦୃଷ୍ଟି ପଟଳ ଆଧାରରେ ଯାଞ୍ଚ କରାଯିବ। ଯେଉଁମାନଙ୍କର ଏଥିରେ କୌଣସି ପ୍ରକାରର ଅସୁବିଧା ଥିବ ସେମାନଙ୍କ କ୍ଷେତ୍ରରେ କେବଳ ଚେହେରା ବା ମୁଖମଣ୍ଡଳ ଆଧାରରେ ପରିଚୟ ଯାଞ୍ଚ କରାଯିବ। ଗ୍ରାହକ ଆଧାରକୁ ନିଜ ପରିଚୟ ଭାବେ ବ୍ୟବହାର କରିଥିଲେ ଯାଇ ଏହା କାର୍ଯ୍ୟକାରୀ ହୋଇ ପାରିବ ବୋଲି ୟୁଆଇଡିଏଆଇ ପ୍ରକାଶ କରିଛି।

## ଡଲାର ତୁଳନାରେ ମୁଦ୍ରା

# ୬୯ରୁ ତଳକୁ ଖସିବନି ଟଙ୍କା

କଲିକତା, ୧୮–୮

ଆମେରିକୀୟ ବିନିମୟ ମୂଲ୍ୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୬୮ ଟଙ୍କାରୁ ୬୯ ଟଙ୍କା ମଧ୍ୟରେ ରହିବ। ଏହାଠାରୁ ଆଉ ନିମ୍ନ ସ୍ତରକୁ ଖସିବ ନାହିଁ। ଅର୍ଥାତ ଆମେରିକାର ୧ ଡଲାର ପାଇଁ ଭାରତକୁ ୬୮ରୁ ୬୯ ଟଙ୍କା ବହନ କରିବାକୁ ପଡିବ। ଆଉ ଅଧିକ ଟଙ୍କା ଦେବାକୁ ପଡ଼ିବ ନାହିଁ। ଅର୍ଥନୈତିକ ବ୍ୟାପାର ସଚିବ ସୁବାସ ଚନ୍ଦ୍ର ଗର୍ଗ ଶନିବାର ଏହା କହିଛନ୍ତି। ତୁର୍କୀରେ ଅର୍ଥନୈତିକ ମାନ୍ଦାବସ୍ଥା ପ୍ରଭାବରେ ଭାରତୀୟ ମୁଦ୍ରା ପ୍ରଭାବିତ ହୋଇ ଗତ ମଙ୍ଗଳବାର ସର୍ବକାଳୀନ ନିମ୍ନ ସ୍ତରକୁ ଖସି ଆସିଥିଲା। ଉକ୍ତ ଦିନ ଡଲାର ତୁଳନାରେ ମୁଦ୍ରାର ମୂଲ୍ୟ ୭୦ ଟଙ୍କା ୧୦ ପଇସାକୁ ଖସି ଆସିଥିବା ବେଳେ ବର୍ତ୍ତମାନ ସମଗ୍ର ଏସିଆ ମହାଦେଶର ବିନିମୟ ମୂଲ୍ୟ ତୁଳନାରେ ମୁଦ୍ରା ଅତି ଦୟନୀୟ ସ୍ଥିତିରେ ରହିଛି ବୋଲି ଗର୍ଗ କହିଛନ୍ତି। କିନ୍ତୁ ଏହି ସ୍ଥିତି ଆଉ ନିମ୍ନସ୍ତରକୁ ଖସିବ ନାହିଁ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଯଦି ଆଗକୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ମୂଲ୍ୟ ବର୍ତ୍ତମାନ ତୁଳନାରେ ବୃଦ୍ଧି ନ ପାଏ ତେବେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ନାହିଁ ବୋଲି ଗର୍ଗ ସୂଚନା ଦେଇଛନ୍ତି।

# ୱାଲ୍‌ମାର୍ଟ–ଫ୍ଲିପ୍‌କାର୍ଟ ଚୁକ୍ତି ଶେଷ

ନୂଆଦିଲ୍ଲୀ,୧୮–୮

ଆମେରିକାଭିତ୍ତିକ ରିଟେଲ୍ କର୍ପୋରେଶନ ୱାଲ୍‌ମାର୍ଟ ଭାରତର ପ୍ରମୁଖ ଇ–କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟର ୭୭% ଅଂଶ ନିଜ ଅକ୍ତିଆରକୁ ନେଇଛି। ପାଖାପାଖି ୨ ବିଲିୟନ ଡଲାର ମୂଲ୍ୟର ଏହି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି ବୋଲି ୱାଲ୍‌ମାର୍ଟ ଶନିବାର ସୂଚନା ଦେଇଛି। ଫଳରେ ଫ୍ଲିପ୍‌କାର୍ଟର ବାକି ୨୩% ଅଂଶ ଫ୍ଲିପ୍‌କାର୍ଟର ସହ ପ୍ରତିଷ୍ଠାତା ବିନି ବଂଶଲଙ୍କ ସମେତ ମାଇକ୍ରୋସଫ୍ଟ କର୍ପୋରେଶନ, ଟାଇଗର ଗ୍ଲୋବାଲ୍ ଆଦି କେତେକ କମ୍ପାନୀ ଅଧୀନରେ ରହିବ।

# ଘରୋଇ ବଜାରରେ ପ୍ରବେଶ କରିପାରେ ଆଲିବାବା

ନୂଆଦିଲ୍ଲୀ, ୧୮–୮




- ଦେଶର ପ୍ରମୁଖ କମ୍ପାନୀଙ୍କ ସହ ଆଲୋଚନା
- ସହଭାଗିତାରେ ସାମିଲ ପାଇଁ ଯୋଜନା
- ରିଟେଲ ବଜାର ଉପରେ ନଜର

ଚାଇନାର ସର୍ବବୃହତ୍ ଇଣ୍ଟରନେଟ ଓ ଇ-କମର୍ସ କମ୍ପାନୀ ଆଲିବାବା ଘରୋଇ ବଜାରରେ ପ୍ରବେଶ କରିପାରେ। ଉକ୍ତ କମ୍ପାନୀର ନଜର ଏବେ ଭାରତୀୟ ରିଟେଲ ବଜାର ଉପରେ ରହିଛି। ଏଥିଲାଗି ଆଲିବାବା ଘରୋଇ ବଜାରର ପ୍ରମୁଖ କମ୍ପାନୀଙ୍କ ସହ ଆଲୋଚନା ଆରମ୍ଭ କରିଥିବା ଜଣାଯାଇଛି। କମ୍ପାନୀ ନିକଟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ଫ୍ୟୁଚର ଗ୍ରୁପ ଅଧ୍ୟକ୍ଷ କିଶୋର ବିୟାନି ଏବଂ ଟାଟା ଗ୍ରୁପ ସହ ଆଲୋଚନା କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ କମ୍ପାନୀ ଟାଟା ଗ୍ରୁପ ସହ ଆଲୋଚନାରେ ସାମିଲ ହୋଇଥିବା ବେଳେ ମୁକେଶ ଅମ୍ବାନୀଙ୍କ ସହ ନୂଆ କରି ଆଲୋଚନାରେ ସାମିଲ ହୋଇଛି। ରିଲାଏନ୍ସ, ଟାଟା ଏବଂ ଫ୍ୟୁଚର ଗ୍ରୁପ ଘରୋଇ ବଜାରର ରିଟେଲ କ୍ଷେତ୍ରରେ ପ୍ରମୁଖ ସ୍ଥାନରେ ଅଛନ୍ତି। ଆଲିବାବା ମଧ୍ୟ ରିଟେଲ କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିବାକୁ ପ୍ରୟାସ କରୁଥିବା ଜଣାଯାଇଛି।

ଚାଇନାରେ ଆଲିବାବାର ଅନଲାଇନ୍ ଟୁ ଅଫଲାଇନ ମଡେଲକୁ ବିଶେଷ ଭାବେ ସଫଳ କରାଇଛି। ଦେଶର କୌଣସି ଏକ ପ୍ରମୁଖ କମ୍ପାନୀ ସହ ଚୁକ୍ତିରେ ସାମିଲ ହେବାକୁ ଆଲିବାବା ଯୋଜନା ରଖିଛି। ଏକ ବିଦେଶୀ ସଂସ୍ଥା ସହ ଚୁକ୍ତିରେ ସାମିଲ ହେବା ନେଇ ନିକଟରେ କିଶୋର ବିୟାନି ସୂଚନା ଦେଇଥିଲେ। ମାତ୍ର କେଉଁ କମ୍ପାନୀ ସହ ଚୁକ୍ତି ହେବ ସେ ନେଇ ବିୟାନି କୌଣସି ସୂଚନା ଦେଇନାହାନ୍ତି। ଆଲିବାବାର ପ୍ରତିଦ୍ୱନ୍ଦ୍ୱୀ ଆମାଜନ ସହ ଫ୍ୟୁଚର ଗ୍ରୁପ ସହଭାଗିତାରେ ସାମିଲ ହୋଇ ପାରେ ବୋଲି ଗଣମାଧ୍ୟମରେ ରିପୋର୍ଟ ଆସିଛି। ରିଲାଏନ୍ସ ଗ୍ରୁପ ଏବଂ ଟାଟା ଗ୍ରୁପ ପକ୍ଷରୁ ଡିଲ୍ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରି ନାହିଁ। ସୂଚନା ଯୋଗ୍ୟ, ଆଲିବାବା ପେଟିଏମ୍ ମଲରେ ଅଂଶୀଦାର ରହିଛି। ଏହା ସହ ଘରୋଇ ବଜାରର ଅନ୍ୟ କେତେକ ସଂସ୍ଥାରେ ମଧ୍ୟ ଆଲିବାବାର ଅଂଶଧନ ମଧ୍ୟ ରହିଛି।


ଗୋଟିଏ ମଞ୍ଚରେ ଦକ୍ଷିଣ କୋରିଆ ପ୍ରଧାନମନ୍ତ୍ରୀ ଲି ନାକ୍-ୟୋନ(ବାମ) ଓ ଉତ୍ତର କୋରିଆ ଉପପ୍ରଧାନମନ୍ତ୍ରୀ ରି ର୍ୟୋଙ୍ଗ ନାମ୍।


ଆତସବାଜି କାର୍ଯ୍ୟକ୍ରମ।


କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

# ପାରମ୍ପରିକ ନୃତ୍ୟଗୀତରେ ଝୁମିଲେ ଦର୍ଶକ

ଜାକର୍ତ୍ତା, ୧୮।୮(ପି.ଟି.)

ଏସିଆ ମହାଦେଶର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଏସିଆନ ଗେମ୍ସର ୧୮ତମ ସଂସ୍କରଣ ଶନିବାର ମହା ସମାରୋହରେ ଉଦ୍‌ଘାଟିତ ହୋଇଛି। ଜାକର୍ତ୍ତାର ଗେଲୋରା ବଙ୍ଗ କାର୍ନୋ (ଜିବିକେ) ମୁଖ୍ୟ ଷ୍ଟାଡିୟମରେ ଏହି କ୍ରୀଡ଼ାର ରଙ୍ଗାରଙ୍ଗ ଉଦ୍‌ଘାଟନ ହୋଇଛି। ଏହି ଉତ୍ସବରେ ଇଣ୍ଡୋନେସିଆର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ଅତି ମନମୋହକ ଝଲକ ଦେଖିବାକୁ ମିଳିଥିଲା। ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଏକ ମୋଟର ସାଇକେଲ ସହ ଷ୍ଟାଡିୟମକୁ ପ୍ରବେଶ କରିଥିଲେ। ସେ ଜାକର୍ତ୍ତାର ତଥାକଥିତ ଅଲୋଡା ଟ୍ରାଫିକ ଜାମ୍ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଷ୍ଟାଡିୟମରେ ଲଗାଯାଇଥିବା ବୃହତ୍ ପର୍ଦ୍ଦାରେ ଏକ ଫୁଟେଜ ପ୍ରଦର୍ଶିତ ହୋଇଥିଲା। ୱିଡୋଡୋ କିପରି ଠିଆ ହୋଇଥିବା ବିଭିନ୍ନ ଗାଡି ଓ ସରୁ ରାସ୍ତାକୁ ଅତିକ୍ରମ କରି ଷ୍ଟାଡିୟମରେ ପ୍ରବେଶ କରିଥିଲେ ତାହା ଦେଖିବାକୁ ମିଳିଥିଲା। ହେଲମେଟ ପିନ୍ଧି ଷ୍ଟାଡିୟମରେ ରାଷ୍ଟ୍ରପତି ପହଞ୍ଚିବା ପରେ ସାରା ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ।

କୋରିଆ ଉପଦ୍ୱୀପର ଦୁଇ ଦେଶ ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ପୁଣି ବନ୍ଧୁତ୍ୱ ସୃଷ୍ଟି ହେବା ବିଶ୍ୱ ଶାନ୍ତି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଗତ ଶୀତକାଳୀନ ଅଲିମ୍ପିକ୍ସ ପରେ ଏସିଆନ୍ ଗେମ୍ସରେ ମଧ୍ୟ ଦୁଇଦେଶର ମିଳିତ ପ୍ରତିନିଧି ଦଳ ଜାକର୍ତ୍ତା ଆସିଛନ୍ତି। ୩ଟି ଇଭେଣ୍ଟରେ ଦୁଇ କୋରିଆ ଦେଶ ମିଳିତ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଲାଇଟ ୱେଟ ରୋଇଂ, ଡ୍ରାଗନ ବୋଟ୍ ରେସିଂ ଓ ମହିଳା ୫X୫ ବାସ୍କେଟ ବଲ ଇଭେଣ୍ଟରେ ଉତ୍ତର ଓ ଦକ୍ଷିଣ କୋରିଆ ମିଳିତ ଭାବେ ଅଂଶଗ୍ରହଣ କରିବେ। ବିଭିନ୍ନତା ଓ ବିବିଧାକୁ ନେଇ ଉତ୍ସବ ମନାଇବାକୁ ଆମେ ଏକାଠି ହୋଇଛୁ ବୋଲି ଆୟୋଜକ କମିଟି ଅଧ୍ୟକ୍ଷ ଏରିକ୍ ତୋହିର ତାଙ୍କ ବକ୍ତବ୍ୟରେ କହିଛନ୍ତି। ଯୁବ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ପରେଡ୍‌ରେ ତ୍ରିରଙ୍ଗା ବହନ କରି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ନୀଳ ରଙ୍ଗର ସୁଟ୍ ପରିଧାନ କରି ଭାରତୀୟ ଆଥଲେଟମାନେ ଛୋଟ ଛୋଟ ପତାକା ଧରି ଦର୍ଶକମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ। ବାସନ୍ଦ ଉଠିବା ପରେ କୁଏଟ୍ ଆଥଲେଟମାନେ ନିଜ ଦେଶର ପତାକା ସହ ପରେଡରେ ଭାଗ ନେଇଥିଲେ। ପରେଡର ଅନ୍ତିମ ପର୍ଯ୍ୟାୟରେ ଆୟୋଜକ ଇଣ୍ଡୋନେସିଆ ଦଳ ଷ୍ଟାଡିୟମରେ ପ୍ରବେଶ କରିଥିଲା ଓ ଏତିକି ବେଳେ ସାରା ଷ୍ଟାଡିୟମ୍ ଖୁସିରେ ଝୁମି ଉଠିଥିଲା। ତାରକା ସନ୍ତରଣକାରୀ ଗେଡେ ସିମାନ ସୁଦାରତାୱା ଓ ବାସ୍କେଟବଲ ଖେଳାଳି ଅରକି ୱସ୍ନୁ ଇଣ୍ଡୋନେସିଆ ଦଳର ନେତୃତ୍ୱ ନେଇଥିଲେ। ଅଲିମ୍ପିକ୍ କାଉନସିଲ ଅଫ୍ ଏସିଆ ଅଧ୍ୟକ୍ଷ ସେଖ ଅହମ୍ମଦ ଅଲ- ସବାହ ମଧ୍ୟ ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ। ମୋ ନିଜ ଦେଶ କୁଏତ୍ ଏହି କ୍ରୀଡ଼ା ମହାକୁମ୍ଭରେ ଅଂଶଗ୍ରହଣ କରିଥିବାର ସୁଯୋଗ ହାସଲ କରିଥିବାରୁ ମୁଁ ଆନନ୍ଦିତ ବୋଲି ସେ କହିଥିଲେ। ଦୁଇ କୋରିଆ ଦେଶ ମଧ୍ୟ ପୁଣି ବନ୍ଧୁତା ସୃଷ୍ଟି ହୋଇଥିବାରୁ ସେ ଏହାକୁ ପସନ୍ଦ କରିଥିଲେ। ଏହାପରେ ଏସିଆନ ଗେମ୍ସ ଆରମ୍ଭ ହେଲା ବୋଲି ରାଷ୍ଟ୍ରପତି ୱିଡୋଡୋ ଘୋଷଣା କରିଥିଲେ। ଏହି ଅବସରରେ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଓ ପଦସ୍ଥ କ୍ରୀଡ଼ା ଅଧିକାରୀମାନେ ଉପସ୍ଥିତ ଥିଲେ।

ଦ୍ୱିତୀୟ ଆୟୋଜକ ସହର ପାଲେମବାଙ୍ଗରେ ଆଥଲେଟମାନେ ଫୁଟବଲ ଏରିନାରେ ଲଗାଯାଇଥିବା ବଡ଼ ପର୍ଦ୍ଦାରେ ଉଦ୍‌ଘାଟନୀ ଉତ୍ସବ ଦେଖିଥିଲେ ଓ ଏହାକୁ ମନଭରି ଉପଭୋଗ କରିଥିଲେ। ଜାକର୍ତ୍ତା ଓ ବାନଡଙ୍ଗ, ପଶ୍ଚିମ ଜାଭାର କଳାକାରମାନେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପର୍ବତ ପରିବେଷ୍ଟିତ ଏକ ବଡ଼ ମଞ୍ଚରେ ଦେଶର ଅନନ୍ୟ ବୃକ୍ଷ ଓ ଫୁଲ ଦେଖିବାକୁ ମିଳିଥିଲା।

ପାରମ୍ପରିକ ନୃତ୍ୟ 'ସାମାନ' ସହ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା। ମାନବିକତାର ନିଦର୍ଶନ ସ୍ୱରୂପ ଏହି ନୃତ୍ୟକୁ ୟୁନିସ୍କୋ ମାନ୍ୟତା ପ୍ରଦାନ କରିଛି। ଆସେହ ପ୍ରୋଭିନ୍ସରେ ରହୁଥିବା ଗାୟୋ ଆଦିବାସୀଙ୍କର ଏହି ନୃତ୍ୟକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ପାଖାପାଖି ୨୨୦୦ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୪୫ଟି ଦେଶ ଅଂଶଗ୍ରହଣ କରୁଥିଲେ ମଧ୍ୟ ଅଲିମ୍ପିକ୍ସ ପରେ ଏହି କ୍ରୀଡା ମହାକୁମ୍ଭକୁ ଦ୍ୱିତୀୟ ସର୍ବବୃହତ ବିବେଚନା କରାଯାଉଛି। ଆଥଲେଟମାନଙ୍କୁ ଏମାନେ ସ୍ୱାଗତ କରିଥିଲେ।

ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ାରେ ୧୧,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲା ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ। ଇଣ୍ଡୋନେସିଆର ପ୍ରସିଦ୍ଧ ଗାୟକ ଅନଗୁନ୍ ସିପଟା ସାସମି ସମସ୍ତଙ୍କର ମନୋରଞ୍ଜନ କରିଥିଲେ। ଅନଗୁନଙ୍କ ସହ ଜଣାଶୁଣା ସଂଗୀତକାର ରାଇସା, ଟୁଲୁସ, ଇଡୋ କୋଣ୍ଡୋଲୋଗିଟ, ପୁଟ୍ରି ଆୟୁ, ପାଟିନ, ଜିଏସି, କାମାସନ ଓ ଭିଆ ଭାଲେନ ଆଖି ଝଲସିଆ ମଞ୍ଚ ଉପରେ ସଂଗୀତ ପରିବେଷଣ କରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଇଣ୍ଡୋନେସିଆର କିମ୍ବଦନ୍ତୀ ଆଥଲେଟମାନେ ଏହି କ୍ରୀଡ଼ାର ଜ୍ୟୋତିକୁ ଦେଶ ସାରା ବୁଲାଇଥିଲେ ଓ ଶେଷରେ ଏହି ଜ୍ୟୋତି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ଏଥିପାଇଁ ଆୟୋଜକମାନେ ୫୫ ମିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଥିଲେ।

ନୂଆଦିଲ୍ଲୀ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରୁ ଏହି ଟର୍ଚ୍ଚ ରିଲେ ଆରମ୍ଭ ହୋଇ ଜାକର୍ତ୍ତାରେ ଶେଷ ହୋଇଥିଲା। ଗତ ଏକମାସ ମଧ୍ୟରେ ଦେଶର ୫୩ଟି ସହରକୁ ଏହି ରିଲେ ଅତିକ୍ରମ କରିଥିଲା। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପୂର୍ବତନ ଶଟଲର ସୁସି ସୁସାନ୍ତି ଏସିଆନ ଗେମ୍ସ ଜ୍ୟୋତି ପ୍ରଜ୍ୱଳନ କରିଥିଲେ ଓ ଏହା ପରେ ଆତସବାଜି ଆରମ୍ଭ ହୋଇଥିଲା। ସମ୍ପୂର୍ଣ୍ଣ ଉଦ୍‌ଘାଟନୀ ଉତ୍ସବରେ ଇଣ୍ଡୋନେସିଆର ଐତିହ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ ଓ ଗୀତର ଝଲକ ଦେଖିବାକୁ ମିଳିଥିଲା ଓ ଏହା ବିଶ୍ୱବ୍ୟାପୀ କ୍ରୀଡ଼ା ପ୍ରଶଂସକଙ୍କ ମନ ମୋହିବାରେ ସଫଳ ହୋଇଛି।

## ଉଦ୍‌ଘାଟନୀ ଝଲକ

ଏସିଆନ ଗେମ୍ସର ୧୮ତମ ସଂସ୍କରଣ ଜାକର୍ତ୍ତାର ଗେଲୋରା ବଙ୍ଗ କାର୍ନୋ ଷ୍ଟାଡିୟମରେ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ଇଣ୍ଡୋନେସିଆର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ଝଲକ ଦର୍ଶକଙ୍କ ମନ ମୋହିଛି।


ଅଗ୍ନି ସଂଯୋଗ କରୁଛନ୍ତି ସୁଶି ସୁଶାନ୍ତି।


ସାଂସ୍କୃତିକ କାର୍ଯ୍ୟକ୍ରମ।


ବାଇକରେ ଷ୍ଟାଡିୟମକୁ ପ୍ରବେଶ କରୁଛନ୍ତି ଇଣ୍ଡୋନେସିଆ ରାଷ୍ଟ୍ରପତି।


ଅଫିସିଆଲ ମାସ୍କଟ।

> ଜଣେ ପ୍ରଫେଶନାଲ ଫୁଟ୍‌ବଲର ହେବା ଲାଗି ମୋର ସାମର୍ଥ୍ୟ ରହିଛି ବୋଲି ପ୍ରମାଣିତ କରିବାକୁ ମୁଁ ଚାହେଁ ।
> —ଉଷେନ ବୋଲ୍ଟ, ଆଥ୍‌ଲେଟ ସୁପରଷ୍ଟାର



> କୌଣସି ପ୍ରତିଯୋଗିତାରେ ଏକ ସ୍ୱର୍ଣ୍ଣ ପଦକ ଜିତିବା ତୁଳନାରେ ଜଣଙ୍କ ଜୀବନ ବଞ୍ଚାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ।
> – ମାଇକେଲ୍ ଫେଲ୍‌ପ୍ସ, ବିଶିଷ୍ଟ ସନ୍ତରଣକାରୀ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ, ୧୮।୮(ପି.ଟି.):** ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଏସିଆନ ଗେମ୍ସର ଅଷ୍ଟାଦଶ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ପ୍ରଦାନ କରିଛନ୍ତି। 'ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳକୁ ମୋର ଶୁଭେଚ୍ଛା। ଭାରତୀୟ ଆଥ୍‌ଲେଟ୍‌ଙ୍କ ପାଇଁ ଗର୍ବିତ ଏବଂ ନିଶ୍ଚିତ ଅଛି ଏହି କ୍ରୀଡ଼ାରେ ସେମାନେ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରଦାନ କରିବେ' ବୋଲି ମୋଦି ତାଙ୍କ ଅଫିସିଆଲ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ସମେତ ପାଲେମବାଙ୍ଗଠାରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ାରେ ୪୫ଟି ଦେଶର ପାଖାପାଖି ୧୧ ହଜାର ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

### ବିପ୍ଳବଙ୍କ ବିରୋଧରେ ଅଭିଯୋଗ

**କଟକ ଅଫିସ,୧୮।୮:** ଓଡ଼ିଶା ରଣ୍‌ଜୀ ଦଳର ପୂର୍ବତନ ଅଧିନାୟକ ତଥା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ସଫଳ ଓଡ଼ିଆ କ୍ରିକେଟର ଭାବେ ଖ୍ୟାତି ଅର୍ଜନ କରିଥିବା ବିପ୍ଳବ ସାମନ୍ତରାୟଙ୍କ ନାମରେ ସଙ୍ଗିନ ଅଭିଯୋଗ ଉଠିଛି । ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) କାର୍ଯ୍ୟାଳୟରେ ଚାକିରି କରୁଥିବା ବିପ୍ଳବ ଜାଲ୍ ସାର୍ଟିଫିକେଟ ଦେଖାଇ ଏହି ନିଯୁକ୍ତି ପାଇଛନ୍ତି ବୋଲି ଅଭିଯୋଗ ହୋଇଛି । ଫଳରେ ଏଜି ପକ୍ଷରୁ ବିପ୍ଳବଙ୍କୁ ଏକମାସ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ଜାଲ ସାର୍ଟିଫିକେଟ ଦାଖଲ ସମ୍ପର୍କିତ ଅଭିଯୋଗକୁ ବିପ୍ଳବ ଏକ ମାସ ମଧ୍ୟରେ ସମାଧାନ ନ କଲେ ତାଙ୍କୁ ଚାକିରିରୁ ଛଟେଇ ହେବା ଭଳି ପରିସ୍ଥିତି ମଧ୍ୟ ଉପୁଜିପାରେ ବୋଲି କୁହାଯାଉଛି । ବିପ୍ଳବ ମଧ୍ୟ ନିଜ ପକ୍ଷରୁ ଆବଶ୍ୟକୀୟ ସମସ୍ତ ରିପୋର୍ଟ ପ୍ରଦାନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସୂଚନା ଥାଉକି, ବିପ୍ଳବ ୨୦୧୩ରେ ଏଜିରେ ନିଯୁକ୍ତି ପାଇଥିଲେ । ସେ ଆସାମର ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇଥିବା ସାର୍ଟିଫିକେଟ ଦାଖଲ କରିଥିଲେ। ମାତ୍ର ଏହି ଶିକ୍ଷାନୁଷ୍ଠାନ ପରବର୍ତ୍ତୀ ସମୟରେ କେତେକ କାରଣରୁ ବନ୍ଦ ହୋଇ ଯାଇଥିଲା। ଯାହାଫଳରେ ଅଭିଯୋଗକାରୀ ଉକ୍ତ ଶିକ୍ଷାନୁଷ୍ଠାନରେ ବିପ୍ଳବଙ୍କ ପାଠପଢ଼ାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେବେ ଶିକ୍ଷାନୁଷ୍ଠାନ ବନ୍ଦ ହେବା ଯୋଗୁ ତାଙ୍କ ସ୍ନାତକ ପାଠପଢ଼ାକୁ ନେଇ ପ୍ରଶ୍ନ ଉଠାଯିବା ଅଯୌକ୍ତିକର ବୋଲି ବିପ୍ଳବ ନିଜ ପ୍ରତିକ୍ରିୟାରେ କହିଛନ୍ତି । କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏହିଭଳି ଅଭିଯୋଗ ଉଠାଉଛନ୍ତି। କେବଳ ଏହି ଅଭିଯୋଗ ନୁହେଁ ତାଙ୍କ ସମ୍ପର୍କରେ ଆହୁରି ଭିତ୍ତିହୀନ ଅଭିଯୋଗ ବାରମ୍ବାର କରାଯାଉଛି ବୋଲି ରାଜ୍ୟର ଏହି ପ୍ରତିଭାବାନ ରଣ୍‌ଜୀ ତାରକା ଜଣଙ୍କ କହିଛନ୍ତି ।

### ଓସିଏ ସମ୍ବିଧାନ ସଂଶୋଧନ ପାଇଁ ସଜବାଜ

**କଟକ ଅଫିସ,୧୮।୮:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ପକ୍ଷରୁ ଓସିଏ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ଆସୋସିଏଶନର ସମ୍ବିଧାନ ସଂଶୋଧନ ନିମନ୍ତେ କେଉଁ ସମସ୍ତ ପ୍ରକ୍ରିୟା କିପରି ଭାବେ ଗ୍ରହଣ କରାଯିବ ସେ ନେଇ ଯୋଜନା କରାଯାଇଛି । କମିଟିର ଅଧ୍ୟକ୍ଷ ଧୀରେନ ପଲାଇଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଡକାଯାଇଥିଲା । ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ବିଭିନ୍ନ ରାଜ୍ୟ ଆସୋସିଏଶନ ଗୁଡ଼ିକର ସମ୍ବିଧାନ ସଂଶୋଧନ ନିମନ୍ତେ ଚିଠି ଆସିବ । ଉକ୍ତ ଚିଠି ପାଇବାର ଏକ ମାସ ମଧ୍ୟରେ ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯାଇ ସମ୍ବିଧାନ ସଂଶୋଧନ କମିଟି ଗଠନ କରାଯିବ । ପରେ ସଂଶୋଧନ ରିପୋର୍ଟ ଅକ୍ଟୋବର ୭ରୁ ୨୨ ତାରିଖ ମଧ୍ୟରେ କମିଟି ଅଫ ଆଡ୍‌ମିନିଷ୍ଟ୍ରେଶନ(ସିଓଏ) ନିକଟକୁ ପଠାଯିବ ବୋଲି ଧୀରେନ କହିଛନ୍ତି । ତେବେ ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ବିଧାନ ସଂଶୋଧନ କରାଯିବା ପାଇଁ ପ୍ରସ୍ତୁତ ରହିଛି ବୋଲି ଧୀରେନ କହିଥିଲେ । ଉକ୍ତ ବୈଠକରେ କମିଟିର ଆବାହକ ରବିଶଙ୍କର ପ୍ରତିହାରୀ, ସଦସ୍ୟ ଜନାର୍ଦ୍ଦନ ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୋହଲି-ରାହାନେଙ୍କ ଶତକୀୟ ଭାଗୀଦାରି



୯୭ ରନ୍‌ର ଇନିଂସ ଅବସରରେ ବିରାଟ କୋହଲି।

**ନଟିଂହାମ୍ ୧୮।୮**

ଟ୍ରେଣ୍ଟବ୍ରିଜ୍‌ଠାରେ ଶନିବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଯୋଗୁ ଭାରତ ଏକ ସମ୍ମାନଜନକ ସ୍କୋର ଆଡକୁ ଅଗ୍ରସର ହେଉଛି। ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୦୭ ରନ କରିଛି। ରିଷଭ ପନ୍ତ ୨୨ରନ କରି ଅପରାଜିତ ରହିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତଠାରୁ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଦଳ ଏକଦା ବିନା କୌଣସି ଉଇକେଟରେ ୬୦ ରନ କରିଥିଲା। ମାତ୍ର କ୍ରିସ୍ ଓକ୍ସଙ୍କ ଚମତ୍କାର ବୋଲିଂ ଯୋଗୁ ଆଉ ୨୨ରନରେ ଭାରତ ୩ଟି ଉଇକେଟ ହରାଇଥିଲା। ଦଳର ସ୍କୋର ୬୦ ଥିବାବେଳେ ଓପନର ଶିଖର ଧାୱନ (୩୫) ପ୍ରଥମ ଖେଳାଳି ଭାବେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ଓକ୍ସଙ୍କ ବଲ୍‌ରେ ଜୋସ୍ ବଟଲରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଭାରତର ସ୍କୋର ୬୫ ଥିବାବେଳେ ଦ୍ୱିତୀୟ ଉଇକେଟର ପତନ ଘଟିଥିଲା। ବାହାରକୁ ଯାଉଥିବା ଏକ ବଲ୍‌କୁ ଖେଳିବାକୁ ଯାଇ ଲୋକେଶ ରାହୁଲ ଓକ୍ସଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଚେତେଶ୍ୱର ପୂଜାରା ପୁଣି ଓକ୍ସଙ୍କ ବିପକ୍ଷରେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଆଡିଲ ରସିଦଙ୍କ ଦ୍ୱାରା କ୍ୟାଚ ଆଉଟ ହେବା ପୂର୍ବରୁ ସେ ୩୧ ବଲ୍‌ରେ ମାତ୍ର ୧୪ ରନ କରିଥିଲେ। ଭାରତ ୮୨ ରନରେ ୩ଟି ଉଇକେଟ ହରାଇ ସାରିଥିଲା। ତେବେ ଚତୁର୍ଥ ଉଇକେଟରେ ଅଧିନାୟକ କୋହଲି ଓ ରାହାନେଙ୍କ ମଧ୍ୟରେ ୧୫୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ରାହାନେ କ୍ରିସ୍ ବ୍ରଡ୍‌ଙ୍କ ବଲ୍‌ରେ ଆଲିଷ୍ଟର କୁକ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହେବା ପୂର୍ବରୁ ୮୧ ରନ (୧୩୧ ବଲ୍, ୧୨ ଚୌକା) କରିସାରିଥିଲେ। ତାଙ୍କ ପରେ କୋହଲିଙ୍କ ସହିତ ହାର୍ଦ୍ଦିକ ପାଣ୍ଡ୍ୟା ଯୋଗ ଦେଇଥିଲେ। ଏହି ଯୋଡ଼ିଙ୍କ ଭାଗୀଦାରି ବେଶୀ ସମୟ ତିଷ୍ଠି ପାରି ନ ଥିଲା। କୋହଲି ୯୭ ରନ (୧୫୨ ବଲ୍, ୧୧ ଚୌକା) କରି ଖେଳୁଥିବାବେଳେ ଆଡିଲ ରସିଦଙ୍କ ବଲ୍‌ରେ ବେନ୍ ଷ୍ଟୋକ୍ସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।

ଭାରତ ଏହି ମ୍ୟାଚ ପାଇଁ ଦଳରେ ୩ ପରିବର୍ତ୍ତନ କରିଛି। ମୁରଲୀ ବିଜୟଙ୍କ ସ୍ଥାନରେ ଧାୱନ, କୁଲଦୀପ ଯାଦବଙ୍କ ସ୍ଥାନରେ ଯଶପ୍ରୀତ ବୁମ୍‌ରା ଏବଂ ଭେଟେରାନ ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ରିଷଭ ପନ୍ତ୍‌ପଦାର୍ପଣ ଟେଷ୍ଟ ମ୍ୟାଚ ଖେଳିବା ସୁଯୋଗ ପାଇଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡ ଦଳରେ ଏକ ମାତ୍ର ପରିବର୍ତ୍ତନ ହୋଇଛି। ସାମ୍ କୁରାନଙ୍କ ସ୍ଥାନରେ ବେନ୍ ଷ୍ଟୋକ୍ସ ପ୍ରତ୍ୟାବର୍ତ୍ତନ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୩୦୭/୬ (କୋହଲି-୯୭, ରାହାନେ-୮୧, କ୍ରିସ୍ ଓକ୍ସ-୩/୭୫, ଷ୍ଟୁଆର୍ଟ ବ୍ରଡ୍-୧/୬୪, ଆଡିଲ ରସିଦ-୧/୪୬, ଜେମ୍ସ ଆଣ୍ଡରସନ-୧/୫୨)।

## କଳା ଫିତା ପିନ୍ଧିଲେ ଭାରତୀୟ ଖେଳାଳି

ନଟିଂହାମ,୧୮।୮-ଶନିବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ୩ୟ କ୍ରିକେଟ ଟେଷ୍ଟରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଖେଳାଳିମାନେ ହାତରେ କଳା ଫିତା ପରିଧାନ କରି ପଡ଼ିଆକୁ ଓହ୍ଲାଇଥିଲେ। ପରଲୋକଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପୂର୍ବତନ କ୍ରିକେଟ ଅଧିନାୟକ ଅଜିତ ୱାଡେକରଙ୍କ ସମ୍ମାନାର୍ଥେ ସେମାନେ ଏହା କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୂଚନା ଦିଆଯାଇଛି। ବାଜପେୟୀଙ୍କର ଅଗଷ୍ଟ ୧୬ରେ ଦେହାନ୍ତ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ଭାରତୀୟ ଅଧିନାୟକ ଭାବେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍‌ରେ ଟେଷ୍ଟ ସିରିଜ୍ ଜିତିଥିବା ୱାଡେକର ଗତ ବୁଧବାର ମୁମ୍ବାଇର ଏକ ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

■ ୧୫ ବର୍ଷରୁ କମ୍ ବାଳିକା ଫୁଟ୍‌ବଲ

# ଭାରତ ଚାମ୍ପିୟନ

**ଥିମ୍ପୁ (ଭୁଟାନ), ୧୮।୮(ପି.ଟି.)**

୧୫ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଚାଲିଥିବା ସାଫ୍ ଚାମ୍ପିୟନଶିପ୍ (୧୫ ବର୍ଷରୁ କମ୍) ଫୁଟ୍‌ବଲ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଚାଙ୍ଗଲି ମିଥାଙ୍ଗ୍ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ବାଂଲାଦେଶକୁ ପରାସ୍ତ କରିଛି। ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରାରମ୍ଭରୁ ଭାରତୀୟ ଦଳ କେତୋଟି ଭଲ ସୁଯୋଗ ପାଇଥିଲେ ମଧ୍ୟ ଗୋଲ କରିବାରେ ବିଫଳ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୬୭ତମ ମିନିଟ୍‌ରେ ସୁନୀତା ମୁଣ୍ଡାଙ୍କ ଗୋଲ ବଳରେ ଭାରତ ଟାଇଟଲ ହାସଲ କରିବାରେ ସଫଳ ହୋଇଥିଲା। ଅନ୍ତିମ ମୁହୂର୍ତ୍ତରେ ଭାରତୀୟ ଗୋଲକିପର ମନୀଷା ଚମତ୍କାର ପ୍ରଦର୍ଶନ କରି ବାଂଲାଦେଶର କେତୋଟି ପ୍ରୟାସକୁ ବୃଥା ହେବାକୁ ଦେଇଥିଲେ। ପ୍ରତିଯୋଗିତାରେ ଭାରତ ୪ଟି ମ୍ୟାଚ୍ ଖେଳି ମୋଟ୍ ୧୬ଟି ଗୋଲ କରିଛି।

### ଫାଓ ପକ୍ଷରୁ ପୁରସ୍କାର ଘୋଷଣା

ସାଫ୍ ଚାମ୍ପିୟନଶିପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଚାମ୍ପିୟନ ହେବାପରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ୧୫ ବର୍ଷରୁ କମ୍ ଭାରତୀୟ ବାଳିକା ଦଳକୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଚାରି ଓଡ଼ିଆ ଖେଳାଳି ଜ୍ୟୋତି କୁମାରୀ (ସାଇ, କଟକ), ସରିତା ସୋରେଙ୍ଗ ଓ ମଞ୍ଜୁ ଗଞ୍ଜୁ (ଉଭୟ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ) ଏବଂ ସଙ୍ଗୀତା ଦାସ (ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ) ଚାମ୍ପିୟନ ଭାରତୀୟ ଦଳର ସଦସ୍ୟା ରହିଥିଲେ। ପୂର୍ବରୁ ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି କଟକର ବାରବାଟୀ ଷ୍ଟାଡିୟମରେ ଜୁଲାଇ ୧୫ରୁ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପ୍ ଅନୁଷ୍ଠିତ ହୋଇଥିଲା। ଫାଓ ସମ୍ପାଦକ ସଞ୍ଜୟ ବେହେରା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ୪ ଖେଳାଳିଙ୍କୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

# ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୧୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ଶନିବାର କ୍ରୀଡ଼ା ଖବରଦାତା ଡ.ଅଶୋକ ପଟ୍ଟନାୟକଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଭଞ୍ଜକଳାମଣ୍ଡପସ୍ଥିତ ରାଜ୍ୟ ଜୁଡୋ ହଲ୍‌ରେ ଅନୁଷ୍ଠିତ ହୋଇ ଯାଇଛି। ଓସ୍‌ଜା ସମ୍ପାଦକ ସନାତନ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧସଭାରେ ଅନୁଷ୍ଠାନର ଅନେକ ସଭ୍ୟ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଓଡ଼ିଶାରେ କ୍ରୀଡ଼ା ସାମ୍ବାଦିକତାକୁ ବୃତ୍ତିଭାବେ ଗ୍ରହଣ କରିବାରେ ଅନ୍ୟତମ ଅଗ୍ରଜ ଅଶୋକ ପଟ୍ଟନାୟକ ରାଜ୍ୟ ସଙ୍ଗଠନର ପ୍ରମୁଖ ବ୍ୟକ୍ତି ଥିଲେ ବୋଲି ମତପ୍ରକାଶ ପାଇଥିଲା। ସ୍ମୃତିସଭାରେ ଓଡ଼ିଶା ରାଜ୍ୟ ଜୁଡୋ ସଂଘର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୀତାଞ୍ଜଳି ପଣ୍ଡାଙ୍କ ସମେତ ଓସ୍‌ଜା କୋଷାଧ୍ୟକ୍ଷ ହିମାଂଶୁ ପତିମିଶ୍ର, ସୁରେଶ ସ୍ୱାଇଁ, ସୂର୍ଯ୍ୟପ୍ରସାଦ ରଥ, ବିଜୟ ରଣା, ସୁଜିତ ଦାସ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସନ୍ତୋଷ କୁମାର ମହାନ୍ତି, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ବେଣୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ନଭେମ୍ବର-ଡିସେମ୍ବରରେ ହକି ବିଶ୍ୱକପ ଅବସରରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ଯୁବ କ୍ରୀଡ଼ା ଖବରଦାତା କର୍ମଶାଳାକୁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ ମିଳିଥିବା ସମ୍ପାଦକ ସନାତନ ସୂଚନା ଦେଇଥିଲେ।

# ଆନ୍ତଃ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୮।୮(ସ୍ପୋର୍ଟ୍ସ ବ୍ୟୁରୋ)**

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୨୯ତମ ୟୁନିଲାଇଟ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ମଦର ପବ୍ଲିକ ସ୍କୁଲ ଓ ଡିଏଭି (ୟୁନିଟ୍-୮) ବିଜୟୀ ଲାଭ କରିଛି। ଦିବସର ପ୍ରଥମ ମ୍ୟାଚ୍‌ରେ ମଦର ପବ୍ଲିକ ସ୍କୁଲ ୧-୦ ଗୋଲରେ ଡିଏଭି ସ୍କୁଲ (ଚନ୍ଦ୍ରଶେଖରପୁର)କୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁବାଶିଷ ଚୌଧୁରୀ ଏକମାତ୍ର ଗୋଲସ୍କୋର କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଡିଏଭି ସ୍କୁଲ (ୟୁନିଟ୍-୮) ୨-୦ ଗୋଲରେ ଫ୍ୟୁଚର ସ୍କୁଲକୁ ପରାସ୍ତ କରିଥିଲା। ଶୁଭମ ସମୀର ଓ ସାଗର ବାରିକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦିଲୀପ କୁମାର ସାମନ୍ତରାୟ (ଏମ୍‌ଡି, ଅନୁଗୋଳ-ସୁକିନ୍ଦା ରେଲ୍‌ୱେ), ତପନ କୁମାର ମହାନ୍ତି, ଅକ୍ଷୟ କୁମାର ଦାସ, ବାବି ମିଶ୍ର, ନରେନ୍ଦ୍ର ସେଠୀ, ପ୍ରଣବ କିଶୋର ସ୍ୱାଇଁ, ଅମୀୟ କାନ୍ତ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଦିଲୀପ ଦାସ ଅତିଥି ଭାବେ ଉପସ୍ଥିତ ରହିଥିଲେ। ମ୍ୟାଚ୍ ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଓ ପୂର୍ବତନ କ୍ରିକେଟର ଅଜିତ୍ ୱାଡେକରଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପାର୍ଥନା କରାଯାଇଥିଲା। ରବିବାର କେନ୍ଦ୍ରୀୟ ବିଦ୍ୟାଳୟ-୨ ଓ ଅରବିନ୍ଦ ସ୍କୁଲ (ଗଣ୍ଡରପୁର) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଆନ୍ତଃ ସ୍କୁଲ ଫୁଟବଲ ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ସହ।

## ସିନ୍‌ସିନ୍ନାଟି ମାଷ୍ଟର୍ସ : ସେମିରେ ଜୋକୋଭିଚ୍, ଫେଡେରର

**ସିନ୍‌ସିନ୍ନାଟି,୧୮।୮(ଏଏଫପି)**

ପୁରୁଷ ସିଙ୍ଗଲ୍ସ ବର୍ଗର ଦୁଇ ପୂର୍ବତନ ଶୀର୍ଷ ର୍‌ୟାଙ୍କଧାରୀ ଖେଳାଳି ନୋଭାକ ଜୋକୋଭିଚ୍ ଓ ରୋଜର ଫେଡେରର ଚଳିତ ଏଟିପି ସିନସିନ୍ନାଟି ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୭-୫, ୪-୬, ୬-୩ ସେଟ୍‌ରେ ମିଲୋସ ରାଓନିକଙ୍କୁ ହରାଇ ଦେଇଛନ୍ତି। ଏହା କାନାଡାର ରାଓନିକଙ୍କ ବିପକ୍ଷରେ ସର୍ବିଆ ଖେଳାଳିଙ୍କ କ୍ରମାଗତ ୯ମ ବିଜୟ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଫେଡେରର ୬-୭(୭/୨), ୭-୬(୮/୬), ୬-୨ ସେଟ୍‌ରେ ଷ୍ଟାନ ୱାୱରିଙ୍କାଙ୍କୁ ପରାସ୍ତ କରିଛନ୍ତି। ଫଳରେ ସୁଇଜରଲାଣ୍ଡର ଖେଳାଳି ଫେଡେରର ନିଜ ସାଥୀ ଖେଳାଳିଙ୍କ ବିପକ୍ଷରେ ବିଜୟ-ପରାଜୟ ରେକର୍ଡକୁ ୨୧-୩କୁ ବୃଦ୍ଧି କରିଛନ୍ତି। ୨ୟ ର୍‌ୟାଙ୍କଧାରୀ ଖେଳାଳି ସେମି ଫାଇନାଲରେ ଡେଭିଡ୍ ଗଫିନଙ୍କୁ ଭେଟିବେ।

# ଇଣ୍ଡିଆ ଗ୍ରୀନ୍‌ର ଭଲ ଆରମ୍ଭ

**ଡିଣ୍ଡିଗୁଲ, ୧୮।୮(ପି.ଟି.)**

ବେଙ୍ଗଲ ବ୍ୟାଟ୍ସମ୍ୟାନ ସୁଦୀପ ଚାଟାର୍ଜୀ (୫୭ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫିରେ ଇଣ୍ଡିଆ ଗ୍ରୀନ ଦଳ ଶନିବାର ୨ୟ ଦିବସ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୨ ଉଇକେଟ୍ ହରାଇ ୧୧୬ ରନ ସଂଗ୍ରହ କରିଛି। ସୁଦୀପଙ୍କ ସହିତ ବାବା ଇନ୍ଦ୍ରଜିତ ୩୨ ରନ କରି ଅପରାଜିତ ରହିଛନ୍ତି। ଉଭୟଙ୍କ ମଧ୍ୟରେ ୩ୟ ଉଇକେଟ୍‌ରେ ୮୧ ରନ ଭାଗିଦାରୀ ହୋଇଛି। ଇଣ୍ଡିଆ ଗ୍ରୀନ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କ ପାଞ୍ଚାଲ ୮ ଓ ପ୍ରଶାନ୍ତ ଚୋପ୍ରା ୧୯ ରନ କରିଥିଲେ। ଇଣ୍ଡିଆ ରେଡ୍ ପକ୍ଷରୁ ରାଜନୀଶ ଗୁର୍‌ବାନୀଙ୍କୁ ୨ଟି ଉଇକେଟ୍ ମିଳିଛି। ଇନିଂସ ଅଗ୍ରଣୀ ପାଇଁ ଇଣ୍ଡିଆ ଗ୍ରୀନ୍‌କୁ ଆହୁରି ୨୨୨ ରନ ଆବଶ୍ୟକ ହେଉଛି। ପୂର୍ବରୁ ଇଣ୍ଡିଆ ରେଡ୍ ପ୍ରଥମ ଇନିଂସରେ ୩୩୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଶୁକ୍ରବାର ୬ ଉଇକେଟ୍ ହରାଇ ୨୩୦ ରନ କରିଥିବା ଇଣ୍ଡିଆ ରେଡ୍ ଶନିବାର ଅସମାପ୍ତ ପ୍ରଥମ ଇନିଂସ ସ୍କୋରରେ ଆଉ ୧୦୭ ରନ ଯୋଗ କରି ବଳକା ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଆଶୁତୋଷ ସିଂ ୮୦ ଓ ମିହିର ହିର୍‌ୱାନୀ ୬୧ ରନ କରିଥିଲେ। ଇଣ୍ଡିଆ ଗ୍ରୀନ ପକ୍ଷରୁ ଅଙ୍କିତ ରାଜପୁତ ସର୍ବାଧିକ ୪ଟି ଉଇକେଟ୍ ହାସଲ କରିଥିଲେ।

# ଫାଓ ପ୍ରଥମ ଡିଭିଜନ ଲିଗ୍ ଆରମ୍ଭ

**କଟକ ଅଫିସ,୧୮।୮**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଶନିବାରଠାରୁ ପ୍ରଥମ ଡିଭିଜନ ଫୁଟବଲ ଲିଗ୍‌ର ଚଳିତ ସଂସ୍କରଣ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ସିଲଭର-ଏ ଲିଗର ଏକ ମ୍ୟାଚ୍‌ରେ ସାଇ ବିଜୟୀ ହୋଇଥିବା ବେଳେ ଗୋଲ୍ଡ ଲିଗ୍‌ର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ଅମୀମାଂସିତ ରହିଛି।।

ସିଲଭର ଲିଗ୍‌ରେ ସ୍ଥାନ ପାଇଥିବା ସାଇ ଓ ଓଜିପି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଇ ଏକତରଫା ଭାବେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧରେ ହିଁ ସାଇ ପକ୍ଷରୁ ୩ଟି ଗୋଲ ହୋଇଥିଲା। ୯ମ ମିନିଟ୍‌ରେ ପ୍ରଭର ଦଣ୍ଡସେନା ପ୍ରଥମ ଗୋଲ ଦେଇଥିବା ବେଳେ ୨୯ ଓ ୩୧ତମ ମିନିଟ୍‌ରେ ରାଜେଶ ନାୟକ ୨ଟି ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧକୁ ୩-୦ରେ ଅଗ୍ରଣୀ ରଖିଥିବା ସାଇ ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ସ୍କୋର କରି ନଥିଲା । ଅନ୍ୟପକ୍ଷରେ ଓଜିପି ଗୋଲ ସୁଝି ନ ପାରି ୦-୩ ଗୋଲରେ ପରାଜୟ ବରଣ କରିଥିଲା। ଗୋଲ୍ଡ ଲିଗ୍‌ରେ ସ୍ଥାନ ପାଇଥିବା ମଙ୍ଗଳା କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ମ୍ୟାଚ୍‌ଟି ୧-୧ ଗୋଲରେ ଡ୍ର ରହିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ୟଙ୍ଗ ଉତ୍କଳ କ୍ଲବ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲା। ରାକେଶ ସାହୁ ଏହି ଗୋଲ ସ୍କୋର କରିଥିଲେ। ପରେ ୬୪ତମ ମିନିଟ୍‌ରେ ମଙ୍ଗଳା କ୍ଲବର ଅଜିତ ରାଉତ ଏକ ଗୋଲ ଦେବା ଫଳରେ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କୌଣସି ଗୋଲ ନ ହେବା ଯୋଗୁ ମ୍ୟାଚ୍‌ଟି ଡ୍ର ରହିଥିଲା । ସୂଚନା ଥାଉକି ଗତ ୧୭ ତାରିଖ ଅର୍ଥାତ ଶୁକ୍ରବାର ଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ବିୟୋଗ ଯୋଗୁ ପ୍ରଥମ ଦିବସ ମ୍ୟାଚ୍ ବାତିଲ ହୋଇଥିଲା । ପ୍ରଥମ ଦିବସରେ ଖେଳାଯିବାକୁ ଥିବା ପୂର୍ବତଟ ରେଲୱେ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ମ୍ୟାଚ୍‌ଟି ପରବର୍ତ୍ତୀ ସମୟରେ ଖେଳାଯିବ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି ।



ଫାଓ ଲିଗ୍: ମଙ୍ଗଳା କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୯/୨୦୧୮ Bhubaneswar, Sunday, August 19/ 2018

# ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଜମି ଚିହ୍ନଟ

■ ଜମିର ମାଲିକ ସତ୍ୟବାଦୀ ଗୋପୀନାଥ ଦେବ

■ ଜମିର ପରିମାଣ ୨୫.୩୮ ଏକର

ପୁରୀ ଅଫିସ, ୧୮।୮

ସତ୍ୟବାଦୀରେ ପ୍ରତିଷ୍ଠା ହେବ ଓଡ଼ିଆ ବିଶ୍ୱବିଦ୍ୟାଳୟ। ରାଜ୍ୟ ସରକାର ଏଥିଲାଗି ନୀତିଗତ ନିଷ୍ପତ୍ତି ଗ୍ରହଣ କରିବା ପରେ ଜିଲା ପ୍ରଶାସନ ଜମି ଚିହ୍ନଟ କରିଛି। ସତ୍ୟବାଦୀ ବକୁଳବନ ନିକଟରେ ୨୫.୩୮ ଏକର ଜମି ଚିହ୍ନଟ ହୋଇଛି। ଉକ୍ତ ଜମିର ଏକ ନକ୍ସା ମଧ୍ୟ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଉନ୍ନୟନ କମିଶନର, ରାଜସ୍ୱ ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଟିମ୍ ଜମି ଅନୁଧ୍ୟାନ ଲାଗି ଆସିବ ବୋଲି ଜଣାପଡିଛି।

ଓଡ଼ିଆ ବିଶ୍ୱବିଦ୍ୟାଳୟ ଲାଗି ସତ୍ୟବାଦୀ ତହସିଲର ଫୁଲଅଳସା ଏବଂ ବୀରରାମଚନ୍ଦ୍ରପୁର ମୌଜାରେ ୨୫.୩୮ଏକର ଜମି ଚିହ୍ନଟ ହୋଇଛି। ଫୁଲଅଳସା ମୌଜାରେ ୧୭ଏକର ରହିଥିବା ବେଳେ ବାକି ବୀରରାମଚନ୍ଦ୍ରପୁର ମୌଜାରେ ରହିଛି। ଏହି ଜମି ମାଲିକାନା ସତ୍ୟବାଦୀ ଗୋପୀନାଥ ଦେବଙ୍କ ନାମରେ ରହିଛି। ଉକ୍ତ ଜମି ବକୁଳବନ, ସତ୍ୟବାଦୀ ବିଦ୍ୟାଳୟ, ଗୋପାଳଜୀଉ ମନ୍ଦିରକୁ ଲାଗି ରହିଥିବା ଜଣାପଡିଛି।





ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ପୁରୀ ସୁରଜମଲ ସାହା କଲେଜର ଛାତ୍ରୀଛାତ୍ର।

# ୧ରୁ ପ୍ଲାଷ୍ଟିକ୍ ନିଷେଧ କରିବ ବିଡିଏ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ରାଜ୍ୟ ସରକାର ଆଗାମୀ ଗାନ୍ଧୀ ଜୟନ୍ତୀରୁ ପଲିଥିନ ଏବଂ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନିଷେଧ କରିବାକୁ ଘୋଷଣା କରିଥିବାବେଳେ ଏହାର ମାସକ ଆଗରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟା ଭିଡିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)। ସେପ୍ଟେମ୍ବର ୧ରୁ ବିଡିଏ ଏହାର ୩୬ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ଅବସରରେ ବିଡିଏ ନିଜସ୍ୱ କାର୍ଯ୍ୟାଳୟ ସମେତ ଏହା ଅଧୀନରେ ଥିବା ସମସ୍ତ ପାର୍କ ଏବଂ ମାର୍କେଟ କମ୍ପ୍ଲେକ୍ସକୁ ପ୍ଲାଷ୍ଟିକମୁକ୍ତ ଘୋଷଣା କରିବ। ଶନିବାର ଏ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗାମୀ ଦିନରେ ସହରକୁ ସବୁଜିମା ଏବଂ ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ କରିବାକୁ ଲକ୍ଷ୍ୟ ରଖି ବିଡିଏ ଏହି ପଦକ୍ଷେପ ନେଇଛି। ସେହିପରି ପ୍ରତିଷ୍ଠା ଦିବସରୁ ପରିବେଶ ବନ୍ଧୁ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ବିଡିଏ ସୂତ୍ରରୁ ସୂଚନା ମିଳିଛି। ଏଥିସହ ସହରରେ ଆଉ ପ୍ଲାଷ୍ଟିକ୍ ବ୍ୟାନର ବ୍ୟବହାର କରାଯିବ ନାହିଁ। ଏହା ପରିବର୍ତ୍ତେ କନା ବ୍ୟାନର ବ୍ୟବହାର କରାଯିବ ବୋଲି ସ୍ଥିର ହୋଇଛି।

ବିଡିଏ ମୁଖ୍ୟ କାର୍ଯ୍ୟାଳୟକୁ ପାଣି ବୋତଲ ଯିବନାହିଁ। କୌଣସି ବୈଠକରେ ପାଣି ବୋତଲ ବ୍ୟବହାର ହେବ ନାହିଁ। ପ୍ରତି ମହଲାରେ କର୍ମଚାରୀଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାଣି ବ୍ୟବସ୍ଥା କରାଯିବ। କର୍ମଚାରୀ ପ୍ଲାଷ୍ଟିକ ପାତ୍ରରେ ଅଫିସକୁ ଖାଦ୍ୟ ଆଣିବେ ନାହିଁ। ମଧ୍ୟାହ୍ନ ଭୋଜନ ପାଇଁ କର୍ମଚାରୀମାନେ ଆଣୁଥିବା ଖାଦ୍ୟକୁ ପ୍ଲାଷ୍ଟିକ ପାତ୍ରରେ ନ ଆଣି ଧାତୁ ନିର୍ମିତ ପାତ୍ରରେ ଆଣିବାକୁ ବିଡିଏ ଉପାଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି।



■ ପାର୍କକୁ ପ୍ଲାଷ୍ଟିକ ଜିନିଷ ନେଲେ ଜରିମାନା

■ ଘର ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାର କଲେ ମିଳିବନି ପ୍ଲାନ

ଜନସାଧାରଣଙ୍କୁ ପ୍ଲାଷ୍ଟିକର କୁପରିଣାମ ବିଷୟରେ ବିଡିଏ ପକ୍ଷରୁ ସଚେତନ କରାଯିବ। ବିଡିଏ ସହିତ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ବିଭିନ୍ନ ପ୍ରକାରର ସଚେତନତା ମୂଳକ ସୂଚନା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ କରିବେ। ପାର୍କ ଭିତରେ କୌଣସି ବ୍ୟକ୍ତି ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର କରୁଥିବାର ଦେଖାଗଲେ ତାଙ୍କଠାରୁ ଜରିମାନା ଆଦାୟ କରାଯିବ। ଜରିମାନା ଅର୍ଥକୁ ସମ୍ପୃକ୍ତ ପାର୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯିବ। ସେହିପରି କୌଣସି ପ୍ରକାର ନିର୍ମାଣ ପାଇଁ ସ୍ୱୀକୃତି ଦେଲାବେଳେ ସମ୍ପୃକ୍ତ ନିର୍ମାଣରେ କୌଣସି ପ୍ରକାର ପ୍ଲାଷ୍ଟିକର ବ୍ୟବହାର ହେବନାହିଁ। ପ୍ଲାନ ପୂର୍ବରୁ ବିଡିଏର ପ୍ଲାନିଂ ମେମ୍ବରମାନେ ଏହା ନିଶ୍ଚିତ କରାଇବାକୁ କୁହାଯାଇଛି। ବିଡିଏ ତରଫରୁ ଏକ ସ୍କ୍ୱାଡ୍ ଗଠନ କରାଯାଇ ବିଭିନ୍ନ ପାର୍କ ଏବଂ ମାର୍କେଟ କମ୍ପ୍ଲେକ୍ସଗୁଡିକରେ ପ୍ଲାଷ୍ଟିକ ବ୍ୟବହାର ଉପରେ ନଜର ରଖିବେ। ବିଡିଏ କର୍ମଚାରୀମାନେ ମଧ୍ୟ ନିଜ ପରିବାର ଏବଂ ପଡୋଶୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବୁଝାଇବେ। ଏଥିପାଇଁ ସେମାନଙ୍କଠାରୁ ଅଫିସ ପକ୍ଷରୁ ଏକ ଲିଖିତ ପ୍ରତିଶ୍ରୁତି ନିଆଯିବ। ଅନ୍ୟପକ୍ଷରେ ପ୍ଲାଷ୍ଟିକ କିପରି ମଣିଷ ଜୀବନକୁ ଏବଂ ପରିବେଶକୁ ବିଷାକ୍ତ କରୁଛି, ସ୍ୱାସ୍ଥ୍ୟର ଅବନତି ଘଟାଉଛି ସେଥିନିମନ୍ତେ ବିଡିଏ ସହିତ ରହିଥିବା ସ୍ୱେଚ୍ଛାସେବୀ ସଂଗଠନ ସମସ୍ତ ପାର୍କ ଯାଉଥିବା ବ୍ୟକ୍ତିଙ୍କୁ ସଚେତନ କରାଇବେ।

ପାର୍କକୁ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ କରିବା ପାଇଁ ଏଠାକୁ ଆସୁଥିବା ବ୍ୟକ୍ତିଙ୍କଠାରୁ ଖାଲି ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇ ତାହାକୁ ରିଭର୍ସ ଭେଣ୍ଡିଂ ମେଶିନରେ ପ୍ରକ୍ରିୟାକରଣ କରାଯିବ। ଏଥିପାଇଁ ରିଭର୍ସ ଭେଣ୍ଡିଂ ମେଶିନ ପାର୍କଗୁଡିକରେ ରଖାଯିବ। ଅନ୍ୟପଟେ ବିଡିଏର ଶାଖା କାର୍ଯ୍ୟାଳୟଗୁଡିକରେ ପ୍ଲାଷ୍ଟିକ ନିଷିଦ୍ଧ ଅଭିଯାନ ଆରମ୍ଭ କରାଯିବ। ସମସ୍ତ ମାର୍କେଟ କମ୍ପ୍ଲେକ୍ସରେ ପ୍ଲାଷ୍ଟିକ ନିଷିଦ୍ଧ ନିୟମକୁ କଡାକଡି କରାଯିବ। ଏଥିରେ କୌଣସି ବ୍ୟବସାୟୀ ଖିଲାପ କଲେ ତାଙ୍କ ଲାଇସେନ୍ସ ରଦ୍ଦ ହେବ। ସହରରେ ଥିବା ବିଡିଏ ମାର୍କେଟ କମ୍ପ୍ଲେକ୍ସଗୁଡିକରେ ଏହି ନିୟମକୁ କଡାକଡି ଭାବେ ଲାଗୁ କରାଯିବ। ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ଏକ ପ୍ଲାଷ୍ଟିକ ସଂଗ୍ରହ କେନ୍ଦ୍ର ଭୁବନେଶ୍ୱରରେ ସ୍ଥାପନ ହେବାକୁ ଯାଉଛି।

# ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ସୁରଜମଲ୍ଲ ସାହା କଲେଜ

ପୁରୀ ଅଫିସ, ୧୮।୮

ପରିବେଶ ପାଇଁ ମାରାତ୍ମକ ସାବ୍ୟସ୍ତ ହୋଇଥିବା ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ପାଇଁ ଏବେ ସୃଷ୍ଟି ହେଲାଣି ଜନଜାଗରଣ। ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଦିଗରେ ଅଗ୍ରସର ହେଉଛନ୍ତି ରାଜ୍ୟ ସରକାର। ପ୍ଲାଷ୍ଟିକମୁକ୍ତ ଅଭିଯାନରେ ସାମିଲ ହୋଇଛି ପୁରୀ ସୁରଜମଲ୍ଲ ସାହା କଲେଜ। କ୍ୟାମ୍ପସ ପରିସରକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ପାଇଁ ଛାତ୍ରୀଛାତ୍ରମାନେ ସୃଷ୍ଟି କରିଛନ୍ତି ସଚେତନତା। ଶନିବାର କଲେଜର ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମେତ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଲିଥିନମୁକ୍ତ ପାଇଁ ଶପଥ ନେଇଥିଲେ। ଏହି ଅବସରରେ କଲେଜ ପରିସରରେ 'ପଲିଥିନକୁ ନା' ସ୍ଲୋଗାନ ଦେଇ ଏହାକୁ ବ୍ୟବହାର ନ କରିବା ଲାଗି ସଂକଳ୍ପ ନେଇଛନ୍ତି। ଆଗାମୀ ଦିନରେ ଏହି ଅଭିଯାନକୁ ବ୍ୟାପକ କରାଯିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ନିଜ କ୍ୟାମ୍ପସକୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ରଖିବା ସହ କ୍ୟାମ୍ପସ ନିକଟରେ ମଧ୍ୟ ଏହି ଅଭିଯାନ କରିବାକୁ କେତେଜଣ ଛାତ୍ରୀଛାତ୍ର ଆଗ୍ରହ ପ୍ରକାଶ କରିଥିଲେ।

ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଶ୍ୱିନୀ କୁମାର ଦାସ ପିଲାଙ୍କୁ ଉଦ୍‌ବୋଧନ ଦେଇ କହିଲେ, ପଲିଥିନର ବହୁଳ ବ୍ୟବହାର ସମାଜ ଓ ପରିବେଶ ଲାଗି କ୍ଷତିକାରକ। ପରିବେଶ ନଷ୍ଟ ହେବାର ଅନ୍ୟତମ କାରଣ ହେଉଛି ପଲିଥିନ। ଏହାର ବ୍ୟବହାର ପ୍ରତ୍ୟକ୍ଷ ଭାବେ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଆମେ ସାଧାରଣତଃ ପଲିଥିନ ବ୍ୟବହାର ପରେ ଏହାକୁ ଏଣେତେଣେ ଫିଙ୍ଗିଦେଉଛୁ। ଏହା ଦ୍ୱାରା ନାଳ, ନର୍ଦ୍ଦମା ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ଏପରି କି ଶହଶହ ଗୋରୁଙ୍କ ମୃତ୍ୟୁର କାରଣ ପାଲଟିଛି ପଲିଥିନ। ଏଣୁ ଆମ କ୍ୟାମ୍ପସରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ ନନ୍ଦ, ଅଧ୍ୟାପକ ଅଜିତ ଦଳାଇ, ଡ. ଶୁଭେନ୍ଦୁ ମିଶ୍ର, ଅଧ୍ୟାପକ ହରିହର କର, ଡ. ପ୍ରମୋଦ ଆଚାର୍ଯ୍ୟ, ଅଧ୍ୟାପକ ସୁକାନ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ସାଲିଆସାହିରେ ରହୁଥିବା ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କ ଜିମା ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ସାଲିଆସାହିର ରାକେଶ ବେହେରା। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସାଲିଆସାହିରେ ରହୁଥିବା ଉକ୍ତ ନାବାଳିକାଙ୍କୁ ବସ୍ତିର ରାକେଶ ଏକତରଫା ଭଲ ପାଉଥିଲେ। ସେ ନାବାଳିକାଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରୁଥିଲେ। ଏନେଇ ନାବାଳିକା ଜଣାଇବା ପରେ ପରିବାର ଲୋକେ ରାକେଶଙ୍କୁ ତାଗିଦ କରିଥିଲେ। ଗତ ସପ୍ତାହରେ ରାକେଶ ନାବାଳିକାଙ୍କୁ ଅପହରଣ କରି ନେଇ ଜୋରଜବରଦସ୍ତି ବିବାହ କରି ନିଜ ପାଖରେ ରଖିଥିଲେ। ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ରାକେଶଙ୍କୁ ଗିରଫ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା।






### ପୋଲିସ କମିଶନରଙ୍କ ପ୍ରଥମ ଅପରାଧ ନିୟନ୍ତ୍ରଣ ବୈଠକ

# ନିଶା କାରବାର ରୋକିବାକୁ ଗୁରୁତ୍ୱ

ପୁରୁଣା ମାମଲାର ତଦନ୍ତ ଶୀଘ୍ର ସାର

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଟ୍ୱିନ୍ ସିଟିରେ ଦିନକୁ ଦିନ ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଉଛି। ଏହାକୁ ରୋକିବାକୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପଡ଼ି ରହିଥିବା ପୁରୁଣା ମାମଲାଗୁଡ଼ିକର ତଦନ୍ତ ସାରିବାକୁ ସେ ପୋଲିସ ଅଧିକାରୀମାନଙ୍କୁ କହିଛନ୍ତି। ସତ୍ୟଜିତ୍ ପୋଲିସ କମିଶନର ହେବା ପରେ ତାଙ୍କର ପ୍ରଥମ ଅପରାଧ ନିୟନ୍ତ୍ରଣ ବୈଠକ ଶନିବାର ଅପରାହ୍ନରେ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ୱିନ୍ ସିଟିର ଏକାଧିକ ଥାନା ଅଧିକାରୀ, ଏସିପି ଓ କଟକ-ଭୁବନେଶ୍ୱରର ଡିସିପି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ରାଜଧାନୀ ଓ କଟକରେ ବଢୁଥିବା ଅପରାଧକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା।

ରାଜଧାନୀରେ ବଢୁଥିବା ଚୋରି, ଡକାୟତି, ରାହାଜାନି ଆଦିକୁ ରୋକିବା ଉପରେ କମିଶନର ଗୁରୁତ୍ୱ ଦେଇଥିଲେ। ଏହାସହ ଗଞ୍ଜେଇ, ବ୍ରାଉନ ସୁଗାର ଓ ଅନ୍ୟ ନିଶାଦ୍ରବ୍ୟ ବ୍ୟବସାୟକୁ କିଭଳି ରୋକାଯିବା ସହ ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ଆଲୋଚନା ହୋଇଥିଲା। ବିଶେଷ କରି ପଡ଼ି ରହିଥିବା ପୁରୁଣା ମାମଲାଗୁଡିକର ତୁରନ୍ତ ତଦନ୍ତ କରିବା ପାଇଁ ପୋଲିସ କମିଶନର ମହାନ୍ତି ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ପୋଲିସ କମିଶନର ମହାନ୍ତି କହିଛନ୍ତି, ଟ୍ୱିନ୍‌ସିଟିରେ ଅପରାଧ ରୋକିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଅପରାଧ ରୋକିବାକୁ ମୁମ୍ବାଇ ଢାଞ୍ଚାରେ କିଛି ନୂଆ ଯୋଜନା କରାଯାଉଛି। ତାହାର ରୂପରେଖ ଏବେ ଚୂଡ଼ାନ୍ତ ହୋଇନାହିଁ। ଏହାକୁ ତର୍ଜମା କରାଯିବା ପରେ ଲାଗୁ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ: ହତ୍ୟା ସନ୍ଦେହ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଚକେଇଶିଆଣି କେନାଲବନ୍ଧ ପାଟଦେଇ ବସ୍ତିର ଏକ ଗଛରୁ ସନ୍ଦେହଜନକ ଅବସ୍ଥାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପ୍ରାୟ ୪୫ ବର୍ଷ ହେବ। ସେ ବରମୁଣ୍ଡା ଅଞ୍ଚଳର ବୋଲି କୁହାଯାଉଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶନିବାର ରାତି ପ୍ରାୟ ୯ଟାରେ ମହିଳାଙ୍କ ମୃତଦେହ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମହିଳା ଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା ପରେ ଏଠାରେ ଝୁଲାଇ ଦିଆଯାଇଛି ସେନେଇ ଖୋଳତାଡ଼ କରୁଛି ପୋଲିସ। କେତେଜଣ ବ୍ୟକ୍ତି ଉକ୍ତ ମହିଳାଙ୍କୁ ଏଠାକୁ ଡାକି ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ, ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ବିଜୁ ଯୁବବାହିନୀ ବୈଠକ

**ମାହାଙ୍ଗା,୧୮।୮(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାହାପୁର ଓ କୁଣ୍ଡି ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହାପୁର ବିଜୁ ଯୁବବାହିନୀ ସଭାପତି କୃଷ୍ଣ ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଯୁବବାହିନୀ ସଂଯୋଜକ ସନ୍ତୋଷ ସାହୁ, ଜୟନ୍ତ ବିଶ୍ୱାଳ, ସାହାପୁର ସରପଞ୍ଚ ଅର୍ଚ୍ଚନା ଦାସ, ସମିତିସଭ୍ୟା ସୁବାସୀ ବେହେରା, କୁଣ୍ଡି ସମିତିସଭ୍ୟା ଲତିକା ସ୍ୱାଇଁ ଓ ନାଏବ ସରପଞ୍ଚ ରୂପାକର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁ ଯୁବବାହିନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସାହାପୁର ବିଜୁ ଯୁବବାହିନୀ ସଭାପତି ଶାରଦା ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଅସିତ ମହାନ୍ତି, କୋଷାଧ୍ୟକ୍ଷ ପାର୍ଥସାରଥି ମହାନ୍ତି, କୁଣ୍ଡି ଯୁବବାହିନୀ ସମ୍ପାଦକ ମିର୍ଜା ସେହେୱାଜ ବେଗ ଓ କୋଷାଧ୍ୟକ୍ଷ ସତ୍ୟଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଜବତ, ୨ ଗିରଫ

**ନରସିଂହପୁର,୧୮।୮(ଡି.ଏନ.ଏ./ସ୍ୱ.ପ୍ର.):** ନରସିଂହପୁର ଥାନା ଓ ଜିଲିଣ୍ଡା ଫାଣ୍ଡି ପକ୍ଷରୁ ଥାନା ଅଞ୍ଚଳର ୨ଟି ସ୍ଥାନରେ ଶୁକ୍ରବାର ରାତିରେ ଚଢ଼ାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଯୋଡୁମୁ ଫାଣ୍ଡି ଅଧିକାରୀ ଯୋଡୁମୁ ଗ୍ରାମର ଶଙ୍କର୍ଷଣ ମହାଲିକଙ୍କ ଘରେ ଚଢ଼ାଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଶଙ୍କର୍ଷଣଙ୍କୁ(୪୫) ଗିରଫ କରିଥିଲେ। ଏହାପରେ ନରସିଂହପୁର ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତି ନୂଆଗାଁ ବାଲିସାହି କ୍ଲବଠାରେ ଥିବା ଏକ ଢାବାରେ ଚଢ଼ାଉ କରି ୧୨ ବିଦେଶୀ ମଦ ବୋତଲ ଜବତ କରିବା ସହ ଢାବା ମାଲିକ ସୁରେନ୍ଦ୍ର ବେହେରା(୩୫)ଙ୍କୁ ଗିରଫ କରିଥିଲେ। ଉଭୟଙ୍କ ନାମରେ ନରସିଂହପୁର ଥାନାରେ ମାମଲା (ନଂ-୯୩/୧୮ ଓ ୨୪/୧୮) ରୁଜୁ କରାଯାଇଛି। ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ରଘୁନାଥପୁର, ୧୮।୮( ଡି.ଏନ.ଏ.):** ସ୍ଥାନୀୟ ଦ୍ୱୀପାଞ୍ଚଳ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱାଧୀନତା ଦିବସଠାରୁ ଆରମ୍ଭ ହୋଇଥିବା ପରିବେଶ ସମ୍ପର୍କିତ ସଚେତନତା ରାଲି ଓ ଚାରା ରୋପଣ କାର୍ଯ୍ୟକ୍ରମ ଶେଷ ହୋଇଛି। ଯୁବ ବାହିନୀର ସଭାପତି ଦୁର୍ଗା ପ୍ରସାଦ ଦାସ ଓ ସମ୍ପାଦକ ସଂଗ୍ରାମ ସାହାଣୀ ଓ କୋଷାଧ୍ୟକ୍ଷ ପ୍ରୀତିକା ପ୍ରିୟଦର୍ଶିନୀ ସାମଲଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗାଁରେ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇ କିହଁକି ଆମେ ବୃକ୍ଷ ଲଗାଇବା ଶୀର୍ଷକ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦିଲୀପ କୁମାର ବିଶ୍ୱାଳ, ସମିତିସଭ୍ୟ ଶ୍ରୀକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହ ଯୁବ ପିଢ଼ିଙ୍କୁ ଚାରାରୋପଣ ଭଳି ମହତ କାର୍ଯ୍ୟ କରି ପରିବେଶକୁ ସୁରକ୍ଷା ଦେବାକୁ ପରାମର୍ଶ ରଖିଥିଲେ। ସେହିପରି ପିଁପୁର ୟ୍ୟୁଙ୍ଗଷ୍ଟାର ଲିଟିଲ କ୍ଲବର ସଭାପତି ସୁଶୀଲକାନ୍ତ ବେଉରା ଓ ସମ୍ପାଦକ ଅମିତ କୁମାର ବେଉରାଙ୍କ ନେତୃତ୍ୱରେ ସମସ୍ତ ସଭ୍ୟମାନେ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ସହ ସାମିଲ ହୋଇ ଉତ୍ତରକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ସ୍ଥାନୀୟ ଅଧିବାସୀ ବହୁମାତ୍ରାରେ ସାମିଲ ହୋଇ ଏମାନଙ୍କୁ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ଅଧିବେଶନ

**ବାଙ୍କୀ,୧୮।୮(ବି.ପ୍ର.):** ସ୍ୱାଧୀନତା ଦିବସ ଅବସରରେ ବାଙ୍କୀ ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ଚର୍ଚ୍ଚିକା ମାର୍କେଟ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ଅଧିବେଶନରେ ଅବସରପ୍ରାପ୍ତ ସୈନିକମାନେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରି ଶହୀଦଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ପରେ ଆୟୋଜିତ ବୈଠକରେ ସଂଘ ସଭାପତି ରତ୍ନାକର ବେଉରା, ଉପସଭାପତି ରତ୍ନାକର ମହାନ୍ତି ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଟ୍ରେଲର-ବାଇକ୍ ମୁହାଁମୁହିଁ ଧକ୍କା

# ୨ ବାଇକ୍ ଆରୋହୀ ମୃତ



ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ଟ୍ରେଲର।



ଦୁର୍ଘଟଣାସ୍ଥଳରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ଥାନା ଅଧୀନ ଖୁଣ୍ଟକଟା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟା୩୦ରେ ଏକ ଟ୍ରେଲର୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଅରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହି ବାଟଦେଇ ସ୍କୁଟିରେ ଯାଉଥିବା ମା'ଝିଅ ଆହତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜାଳିଦେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବି କରି ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ ଆଠଗଡ଼ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକ ଫେରାର ହୋଇ ଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଖୁଣ୍ଟକଟା ଗ୍ରାମର ମାନସ ରାଉତଙ୍କ ପୁଅ ଅରୁଣଜିତ(୧୭) ଓ ଦେବରାଜ ସାହୁଙ୍କ ପୁଅ ନିରଞ୍ଜନ(୧୭) ଏକ ବାଇକ୍ ଯୋଗେ ଆଠଗଡ଼ରୁ ଖୁଣ୍ଟକଟା ଆଡ଼କୁ ଯାଉଥିଲେ। ଏହି ସମୟରେ ଏକ ଟ୍ରେଲର ବଡ଼ମ୍ବାରୁ କଟକ ଆସୁଥିଲା। ରାସ୍ତାର ବାମ ପାର୍ଶ୍ୱରେ ସ୍କୁଟି ଯୋଗେ ତିଗିରିଆ ଅଚଳକୋଟ ଗ୍ରାମର ଗଜେନ୍ଦ୍ର ଜେନାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା (୩୩) ଏବଂ ତାଙ୍କ ଝିଅ ବୈଷ୍ଣବୀ ଯାଉଥିଲେ। ସ୍କୁଟି ଆରୋହୀଙ୍କୁ ଅରୁଣଜିତ ଓ ନିରଞ୍ଜନ ଓଭରଟେକ୍ କରୁଥିଲେ। ଏତିକି ବେଳେ ଟ୍ରେଲର ମାଡ଼ି ଆସିବାରୁ ସେମାନେ କୁଆଡ଼କୁ ଯାଇ ନ ପାରି ଟ୍ରେଲରରେ ପିଟି ହୋଇ ଯାଇଥିଲେ। ଫଳରେ ତାଙ୍କ ବାଇକ୍ ଛିଟିକି ସ୍କୁଟି ଆରୋହୀଙ୍କଠାରେ ବାଜିଥିଲା। ଯଦ୍ଦ୍ୱାରା ସ୍କୁଟି ଆରୋହୀ ଆହତ ହୋଇଥିଲେ। ଅରୁଣଜିତ ଓ ନିରଞ୍ଜନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। ଏହା ଦେଖି ଟ୍ରେଲର ଚାଳକ ଫେରାର ହୋଇ ଯାଇଥିଲେ। ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟଲୋକେ ସେଠାରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜାଳିଦେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିକରି ୬୫ନଂ ରାଜ୍ୟ ରାଜପଥର ଖୁଣ୍ଟକଟା ନିକଟରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଆଠଗଡ଼ ପୋଲିସ ପହଞ୍ଚି ଦମକଳବାହିନୀ କର୍ମଚାରୀଙ୍କ ସହାୟତାରେ ଟ୍ରେଲରରୁ ନିଆଁ ଲିଭାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ୨ ଯୁବକଙ୍କ ମୃତଦେହ ଅଠଗଡ଼ ଡାକ୍ତରଖାନାରେ ରଖାଯାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଖବର ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

■ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ
■ ଟ୍ରେଲରକୁ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ
■ ସ୍କୁଟିରେ ଯାଉଥିବା ମା'ଝିଅ ଆହତ
■ ଖସି ପଳାଇଲେ ଟ୍ରେଲର ଚାଳକ

## ଗଣଦୌଡ଼ ପ୍ରସ୍ତୁତି ବୈଠକ

**ବାଙ୍କୀ,୧୮।୮(ସ୍ୱ.ପ୍ର.)**

ଆସନ୍ତା ୨୨ ତାରିଖ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଏକ ଗଣଦୌଡ଼ର ଆୟୋଜନ କରାଯିବ। ଏହି ଗଣଦୌଡ଼ ଶିମିଳିପୁର-ହରିରାଜପୁର ହାଇସ୍କୁଲ୍‌ଠାରୁ ଆରମ୍ଭ ହୋଇ ବାଙ୍କୀ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ଶେଷ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଆଥ୍‌ଲେଟିକ୍ ଆସୋସିଏଶନ ଉପସଭାପତି ବିବେକାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ବର୍ଷରୁ ଅଧିକ ବୟସର ଛାତ୍ରୀଛାତ୍ର ସିନିୟର ଓ ୧୫ବର୍ଷରୁ କମ ବୟସର ଛାତ୍ରୀଛାତ୍ର ଜୁନିୟର ବିଭାଗରେ ଭାଗନେବେ ବୋଲି ସ୍ଥିର କରାଯାଇଛି। ଯେଉଁ ଛାତ୍ରୀଛାତ୍ର ଗଣଦୌଡ଼ରେ ଭାଗ ନେବାକୁ ଚାହିଁବେ ସେମାନେ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣାଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ବାଙ୍କୀ ମହାବିଦ୍ୟାଳୟ କ୍ରୀଡ଼ାଶିକ୍ଷକ ରବି ନାରାୟଣ ପ୍ରଧାନ, ବିକେ ବିଦ୍ୟାପୀଠର ଦୟାନିଧି ମହାପାତ୍ର, ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟର ନିରଞ୍ଜନ ସାହୁ, ଶିମିଳିପୁର-ହରିରାଜପୁର ହାଇସ୍କୁଲ୍‌ର କୃପାସିନ୍ଧୁ ପ୍ରଧାନ, ଦିଲୀପ ସାହୁ, ଜିତେନ୍ଦ୍ର ଚନ୍ଦ୍ର ସିଂହ ଦେଓ, ବୃନ୍ଦାବନ ପ୍ରଧାନ, ପ୍ରଶାନ୍ତ ଦାସ ଓ ବାଙ୍କୀ ଆଞ୍ଚଳିକ ଆଦିବାସୀ ହରିଜନ କଲ୍ୟାଣ ପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ କର୍ମଶାଳା

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ଏକ କର୍ମଶାଳା ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ସଭାପତିତ୍ୱ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ କିଭଳି ଏଥିରେ ଅନ୍ତର୍ଭୁକ୍ତ କରାଯିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କେନ୍ଦ୍ର ଯୋଜନାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳାଇ, ତିଗିରିଆ ବ୍ଲକ ଅଧ୍ୟକ୍ଷ ରୂପା ଦଳାଇ, ଏନଏସି ଅଧ୍ୟକ୍ଷା ସୁଚିତ୍ରା ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା, ଜିଲାପରିଷଦ ସଭ୍ୟ କେଶବ ଚନ୍ଦ୍ର ଦଳାଇ, ଜାନକୀଲତା ନାୟକ, ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକ, ରଞ୍ଜନ ଆଚାର୍ଯ୍ୟ, ଆଠଗଡ଼ ବିଡିଓ ହେମନ୍ତ କୁମାର ସ୍ୱାଇଁ, ତିଗିରିଆ ବିଡିଓ ତପନ କୁମାର ଖୁଣ୍ଟିଆ ଓ ଆଠଗଡ଼ ଉପଖଣ୍ଡର ସହକାରୀ ଯୋଗାଣ ଅଧିକାରୀ ନିରଦରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨ ବ୍ଲକର ୫୪ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏବଂ ଏନଏସି କାଉନସିଲରମାନେ ଉପସ୍ଥିତ ଥିଲେ।

## ବଡ଼ଗେଙ୍ଗୁଟି ନଦୀବନ୍ଧ କାର୍ଯ୍ୟ ଦେଖିଲେ ମନ୍ତ୍ରୀ

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ଏକ କର୍ମଶାଳା ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ସଭାପତିତ୍ୱ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ କିଭଳି ଏଥିରେ ଅନ୍ତର୍ଭୁକ୍ତ କରାଯିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କେନ୍ଦ୍ର ଯୋଜନାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳାଇ, ତିଗିରିଆ ବ୍ଲକ ଅଧ୍ୟକ୍ଷ ରୂପା ଦଳାଇ, ଏନଏସି ଅଧ୍ୟକ୍ଷା ସୁଚିତ୍ରା ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା, ଜିଲାପରିଷଦ ସଭ୍ୟ କେଶବ ଚନ୍ଦ୍ର ଦଳାଇ, ଜାନକୀଲତା ନାୟକ, ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକ, ରଞ୍ଜନ ଆଚାର୍ଯ୍ୟ, ଆଠଗଡ଼ ବିଡିଓ ହେମନ୍ତ କୁମାର ସ୍ୱାଇଁ, ତିଗିରିଆ ବିଡିଓ ତପନ କୁମାର ଖୁଣ୍ଟିଆ ଓ ଆଠଗଡ଼ ଉପଖଣ୍ଡର ସହକାରୀ ଯୋଗାଣ ଅଧିକାରୀ ନିରଦରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨ ବ୍ଲକର ୫୪ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏବଂ ଏନଏସି କାଉନସିଲରମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରତାପ ଜେନା ନଦୀ ବନ୍ଧର କାର୍ଯ୍ୟ ଦେଖୁଛନ୍ତି।

## ୫୦୪ ପରୀକ୍ଷାର୍ଥୀ ଦେଲେ ୩ୟ ଓ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା

**ମାହାଙ୍ଗା,୧୮।୮(ସ୍ୱ.ପ୍ର.)**

ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଶନିବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ମାହାଙ୍ଗା ବ୍ଲକର ଶୁକ୍ଳେଶ୍ୱର ଭଗବତୀ ବିଦ୍ୟାପୀଠ, ପଲ୍ଲୀସାହି ସରକାରୀ ବାଳିକା ବିଦ୍ୟାଳୟ, ପୁଶୁଲୁଣ୍ଡା ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ଓ କୋଠପଦା ରଘୁନାଥଜୀଉ ବିଦ୍ୟାପୀଠକୁ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ବ୍ଲକର ମୋଟ୍‌ରେ ୫୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୦୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ତୃତୀୟରେ ୨୫୫ ଓ ପଞ୍ଚମରେ ୨୪୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷା ଅଧିକାରୀ ସୁକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି। ନୋଡାଲ ଅଫିସରଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଦନମୋହନ ମଲ୍ଲ କାର୍ଯ୍ୟ ତୁଲାଉଥିଲେ।

## କଂଗ୍ରେସର ଯୁବ ଚିନ୍ତନ ବୈଠକ

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

ଆଠଗଡ଼ ଯୁବ କଂଗ୍ରେସ ପକ୍ଷରୁ ଶନିବାର ଯୁବ ଚିନ୍ତନ ବୈଠକ ସ୍ଥାନୀୟ ମହାବୀର ପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅଖିଳ ଭାରତ କଂଗ୍ରେସ କମିଟିର ନବ ନିଯୁକ୍ତ ସମ୍ପାଦକ ଡ. ବିଶ୍ୱଜିତ ମହାନ୍ତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ବାଚନ ବେଳେ ବହୁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ତାହା ଭୁଲିଯାଉଥିବା ବିଶେଷକରି ଦେଶର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ଏଥିସହ କଂଗ୍ରେସ ଯୁବଶକ୍ତିର ବିକାଶ ଏବଂ ବେକାର ଯୁବତୀଯୁବକଙ୍କ ନିଯୁକ୍ତିକୁ ସବୁବେଳେ ପ୍ରାଧାନ୍ୟ ଦେଇଆସିଛି ବୋଲି କହିଥିଲେ। ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରି ଆଗାମୀ ସାଧାରଣ ଓ ବିଧାନସଭା ନିର୍ବାଚନରେ ଦଳର ସଫଳତା ଲାଗି ଯୁବ କଂଗ୍ରେସ ପକ୍ଷରୁ ନିରବଚ୍ଛିନ୍ନ ଉଦ୍ୟମ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଆଠଗଡ଼ ନଗର କଂଗ୍ରେସ ସଭାପତି ମାନସ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ସତ୍ୟରଞ୍ଜନ ରାଉତ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ସ୍ମୃତିରଞ୍ଜନ ଲେଙ୍କା, ତିଗିରିଆ କଂଗ୍ରେସ ସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ, ସୁଦର୍ଶନ ସାହୁ ଓ ବରିଷ୍ଠ ନେତା ମଗୁଲି ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାଉନସିଲର ମନୋରଞ୍ଜନ ଦାସ, ଯୁବ କଂଗ୍ରେସ ନେତା ବିକ୍ରମ ରାୟସାମନ୍ତ, ଦିପ୍ତୀ ରଥ, ଝରିଆ ନାଏକ, ପ୍ରସନ୍ନଜିତ ବେହେରା, ସଦାଶିବ ରାଉତ, ସୌମେନ୍ଦ୍ର ମହପାତ୍ର ଓ ସୁନିଲ ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆଠଗଡ଼,୧୮।୮(ସ୍ୱ.ପ୍ର.)**

ସ୍ୱାଧୀନତା ଦିବସ ପାଳନ ଅବସରରେ ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟକଟା ଗ୍ରାମର ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଳିକା ହାଇସ୍କୁଲର ଛାତ୍ରୀ ପ୍ରିୟଙ୍କା ମହାରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ସୁଧୀର ସାହୁଙ୍କ ପିତା ଅମରେନ୍ଦ୍ର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦତ୍ତ ୧୦୦୦ ଟଙ୍କା ପୁରସ୍କାର ସହିତ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। ଖୁଣ୍ଟକଟା ସରପଞ୍ଚ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଏହି ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷୟିତ୍ରୀଶିକ୍ଷକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ବାଙ୍କୀ କଲେଜ ପରିଦର୍ଶନ

**ବାଙ୍କୀ,୧୮।୮(ସ୍ୱ.ପ୍ର.)**

ବିଶ୍ୱବ୍ୟାଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ମାଧ୍ୟମରେ ବାଙ୍କୀ କଲେଜକୁ ୧୦କୋଟି ୫୨ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। ତେବେ ଏହାର ଭିତ୍ତିଭୂମି, କଲେଜର ସମସ୍ତ ବିଭାଗ, ଖେଳ ପଡ଼ିଆ ଓ ଇଣ୍ଡୋର୍ ଷ୍ଟାଡିୟମ୍ ଆଦି ଦେଖିବାକୁ ଶନିବାର ବିଶ୍ୱବ୍ୟାଙ୍କ ପ୍ରତିନିଧି ବିଜୟ ରାଘବ ଓ ଚିନ୍ମୟ ଗୋଡ଼େ କଲେଜ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ସେମାନେ ସମସ୍ତ ବ୍ୟବସ୍ଥା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ, ବିଶ୍ୱବ୍ୟାଙ୍କ ସଂଯୋଜକ ଦାୟିତ୍ୱରେ ଥିବା ଡ. ଦିଲୀପ ମିଶ୍ର, ସହସଂଯୋଜକ ନିରଞ୍ଜନ ରାଉତରାୟ ଓ ପ୍ରାଧ୍ୟାପକ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ବାଙ୍କୀ କଲେଜ ପରିଦର୍ଶନରେ ଆସିଥିବା ବିଶ୍ୱବ୍ୟାଙ୍କ ପ୍ରତିନିଧି, କଲେଜ ଅଧ୍ୟକ୍ଷ ଓ ଅନ୍ୟମାନେ।

■ ସରକାରୀ କାର୍ଯ୍ୟକ୍ରମ ପାଇଁ ଚାନ୍ଦା ଆଦାୟ ଘଟଣାର ପ୍ରଶାସନିକ ତଦନ୍ତ

# ଅଙ୍ଗନୱାଡି କର୍ମୀଙ୍କ ବୟାନ ରେକର୍ଡ

**ରଘୁନାଥପୁର, ୧୮।୮ ( ଡି.ଏନ.ଏ.)**

ରଘୁନାଥପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଥିବା ସରକାରୀ କାର୍ଯ୍ୟକ୍ରମ ଆମ ଗାଁ ଆମ ବିକାଶ ପାଇଁ ୧୪୫ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କଠାରୁ ଦେଢ ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ ସମ୍ପର୍କରେ ଭାଜପା ନେତା ରମାକାନ୍ତ ଭୋଇଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାଛଡା ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ଜେନା ଓ ଜିଲା ପରିଷଦ ସଭ୍ୟ ଅଶୋକ ମହାରଣାଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଉକ୍ତ ଦାବି ନେଇ ଆଇସିଡିଏସ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସିଡିପିଓଙ୍କ ବିରୋଧରେ ଜୁଲାଇ ୨୮ରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଏକ ପ୍ରଶାସନିକ ତଦନ୍ତ କରାଯାଇଛି। ଡିଏସ୍‌ଡବ୍ଲ୍ୟୁଓ ଜୟନ୍ତୀ ବେହେରା, ଏଡିଏସ୍‌ଡବ୍ଲ୍ୟୁଓ ମାଧବାନନ୍ଦ ମଲ୍ଲିକ ଓ ତହସିଲଦାର ମାନସ କୁମାର ତ୍ରିପାଠୀ, ୧୫ ଜଣ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କଠାରୁ ଏ ସମ୍ପର୍କରେ ବୟାନ ରେକର୍ଡ କରିଛନ୍ତି। ତଦନ୍ତ ସମୟରେ ଅଭିଯୋଗକାରୀ ଭାଜପା ନେତା ଭୋଇ ଓ ଜିଲାପରିଷଦ ସଭ୍ୟ ମହାରଣା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ବୟାନ ରେକର୍ଡ ସମୟରେ ୧୪ ଜଣ କର୍ମୀ ଆମ୍ଭକୁ କୌଣସି ଚାନ୍ଦା ମଗାଯାଇ ନ ଥିବା ଏବଂ ଆମ୍ଭେ କାହାକୁ ଚାନ୍ଦା ଦେଇନୁ ବୋଲି ମତ ରଖିଥିବା ବେଳେ ଜଣେ କର୍ମୀ ଏହା ସ୍ୱୀକାର କରିଥିଲେ। ସ୍ୱୀକାର କରିଥିବା କର୍ମୀ ସବିଶେଷ ତଥ୍ୟ ରଖି ପାରି ନ ଥିବା ଅଧିକାରୀ ତଥା ତହସିଲଦାର ତ୍ରିପାଠୀ ପ୍ରକାଶ କରିଥିଲେ।

ପୁନର୍ବାର ଆଉ ଥରେ ସେଣ୍ଟର ୱାଇଜ ତଦନ୍ତ କରାଯିବାର ଆବଶ୍ୟକତା ରହିଥିବାରୁ ଆଉ ଏକ ଦିନ ଧାର୍ଯ୍ୟ କରାଯାଇ ତଦନ୍ତ କରାଯିବ ବୋଲି ତହସିଲଦାର ତ୍ରିପାଠୀ ପ୍ରକାଶ କରିଥିଲେ। ଏହି ତଦନ୍ତ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ଅଧିକାରୀଗଣ କହିଥିଲେ। ତଦନ୍ତ ସମ୍ପର୍କରେ କେତେଜଣ ଅଙ୍ଗନୱାଡି କର୍ମୀଙ୍କୁ ଘଟଣାର ସତ୍ୟତା ସମ୍ପର୍କରେ ପଚାରିବାରେ କେତେକ ଖଳ ପ୍ରକୃତିର ଲୋକ ସିଡିପିଓଙ୍କୁ ବଦନାମ କରିବାକୁ ହୀନ ଚକ୍ରାନ୍ତ କରିଥିବା ପ୍ରକାଶ କରିଥିଲେ। ଆବଶ୍ୟକସ୍ଥଳେ ଏହି ବ୍ଲକ ଅଧୀନରେ ଥିବା ସମସ୍ତ କର୍ମୀ ଓ ସହାୟିକା ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ମତ ରଖିଥିଲେ। ଅନ୍ୟପକ୍ଷରେ ଚାକିରିର ଭୟ ଦେଖାଯାଇଥିବାରୁ ସତ୍ୟତାକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି ବୋଲି ଭାଜପା ପକ୍ଷରୁ କୁହାଯାଇଛି।



ଅଙ୍ଗନୱାଡି କର୍ମୀମାନଙ୍କ ବୟାନ ରେକର୍ଡ କରାଯାଉଛି।



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।

- ଚାଣକ୍ୟ



## ସଂକ୍ଷେପରେ

### ଦୋକାନରୁ ଚୋରି

ନିଆଳି, ୧୮।୮ (ଡି.ଏନ୍.ଏ.): ନିଆଳି ବଜାରର ଦୁର୍ଗା ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ଜଣେ ବ୍ୟବସାୟୀଙ୍କ ଦୋକାନରୁ ଚୋରି ହୋଇଥିବା ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଉକ୍ତ କମ୍ପ୍ଲେକ୍ସରେ ଖାଜେ ଇଲିଆଜ୍ ନାମକ ବ୍ୟକ୍ତି ଗାର୍ମେଣ୍ଟସ୍ ଦୋକାନ କରି ବ୍ୟବସାୟ କରିଆସୁଥିଲେ। ଗତ ଶୁକ୍ରବାର ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ହେବାରୁ ସେ ଦୋକାନରେ ୧ ଲକ୍ଷ ୯୫ହଜାର ଟଙ୍କା ରଖି ଘରକୁ ପଳାଇଥିଲେ। ହେଲେ ରାତିରେ କେହି ଦୁର୍ବୃତ୍ତ ଉକ୍ତ ଦୋକାନର ପଛପଟ ଶଟର କାଟି ଭିତରେ ପଶିଥିଲେ। ପରେ ଦୋକାନ ଡ୍ରୟରର ଚାବି ଭାଙ୍ଗି ସେଥିରେ ଥିବା ଉକ୍ତ ଟଙ୍କା ନେଇଯାଇଥିଲେ। ଶନିବାର ସକାଳେ ଦୋକାନ ଖୋଲିବା ପରେ ଖାଜେ ଇଲିଆଜ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ନିଆଳି ପୋଲିସ ଅପରାହ୍ଣରେ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରିଥିଲା। ଏ ନେଇ ନିଆଳି ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କୁହନ୍ତି, ଉକ୍ତ ଘଟଣା ପରେ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଣଙ୍କୁ ଅଟକ ରଖାଯାଇଛି। ଉକ୍ତ ଦୋକାନ ନିକଟରେ ଥିବା ଅନ୍ୟ ଦୋକାନର ସିସିଟିଭି କ୍ୟାମେରାକୁ ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଚୋରି ହୋଇଥିବା ଟଙ୍କା ଉଦ୍ଧାର କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ଚାଉଳିଆଗଞ୍ଜ ଅଞ୍ଚଳରୁ ନାବାଳକ ଉଦ୍ଧାର

କଟକ ଅଫିସ, ୧୮।୮: ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାର ଅଞ୍ଚଳରୁ ଜଣେ ନାବାଳକଙ୍କୁ ଉଦ୍ଧାର କରି ଶନିବାର କଟକ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ଙ୍କୁ ଜିମା ଦେଇଛି କ୍ୟାଣ୍ଟନମେଣ୍ଟ ପୋଲିସ। ସିଡବ୍ଲୁସି ଉକ୍ତ ନାବାଳକଙ୍କୁ ତାଙ୍କ ବାପାଙ୍କ ଜିମା ଦେଇଛି। ସୂଚନା ଅନୁଯାୟୀ, କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ନାବାଳକଙ୍କ ପରିବାର ରୁହନ୍ତି। ଗତ ମଙ୍ଗଳବାର ନାବାଳକ ଜଣଙ୍କ ଘରୁ କେଉଁଆଡେ ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ଏ ନେଇ ନାବାଳକଙ୍କ ବାପା କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, କୈବଲ୍ୟ ବିହାରରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ନାବାଳକ ରହିଛନ୍ତି। କ୍ୟାଣ୍ଟନମେଣ୍ଟ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ଚଢାଉ କରି ନାବାଳକଙ୍କୁ ଉଦ୍ଧାର କରିଥିଲା।

### ସୋମନାଥ ଚାଟାର୍ଜୀଙ୍କ ସ୍ମୃତିସଭା

କଟକ ଅଫିସ,୧୮।୮: ପ୍ରସିଦ୍ଧ ଆଇନ ବିଶାରଦ ତଥା ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ବିୟୋଗରେ ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ୍‌ର ସଭାପତି ତଥା ଆଇନଜୀବୀ ବରଦା ପ୍ରସନ୍ନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଚାଟାର୍ଜୀଙ୍କ ଭଳି ଆଦର୍ଶବାଦୀ ବ୍ୟକ୍ତିଙ୍କ ବିୟୋଗ ଭାରତବର୍ଷ ପାଇଁ ଦୁଃଖଦ ଘଟଣା। ରାଜନୀତି କ୍ଷେତ୍ରରେ ତାଙ୍କ ପଦକ୍ଷେପ ସବୁବେଳେ ଭାରତ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ସଭାରେ ମତପ୍ରକାଶ ପାଇଥିଲା। ଫୋରମ୍‌ର ଉପସଭାପତି ତାପସ ଦ୍ୱିବେଦୀ, ଆଇନଜୀବୀ ଘନଶାମ ମୁଦୁଲି, ସୂର୍ଯ୍ୟକାନ୍ତ ପଲାଇ, ବିଷ୍ଣୁଚରଣ ମହାପାତ୍ର, ସର୍ବେଶ୍ୱର ନାୟକ, ଗିରିଧାରୀ ରାଉତ, ଦିଲୀପ ରାୟ, ରୀତା ଦେବୀ, କୈଳାସ ଲେଙ୍କା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

### ବଜ୍ରପାତରେ ବୃଦ୍ଧ ମୃତ

ବାଙ୍କୀ,୧୮।୮(ବି.ପ୍ର.): ବଜ୍ରପାତ ଘଟି ଶନିବାର ଅପରାହ୍ଣରେ ବାଙ୍କୀ ବୈଦେଶ୍ୱର ଥାନା ଅଧୀନ ନୂଆଗାଁ ଖଜୁରୀପଦା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମୀନକେତନ ନାୟକ(୬୫)। ସେ ଧାନ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ଅଚେତ ହୋଇ ପଡ଼ିଥିଲେ। ନିକଟରେ କାମ କରୁଥିବା ଚାଷୀ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କଳାପଥର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବାଙ୍କୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ନନ୍ଦିସାହି ଲୁଟ୍ ଘଟଣାର ପର୍ଦ୍ଦାଫାଶ

# ୩ ନୁହେଁ, ୧୩ ସାମିଲ ଥିଲେ

କଟକ ଅଫିସ,୧୮।୮

କଟକ ନନ୍ଦିସାହିର ବ୍ୟବସାୟୀ ସୁମିତ କୁମାର ବଣିଆଙ୍କଠାରୁ ସାଢ଼େ ୭ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୩ ନୁହେଁ ୧୩ଜଣ ସାମିଲ ଥିଲେ। ପୋଲିସ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଅଭିଯୁକ୍ତ ଏବେ ମଧ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବନ୍ଧୁକ, ୬ ମୋବାଇଲ ଫୋନ, ୧ଲକ୍ଷ ୩୦ ହଜାର ଟଙ୍କା ସହ ଲୁଟ୍‌ବେଳେ ବ୍ୟବହାର ହୋଇଥିବା ତିନିଟି ବାଇକ(ଓଡି୦୫ଏଇ ୮୧୩୦, ଓଡି୩୩ଆର୫୧୪୫, ଓଡି୦୫ଏଏଚ ୨୭୧୫) ଏବଂ ଲୁଟ୍ ପଇସାରେ କିଣାଯାଇଥିବା ଗୋଟିଏ ନୂଆ ବୁଲେଟକୁ ଜବତ କରିଛି ପୋଲିସ। ଏହି ଘଟଣାର ମାଷ୍ଟରମାଇଣ୍ଡ ହେଉଛନ୍ତି ସୁମିତ୍‌ଙ୍କ ଜଣେ ପରିଚିତ ବ୍ୟକ୍ତି। ପୋଲିସ ୨ ଅଭିଯୁକ୍ତଙ୍କ ଫୋନ କଲ ଯାଞ୍ଚ କରିବାବେଳେ ସମସ୍ତ ଅଭିଯୁକ୍ତ ଓ ଲୁଟ୍ ପ୍ଲାନିଂ ସମ୍ପର୍କରେ ଜାଣିବାକୁ ପାଇଥିଲା।

ସୁମିତ୍‌ଙ୍କର ପୀଠାପୁରରେ ପ୍ଲାଷ୍ଟିକ୍ ଆସବାବପତ୍ର ଦୋକାନ ରହିଛି। ସେ ଗତ ୨ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଦୋକାନ ବନ୍ଦ କରି ଆକ୍ଟିଭା ଯୋଗେ ଘରକୁ ଯାଉଥିଲେ। ଏହି ସମୟରେ ତିନିଜଣ ଯୁବକ ପିଛା କରି ଆସି ତାଙ୍କ ଆଖିକୁ କିଛି କେମିକାଲ ସ୍ପ୍ରେ କରିଥିଲେ। ସୁମିତ୍ ଅଟକି ଯିବା ପରେ ସେମାନେ ତାଙ୍କ ଗାଡ଼ିକୁ ନେଇ ପଳାଇଯାଇଥିଲେ। ଉକ୍ତ ଗାଡ଼ିରେ ସାଢ଼େ ୭ଲକ୍ଷ ଟଙ୍କା ଥିଲା। ଏନେଇ ସୁମିତ୍‌ଙ୍କ ଅଭିଯୋଗ କ୍ରମେ ପୁରୀଘାଟ ଥାନାରେ ଆଇପିସି ଦଫା ୩୯୪,୩୪ ଓ ଆର୍ମ୍ସ ଆକ୍ଟ ୨୫,୨୭ ଅନୁଯାୟୀ ଏକ ମାମଲା(୧୧୮/୧୮) ରୁଜୁ ହୋଇଥିଲା। ପୋଲିସ୍ ୩ ଅଭିଯୁକ୍ତଙ୍କୁ ନେଇ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଘଟଣାରେ ୧୩ଜଣଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଅଭିଯୁକ୍ତମାନେ ହେଲେ ଭରତ ଖୁଣ୍ଟିଆ ଓରଫ ବୁଲୁ, ସୌମ୍ୟରଞ୍ଜନ ସାହୁ, ସଞ୍ଜୟ ବେହେରା, ଚନ୍ଦନ ବେହେରା, ଅନିଲ ବେହେରା ଓରଫ ଚିକୁ, ବୀରେନ୍ଦ୍ର ନାୟକ ଓରଫ ଟୁଟୁଲି, ସିତୁନ କୁମାର ସାହୁ, ଅନନ୍ତ ପ୍ରସାଦ ମହାରଣା ଓରଫ ସିକନ, ଲୋକେନ୍ ଗୁରୁ, ବି. ଶ୍ୟାମ, ରୋହିତ ରଞ୍ଜନ ମହାପାତ୍ର ଓରଫ ବାବା, ଏସ୍.କେ. ରିଆଜ୍ ବକ୍ସ ଓ ସଞ୍ଜୟ ନାୟକ।

ସୁମିତ୍‌ଙ୍କ ସନ୍ଦେହ ବୁଲୁଙ୍କ ଉପରେ ହୋଇଥିଲା। ବୁଲୁ ସୁମିତ୍‌ଙ୍କ ଦୋକାନ ସାମ୍ନାରେ ରୁହନ୍ତି। ଘଟଣା ଦିନ ସୁମିତ୍ ଦୋକାନରୁ ବାହାରିବାବେଳେ ବୁଲୁ ମୋବାଇଲରେ କାହା ସହିତ କଥା ହେଉଥିଲେ। ଏନେଇ ପୋଲିସ ବୁଲୁଙ୍କୁ ପଚରାଉଚରା କରିବା ସହ ତାଙ୍କ ଫୋନ କଲ୍ ଯାଞ୍ଚ କରିଥିଲା। ଯାଞ୍ଚରୁ ଅଭିଯୁକ୍ତ ଲୋକେନ ଗୁରୁଙ୍କ ଉପରେ ପୋଲିସ ସନ୍ଦେହ କରିଥିଲା। ତାଙ୍କୁ ପଚରାଉଚରା ଓ ତାଙ୍କ ଫୋନ କଲ୍ ଯାଞ୍ଚ ପରେ ସମସ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଏଥିସହ ଲୁଟ୍ ପଛର ପ୍ଲାନିଂ ଜଣାପଡ଼ିଥିଲା। ବୁଲୁ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ବା ମାଷ୍ଟରମାଇଣ୍ଡ। ସୁମିତ୍‌ଙ୍କ ସମସ୍ତ ଗତିବିଧି ଉପରେ ବୁଲୁଙ୍କ ନଜର ରହିଥିଲା। ସେ ମୋଟା ଅଙ୍କର ଟଙ୍କା ଆକ୍ଟିଭାରେ ପ୍ରାୟ ନେଉଥିବା ବୁଲୁ ଭଲ ଭାବେ ଜାଣିଥିଲେ। ଏଣୁ ସେ ଲୁଟ୍ କରିବାକୁ ପ୍ଲାନିଂ କରିଥିଲେ। ଏଥିପାଇଁ ସେ ତାଙ୍କ ସାଙ୍ଗ ଲୋକେନ, ସିକନଙ୍କୁ ଜଣାଇଥିଲେ। ଏହାପରେ ଲୁଟ୍ ପାଇଁ ଉପରୋକ୍ତ ୧୩ଜଣଙ୍କୁ ନେଇ ଗଠନ ହୋଇଥିଲା ଟିମ୍। ଘଟଣା ଦିନ ବୁଲୁଙ୍କଠାରୁ ସୂଚନା ପାଇ ସୌମ୍ୟରଞ୍ଜନ, ସଞ୍ଜୟ, ଚନ୍ଦନ, ଚିକୁ, ଟୁଟୁଲି, ସିତୁନ, ସିକନ ଓ ଲୋକେନ୍ ତିନିଟି ବାଇକରେ ସୁମିତଙ୍କୁ ପିଛା କରିଥିଲେ। ଅଭିଯୁକ୍ତ ଶ୍ୟାମ, ରୋହିତ ଓ ସଞ୍ଜୟ ନାୟକ ସେମାନଙ୍କୁ ସହଯୋଗ କରିଥିଲେ। ନନ୍ଦିସାହି ପାଖରେ ସୁମିତ୍‌ଙ୍କୁ ଘେରି ଯାଇଥିଲେ ଚିକୁ, ଟୁଟୁଲି ଓ ସିତୁନ। ଅଳ୍ପ ଦୂରରେ ରହିଥିଲେ ଅନ୍ୟ ଅଭିଯୁକ୍ତମାନେ। ଦେଖୁ ଦେଖୁ ସେମାନେ ସୁମିତ୍‌ଙ୍କ ଆଖିରେ କେମିକାଲ ସ୍ପ୍ରେ କରିବା ସହ ଆଖପାଖ ଲୋକଙ୍କୁ ଭୟଭୀତ କରିବାକୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହାପରେ ଚିକୁ ସୁମିତ୍‌ଙ୍କଠାରୁ ଗାଡ଼ି ଛଡ଼ାଇ ନେଇ ପଳାଇଯାଇଥିଲେ। ଚିକୁଙ୍କୁ ଶୁକ୍ରବାର ପୋଲିସ ଏନ୍‌କାଉଣ୍ଟର କରି କାବୁ କରିଥିଲା। ଲୁଟ୍ ଟଙ୍କା ମଧ୍ୟରୁ ଅଧିକ ଭାଗ ସିତୁନ ଓ ଚନ୍ଦନଙ୍କ ପାଖରେ ରହିଥିବାବେଳେ ସେମାନେ ଫେରାର ହୋଇଯାଇଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରୁ ସିକନ ଲୁଟ୍ ଟଙ୍କାରେ ଏକ ବୁଲେଟ କିଣିଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ ଶନିବାର ଆୟୋଜନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଚିକୁ ଏବେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ରହିଛି।



ଗିରଫ ଅଭିଯୁକ୍ତ।





ଜବତ ମୋବାଇଲ, ଟଙ୍କା, ବନ୍ଧୁକ ଓ ବାଇକ।

■ଫୋନକଲ ଯାଞ୍ଚରୁ ଧରାପଡ଼ିଲେ ଲୁଟ୍ ଟିମ୍

■ପରିଚିତ ବ୍ୟକ୍ତି ଥିଲେ ମାଷ୍ଟରମାଇଣ୍ଡ

ଭାଇବୋହୂଙ୍କୁ ଅସଦାଚରଣ ମାମଲା

## ଦେଢଶୁରଙ୍କୁ ଜେଲ୍ ଦଣ୍ଡ

କଟକ ଅଫିସ, ୧୮।୮

ଭାଇବୋହୂଙ୍କୁ ଅସଦାଚରଣ କରିବା ମାମଲାରେ କଟକ ଜିଲା ଓ ଦୌରାଜଜ ସତ୍ୟନାରାୟଣ ମିଶ୍ର ଜଣେ ଅଭିଯୁକ୍ତ ଦେଢଶୁରଙ୍କୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତଙ୍କ ଘର ନିଆଳି ଥାନା ଅଧୀନ ସୁନ୍ଦରପା ଗ୍ରାମରେ। ଅଭିଯୁକ୍ତଙ୍କୁ ୨ବର୍ଷ ୩ମାସ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ୩ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅଗଷ୍ଟ ୧୫ ତାରିଖ ସକାଳେ ଅଭିଯୁକ୍ତଙ୍କ ସାନଭାଇଙ୍କ ସ୍ତ୍ରୀ(ଭାଇବୋହୂ) ଘରପାଖ ନଳକୂପରେ ଗାଧୋଉଥିଲେ। ଏହି ସମୟରେ ଅଭିଯୁକ୍ତ ପଛପଟୁ ଆସି ତାଙ୍କୁ ଅସଦାଚରଣ କରିଥିଲେ। ଚିତ୍କାର ଶୁଣି ଅଭିଯୁକ୍ତଙ୍କ ସ୍ତ୍ରୀ ଘଟଣାସ୍ଥଳକୁ ଆସିବାରୁ ସେ ଅଧିକ ରାଗିଯାଇ ଭାଇବୋହୂଙ୍କୁ ଛାଡି ଦେଇ ନିଜ ସ୍ତ୍ରୀଙ୍କୁ ମାଡ ମାରିଥିଲେ। ସୂଚନାଥାଉ କି, ଅଭିଯୁକ୍ତଙ୍କ ସାନଭାଇ ଏକ ପେଟ୍ରୋଲ ପମ୍ପରେ ସେଲ୍ସମ୍ୟାନଭାବେ କାର୍ଯ୍ୟ କରୁଥିବାବେଳେ ସେ ମାସକୁ ୨ରୁ ୩ଦିନ ଘରକୁ ଆସନ୍ତି। ବଡଭାଇ ଠାରୁ ଅଲଗା ହେବା ପରେ ସାନଭାଇଙ୍କ ସ୍ତ୍ରୀ ନିଜର ଦୁଇ ପିଲାଙ୍କୁ ଧରି ଘରେ ରହିଥାନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ।



ଓଡ଼ିଶା ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହାଇକୋର୍ଟ ସ୍ତରୀୟ ଲୋକ ଅଦାଲତ।

## ଭିନ୍ନକ୍ଷମଙ୍କ ନାଁରେ ଜାଗା ଥିଲେ ମିଳିବ ଘର

କଟକ ସଦର,୧୮।୮(ଡି.ଏନ୍.ଏ.)

ରାଜ୍ୟ ସରକାର ଭିନ୍ନକ୍ଷମ ବର୍ଗର ଯୋଗ୍ୟ ବ୍ୟକ୍ତିମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ ପ୍ରତିଶତ ସଂରକ୍ଷିତ ରଖିଛନ୍ତି। ଯେଉଁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମରେ ଜାଗା ଥିବ ସେମାନଙ୍କୁ ସରକାରୀ ଗୃହ ମିଳିବ ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଅଧକ୍ଷା ଡା. ମିନତୀ ବେହେରା କହିଛନ୍ତି। କଟକ ସଦର ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡା. ବେହେରା ଏହା କହିଛନ୍ତି। ଅନେକ ବ୍ୟକ୍ତି ଭିନ୍ନକ୍ଷମ ହୋଇ ଘର ପାଇଥିଲେ ମଧ ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ବାରଣ୍ଡାରେ ଶୋଇବାକୁ ବାଧ ହେଉଛନ୍ତି। ସେଥିପାଇଁ ଆୟୁକ୍ତ ଏହି ନିୟମକୁ ଦୃଢଭାବେ ଲାଗୁ କରିବା ପାଇଁ କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଙ୍ଗାଧର ମେହେରଙ୍କ ସ୍ମୃତି ସନ୍ଧ୍ୟା

କଟକ ଅଫିସ,୧୮।୮

କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାକ୍ ସ୍ୱାଧୀନତା କାଳରେ ମାତୃଭାଷାର ସୁରକ୍ଷା ପାଇଁ ଯେଉଁମାନେ ଆଗକୁ ଆସି ଭାଷା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରେ ଗଙ୍ଗାଧର ଥିଲେ ଅନ୍ୟତମ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ତାଙ୍କର ସଂଗ୍ରାମ ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ରବୀନ୍ଦ୍ର କୁମାର ସେଠୀ, ନଳିନୀ ନାୟକ, ବିଦ୍ୟୁତ୍ କୁମାରୀ ଲାଲା, ବନଲତା ସିଂ, ଭୁବନାନନ୍ଦ ମହାନ୍ତି, ମୁକେଶ ସୋନୀ, ଗଗନ ଚନ୍ଦ୍ର ମେହେର, ଉତ୍ତମ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଷ୍ଣବ ପରିଡ଼ା ଧନ୍ୟବାଦ ଦେଇଥିଲେ।




ଗଙ୍ଗାଧର ମେହେର ସ୍ମୃତି ସନ୍ଧ୍ୟାରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।

## ଜଗତ୍‌ସିଂହପୁରରୁ କଟକ ଜିଲାକୁ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ଉଦ୍ୟମ

କଟକ ସଦର, ୧୮।୮(ଡି.ଏନ୍.ଏ.)

୧୯୯୩ ମସିହାରୁ କଟକ ଜିଲାର ବିଭାଜନ ଘଟି ଜଗତ୍‌ସିଂହପୁର ଜିଲା ସୃଷ୍ଟି ହୋଇଥିଲା। ସେହିବର୍ଷଠାରୁ କଟକ ଜିଲାର ୧୯ଟି ପଞ୍ଚାୟତର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଜଗତ୍‌ସିଂହପୁର ଜିଲା ପ୍ରଶାସନ ଅଧୀନରେ ରହିଆସିଛି। ବହୁ ଦାବି ପରେ କଟକ ଜିଲାକୁ ଏହି ସବୁ ପଞ୍ଚାୟତର ପ୍ରାଥମିକଠାରୁ ଆରମ୍ଭ କରି ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୋଟ୍ କେତେ ସ୍କୁଲ ଜଗତ୍‌ସିଂହପୁର ଜିଲାରେ ରହିଛି ତାହାର ହିସାବ ନେବା ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜିଲା ଶିକ୍ଷାଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଫଳରେ ୨୫ ବର୍ଷ ପରେ କଟକ ଜିଲାକୁ ଶିକ୍ଷା ବ୍ୟବସ୍ଥା ଆସିବା ଆଶା ସଞ୍ଚାର ହୋଇଛି। କଟକ ସଦର ବ୍ଲକର ୬ଟି ଓ ସାଲେପୁର ବ୍ଲକ ଅଧୀନ ୪ଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ବିରିଡି ବ୍ଲକ ଅଧୀନରେ ରହିଥିବାବେଳେ ରଘୁନାଥପୁର ବ୍ଲକରେ ୯ଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ କଟକ ସଦର ବ୍ଲକର ୨ଟି ପଞ୍ଚାୟତ ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ପଞ୍ଚାୟତ ଅନ୍ତର୍ଭୁକ୍ତ। ୨୦୦୩ ମସିହାରୁ ପ୍ରାଥମିକ ଶିକ୍ଷାର ନିୟନ୍ତ୍ରଣ ପଞ୍ଚାୟତିରାଜ ବିଭାଗକୁ ଆସିଥିଲେ ମଧ ଏହି ୧୯ଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା କଥା ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟମାନେ ଜାଣିପାରୁ ନ ଥିଲେ। କାରଣ ଏମାନଙ୍କୁ ବିରିଡି ଓ ରଘୁନାଥପୁର ପଞ୍ଚାୟତ ସମିତି ବୈଠକକୁ ଡକାଯାଇ ନ ଥାଏ। ଶିକ୍ଷା ବ୍ୟବସ୍ଥାକୁ ନିଜ ଜିଲାକୁ ଆଣିବା ପାଇଁ କିଶନ ନଗର ବିକାଶ ମଞ୍ଚ ଉଦ୍ୟମ ଆରମ୍ଭ କରି ୧୨ ତାରିଖରେ ସ୍ଥାନୀୟ ତହସିଲ ସମ୍ମୁଖରେ ଏହାର ସଭ୍ୟମାନେ ଅନଶନରରେ ବସିଥିଲେ।

## ଦିଲ୍ଲୀରେ ଓଡ଼ିଆ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

ନରସିଂହପୁର,୧୮।୮(ସ୍ୱ.ପ୍ର.)

କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ବାଲିଝରି ଗ୍ରାମର ଯବାନ ବିଜୟ କୁମାର କଟକିଆ(୩୫)ଙ୍କ ଦିଲ୍ଲୀର ମିରଟ ସହରରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ଆର୍ମି ବିଭାଗର ଏଏସ୍‌ସି ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ବିଭାଗ ପକ୍ଷରୁ ପରିବାରକୁ ମିଳିଥିବା ସୂଚନା ଅନୁସାରେ, ଏକ ସଡ଼କ ଦୁର୍ଘଟଣାରେ ବିଜୟଙ୍କ ସମେତ ଅନ୍ୟ ୩ ଯବାନଙ୍କ ମୃତ୍ୟୁ ଘଟିଛି। ବିଜୟଙ୍କ ମୃତଦେହକୁ ଶନିବାର ଭୁବନେଶ୍ୱର ପଠାଇ ଦିଆଯାଇଛି। ରବିବାର ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଆକ୍ରମଣରେ ବିଜୟଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ବିଭାଗୀୟ ଅଧିକାରୀ ଓ ମୃତଦେହ ଗାଁରେ ପହଞ୍ଚିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି। ଏଭଳି ଏକ ଦୁଃଖଦ ଖବର ପ୍ରଚାରିତ ହେବାପରେ ନରସିଂହପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




କ୍ୟାଡର ପୁନର୍ବିନ୍ୟାସ ବିଜ୍ଞପ୍ତି ପ୍ରକାଶନ ବିଳମ୍ବ ନେଇ ଓଡ଼ିଶା ମୁଖ୍ୟ ଦପ୍ତର ସେକ୍ସନ ଅଫିସର ଓ ମିନିଷ୍ଟରିଆଲ ଅଫିସର ସଂଘର କଲମଛାଡ ଆନ୍ଦୋଳନ ଅବସରରେ ଶନିବାର ବୋର୍ଡ ଅଫ ରେଭେନ୍ୟୁ ଅଫିସ୍ ସମ୍ମୁଖରେ କର୍ମଚାରୀମାନେ ବସିଛନ୍ତି।



ଚୌଧୁରୀ ବଜାର କଲ୍ୟାଣ ମଣ୍ଡପଠାରେ କଟକ ମହାନଗର ନିଗମ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- ଚାଣକ୍ୟ



# ସ୍ଥାୟୀ ହେବେ ଶ୍ରୀମନ୍ଦିର ଠିକା କର୍ମଚାରୀ

ପୁରୀ ଅଫିସ, ୧୮।୮

ସ୍ଥାୟୀ ହେବେ ଶ୍ରୀମନ୍ଦିର ଠିକା କର୍ମଚାରୀ। ଏ ସଂକ୍ରାନ୍ତରେ ଶନିବାର ଅନୁଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ଆଲୋଚନା ହୋଇଛି। ସରକାରୀ ନୀତି ନିୟମକୁ ଭିତ୍ତି କରି ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ଲାଗି ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି ପରିଚାଳନା କମିଟି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ୫୪୭ ପଦବୀ ରହିଛି। ସେଥିମଧ୍ୟରୁ ୩୧୩ଟି ଖାଲି ପଡ଼ିଛି। ୨୪୩ଟି ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ଅନୁମୋଦନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଏଥିଲାଗି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ସେଥିରେ ଅସଙ୍ଗତି ରହିଥିବାରୁ ଅଧାରେ ତାହା ଫସର ଫାଟିଛି। ଅନ୍ୟପକ୍ଷରେ ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱଳ୍ପ ବେତନରେ ଠିକାରେ କେତେକ କର୍ମଚାରୀ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନଙ୍କୁ ସ୍ଥାୟୀ କରାଯାଉନାହିଁ। ୨୪୩ ପଦବୀ ପୂରଣ ବେଳେ ଶ୍ରୀମନ୍ଦିର ଠିକା କର୍ମଚାରୀଙ୍କ ପାଇଁ ଯେଉଁ ସର୍ତ୍ତ ରଖାଯାଇଥିଲା, ତାହାକୁ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନିଯୁକ୍ତି ପ୍ରକ୍ରିୟା ବାତିଲ କରିଛି। ନୂତନ ନିଯୁକ୍ତି ପ୍ରକ୍ରିୟାରେ ଶ୍ରୀମନ୍ଦିର ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା ଲାଗି ଏଷ୍ଟାବ୍ଲିଶମେଣ୍ଟ ସବ୍ କମିଟି ସୁପାରିସ କରିଥିଲା। ଶନିବାର ଏ ନେଇ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି।

ଅନ୍ୟପକ୍ଷରେ ଏଷ୍ଟାବ୍ଲିଶମେଣ୍ଟ ସବ୍ କମିଟିର ଅଧ୍ୟକ୍ଷ ଜିଲାପାଳ ଥିଲେ। ପରିଚାଳନା କମିଟି ତାହାକୁ ପରିବର୍ତ୍ତନ କରିଛି। ଏଣିକି ମୁଖ୍ୟ ପ୍ରଶାସକ ଏହି କମିଟିର ଅଧ୍ୟକ୍ଷ ରହିବା ଲାଗି ସ୍ଥିର ହୋଇଛି। କେଉଁ ଆଧାରରେ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ, ତାହାର ନିୟମାବଳୀ ପ୍ରସ୍ତୁତ ହେବ। କର୍ମଚାରୀଙ୍କ ସ୍ଥାୟିତ୍ୱକୁ ନେଇ ଏକ ସପ୍ତାହ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ଜଣାପଡ଼ିଛି।

- ମୁଖ୍ୟ ପ୍ରଶାସକ ଏଷ୍ଟାବ୍ଲିଶମେଣ୍ଟ ସବ୍ କମିଟି ଅଧ୍ୟକ୍ଷ
- ୪ ପୁଷ୍କରିଣୀର ତଦାରଖ ଦାୟିତ୍ୱ ନାଲ୍‌କୋକୁ ଦେବାକୁ ପ୍ରସ୍ତାବ
- ଶ୍ରୀମନ୍ଦିରକୁ ମିଳିନି ମେଡିକାଲ କଲେଜ ବଦଳ ଜମି
- ଆଗଉନି ୫ ପ୍ରକଳ୍ପ, ଗଠନ ହେଲା ବୈଷୟିକ କମିଟି

ଗଜପତିମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିଲା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଲଗାଣ ବର୍ଷାରେ ମାର୍କଣ୍ଡ ପୁଷ୍କରିଣୀ ଏବଂ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପାଚେରୀ ଭୁଶୁଡ଼ି ପଡ଼ିଛି। ଶ୍ୱେତଗଙ୍ଗା ଏବଂ ନରେନ୍ଦ୍ରର ସ୍ଥିତି ମଧ୍ୟ ସଙ୍ଗିନ। ଏହି ୪ ପୁଷ୍କରିଣୀର ମରାମତି, ରକ୍ଷଣାବେକ୍ଷଣ ଓ ସଫେଇ କାର୍ଯ୍ୟ ଆଇକନିକ ସିଟି ଯୋଜନାରେ ସାମିଲ କରି ହାତକୁ ନେବାକୁ ନାଲ୍‌କୋକୁ ପ୍ରସ୍ତାବ ଦିଆଯିବାକୁ ବୈଠକରେ ଆଲୋଚନା ହୋଇଛି। ବାଲିଗୁଆଳି ଠାରେ ନିର୍ମାଣାଧୀନ ମେଡିକାଲ କଲେଜ ପାଇଁ ୨୫ଏକର ଜମି ଶ୍ରୀମନ୍ଦିର ପ୍ରଶାସନ ଦେଇଥିଲା। ଏହି ଜମି ବଦଳରେ ସମ ପରିମାଣର ଜମି ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରଶାସନକୁ ଦେବାକୁ ସର୍ତ୍ତ ରହିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଜମି ମିଳି ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ଦିଗରେ ପଦକ୍ଷେପ ନେବା ଲାଗି ଜିଲାପାଳଙ୍କୁ ପରିଚାଳନା କମିଟି ପରାମର୍ଶ ଦେଇଛି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି। ଶ୍ରୀମନ୍ଦିର ପ୍ରଶାସନର ଅଗୋଚରରେ ରାଜ୍ୟ ସରକାର ତାହାର ଉନ୍ନତି ପାଇଁ ସ୍ୱତନ୍ତ୍ର ଅନୁଦାନ ଯୋଗାଉଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଅଜ୍ଞାତରେ ଏହି କାର୍ଯ୍ୟ ଚାଲିଥିବାରୁ ବୈଠକରେ କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଶ୍ରୀମନ୍ଦିରର ୟୁନିଫର୍ମ ପଲିସିରେ କିଛି ପରିବର୍ତ୍ତନ ଆଣି ଅନୁମୋଦନ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଆଇନ ବିଭାଗକୁ ପଠାଇଛି। କିନ୍ତୁ ତାହାକୁ ଅନୁମୋଦନ ମିଳୁ ନ ଥିବାରୁ ଗତ ୩ ବର୍ଷ ହେଲା ଜମି ବିକ୍ରି ଠପ ହୋଇଯାଇଛି। ପୁରୀ ସହରରୁ ଆସିଥିବା ଆବେଦନଗୁଡ଼ିକର ଯାଞ୍ଚ କରି ଲ୍ୟାଣ୍ଡ ସବ୍ କମିଟିର ଅନୁମୋଦନ କରାଇବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ସେବାୟତ ବିଦ୍ୟାଳୟ, ସେବାୟତ ବାସଗୃହ ଭଳି ଶ୍ରୀମନ୍ଦିର ପ୍ରଶାସନର ୫ଟି ବୃହତ୍ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରିବା ଲାଗି ଏକ ବୈଷୟିକ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଇଞ୍ଜିନିୟର ଧର୍ମପଦ ମିଶ୍ର, ଆର୍କିଟେକ୍ଟ ବି.ବି. ରଥ, ଶ୍ରୀମନ୍ଦିର ଅଧୀକ୍ଷଣ ଯନ୍ତ୍ରୀ ବିନ୍ଧେଶ୍ୱର ପାତ୍ର, ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ପ୍ରମୁଖଙ୍କୁ ନିଆଯାଇଥିବା ଜଣାପଡ଼ିଛି। ସେବାୟତ ବିଦ୍ୟାଳୟ ଲାଗି ଏକ ପ୍ରୋଜେକ୍ଟ ରିପୋର୍ଟ ଏକମାସ ମଧ୍ୟରେ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି।

## ୮ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ,୧୮।୮:** ପୁରୀ ଅବକାରୀ ପୋଲିସ ଶନିବାର ଭୂଦାନ ନଗର ଅଞ୍ଚଳରୁ ୮ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ପେଣ୍ଠକଟା ଅଞ୍ଚଳର ରାମଚନ୍ଦ୍ର ନାୟକ। ତାଙ୍କ ଠାରୁ ୧୨ଶହ ଟଙ୍କା ମଧ୍ୟ ଜବତ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ରାମଚନ୍ଦ୍ରଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡ଼ିଛି। ସେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ବିକ୍ରି କରୁଥିବା ଜେରା ବେଳେ ସ୍ୱୀକାର କରିଥିବା ଅବକାରୀ ଏସ୍‌ଆଇ ରାଜଶେଖର ସ୍ୱାଇଁ କହିଛନ୍ତି। ଶନିବାର ରାମଚନ୍ଦ୍ର ୫୦ଟି ବ୍ରାଉନ ସୁଗାର ପ୍ୟାକେଟ ଧରି ଭୂଦାନ ନଗର ଛକରେ ବିକ୍ରି କରୁଥିବା ଖବରପାଇ ଅବକାରୀ ବିଭାଗ ପାଖରେ ଖବର ପହଞ୍ଚିଥିଲା। ଅବକାରୀ ଅଧୀକ୍ଷକ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଉକ୍ତ ଅଞ୍ଚଳରେ ଚଢାଉ କରି ରାମଚନ୍ଦ୍ରଙ୍କ ଠାରୁ ବ୍ରାଉନସୁଗାର ଜବତ କରିବା ସହ ଗିରଫ କରିଥିଲା।

## ସଂକ୍ଷେପରେ

### ବଜ୍ରପାତରେ ୪ ଗୋରୁ ମୃତ



**ଗୋପ, ୧୮।୮(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ନାଗପୁର ପଞ୍ଚାୟତସ୍ଥିତ ଗୋଲପୁର ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତ ଘଟି ଚାରୋଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ଗୋଲପୁର ଗାଁ ମୁଣ୍ଡ ପଡ଼ିଆରେ ଲକ୍ଷ୍ମୀଧର ସେନାପତିଙ୍କ ୩ଟି ଓ ଛବି ବେହେରାଙ୍କ ଗୋଟିଏ ଗୋରୁ ଚରୁଥିବା ସମୟରେ ହଠାତ୍ ବଜ୍ରପାତ ଘଟିଥିଲା। ମୃତ ଗୋରୁଙ୍କ ମାଲିକମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପାଇଁ ପ୍ରସ୍ତାବ

**ପୁରୀ ଅଫିସ,୧୮।୮:** ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ମହାନ୍। ଏହାର ପ୍ରଚାର ପ୍ରସାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆହୁରି ଅଧିକ ପଦକ୍ଷେପ ନେବା ଦରକାର। ଶନିବାର ଓଡ଼ିଶାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏହି ପ୍ରସ୍ତାବ ଦିଆଯାଇଛି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ, ଭକ୍ତି ନିର୍ମାଲ୍ୟ, ଯୁବ ଚେତନା ସଙ୍ଗଠନ ଓ ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜେନ୍ଦ୍ର କୁମାର ମିଶ୍ର, ବିଶ୍ୱନାଥ ମିଶ୍ର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସ ମଧ ଉପସ୍ଥିତ ଥିଲେ।

### ବାଇକ୍ ଚୋରି କରି ୨ ନାବାଳକ ଧରାପଡିଲେ

**ପୁରୀ ଅଫିସ,୧୮।୮:** ବାଇକ୍ ଚୋରି କରି ଶନିବାର ଦୁଇଜଣ ନାବାଳକ ଧରା ପଡିଛନ୍ତି। ଜଣକ ଘର ଘଣାମଲ୍ଲ ସାହି ଏବଂ ଅନ୍ୟ ଜଣକ ଘର ଅଠରନଳା ବୋଲି ଜଣାପଡିଛି। ଟାଉନ ଥାନା ପୋଲିସ ସେମାନଙ୍କୁ ପଚରାଉଚୁରା କରୁଛି। ଝାଡ଼େଶ୍ୱରୀ ମନ୍ଦିର ନିକଟରେ ରହୁଥିବା ପ୍ରମୋଦ କୁମାର ରଥଙ୍କ ବାଇକ୍ ଶନିବାର ଅପରାହ୍ନ ୨ଟାରେ ଘର ବାରଣ୍ଡାରୁ ଚୋରି ହୋଇଯାଇଥିଲା। ଏ ନେଇ ସେ ଚାରିଆଡେ ଖୋଜାଖୋଜି କରିବା ସହ ସାଙ୍ଗସାଥୀଙ୍କୁ ଜଣାଇଥିଲେ। ଅପରାହ୍ନରେ ଦୁଇ ନାବଳକ ଉକ୍ତ ବାଇକ୍ ସହ ଥିବାବେଳେ ଏହା ଦେଖି ପ୍ରମୋଦଙ୍କ ସାଙ୍ଗମାନେ ସେମାନଙ୍କୁ କାବୁ କରିଥିଲେ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

**କଣାସ,୧୮।୮(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ନୀଳାଚଳସେବା ପ୍ରତିଷ୍ଠାନ ପରିସରରେ ଗତ ୧୬ତାରିଖରୁ ଆରମ୍ଭ ହୋଇଥିବା ବ୍ରହ୍ମଗିରି ବ୍ଲକର ୪ଟି ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, ସାମାଜିକ କର୍ମୀ ବିଭୂତି ଭୂଷଣ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୱାର୍ଡ ସଭ୍ୟାସଭ୍ୟ ସଚେତନ ହେଲେ ପଞ୍ଚାୟତର ବିକାଶ ହେବ ବୋଲି କହିଥିଲେ।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ



ଅତିଥିମାନେ ଆରୋଗ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

କଣାସ,୧୮।୮(ଡି.ଏନ୍.ଏ.)

ସାହୁପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ପ୍ରାୟ ୧୨ ପ୍ରକାର ରୋଗର ଚିହ୍ନଟ କରାଯାଇ ନିରାକରଣ କରାଯିବ। ଅଙ୍ଗନୱାଡି ଓ ଆଶାକର୍ମୀମାନେ ଘରଘର ବୁଲି ଏହି ରୋଗର ଲକ୍ଷଣ ଚିହ୍ନଟ କରିବେ। ଏଥିସହିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯିବ। ସାହୁପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୭ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ଏଥିରେ ସାମିଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଦସ୍ୟ ନୀଳମଣି ବେହେରା, ଆୟୁଷ ଡାକ୍ତର ବଲ୍ଲଭ ଭଞ୍ଜ, ବିପିଏମ୍ ଧନେଶ୍ୱର ସ୍ୱାଇଁ, ଫାର୍ମାସିଷ୍ଟ ଦୁର୍ଗାପ୍ରସାଦ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ବସନ୍ତ କୁମାର ଜେନା, ଯୁବ ନେତା ଭିକାରି ବଳିଆରସିଂ ପ୍ରମୁଖ ଯୋଗଦେଇଥିଲେ।

## ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ଗୋପ, ୧୮।୮(ଡି.ଏନ୍.ଏ.):** ବିଜ୍ଞାନ ଯୁଗରେ କୁନି କୁନି ପିଲାମାନେ ବିଜ୍ଞାନ କ'ଣ? ବିଜ୍ଞାନର କାର୍ଯ୍ୟକାରିତା ଓ ବିଜ୍ଞାନ ଦ୍ୱାରା କ'ଣ ସମ୍ଭବ, କ'ଣ ଅସମ୍ଭବ ତାହା ସେମାନେ ଜାଣିବାର ଆବଶ୍ୟକତା ରହିଛି ବୋଲି ଶନିବାର ଗୋପ ହାପି କଲୋନୀ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ଆୟୋଜିତ ବିଜ୍ଞାନ ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ କହିଥିଲେ। ଏହି ବିଜ୍ଞାନ ମେଳାରେ ୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜାଗେଶ୍ୱରୀ ବିଦ୍ୟାପୀଠର ଗୋପୀନାଥ ମୁଦୁଲି ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ଲିଙ୍ଗରାଜ ପ୍ରଧାନ, ସମ୍ପାଦକ ବେଣୁଧର ସାହୁ, ସଦସ୍ୟା ଇତିଶ୍ରୀ ନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା କବିତା ପ୍ରଧାନ, ବିଜ୍ଞାନ ଆଚାର୍ଯ୍ୟା ଦୀପ୍ତିମୟୀ ସାହୁ, ଆଚାର୍ଯ୍ୟା ସ୍ମୃତିରେଖା ଜେନା, ଦେବାଶିଷ ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।



ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବିନୀତ ସରନ ସପତ୍ନୀକ ଶନିବାର ପୁରୀ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

## ୨୨ରୁ କୋଣାର୍କ ନାଟ୍ୟ ମଣ୍ଡପରେ ଝୁଲଣ ଉତ୍ସବ

କୋଣାର୍କ, ୧୮।୮(ଡି.ଏନ୍.ଏ.)

ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ କୋଣାର୍କ ନାଟ୍ୟ ମଣ୍ଡପ ଅର୍କବିହାର ପରିସରରେ ଝୁଲଣ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନାଟ୍ୟ ମଣ୍ଡପର ସଭାପତି ଖଗେଶ୍ୱର ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ନୃତ୍ୟଗୁରୁ ରମଣୀ ରଞ୍ଜନ ଜେନା, ଉପସଭାପତି ପ୍ରସନ୍ନ କୁମାର ବେଉରିଆ, ସମ୍ପାଦକ ଶିବାଶିଷ ପ୍ରଧାନ, ଯୁଗ୍ମ ସମ୍ପାଦକ ଗୁରୁପଦ ବଳିଆରସିଂ, କୋଷାଧ୍ୟକ୍ଷ ସୁଦେଷ୍ଣା ସାସ୍‌ମଲଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଗତ ୩୨ ବର୍ଷ ଧରି ଉତ୍କଳୀୟ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ କୋଣାର୍କ ନାଟ୍ୟ ମଣ୍ଡପ ଓଡ଼ିଶା ତଥା ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଆମ ରାଜ୍ୟ ପାଇଁ ବହୁ ଯଶ ସାଉଁଟିଛି। ଓଡ଼ିଆ ପର୍ବପର୍ବାଣିଗୁଡ଼ିକୁ ପାରମ୍ପରିକ ଶୈଳୀରେ ପାଳନ କରାଯିବାକୁ ନେଇ ଯେଉଁ ସ୍ୱପ୍ନ ସ୍ୱର୍ଗତ ଗୁରୁ ଗଙ୍ଗାଧର ଦେଖିଥିଲେ ସେହି ଲକ୍ଷ୍ୟ ଓ ମାର୍ଗଦର୍ଶନକୁ ପାଥେୟ କରି ପ୍ରତିବର୍ଷ ଭଳି ଚଳିତ ବର୍ଷ ଝୁଲଣ ଉତ୍ସବ ଅଗଷ୍ଟ ୨୨ରୁ ୨୬ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଆୟୋଜିତ ହେବ। ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଉଦୀୟମାନ ଯୁବ କଳାକାରମାନେ ଓଡ଼ିଶୀ, ଗୋଟିପୁଅ, ମାହାରୀ, କୁଚିପୁଡି, ଭାରତ ନାଟ୍ୟମ୍, ଓଡ଼ିଶୀ ସଙ୍ଗୀତ, କଥକ, ତବଲା ବାଦନ ସହ ପ୍ରଭୁ ଶ୍ରୀକୃଷ୍ଣଙ୍କ ଭକ୍ତି ଅର୍ଘ୍ୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି କୋଣାର୍କ ନାଟ୍ୟମଣ୍ଡପର ସଭାପତି ଖଣ୍ଡାୟତରାୟ କହିଛନ୍ତି।

## ସେବା ସମବାୟ ସମିତିରେ ଅନିୟମିତତା

**ତଦନ୍ତ ଦାବିରେ ଉପଜିଲାପାଳଙ୍କୁ ଦାବିପତ୍ର**

ପୁରୀ ଅଫିସ, ୧୮।୮

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ସେବା ସମବାୟ ସମିତିରେ ୨୦୧୬ ମସିହାରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏହି ଘଟଣାରେ ସୋସାଇଟି ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଛଡ଼ା ଉକ୍ତ ସମବାୟ ସମିତିରେ ବ୍ୟାପକ ଅନିୟମିତତା ଲାଗି ରହିଛି। ସୋସାଇଟିର ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ତତ୍‌କାଳୀନ ଉପଜିଲାପାଳ ମଧ୍ୟ ସୁପାରିସ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଡିଟ୍ ହୋଇନାହିଁ କି ଅନିୟମିତତାର ତଦନ୍ତ ହୋଇନାହିଁ। ସ୍ୱତନ୍ତ୍ର ଅଡିଟ୍ ଏବଂ ଅନିୟମିତତାର ତଦନ୍ତ ଦାବି କରି ବଳପୁର ଅଞ୍ଚଳର କେତେଜଣ ବ୍ୟକ୍ତି ଶନିବାର ଉପଜିଲାପାଳ ଭବତାରଣ ସାହୁଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସୁଶୀଲ ସାହୁ, ପୁରୀ ଜିଲା ସୂଚନା ଅଧିକାର କର୍ମୀ ଚିନ୍ମୟ ଦାସ, ସତ୍ୟ ନାରାୟଣ ନାୟକ, ଶୁଭ କୁମାର ପଣ୍ଡା ଓ ଗଙ୍ଗାଧର ଦେହୁରି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।



ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

## ଜ୍ଞାନର ପରିସୀମାକୁ ବିକାଶ କର

■ ଏମ୍‌ବିଏ, ବିବିଏ ବିଭାଗର କର୍ମଶାଳା

**ପୁରୀ ଅଫିସ,୧୮।୮:** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ବିବିଏ ବିଭାଗ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ନେଇ ପାଠ୍ୟକ୍ରମ ଆଭିମୁଖ୍ୟ ସଂକ୍ରାନ୍ତ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଦୁଇ ଦିନ ବ୍ୟାପୀ ଚାଲିବ। ଆରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନୂତନ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ନିଜ ଜ୍ଞାନକୁ କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ଲାଗି ବ୍ୟବହାର ନକରି ଏହାର ପରିସୀମା ବୃଦ୍ଧି କର। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ସଞ୍ଜୟ କୁମାର ଶତପଥୀ ଏବଂ ଟିସିଏସର ମାନବ ସମ୍ବଳ ବିଭାଗ ମୁଖ୍ୟ କୃଷ୍ଣପ୍ରସାଦ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଇନଫରମେସନ୍ ମ୍ୟାନେଜମେଣ୍ଟ ସମ୍ପର୍କରେ କହିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏମ୍‌ବିଏ ଓ ବିବିଏ ବିଭାଗର ସଂଯୋଜକ ପ୍ରଫେସର ଗିରୀଶ ଚନ୍ଦ୍ର ଜଗଦ୍ଦେବ ଓ କଲେଜର ଇତିହାସ ବିଭାଗ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ଥିଲେ।

## ପରିବେଶ ସଚେତନତା ଶୋଭାଯାତ୍ରା

ପିପିଲି, ୧୮।୮(ଡି.ଏନ୍.ଏ.)

ପିପିଲି ଉଚ୍ଚ ବିଦ୍ୟାଳୟର ସବୁଜ ବାହିନୀ ତରଫରୁ ଶନିବାର ପରିବେଶ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ଶିକ୍ଷକ ଶେଖାବତ ଅଲ୍ଲି ଖାଁ ଏବଂ ବିନୋଦ ପ୍ରମାଣିକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ଼ ଧରି ବଜାର ପରିକ୍ରମା କରିଥିଲେ। ଏହାକୁ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ ପରିଡ଼ା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପରିବେଶକୁ କିଭଳି ସ୍ୱଚ୍ଛ ରଖାଯିବ ସେ ନେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

## ଦିନେଶଙ୍କୁ ପଣ୍ଡିତ ନୀଳକଣ୍ଠ ମିଶ୍ର ସମ୍ମାନ

**ଗାନ୍ଧର୍ବ ସଙ୍ଗୀତ ଉତ୍ସବ**

**ପୁରୀ ଅଫିସ,୧୮।୮:** ଗାନ୍ଧର୍ବ ସଙ୍ଗୀତ କଳାପୀଠ ପକ୍ଷରୁ ଶନିବାର ସଂସ୍କୃତି ଭବନ ପରିସରରେ ଗାନ୍ଧର୍ବ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମନୋରମ ସଙ୍ଗୀତ ସନ୍ଧ୍ୟାରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ସହକାରୀ ଜିଲାପାଳ ବନମାଳୀ ଶତପଥୀ, ଅନୁଷ୍ଠାନର ଡ. ଓମ୍‌କାର ନାଥ ମିଶ୍ର ଓ ପ୍ରଶାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବମ୍ବେର ଗୁରୁ ଦିନେଶ ମଧୁକର କୋଲହାତକରଙ୍କୁ ପଣ୍ଡିତ ନୀଳକଣ୍ଠ ମିଶ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଭଳି ଏକ ସମ୍ମାନ ପାଇ ସେ ଗୌରବାନ୍ୱିତ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଗୁରୁ ଦିନେଶ ମଧୁକର। ସଙ୍ଗୀତ ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନେ ସରସ୍ୱତୀ ବନ୍ଦନା ଏବଂ ଜୟ ଜଗଦୀଶ ହରେ ପରିବେଷଣ କରିଥିଲେ। ପରେ ଶାସ୍ତ୍ରୀୟ ସଙ୍ଗୀତରେ ଝଙ୍କୃତ ହୋଇଥିଲା ସଂସ୍କୃତି ଭବନ ପରିସର। ନିରଞ୍ଜନ ମହାପାତ୍ର, ପୁଷ୍ପାଞ୍ଜଳି ନନ୍ଦ, ପ୍ରଜ୍ଞା ମିଶ୍ର, ଗୁରୁ ଦିନେଶ ମଧୁକର ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏକକ ତବଲା ବାଦନରେ କେରଳ ରତ୍ନଶ୍ରୀ ଆୟାର ଓ ମୁମ୍ବାଇର ପରମ ଏଚ୍ ହାରିଆ ଶ୍ରୋତାଙ୍କ ମନ ଜିଣିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଯାମିନୀକାନ୍ତ ମିଶ୍ରଙ୍କ ସମେତ ଅନ୍ୟ ଶିଳ୍ପୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଗୁରୁ ଦିନେଶ ମଧୁକର କୋଲହାତକରଙ୍କୁ ପଣ୍ଡିତ ନୀଳକଣ୍ଠ ମିଶ୍ର ସମ୍ମାନରେ ସମ୍ମାନିତ କରାଯାଉଛି।



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ, ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ଦୋକାନରୁ ଚୋରି

**ନିଆଳି, ୧୮।୮ (ଡି.ଏନ୍.ଏ.):** ନିଆଳି ବଜାରର ଦୁର୍ଗା ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ଜଣେ ବ୍ୟବସାୟୀଙ୍କ ଦୋକାନରୁ ଚୋରି ହୋଇଥିବା ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଉକ୍ତ କମ୍ପ୍ଲେକ୍ସରେ ଖାଜେ ଇଲିଆଜ୍ ନାମକ ବ୍ୟକ୍ତି ଗାର୍‌ମେଣ୍ଟସ୍ ଦୋକାନ କରି ବ୍ୟବସାୟ କରିଆସୁଥିଲେ। ଗତ ଶୁକ୍ରବାର ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ହେବାରୁ ସେ ଦୋକାନରେ ୧ ଲକ୍ଷ ୯୫ହଜାର ଟଙ୍କା ରଖି ଘରକୁ ପଳାଇଥିଲେ। ହେଲେ ରାତିରେ କେହି ଦୁର୍ବୃତ୍ତ ଉକ୍ତ ଦୋକାନର ପଛପଟ ଶଟର କାଟି ଭିତରେ ପଶିଥିଲେ। ପରେ ଦୋକାନ ଡ୍ରୟରର ଚାବି ଭାଙ୍ଗି ସେଥିରେ ଥିବା ଉକ୍ତ ଟଙ୍କା ନେଇଯାଇଥିଲେ। ଶନିବାର ସକାଳେ ଦୋକାନ ଖୋଲିବା ପରେ ଖାଜେ ଇଲିଆଜ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ନିଆଳି ପୋଲିସ ଅପରାହ୍ନରେ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରିଥିଲା। ଏ ନେଇ ନିଆଳି ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କୁହନ୍ତି, ଉକ୍ତ ଘଟଣା ପରେ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ଜଣଙ୍କୁ ଅଟକ ରଖାଯାଇଛି। ଉକ୍ତ ଦୋକାନ ନିକଟରେ ଥିବା ଅନ୍ୟ ଦୋକାନର ସିସିଟିଭି କ୍ୟାମେରାକୁ ଯାଞ୍ଚ କରାଯାଉଛି। ଖୁବ୍‌ଶୀଘ୍ର ଚୋରି ହୋଇଥିବା ଟଙ୍କା ଉଦ୍ଧାର କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ଚାଉଳିଆଗଞ୍ଜ ଅଞ୍ଚଳରୁ ନାବାଳକ ଉଦ୍ଧାର

**କଟକ ଅଫିସ, ୧୮।୮:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାର ଅଞ୍ଚଳରୁ ଜଣେ ନାବାଳକଙ୍କୁ ଉଦ୍ଧାର କରି ଶନିବାର କଟକ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ଙ୍କୁ ଜିମା ଦେଇଛି କ୍ୟାଣ୍ଟନମେଣ୍ଟ ପୋଲିସ। ସିଡବ୍ଲ୍ୟୁସି ଉକ୍ତ ନାବାଳକଙ୍କୁ ତାଙ୍କ ବାପାଙ୍କ ଜିମା ଦେଇଛି। ସୂଚନା ଅନୁଯାୟୀ, କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ନାବାଳକଙ୍କ ପରିବାର ରୁହନ୍ତି। ଗତ ମଙ୍ଗଳବାର ନାବାଳକ ଜଣଙ୍କ ଘରୁ କେଉଁଆଡେ ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ଏ ନେଇ ନାବାଳକଙ୍କ ବାପା କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, କୈବଲ୍ୟ ବିହାରରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ନାବାଳକ ରହିଛନ୍ତି। କ୍ୟାଣ୍ଟନମେଣ୍ଟ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ଚଢାଉ କରି ନାବାଳକଙ୍କୁ ଉଦ୍ଧାର କରିଥିଲା।

### ସୋମନାଥ ଚାଟାର୍ଜୀଙ୍କ ସ୍ମୃତିସଭା

**କଟକ ଅଫିସ,୧୮।୮:** ପ୍ରସିଦ୍ଧ ଆଇନ ବିଶାରଦ ତଥା ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ବିୟୋଗରେ ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ୍‌ର ସଭାପତି ତଥା ଆଇନଜୀବୀ ବରଦା ପ୍ରସନ୍ନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଚାଟାର୍ଜୀଙ୍କ ଭଳି ଆଦର୍ଶବାଦୀ ବ୍ୟକ୍ତିଙ୍କ ବିୟୋଗ ଭାରତବର୍ଷ ପାଇଁ ଦୁଃଖଦ ଘଟଣା। ରାଜନୀତି କ୍ଷେତ୍ରରେ ତାଙ୍କ ପଦକ୍ଷେପ ସବୁବେଳେ ଭାରତ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ସଭାରେ ମତପ୍ରକାଶ ପାଇଥିଲା। ଫୋରମ୍‌ର ଉପସଭାପତି ତାପସ ଦ୍ୱିବେଦୀ, ଆଇନଜୀବୀ ଘନଶାମ ମୁଦୁଲି, ସୂର୍ଯ୍ୟକାନ୍ତ ପଲାଇ, ବିଷ୍ଣୁଚରଣ ମହାପାତ୍ର, ସର୍ବେଶ୍ୱର ନାୟକ, ଗିରିଧାରୀ ରାଉତ, ଦିଲୀପ ରାୟ, ରୀତା ଦେବୀ, କୈଳାସ ଲେଙ୍କା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

### ବଜ୍ରପାତରେ ବୃଦ୍ଧ ମୃତ

**ବାଙ୍କୀ,୧୮।୮(ବି.ପ୍ର.):** ବଜ୍ରପାତ ଘଟି ଶନିବାର ଅପରାହ୍ନରେ ବାଙ୍କୀ ବୈଦେଶ୍ୱର ଥାନା ଅଧୀନ ନୂଆଗାଁ ଖଜୁରୀପଦା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମୀନକେତନ ନାୟକ(୬୫)। ସେ ଧାନ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ଅଚେତ ହୋଇ ପଡ଼ିଥିଲେ। ନିକଟରେ କାମ କରୁଥିବା ଚାଷୀ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କଳାପଥର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବାଙ୍କୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ■ ନନ୍ଦିସାହି ଲୁଟ୍ ଘଟଣାର ପର୍ଦ୍ଦାଫାଶ

# ୩ ନୁହେଁ, ୧୩ ସାମିଲ ଥିଲେ

**କଟକ ଅଫିସ,୧୮।୮**

କଟକ ନନ୍ଦିସାହିର ବ୍ୟବସାୟୀ ସୁମିତ କୁମାର ବଣ୍ଡିଆଙ୍କଠାରୁ ସାଢ଼େ ୭ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୩ ନୁହେଁ ୧୩ଜଣ ସାମିଲ ଥିଲେ। ପୋଲିସ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଅଭିଯୁକ୍ତ ଏବେ ମଧ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବନ୍ଧୁକ, ୬ ମୋବାଇଲ ଫୋନ, ୧ଲକ୍ଷ ୩୦ ହଜାର ଟଙ୍କା ସହ ଲୁଟ୍‌ବେଳେ ବ୍ୟବହାର ହୋଇଥିବା ତିନିଟି ବାଇକ(ଓଡି୦୫ଏଇ ୮୧୩୦, ଓଡି୩୩ଆର୫୧୪୫, ଓଡି୦୫ଏଏଚ ୨୭୧୫) ଏବଂ ଲୁଟ୍ ପଇସାରେ କିଣାଯାଇଥିବା ଗୋଟିଏ ନୂଆ ବୁଲେଟକୁ ଜବତ କରିଛି ପୋଲିସ। ଏହି ଘଟଣାର ମାଷ୍ଟରମାଇଣ୍ଡ ହେଉଛନ୍ତି ସୁମିତ୍‌ଙ୍କ ଜଣେ ପରିଚିତ ବ୍ୟକ୍ତି। ପୋଲିସ ୨ ଅଭିଯୁକ୍ତଙ୍କ ଫୋନ କଲ ଯାଞ୍ଚ କରିବାବେଳେ ସମସ୍ତ ଅଭିଯୁକ୍ତ ଓ ଲୁଟ୍ ପ୍ଲାନିଂ ସମ୍ପର୍କରେ ଜାଣିବାକୁ ପାଇଥିଲା।

ସୁମିତ୍‌ଙ୍କର ପୀଠାପୁରରେ ପ୍ଲାଷ୍ଟିକ୍ ଆସବାବପତ୍ର ଦୋକାନ ରହିଛି। ସେ ଗତ ୨ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଦୋକାନ ବନ୍ଦ କରି ଆକ୍ଟିଭା ଯୋଗେ ଘରକୁ ଯାଉଥିଲେ। ଏହି ସମୟରେ ତିନିଜଣ ଯୁବକ ପିଛା କରି ଆସି ତାଙ୍କ ଆଖିକୁ କିଛି କେମିକାଲ ସ୍ପ୍ରେ କରିଥିଲେ। ସୁମିତ୍ ଅଟକି ଯିବା ପରେ ସେମାନେ ତାଙ୍କ ଗାଡ଼ିକୁ ନେଇ ପଳାଇଯାଇଥିଲେ। ଉକ୍ତ ଗାଡ଼ିରେ ସାଢ଼େ ୭ଲକ୍ଷ ଟଙ୍କା ଥିଲା। ଏନେଇ ସୁମିତ୍‌ଙ୍କ ଅଭିଯୋଗ କ୍ରମେ ପୁରୀଘାଟ ଥାନାରେ ଆଇପିସି ଦଫା ୩୯୪,୩୪ ଓ ଆର୍ମ୍ସ ଆକ୍ଟ ୨୫,୨୭ ଅନୁଯାୟୀ ଏକ ମାମଲା(୧୧୮/୧୮) ରୁଜୁ ହୋଇଥିଲା। ପୋଲିସ୍ ୩ ଅଭିଯୁକ୍ତଙ୍କୁ ନେଇ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଘଟଣାରେ ୧୩ଜଣଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଅଭିଯୁକ୍ତମାନେ ହେଲେ ଭରତ ଖୁଣ୍ଟିଆ ଓରଫ ବୁଲୁ, ସୌମ୍ୟରଞ୍ଜନ ସାହୁ, ସଞ୍ଜୟ ବେହେରା, ଚନ୍ଦନ ବେହେରା, ଅନିଲ ବେହେରା ଓରଫ ଚିକୁ, ବୀରେନ୍ଦ୍ର ନାୟକ ଓରଫ ଟୁଟୁଲି, ସିତୁନ କୁମାର ସାହୁ, ଅନନ୍ତ ପ୍ରସାଦ ମହାରଣା ଓରଫ ସିକନ, ଲୋକେନ୍ ଗୁରୁ, ବି. ଶ୍ୟାମ, ରୋହିତ ରଞ୍ଜନ ମହାପାତ୍ର ଓରଫ ବାବା, ଏସ୍.କେ. ରିଆଜ୍ ବକ୍ସ ଓ ସଞ୍ଜୟ ନାୟକ।

ସୁମିତ୍‌ଙ୍କ ସନ୍ଦେହ ବୁଲୁଙ୍କ ଉପରେ ହୋଇଥିଲା। ବୁଲୁ ସୁମିତ୍‌ଙ୍କ ଦୋକାନ ସାମ୍ନାରେ ରୁହନ୍ତି। ଘଟଣା ଦିନ ସୁମିତ୍ ଦୋକାନରୁ ବାହାରିବାବେଳେ ବୁଲୁ ମୋବାଇଲରେ କାହା ସହିତ କଥା ହେଉଥିଲେ। ଏନେଇ ପୋଲିସ ବୁଲୁଙ୍କୁ ପଚରାଉଚରା କରିବା ସହ ତାଙ୍କ ଫୋନ କଲ୍ ଯାଞ୍ଚ କରିଥିଲା। ଯାଞ୍ଚରୁ ଅଭିଯୁକ୍ତ ଲୋକେନ ଗୁରୁଙ୍କ ଉପରେ ପୋଲିସ ସନ୍ଦେହ କରିଥିଲା। ତାଙ୍କୁ ପଚରାଉଚରା ଓ ତାଙ୍କ ଫୋନ କଲ୍ ଯାଞ୍ଚ ପରେ ସମସ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଏଥିସହ ଲୁଟ୍ ପଛର ପ୍ଲାନିଂ ଜଣାପଡ଼ିଥିଲା। ବୁଲୁ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ବା ମାଷ୍ଟରମାଇଣ୍ଡ। ସୁମିତ୍‌ଙ୍କ ସମସ୍ତ ଗତିବିଧି ଉପରେ ବୁଲୁଙ୍କ ନଜର ରହିଥିଲା। ସେ ମୋଟା ଅଙ୍କର ଟଙ୍କା ଆକ୍ଟିଭାରେ ପ୍ରାୟ ନେଉଥିବା ବୁଲୁ ଭଲ ଭାବେ ଜାଣିଥିଲେ। ଏଣୁ ସେ ଲୁଟ୍ କରିବାକୁ ପ୍ଲାନିଂ କରିଥିଲେ। ଏଥିପାଇଁ ସେ ତାଙ୍କ ସାଙ୍ଗ ଲୋକେନ, ସିକନଙ୍କୁ ଜଣାଇଥିଲେ। ଏହାପରେ ଲୁଟ୍ ପାଇଁ ଉପରୋକ୍ତ ୧୩ଜଣଙ୍କୁ ନେଇ ଗଠନ ହୋଇଥିଲା ଟିମ୍। ଘଟଣା ଦିନ ବୁଲୁଙ୍କଠାରୁ ସୂଚନା ପାଇ ସୌମ୍ୟରଞ୍ଜନ, ସଞ୍ଜୟ, ଚନ୍ଦନ, ଚିକୁ, ଟୁଟୁଲି, ସିତୁନ, ସିକନ ଓ ଲୋକେନ୍ ତିନିଟି ବାଇକରେ ସୁମିତଙ୍କୁ ପିଛା କରିଥିଲେ। ଅଭିଯୁକ୍ତ ଶ୍ୟାମ, ରୋହିତ ଓ ସଞ୍ଜୟ ନାୟକ ସେମାନଙ୍କୁ ସହଯୋଗ କରିଥିଲେ। ନନ୍ଦିସାହି ପାଖରେ ସୁମିତ୍‌ଙ୍କୁ ଘେରି ଯାଇଥିଲେ ଚିକୁ, ଟୁଟୁଲି ଓ ସିତୁନ। ଅଳ୍ପ ଦୂରରେ ରହିଥିଲେ ଅନ୍ୟ ଅଭିଯୁକ୍ତମାନେ। ଦେଖୁ ଦେଖୁ ସେମାନେ ସୁମିତ୍‌ଙ୍କ ଆଖିରେ କେମିକାଲ ସ୍ପ୍ରେ କରିବା ସହ ଆଖପାଖ ଲୋକଙ୍କୁ ଭୟଭୀତ କରିବାକୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହାପରେ ଚିକୁ ସୁମିତ୍‌ଙ୍କଠାରୁ ଗାଡ଼ି ଛଡ଼ାଇ ନେଇ ପଳାଇଯାଇଥିଲେ। ଚିକୁଙ୍କୁ ଶୁକ୍ରବାର ପୋଲିସ ଏନ୍‌କାଉଣ୍ଟର କରି କାବୁ କରିଥିଲା। ଲୁଟ୍ ଟଙ୍କା ମଧ୍ୟରୁ ଅଧିକ ଭାଗ ସିତୁନ ଓ ଚନ୍ଦନଙ୍କ ପାଖରେ ରହିଥିବାବେଳେ ସେମାନେ ଫେରାର ହୋଇଯାଇଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରୁ ସିକନ ଲୁଟ୍ ଟଙ୍କାରେ ଏକ ବୁଲେଟ କିଣିଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ ଶନିବାର ଆୟୋଜନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଚିକୁ ଏବେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ରହିଛି।



ଗିରଫ ଅଭିଯୁକ୍ତ।





ଜବତ ମୋବାଇଲ, ଟଙ୍କା, ବନ୍ଧୁକ ଓ ବାଇକ।

■ଫୋନକଲ ଯାଞ୍ଚରୁ ଧରାପଡ଼ିଲେ ଲୁଟ୍ ଟିମ୍

■ପରିଚିତ ବ୍ୟକ୍ତି ଥିଲେ ମାଷ୍ଟରମାଇଣ୍ଡ

ଭାଇବୋହୂଙ୍କୁ ଅସଦାଚରଣ ମାମଲା

## ଦେଢଶ୍ୱଶୁରଙ୍କୁ ଜେଲ୍ ଦଣ୍ଡ

**କଟକ ଅଫିସ, ୧୮।୮**

ଭାଇବୋହୂଙ୍କୁ ଅସଦାଚରଣ କରିବା ମାମଲାରେ କଟକ ଜିଲା ଓ ଦୌରାଜଜ ସତ୍ୟନାରାୟଣ ମିଶ୍ର ଜଣେ ଅଭିଯୁକ୍ତ ଦେଢଶ୍ୱଶୁରଙ୍କୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତଙ୍କ ଘର ନିଆଳି ଥାନା ଅଧୀନ ସୁନ୍ଦରପା ଗ୍ରାମରେ। ଅଭିଯୁକ୍ତଙ୍କୁ ୨ବର୍ଷ ୩ମାସ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ୩ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅଗଷ୍ଟ ୧୫ ତାରିଖ ସକାଳେ ଅଭିଯୁକ୍ତଙ୍କ ସାନଭାଇଙ୍କ ସ୍ତ୍ରୀ(ଭାଇବୋହୂ) ଘରପାଖ ନଳକୂପରେ ଗାଧୋଉଥିଲେ। ଏହି ସମୟରେ ଅଭିଯୁକ୍ତ ପଛପଟୁ ଆସି ତାଙ୍କୁ ଅସଦାଚରଣ କରିଥିଲେ। ଚିତ୍କାର ଶୁଣି ଅଭିଯୁକ୍ତଙ୍କ ସ୍ତ୍ରୀ ଘଟଣାସ୍ଥଳକୁ ଆସିବାରୁ ସେ ଅଧିକ ରାଗିଯାଇ ଭାଇବୋହୂଙ୍କୁ ଛାଡି ଦେଇ ନିଜ ସ୍ତ୍ରୀଙ୍କୁ ମାଡ ମାରିଥିଲେ। ସୂଚନାଥାଉ କି, ଅଭିଯୁକ୍ତଙ୍କ ସାନଭାଇ ଏକ ପେଟ୍ରୋଲ ପମ୍ପରେ ସେଲ୍ସମ୍ୟାନଭାବେ କାର୍ଯ୍ୟ କରୁଥିବାବେଳେ ସେ ମାସକୁ ୨ରୁ ୩ଦିନ ଘରକୁ ଆସନ୍ତି। ବଡଭାଇ ଠାରୁ ଅଲଗା ହେବା ପରେ ସାନଭାଇଙ୍କ ସ୍ତ୍ରୀ ନିଜର ଦୁଇ ପିଲାଙ୍କୁ ଧରି ଘରେ ରହିଥାନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ।



ଓଡ଼ିଶା ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହାଇକୋର୍ଟ ସ୍ତରୀୟ ଲୋକ ଅଦାଲତ।

## ଭିନ୍ନକ୍ଷମଙ୍କ ନାଁରେ ଜାଗା ଥିଲେ ମିଳିବ ଘର

**କଟକ ସଦର,୧୮।୮(ଡି.ଏନ୍.ଏ.)**

ରାଜ୍ୟ ସରକାର ଭିନ୍ନକ୍ଷମ ବର୍ଗର ଯୋଗ୍ୟ ବ୍ୟକ୍ତିମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ ପ୍ରତିଶତ ସଂରକ୍ଷିତ ରଖିଛନ୍ତି। ଯେଉଁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମରେ ଜାଗା ଥିବ ସେମାନଙ୍କୁ ସରକାରୀ ଗୃହ ମିଳିବ ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଅଧକ୍ଷା ଡା. ମିନତୀ ବେହେରା କହିଛନ୍ତି। କଟକ ସଦର ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡା. ବେହେରା ଏହା କହିଛନ୍ତି। ଅନେକ ବ୍ୟକ୍ତି ଭିନ୍ନକ୍ଷମ ହୋଇ ଘର ପାଇଥିଲେ ମଧ ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ବାରଣ୍ଡାରେ ଶୋଇବାକୁ ବାଧ ହେଉଛନ୍ତି। ସେଥିପାଇଁ ଆୟୁକ୍ତ ଏହି ନିୟମକୁ ଦୃଢଭାବେ ଲାଗୁ କରିବା ପାଇଁ କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଙ୍ଗାଧର ମେହେରଙ୍କ ସ୍ମୃତି ସନ୍ଧ୍ୟା

**କଟକ ଅଫିସ,୧୮।୮**

କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାକ୍ ସ୍ୱାଧୀନତା କାଳରେ ମାତୃଭାଷାର ସୁରକ୍ଷା ପାଇଁ ଯେଉଁମାନେ ଆଗକୁ ଆସି ଭାଷା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରେ ଗଙ୍ଗାଧର ଥିଲେ ଅନ୍ୟତମ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ତାଙ୍କର ସଂଗ୍ରାମ ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ରବୀନ୍ଦ୍ର କୁମାର ସେଠୀ, ନଳିନୀ ନାୟକ, ବିଦ୍ୟୁତ୍ କୁମାରୀ ଲାଲା, ବନଲତା ସିଂ, ଭୁବନାନନ୍ଦ ମହାନ୍ତି, ମୁକେଶ ସୋନୀ, ଗଗନ ଚନ୍ଦ୍ର ମେହେର, ଉତ୍ତମ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଷ୍ଣବ ପରିଡ଼ା ଧନ୍ୟବାଦ ଦେଇଥିଲେ।




ଗଙ୍ଗାଧର ମେହେର ସ୍ମୃତି ସନ୍ଧ୍ୟାରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।

## ଜଗତ୍‌ସିଂହପୁରରୁ କଟକ ଜିଲାକୁ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ଉଦ୍ୟମ

**କଟକ ସଦର, ୧୮।୮(ଡି.ଏନ୍.ଏ.)**

୧୯୯୩ ମସିହାରୁ କଟକ ଜିଲାର ବିଭାଜନ ଘଟି ଜଗତ୍‌ସିଂହପୁର ଜିଲା ସୃଷ୍ଟି ହୋଇଥିଲା। ସେହିବର୍ଷଠାରୁ କଟକ ଜିଲାର ୧୯ଟି ପଞ୍ଚାୟତର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଜଗତ୍‌ସିଂହପୁର ଜିଲା ପ୍ରଶାସନ ଅଧୀନରେ ରହିଆସିଛି। ବହୁ ଦାବି ପରେ କଟକ ଜିଲାକୁ ଏହି ସବୁ ପଞ୍ଚାୟତର ପ୍ରାଥମିକଠାରୁ ଆରମ୍ଭ କରି ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୋଟ୍ କେତେ ସ୍କୁଲ ଜଗତ୍‌ସିଂହପୁର ଜିଲାରେ ରହିଛି ତାହାର ହିସାବ ନେବା ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜିଲା ଶିକ୍ଷାଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଫଳରେ ୨୫ ବର୍ଷ ପରେ କଟକ ଜିଲାକୁ ଶିକ୍ଷା ବ୍ୟବସ୍ଥା ଆସିବା ଆଶା ସଞ୍ଚାର ହୋଇଛି। କଟକ ସଦର ବ୍ଲକର ୬ଟି ଓ ସାଲେପୁର ବ୍ଲକ ଅଧୀନ ୪ଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ବିରିଡି ବ୍ଲକ ଅଧୀନରେ ରହିଥିବାବେଳେ ରଘୁନାଥପୁର ବ୍ଲକରେ ୯ଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ କଟକ ସଦର ବ୍ଲକର ୨ଟି ପଞ୍ଚାୟତ ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ପଞ୍ଚାୟତ ଅନ୍ତର୍ଭୁକ୍ତ। ୨୦୦୩ ମସିହାରୁ ପ୍ରାଥମିକ ଶିକ୍ଷାର ନିୟନ୍ତ୍ରଣ ପଞ୍ଚାୟତିରାଜ ବିଭାଗକୁ ଆସିଥିଲେ ମଧ୍ୟ ଏହି ୧୯ଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା କଥା ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟମାନେ ଜାଣିପାରୁ ନ ଥିଲେ। କାରଣ ଏମାନଙ୍କୁ ବିରିଡି ଓ ରଘୁନାଥପୁର ପଞ୍ଚାୟତ ସମିତି ବୈଠକକୁ ଡକାଯାଇ ନ ଥାଏ। ଶିକ୍ଷା ବ୍ୟବସ୍ଥାକୁ ନିଜ ଜିଲାକୁ ଆଣିବା ପାଇଁ କିଶନ ନଗର ବିକାଶ ମଞ୍ଚ ଉଦ୍ୟମ ଆରମ୍ଭ କରି ୧୨ ତାରିଖରେ ସ୍ଥାନୀୟ ତହସିଲ ସମ୍ମୁଖରେ ଏହାର ସଭ୍ୟମାନେ ଅନଶନରେ ବସିଥିଲେ।

## ଦିଲ୍ଲୀରେ ଓଡ଼ିଆ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

**ନରସିଂହପୁର,୧୮।୮(ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ବ୍ଲକ ଅଧୀନ ବାଲିଝରି ଗ୍ରାମର ଯବାନ ବିଜୟ କୁମାର କଟକିଆ(୩୫)ଙ୍କ ଦିଲ୍ଲୀର ମିରଟ ସହରରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ଆର୍ମି ବିଭାଗର ଏଏସ୍‌ସି ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ବିଭାଗ ପକ୍ଷରୁ ପରିବାରକୁ ମିଳିଥିବା ସୂଚନା ଅନୁସାରେ, ଏକ ସଡ଼କ ଦୁର୍ଘଟଣାରେ ବିଜୟଙ୍କ ସମେତ ଅନ୍ୟ ୩ ଯବାନଙ୍କ ମୃତ୍ୟୁ ଘଟିଛି। ବିଜୟଙ୍କ ମୃତଦେହକୁ ଶନିବାର ଭୁବନେଶ୍ୱର ପଠାଇ ଦିଆଯାଇଛି। ରବିବାର ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଆକ୍ରମଣରେ ବିଜୟଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ବିଭାଗୀୟ ଅଧିକାରୀ ଓ ମୃତଦେହ ଗାଁରେ ପହଞ୍ଚିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କୁହାଯାଇଛି। ଏଭଳି ଏକ ଦୁଃଖଦ ଖବର ପ୍ରଚାରିତ ହେବାପରେ ନରସିଂହପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



କ୍ୟାଡର ପୁନର୍ବିନ୍ୟାସ ବିଜ୍ଞପ୍ତି ପ୍ରକାଶନ ବିଳମ୍ବ ନେଇ ଓଡ଼ିଶା ମୁଖ୍ୟ ଦପ୍ତର ସେକ୍ସନ ଅଫିସର ଓ ମିନିଷ୍ଟରିଆଲ ଅଫିସର ସଂଘର କଲମଛାଡ ଆନ୍ଦୋଳନ ଅବସରରେ ଶନିବାର ବୋର୍ଡ ଅଫ ରେଭେନ୍ୟୁ ଅଫିସ୍ ସମ୍ମୁଖରେ କର୍ମଚାରୀମାନେ ବସିଛନ୍ତି।



ଚୌଧୁରୀ ବଜାର କଲ୍ୟାଣ ମଣ୍ଡପଠାରେ କଟକ ମହାନଗର ନିଗମ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।